ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୭/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 27/2022 Page 16 ₹ 7.00 ★★★★

୪୮ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 272 ମୂଲ୍ୟ ₹୭/-



**ମାମଲା ପଡ଼ିରହିବା ନ୍ୟାୟପାଳିକା ପାଇଁ ବଡ଼ ଚ୍ୟାଲେଞ୍ଜ**

ମାମଲାଗୁଡ଼ିକର ତ୍ୱରିତ୍ ବିଚାର ଲାଗି ଅତ୍ୟାଧୁନିକ ପ୍ରଯୁକ୍ତି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରୟୋଗ ଜରୁରୀ ହୋଇପଡ଼ିଛି ବୋଲି ସିଜେଆଇ କହିଛନ୍ତି। ୦୨

୦୭ **'ବଲିଉଡ୍‌ରେ ଚାଲିଛି ତାରକା ବିକ୍ରି'**

ବଲିଉଡ୍ ଇଣ୍ଡଷ୍ଟ୍ରିରେ ତାରକା ବିକ୍ରି ହେଉଥିବା ଏକ ସାକ୍ଷାତ୍କାରରେ ଫିଲ୍ମ ଅଭିନେତା ଅନୁପମ ଖେର କହିଛନ୍ତି।



# ସୃଷ୍ଟି ହେବେ ଯୁବ ଉଦ୍ୟୋଗୀ

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ରାଜ୍ୟରେ ଅଧିକ ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉଦ୍ୟୋଗୀ ହେବାର ଚିନ୍ତାଧାରାକୁ ତୃଣମୂଳ ସ୍ତରରୁ ବିକାଶ କରିବା ସକାଶେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଶିକ୍ଷିତ ଯୁବଗୋଷ୍ଠୀକୁ ଏକ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସକାଶେ ସରକାର ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ଆରମ୍ଭ କରିଛନ୍ତି।

ରାଜ୍ୟରେ ବହୁ ସଂଖ୍ୟାରେ ଯୁବ ଉଦ୍ୟୋଗୀ ସୃଷ୍ଟି ହେବେ। ଆସନ୍ତା ୨୦୨୫ ସୁଦ୍ଧା ୫ ହଜାର ଷ୍ଟାର୍ଟଅପ୍ ସୃଷ୍ଟି କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଭାବନା ଜାଗ୍ରତ କରାଯିବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ଆରମ୍ଭ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଯାତ୍ରା ଆସନ୍ତା ୨ ମାସ ମଧ୍ୟରେ ରାଜ୍ୟର ୩୦ ଜିଲାର ୧୦୦ ଶିକ୍ଷାନୁଷ୍ଠାନ ପରିକ୍ରମା କରିବ। ତୃଣମୂଳସ୍ତରରୁ ଇନୋଭେଟର, ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ସହ ଯୁବଗୋଷ୍ଠୀଙ୍କୁ ଉଦ୍ୟୋଗ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ଏହି ଯାତ୍ରା ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂଆ ଚିନ୍ତାଧାରାର ସଂସ୍କୃତି ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାର ମାନସିକତାକୁ ବୃଦ୍ଧି କରିବାରେ ☞ପୃଷ୍ଠା-୪




ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ ଓ ଏମ୍‌ଏସ୍‌ଏମ୍‌ଇ ସଚିବ ରଞ୍ଜନା ଚୋପ୍ରା ଉପସ୍ଥିତ ଅଛନ୍ତି।

## ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଆଜାଦ ଛାଡ଼ିଲେ କଂଗ୍ରେସ



ଗୁଲାମନବୀ ଆଜାଦ

**ନୂଆଦିଲ୍ଲୀ, ୨୬।୮**

କଂଗ୍ରେସର ଶୀର୍ଷ ନେତୃତ୍ୱ ପ୍ରତି ପୁଞ୍ଜିଭୂତ ଅସନ୍ତୋଷ ଦଳକୁ କ୍ରମଶଃ ଦୁର୍ବଳ କରିବାରେ ଲାଗିଥିବାବେଳେ ଶୁକ୍ରବାର ଏହାର ଦୁଷ୍ପରିଣାମ ଦେଖିବାକୁ ମିଳିଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଦଳ ଛାଡ଼ିଛନ୍ତି। କଂଗ୍ରେସର ସାଂଗଠନିକ ନିର୍ବାଚନ ପୂର୍ବରୁ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇଦେଇଛନ୍ତି। ୫ ପୃଷ୍ଠା ସମ୍ବଳିତ ଇସ୍ତଫାପତ୍ରରେ ଆଜାଦ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦର୍ଶାଇଛନ୍ତି। ଏଥିସହ ଦଳର ଆଭ୍ୟନ୍ତରୀଣ ନିର୍ବାଚନ ନାମରେ କଂଗ୍ରେସ ହାଇକମାଣ୍ଡ ଠକେଇ କରୁଥିବା ଅଭିଯୋଗ ଆଣିଛନ୍ତି। ଜଣେ ପରେ ଜଣେ ବରିଷ୍ଠ ନେତା ହାତ ଛାଡ଼ିବାରେ ଲାଗିଥିବାବେଳେ ଜି-୨୩ ଗୋଷ୍ଠୀର ଆଜାଦଙ୍କ ଦଳତ୍ୟାଗ କଂଗ୍ରେସକୁ ଶକ୍ତ ଝଟ୍‌କା ଦେଇଛି। ତାଙ୍କର ଏହି ପଦକ୍ଷେପକୁ କଂଗ୍ରେସ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଥିବାବେଳେ ଆଜାଦ ବାଧହୋଇ ଦଳ ଛାଡ଼ିଥିବା ଭାଜପା ପକ୍ଷରୁ କୁହାଯାଇଛି। ୭୩ ବର୍ଷୀୟ ଗୁଲାମନବୀ ଆଜାଦ କଂଗ୍ରେସ ସହ ଦୀର୍ଘ ୫ ଦଶନ୍ଧିର ସମ୍ପର୍କ ଛିନ୍ନ କରି ଦଳର ପ୍ରାଥମିକ ସଦସ୍ୟ ଓ ଅନ୍ୟ ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ଆଜାଦ କହିଛନ୍ତି, କଂଗ୍ରେସ କୋଟେରି କବଳକୁ ଆସିଯାଇଥିବାରୁ ଉଭୟ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ହରାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ 'ରିମୋଟ କଣ୍ଟ୍ରୋଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜଟିଳ ପ୍ରଶ୍ନ

**ବନ୍ୟାଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଛି**

୪

**ଡିଏପି, ଏମ୍ଓପି ସାର ମିଳୁନି: କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ**

୭









## ବନ୍ୟାଜଳରେ ଭାସିଗଲା ନିର୍ମାଣାଧୀନ ଡ୍ୟାମ୍: ୮ ନିଲମ୍ବିତ

ମଧ୍ୟପ୍ରଦେଶ ଧାର ଜିଲାରେ ନିର୍ମାଣାଧୀନ କରମ ଡ୍ୟାମ୍ ଭାଙ୍ଗିବା ଘଟଣାରେ ରାଜ୍ୟ ସରକାର ୭ ଇଞ୍ଜିନିୟର୍ ଏବଂ ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଡ୍ୟାମ୍ ଉପରେ ୧୮ ଗାଁରଲୋକେ ନିର୍ଭର କରୁଥିବାବେଳେ ସଦ୍ୟ ବନ୍ୟାରେ ଡ୍ୟାମଟି ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇଯାଇଛି। ଡ୍ୟାମ୍‌ର ନିର୍ମାଣକାର୍ଯ୍ୟ ୨୦୧୮ରୁ ଜାରି ରହିଛି। ଗତ ୧୧ ତାରିଖରେ ପ୍ରବଳ ବର୍ଷା କାରଣରୁ ଡ୍ୟାମ୍‌ରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବିବାହ ମଣ୍ଡପରେ ନିଆଁ: ୫ ମୃତ

**ମୋରାଦାବାଦ,୨୬।୮:** ଉତ୍ତରପ୍ରଦେଶର ମୋରାଦାବାଦରେ ଗୁରୁବାର ରାତିରେ ବିବାହ ଚାଲୁଥିବା ଏକ ୩ ମହଲା ବିଲ୍ଡିଂରେ ନିଆଁ ଲାଗିଯିବାରୁ ୨ ମହିଳା ଓ ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଉକ୍ତ ବିଲ୍ଡିଂରୁ ୭ ଜଣଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିଶମ ବାହିନୀର ୫ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା କୁହାଯାଉଛି।

### ପରିବାରର ୬ ଜଣଙ୍କ ଆତ୍ମହତ୍ୟା

**ଅମ୍ବାଲା,୨୬।୮:** ହରିୟାଣାର ଅମ୍ବାଲାରେ ଗୋଟିଏ ଘରୁ ପରିବାରର ୬ ଜଣଙ୍କ ମୃତଦେହ ରହସ୍ୟଜନକ ସ୍ଥିତିରେ ମିଳିଛି। ସେମାନେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ପାଇବା ପରେ ତଦନ୍ତ ଚଳାଇଥିବା ଡିଏସ୍‌ପି ଯୋଗୀନ୍ଦର ଶର୍ମା କହିଛନ୍ତି। ମୃତକ ହେଲେ ସଙ୍ଗତ ରାମ (୬୫), ତାଙ୍କ ସ୍ତ୍ରୀ ମହିନ୍ଦ୍ରା କୌର, ସୁଖୱିନ୍ଦର ସିଂ (୩୪), ତାଙ୍କ ସ୍ତ୍ରୀ ରୀନା ଓ ସେମାନଙ୍କର ଦୁଇ ଝିଅ ଅଶୁ (୫) ଏବଂ ଜସି(୭)। ଶୁକ୍ରବାର ସାନଝିଅ ଅଶୁର ଜନ୍ମଦିନ ଥିଲା। ଗୁରୁବାର ରାତିରେ ପରିବାର ସଦସ୍ୟମାନେ ରାତ୍ରଭୋଜନ କରି ଶୋଇଯାଇଥିଲେ ଓ ସକାଳେ ଆଉ ଉଠି ନ ଥିଲେ।

### ୮୨ ଯାତ୍ରୀଙ୍କୁ ନେଇ ଯାଉଥିବା ବୋଟ୍‌ରେ ନିଆଁ

**ମାନିଲା,୨୬।୮:** ଫିଲିପାଇନ୍ସର ବାଟାଙ୍ଗସ୍ ବନ୍ଦରରେ ଏକ ବୋଟ୍ ପହଞ୍ଚିବା ପୂର୍ବରୁ ଶୁକ୍ରବାର ସେଥିରେ ନିଆଁ ଲାଗିଯାଇଥିଲା। ବୋଟ୍‌ରେ ୮୨ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ୭୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କୁ ଖୋଜା ଚାଲିଥିବା ତଟସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ବୋଟ୍‌ଟି ମିଣ୍ଡୋରୋ ଦ୍ୱୀପରୁ ମାନିଲାର ଏକ ବନ୍ଦରକୁ ଆସୁଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

### ପାକିସ୍ତାନ ବନ୍ୟାରେ ୯୩୭ ମୃତ
#### ଜାତୀୟ ଜରୁରୀ ସ୍ଥିତି ଘୋଷିତ

**ଇସ୍‌ଲାମାବାଦ,୨୬।୮:** ପାକିସ୍ତାନରେ ପ୍ରବଳ ବର୍ଷା ଓ ବନ୍ୟାରେ ୩୪୩ ପିଲାଙ୍କ ସମେତ ୯୩୭ ଜଣଙ୍କ ମୃତ୍ୟୁ ଘଟିଲାଣି। ବନ୍ୟା ଯୋଗୁ ଅନ୍ୟୂନ ୩୦ କୋଟି ଲୋକ ବାସହରା ହୋଇଛନ୍ତି। ଏହି ପ୍ରଳୟଙ୍କରୀ ବନ୍ୟାକୁ ପାକିସ୍ତାନ ସରକାର ଜାତୀୟ ଜରୁରୀ ସ୍ଥିତି (ନ୍ୟାଶନାଲ ଏମର୍ଜେନ୍ସି) ଘୋଷଣା କରିଛନ୍ତି। ସିନ୍ଧ୍ ପ୍ରଦେଶରେ ଦୁଇ ମାସ ମଧ୍ୟରେ ବନ୍ୟା ଓ ବର୍ଷାଜନିତ ଦୁର୍ଘଟଣାରେ ସର୍ବାଧିକ ୩୦୬ ଜଣଙ୍କ ଜୀବନ ଯାଇଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି। ସେହିପରି ବେଲୁଚିସ୍ତାନରେ ୨୩୪, ଖାଇବର ପାଖତୁନ୍‌ଖ୍ୱାରେ ୧୮୫ ଏବଂ ପଞ୍ଜାବ ପ୍ରଦେଶରେ ୧୬୫ ଜଣ ପ୍ରାଣ ହରାଇଛନ୍ତି। ପାକ୍ ଅଧିକୃତ କଶ୍ମୀରରେ ୩୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ୯ ଜଣଙ୍କ ଜୀବନ ଯାଇଛି। ବନ୍ୟା କ୍ଷତିଗ୍ରସ୍ତ ପାକିସ୍ତାନକୁ ବିଭିନ୍ନ ଦେଶରୁ ସହାୟତା ପହଞ୍ଚିବାରେ ଲାଗିଛି।

# ତୁମକୁ ଘୃଣାକରେ, ଭାରତ ଫେରିଯାଅ

## ଆମେରିକାରେ ୪ ଭାରତୀୟ ମହିଳା ବର୍ଣ୍ଣବୈଷମ୍ୟର ଶିକାର

**ୱାଶିଂଟନ/ନୂଆଦିଲ୍ଲୀ,୨୬।୮**

ଆମେରିକାର ଟେକ୍ସାସ୍‌ସ୍ଥିତ ଡଲାସ୍‌ରେ ୪ ଜଣ ଭାରତୀୟ ମହିଳା ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହେବା ପରେ ଜଣେ ମହିଳାଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଦୁର୍ବ୍ୟବହାର କରିଥିବା ମହିଳା ଜଣକ ନିଜକୁ ମେକ୍ସିକୀୟ-ଆମେରିକୀୟ ବୋଲି କହୁଥିବା ଭିଡିଓରେ ଦେଖିବାକୁ ମିଳିଛି।

ଡଲାସର ଏକ ପାର୍କିଂ ସ୍ଥଳରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ମେକ୍ସିକୋ ବଂଶୋଦ୍ଭବ ଆମେରିକୀୟ ମହିଳା ଏସ୍‌ମେରାଲ୍ଡା ଅପ୍‌ଟୋନ୍ ଭାରତୀୟ ମହିଳାମାନଙ୍କୁ କହିଥିଲେ, ଆଇ ହେଟ୍ ୟୁ ଇଣ୍ଡିଆନ୍ସ(ମୁଁ ଭାରତୀୟମାନଙ୍କୁ ଘୃଣା କରେ)। ଭାରତୀୟମାନେ ଉନ୍ନତ ଜୀବନ ବିତାଇବା ପାଇଁ ଆମେରିକାକୁ ଆସିଛ। ତୁମେମାନେ ଏହି ଦେଶକୁ ଚଳାଉଛ। ତୁମେ ଭାରତକୁ ଫେରିଯାଅ ବୋଲି ଭର୍ତ୍ସନା କରିବା ସହ ଠେଲାପେଲା କରୁଥିବାବେଳର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏସ୍‌ମେରାଲ୍ଡାଙ୍କ ଏଭଳି ବ୍ୟବହାର ଦେଖି ଆମେରିକାରେ ବସବାସ କରୁଥିବା ଭାରତୀୟ ସମୁଦାୟ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।



ଭାଇରାଲ ଭିଡିଓରେ ଭାରତୀୟ ମହିଳାଙ୍କୁ ଦୁର୍ବ୍ୟବହାର ବେଳର ଦୃଶ୍ୟ।

ଉକ୍ତ ଭିଡିଓକୁ ପୋଷ୍ଟ କରିଥିବା ବ୍ୟକ୍ତି ଜଣକ କ୍ୟାପ୍ସନରେ ଲେଖିଛନ୍ତି, ମୋ ମା' ଓ ତାଙ୍କ ୩ ଜଣ ସାଙ୍ଗ ଡିନର ପାଇଁ ଯାଇଥିବାବେଳେ ଡଲାସରେ ଏହି ଘଟଣା ଘଟିଛି। ତାଙ୍କ ମା'ଙ୍କ ସହ ଏସ୍‌ମେରାଲ୍ଡା ଯୁକ୍ତିତର୍କ କରିଥିଲେ। ବର୍ଣ୍ଣଭେଦୀ ଭାଷା ବ୍ୟବହାର ନ କରିବାକୁ ତାଙ୍କ ମା' କହିବାରୁ ମେକ୍ସିକୀୟ ମହିଳା ଜଣକ ଉତ୍ତ୍ୟକ୍ତ ହୋଇ କହିଥିଲେ, ସେ ଆମେରିକାରେ ଜନ୍ମିତ। ମୁଁ ଯେଉଁଆଡ଼େ ଗଲେ ସବୁଠି ଭାରତୀୟମାନଙ୍କୁ ଦେଖିବାକୁ ପାଉଛି। ଯଦି ଭାରତରେ ଜୀବନ ଏତେ ମହାନ୍ ତେବେ ତୁମେ ଏଠାକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରିଥିଲେ। ପ୍ଲାନୋ ପୋଲିସ ଡିଟେକ୍ଟିଭ୍‌ମାନେ ଏସ୍‌ମେରାଲ୍ଡାଙ୍କୁ ଗୁରୁବାର ଅପରାହ୍ନରେ ଗିରଫ କରିଛନ୍ତି। ତାଙ୍କ ବିରୋଧରେ ଶାରୀରିକ ଆଘାତ ଏବଂ ଆତଙ୍କ ସୃଷ୍ଟିକାରୀ ଧମକ ଦେବା ନେଇ ମାମଲା ରୁଜୁ ହୋଇଛି। ଏନେଇ ଡେମୋକ୍ରାଟିକ୍ ପାର୍ଟି ନେତ୍ରୀ ରିମା ରସୁଲ ଟୁଇଟ୍ କରିଛନ୍ତି, ଅଭିଯୁକ୍ତ ଏକ ବନ୍ଧକ ଧରିଥିଲେ। ସେ ଭାରତୀୟ ମହିଳାମାନଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ। ତାଙ୍କ ବିରୋଧରେ ଘୃଣା ଅପରାଧ ନିରୋଧୀ ଆଇନ ବଳରେ ମାମଲା ରୁଜୁ କରାଯିବା ଆବଶ୍ୟକ। ନର୍ଥ ଟେକ୍ସାସ୍‌ର ଦକ୍ଷିଣ ଏସୀୟ ଆମେରିକୀୟ ସମୁଦାୟ ଏହି ଘଟଣାକୁ ନିନ୍ଦା କରିଛି। ଇଣ୍ଡିଆ ଆସୋସିଏଶନ୍ ଅଫ୍ ନର୍ଥ ଟେକ୍ସାସ୍ ଅଧ୍ୟକ୍ଷ ଉର୍ମିତ ଜୁନେଜାଙ୍କ ମତରେ ଦକ୍ଷିଣ ଏସୀୟମାନେ ନର୍ଥ ଟେକ୍ସାସ୍‌କୁ ଏକ ସୁରକ୍ଷିତ ସ୍ଥାନ ମନେକରି ସେଠାରେ ରହିବାକୁ ପସନ୍ଦ କରିଥାଆନ୍ତି। ତେବେ ମେକ୍ସିକୀୟ ମହିଳାଙ୍କ ବ୍ୟବହାର ତାଙ୍କୁ ବ୍ୟଥିତ କରିଛି।


ଗିରଫ ଅଭିଯୁକ୍ତ ଏସ୍‌ମେରାଲ୍ଡା ଅପ୍‌ଟୋନ୍

## ହଁ, ଆମେ ସବୁଠି ଅଛୁ
### ନିନ୍ଦାକଲେ ଡିସିଡବ୍ଲ୍ୟୁ

ଟେକ୍ସାସ୍‌ର ପ୍ଲାନୋସ୍ଥିତ ସିକ୍ସଟି ଭାଇନ୍ସ ରେଷ୍ଟୁରାଣ୍ଟ ବାହାରେ ଭାରତୀୟ ମହିଳାମାନଙ୍କୁ ବର୍ଣ୍ଣବିଦ୍ୱେଷ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାକୁ ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ନିନ୍ଦା କରିଛନ୍ତି। ଏଥିସହ ଅଭିଯୁକ୍ତ ମହିଳାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଫେସ୍‌ବୁକ୍‌ରେ ସାଢ଼େ ୫ ମିନିଟ୍‌ର ଭାଇରାଲ ଭିଡିଓ ଦେଖିବା ପରେ ସ୍ୱାତୀ ଟୁଇଟରରେ ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି, ଭାରତୀୟମାନେ ସବୁଠି ଅଛନ୍ତି। ସେମାନେ ବଡ଼ ବଡ଼ କମ୍ପାନୀର



ସିଇଓ ମଧ୍ୟ ରହିଛନ୍ତି। ଆମେରିକାରେ ବର୍ଣ୍ଣବୈଷମ୍ୟ ନିନ୍ଦନୀୟ। ହଁ, ଆମେ ଭାରତୀୟମାନେ ସବୁଠି ଅଛୁ।

# ସୋନାଲି ଫୋଗଟ୍‌ଙ୍କୁ ଡ୍ରଗ୍ସ ଦେଇଥିଲେ ୨ ସହଯୋଗୀ

**ପଣଜୀ,୨୬।୮**

ଅଭିନେତ୍ରୀ ତଥା ହରିୟାଣାର ଭାଜପା ନେତ୍ରୀ ସୋନାଲି ଫୋଗଟ୍‌ଙ୍କୁ ତାଙ୍କର ଦୁଇ ସହଯୋଗୀ ସୁଧୀର ସଗ୍ୱାନ ଏବଂ ସୁଖୱିନ୍ଦର ସିଂ ଜବରଦସ୍ତ ନିଶା ପିଆଇଥିଲେ। ଉତ୍ତର ଗୋଆର ଏକ ରେଷ୍ଟୁରାଣ୍ଟରେ ପାର୍ଟି ଆରମ୍ଭ ହେବା ପୂର୍ବରୁ ସେମାନେ ସୋନାଲିଙ୍କ ପାନୀୟ ବୋତଲରେ ୧.୫ ଗ୍ରାମ ଏମ୍‌ଡିଏମ୍‌ଏ (ଡ୍ରଗ୍ସ) ମିଶାଇ ଥିବା ଗୋଆ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏହି ଡ୍ରଗ୍ସ ସେବନ କାରଣରୁ ଭାଜପା ନେତ୍ରୀଙ୍କର ମୃତ୍ୟୁ ଘଟିଲା ବୋଲି ପୋଲିସ କହିଛି। ୨ ଅଭିଯୁକ୍ତ ସୁଧୀର ଏବଂ ସୁଖୱିନ୍ଦରଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଆର୍ଥିକ ସ୍ୱାର୍ଥ ପାଇଁ ୪୨ ବର୍ଷୀୟ ନେତ୍ରୀଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ସେମାନେ ସୋନାଲିଙ୍କ ସହ ଅଗଷ୍ଟ ୨୨ରେ ଗୋଆରେ ପହଞ୍ଚିଥିଲେ। ୨୩ ତାରିଖ ସକାଳେ ସୋନାଲିଙ୍କୁ ସେଣ୍ଟ ଆଣ୍ଟୋନୀ ହସ୍ପିଟାଲ ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କ ଶରୀରରେ ଗଭୀର କ୍ଷତଚିହ୍ନ ଥିବା ଜଣାପଡ଼ିବା ପରେ ୨ ସହଯୋଗୀଙ୍କୁ ଗୁରୁବାର ଗିରଫ କରାଯାଇଥିଲା।



# ସ୍ତ୍ରୀ ଉପରେ କ୍ଷୁବ୍ଧ ସ୍ୱାମୀ ତାଳଗଛରେ ମାସେ ରହିଲେ

**ଲକ୍ଷ୍ନୌ,୨୬।୮**

ସ୍ତ୍ରୀଙ୍କ ଯୁକ୍ତି ଓ ଗାଳିରେ କ୍ଷୁବ୍ଧ ହୋଇ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ମାସେ କାଳ ୮୦ ଫୁଟ ଉଚ୍ଚ ତାଳଗଛରେ ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ୟୁପି ମାଉ ଜିଲା କୋପାଗଞ୍ଜ ଅଞ୍ଚଳରେ ଏଭଳି ବିଚିତ୍ର ଘଟଣା ଘଟିଛି। ୪୨ ବର୍ଷୀୟ ରାମ ପ୍ରବେଶଙ୍କର ୬ ମାସ ହେଲା ତାଙ୍କ ସ୍ତ୍ରୀଙ୍କ ସହ ଝଗଡ଼ା ଲାଗୁଥିଲା। ଏପରିକି ସ୍ତ୍ରୀ ତାଙ୍କୁ ମାଡ଼ ମାରୁଥିଲେ ବୋଲି ରାମ ଅଭିଯୋଗ କରିଛନ୍ତି। ସ୍ତ୍ରୀଙ୍କ ବ୍ୟବହାରରେ ସେ ଏଭଳି ଅତିଷ୍ଠ ହୋଇଯାଇଥିଲେ ଯେ, ତାଳଗଛରେ ଚଢ଼ିଯାଇ ସେଠାରେ ଗୋଟିଏ ମାସ ରହିଥିଲେ। ତାଙ୍କ ପରିବାର ଲୋକେ ଦଉଡ଼ିରେ ଖାଦ୍ୟ ଓ ପାଣି ବାନ୍ଧି ଝୁଲାଇ ଦେଉଥିଲେ ଓ ରାମ ତାହାକୁ ଉପରକୁ ଟାଣି ନେଇ ଖାଉଥିଲେ। ସେ ରାତିରେ କିଛି ସମୟ ପାଇଁ ଓହ୍ଲାଉଥିଲେ ଓ ନିତ୍ୟକର୍ମ ସାରି ପୁଣି ଗଛରେ ଚଢ଼ିଯାଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପରେ ଗାଁ ଲୋକେ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ରାମ ତଳକୁ ନ ଓହ୍ଲାଇବାରୁ ସେମାନେ ତାଙ୍କର ଭିଡିଓ କରି ଫେରିଯାଇଥିଲେ। ତେବେ ତାଳଗଛରେ ସେ ଅଧିକ ଦିନ ରହିବାକୁ ଗାଁର କେତେଜଣ ବିରୋଧ କରିଥିଲେ। ସେ ଗଛରେ ଥାଇ ଅନ୍ୟମାନଙ୍କ ଘରେ କ'ଣ ଘଟୁଛି, ତାହା ଦେଖୁଛନ୍ତି। ତେଣୁ ସେମାନଙ୍କ ଘରର ଗୋପନୀୟତା ଉଲ୍ଲଂଘନ ହେଉଛି ବୋଲି ମହିଳାମାନେ ଅଭିଯୋଗ କରିଥିଲେ।


ଦୁର୍ଗାପୂଜା ପାଇଁ ପଶ୍ଚିମବଙ୍ଗର ନଦୀୟାରେ ଶୁକ୍ରବାର ଦେବୀଙ୍କ ଏକ ମଡେଲ ପ୍ରସ୍ତୁତ କରି ନେଉଛନ୍ତି ଶିଳ୍ପୀ।

## ଫାଇଜର, ବାୟୋଟେକ୍ ବିରୋଧରେ ଅଭିଯୋଗ
### ଟିକା ପ୍ରସ୍ତୁତିର ନକଲ

**ୱାଶିଂଟନ,୨୬।୮**

ଆମେରିକାର ଔଷଧ ନିର୍ମାଣକାରୀ କମ୍ପାନୀ ମଡର୍ନା କୋଭିଡ୍ ଟିକା ନିର୍ମାଣକାରୀ ସହଯୋଗୀ କମ୍ପାନୀ ଫାଇଜର ଓ ବାୟୋଟେକ୍ ବିରୋଧରେ କୋର୍ଟରେ ଅଭିଯୋଗ କରିଛି। କରୋନା ଟିକା ପ୍ରସ୍ତୁତିରେ ମଡର୍ନା ବ୍ୟବହାର କରୁଥିବା ଏମ୍‌ଆର୍‌ଏନ୍‌ଏ ଟେକ୍‌ନିକ୍‌ର ପାଟେଣ୍ଟସ୍ ଫାଇଜର ଓ ବାୟୋଟେକ୍ କରିଥିବା ମଡର୍ନା ନିଜ ଅଭିଯୋଗରେ ଉଲ୍ଲେଖ କରିଛି। ମଡର୍ନାର ବିନା ଅନୁମତିରେ ଏହି ଜଟିଳ ଟେକ୍‌ନିକ୍‌ର ନକଲ କରାଯାଇଛି। ଆମେରିକା ମାସାଚ୍ୟୁସେଟ୍‌ରେ ଥିବା ଜିଲା କୋର୍ଟ ଏବଂ ଦୁସେଲଡୋର୍ଫର ଆଞ୍ଚଳିକ କୋର୍ଟରେ ଏ ନେଇ ଅଭିଯୋଗ ଦାଏର ହୋଇଛି। ତେବେ ଏ ସଂକ୍ରାନ୍ତରେ ଫାଇଜର ନିକଟରେ କୌଣସି ନୋଟିସ୍ ପହଞ୍ଚି ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# କରଦାତାଙ୍କ ଟଙ୍କାରେ ମାଗଣା ସୁବିଧା ଦେଶକୁ ଦେବାଳିଆ କରିଦେବ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮ (ପି.ଟି.)**

କରଦାତାଙ୍କ ଟଙ୍କାରେ ଲୋକଙ୍କୁ ମାଗଣା ସୁବିଧା ଦେବା ଧାରା ଲାଗିରହିଲେ, ଦେଶ ଅତ୍ୟନ୍ତ ଦେବାଳିଆ ସ୍ଥିତିକୁ ଚାଲିଯିବ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଆଶଙ୍କା ବ୍ୟକ୍ତ କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଦେଉଥିବା ମାଗଣା ସୁବିଧା ପରମ୍ପରା ବିରୋଧରେ ଏକାଧିକ ପିଟିଶନକୁ ତିନିଜଣିଆ ଖଣ୍ଡପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗର ବ୍ୟାପକ ଶୁଣାଣି ଆବଶ୍ୟକ। ତେବେ ସବୁ ପ୍ରତିଶ୍ରୁତିକୁ ମାଗଣା ସୁବିଧା ଭାବେ ଦେଖାଯାଇପାରିବ ନାହିଁ। କାରଣ ସେଥିରୁ କେତେକ କଲ୍ୟାଣକାରୀ ଯୋଜନା କିମ୍ବା ଜନମଙ୍ଗଳ ପଦକ୍ଷେପ ଏବଂ ଅର୍ଥନୈତିକ ଦାୟିତ୍ୱବୋଧ ରହିଛି। ସେହି ଯୋଜନାଗୁଡ଼ିକ କେବଳ ରାଷ୍ଟ୍ରର ନୀତି ନିର୍ଦ୍ଦେଶକ ତତ୍ତ୍ୱର ଅଂଶବିଶେଷ ନୁହେଁ, ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ ବୋଲି ସିଜେଆଇ ଜଷ୍ଟିସ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ମାଗଣା ସୁବିଧା ପ୍ରତିଶ୍ରୁତି ପ୍ରଦାନ କରିବା ଧାରା ଏକ ଗମ୍ଭୀର ପ୍ରସଙ୍ଗ ଦର୍ଶାଇ ସୁପ୍ରିମକୋର୍ଟ ଏହା ଉପରେ ବିତର୍କ ଜରୁରୀ ବୋଲି କହିଥିଲେ। କେନ୍ଦ୍ର ସରକାର ଏଥିପାଇଁ ସର୍ବଦଳୀୟ ବୈଠକ ଡାକୁ ନ ଥିବାରୁ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଥିଲେ। ମାଗଣା ସୁବିଧା ପରମ୍ପରା ଅର୍ଥନୀତିକୁ ଧ୍ୱଂସ କରିଦେବାକୁ ଯାଉଛି। ଏହା ବନ୍ଦ ହେବା ଦରକାର। ଏନେଇ ରାଜନୈତିକ ଦଳଗୁଡ଼ିକ ସର୍ବସମ୍ମତ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ କିଛି କରିହେବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଦଳଗୁଡ଼ିକର ମାଗଣା ସୁବିଧା ପ୍ରତିଶ୍ରୁତି ମତଦାନକୁ ପ୍ରଭାବିତ କରୁଛି। ଏଭଳି ଧାରା ବନ୍ଦ ଲାଗି ନିର୍ଦ୍ଦେଶ ଦେବା ପାଇଁ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଓ ଅନ୍ୟମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

# ଭାଜପା ସିରିଏଲ୍ କିଲର: କେଜ୍‌ରିୱାଲ
### ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

**ନୂଆଦିଲ୍ଲୀ,୨୬।୮**

ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ଶୁକ୍ରବାର ଭାଜପା ଉପରେ ଜୋର୍‌ଦାର ବର୍ଷିଛନ୍ତି। ନିର୍ବାଚିତ ସରକାରଗୁଡ଼ିକୁ ଭାଙ୍ଗିଦେଉଥିବା ଭାଜପାକୁ ସେ ସିରିଏଲ୍ କିଲର ବୋଲି କହିଛନ୍ତି। ଗୈରିକ ଦଳ ଷଡ଼ଯନ୍ତ୍ର କରି ବିରୋଧୀ ଦଳ ଶାସିତ ଏକାଧିକ ରାଜ୍ୟ ସରକାରକୁ ଭାଙ୍ଗିଥିବା ଏଏପି ନେତା ଅଭିଯୋଗ କରିଛନ୍ତି।

ଅବକାରୀ ନୀତି ଉଲ୍ଲଂଘନ ଅଭିଯୋଗରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘରେ ସିବିଆଇ ଚଢ଼ାଉ ପରେ କେଜ୍‌ରିୱାଲ ଭାଜପା ଉପରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଜିଏସ୍‌ଟି ଏବଂ ପେଟ୍ରୋଲ, ଡିଜେଲ ଦର ବଢ଼ାଇ ସଂଗ୍ରହ କରୁଥିବା ଅର୍ଥରେ ଭାଜପା ଅନ୍ୟ ଦଳରୁ ବିଧାୟକ କିଣୁଛି। ବର୍ତ୍ତମାନ ସୁଦ୍ଧା ଏହି ଦଳ ୨୭୭ ବିଧାୟକ କିଣିଲାଣି। ଯଦି ଦଳ ସେମାନଙ୍କୁ ୨୦ କୋଟି ଲେଖାଏ ଟଙ୍କା ଦେଇଥାଏ ତେବେ ବିଧାୟକ କିଣିବାରେ



୫,୫୦୦ କୋଟି ଟଙ୍କା ବ୍ୟୟ ହୋଇଛି। ସେଥିପାଇଁ ଦରଦାମ୍ ହୁହୁ ହୋଇ ବଢ଼ିଚାଲିଛି। ଭାଜପା ଇତିମଧ୍ୟରେ ଗୋଆ, କର୍ନାଟକ, ମହାରାଷ୍ଟ୍ର, ଆସାମ, ମଧ୍ୟପ୍ରଦେଶ, ବିହାର, ଅରୁଣାଚଳପ୍ରଦେଶ, ମଣିପୁର ଓ ମେଘାଳୟ ସରକାର ଭାଙ୍ଗିଦେଇଛି। ଲୋକେ ସରକାରଙ୍କୁ ନିର୍ବାଚନ କରୁଛନ୍ତି, ଭାଜପା ତାହାକୁ ଭାଙ୍ଗିଦେଉଛି। ଭାଜପା ଶାସିତ ଗୁଜରାଟରେ ଦଳର ସ୍ଥିତି ଭଲ ନ ଥିବାରୁ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଏପି ନେତାଙ୍କ ଘରେ ଚଢ଼ାଉ କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

# ମାମଲା ବିଚାର ଅପେକ୍ଷାରେ ପଡ଼ିରହିବା ବଡ଼ ଚ୍ୟାଲେଞ୍ଜ: ସିଜେଆଇ

**ନୂଆଦିଲ୍ଲୀ,୨୬।୮ (ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦରୁ ଜଷ୍ଟିସ୍ ଏନ୍.ଭି. ରମନା ଶୁକ୍ରବାର ଅବସର ନେଇଛନ୍ତି। ତାଙ୍କୁ ସୁପ୍ରିମକୋର୍ଟ ପରିସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବହୁସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡ଼ିରହିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି ସିଜେଆଇ କହିବା ସହ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁପ୍ରିମକୋର୍ଟରେ ମାମଲାଗୁଡ଼ିକର ଶୁଣାଣି ଲାଗି ତାଲିକାଭୁକ୍ତ କରିବାରେ ଯଥେଷ୍ଟ ଧ୍ୟାନ ଦେଇପାରି ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ମାମଲାଗୁଡ଼ିକର ଦ୍ରୁତ୍ ବିଚାର ଲାଗି ଅତ୍ୟାଧୁନିକ ପ୍ରଯୁକ୍ତି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରୟୋଗ କରିବା ଜରୁରୀ ହୋଇପଡ଼ିଛି। ସେଭଳି କେତେକ ମଡ୍ୟୁଲର ବିକାଶ ହୋଇଥିଲେ ମଧ୍ୟ ସୁରକ୍ଷାଗତ କାରଣରୁ ସେଥିରେ ଅଗ୍ରଗତି ହୋଇପାରୁ ନାହିଁ ବୋଲି ଜଷ୍ଟିସ ରମନା କହିଛନ୍ତି। ବିଚାର ବ୍ୟବସ୍ଥାର ଆବଶ୍ୟକତା ଅନ୍ୟ ବିଭାଗଠାରୁ ଭିନ୍ନ। ବାର୍ ଯଦି ପୂରା ଦମ୍‌ରେ ସହଯୋଗ କରିବାକୁ ନ ଚାହେଁ, ତେବେ ଆବଶ୍ୟକ ପରିବର୍ତ୍ତନ ଆଣିବା କଷ୍ଟକର ହେବ ବୋଲି ବିଦାୟ ସମ୍ବର୍ଦ୍ଧନା ଅବସରରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ। ଏଥିସହିତ ସେ ସମସ୍ତ ସହକର୍ମୀ ଏବଂ ବାର୍‌ର ସବୁ ସଦସ୍ୟଙ୍କୁ ସେମାନଙ୍କ ସକ୍ରିୟ ସହଯୋଗ ଲାଗି ଧନ୍ୟବାଦ ଜଣାଇଥିଲେ।


ବିଦାୟୀ ସିଜେଆଇ ଏନ୍.ଭି. ରମନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ସିଜେଆଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ବେଳେ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ତାଙ୍କୁ ନାଗରିକଙ୍କ ବିଚାରପତି ବୋଲି କହିବା ସହ ଭାବବିହ୍ୱଳ ହୋଇଯାଇଥିଲେ।

### ବିଦାୟ ସମ୍ବର୍ଦ୍ଧନା ବେଳେ ସିଧା ପ୍ରସାରଣ ହେଲା ସୁପ୍ରିମକୋର୍ଟ ପ୍ରୋସିଡିଂ

ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ରମନା ଦେଶଦ୍ରୋହ ମାମଲାକୁ ସ୍ଥଗିତ ରଖିବା, ମନିଲଣ୍ଡରିଂ ମାମଲା ରାୟର ସମୀକ୍ଷା କରିବା, ପେଗାସସ୍ ଗୁପ୍ତଚର ମାମଲାର ପୁନର୍ବାର ତଦନ୍ତ ନିର୍ଦ୍ଦେଶ ଦେବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଏଥିସହିତ ସେ ସୁପ୍ରିମକୋର୍ଟରେ ସର୍ବାଧିକ ୧୧ ଜଣ ଓ ବିଭିନ୍ନ ହାଇକୋର୍ଟରେ ୨୨୦ ଜଣ ବିଚାରପତିଙ୍କ ନିଯୁକ୍ତି କରାଇଥିଲେ। ସିଜେଆଇ ଭାବେ ଶେଷ ଦିନରେ ଜଷ୍ଟିସ ରମନା ସୁପ୍ରିମକୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ବ୍ୟବସ୍ଥା କରାଇଥିଲେ। ସିଜେଆଇଙ୍କୁ ବିଦାୟ ସମ୍ବର୍ଦ୍ଧନାର ଦୃଶ୍ୟ ସିଧା ପ୍ରସାରଣ ହୋଇଥିଲା। ସର୍ବୋଚ୍ଚ ଅଦାଲତରେ ପ୍ରୋସିଡିଂର ସିଧାପ୍ରସାରଣ ହେବା ଏହା ପ୍ରଥମ ଘଟଣା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୪୫,୨୬,୯୩୫ | ୬୪,୮୩,୭୦୯ | ୫୭,୯୩,୭୩,୫୯୭ |
| ଭାରତ | ୪,୪୩,୮୯,୧୭୬ | ୫,୨୭,୫୫୬ | ୪,୩୭,୭୦,୯୧୩ |
| ଓଡ଼ିଶା | ୧୩,୨୬,୩୮୩ | ୯୧୭୦(+୫୩) | ୧୩,୧୫,୧୭୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏମ୍‌କେସିଜି ସୁପର ସ୍ପେଶାଲିଟି କୋଠାରେ ଅଗ୍ନିକାଣ୍ଡ


ସ୍କାଏ ଲିଫ୍ଟ ସାହାଯ୍ୟରେ ବାହାରପଟୁ ରୋଗୀଙ୍କୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ କର୍ମଚାରୀ।

- **ୟୁରୋଲୋଜି ବିଭାଗରୁ ୭ ରୋଗୀ ସ୍ଥାନାନ୍ତର**
- **ପ୍ଲାଷ୍ଟିକ ସର୍ଜରି ବିଭାଗରୁ ୨ ଜଣ ଗଲେ ଜରୁରିକାଳୀନ ଓଟି**
- **ସ୍କାଏ ଲିଫ୍ଟ ମାଧ୍ୟମରେ ନିଆଁକୁ ଆୟତ୍ତ କରାଗଲା**

ବ୍ରହ୍ମପୁର ଅଫିସ,୨୬।୮

ଗଞ୍ଜାମ ଜିଲା ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏମ୍‌କେସିଜି ସୁପର ସ୍ପେଶାଲିଟି କୋଠାର ୫ମ ମହଲାରେ ଧୂଆଁ ବାହାରୁଥିବା ଜଣାପଡ଼ିବା ପରେ ସେଠାରୁ ସମସ୍ତ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଏମ୍‌କେସିଜି ମେଡିକାଲ ପରିସରରେ ନିର୍ମିତ ୫ ମହଲାବିଶିଷ୍ଟ ଏହି ସୁପର ସ୍ପେଶାଲିଟି କୋଠାରେ ଗତ ପ୍ରାୟ ୫/୬ ମାସ ହେଲା ପର୍ଯ୍ୟାୟକ୍ରମେ ବିଭିନ୍ନ ବିଭାଗ ଖୋଲାଯାଇ ରୋଗୀଙ୍କ ଚିକିତ୍ସା କରାଯାଉଛି। ୫ମ ମହଲାରେ ଅସ୍ତ୍ରୋପଚାର ଗୃହ (ଓଟି) ରହିଛି। ଶୁକ୍ରବାର ମଧ୍ୟାହ୍ନରେ ୟୁରୋଲୋଜି ବିଭାଗ ଓଟିରୁ ପ୍ରଥମେ ଧୂଆଁ ବାହାରିଥିଲା। ସେଠାରେ ଅସ୍ତ୍ରୋପଚାର ପାଇଁ କୌଣସି ରୋଗୀ ନ ଥିଲେ ମଧ୍ୟ ଜଣେ ନର୍ସ ଧୂଆଁ ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାର ହୋଇଯିବାରୁ ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ଭୟଭୀତ ହୋଇପଡିଥିଲେ। ଖବରପାଇ ମେଡିକାଲ ପରିସରରେ ଥିବା ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ ଓ ତାଙ୍କ ଟିମ ସେଠାରେ ପହଞ୍ଚିଥିଲେ। ସ୍କାଏ ଲିଫ୍ଟ ସାହାଯ୍ୟରେ ୫ମ ମହଲାର ବାହାରପଟୁ ନିଆଁକୁ ଆୟତ୍ତ କରାଯିବାକୁ ଚେଷ୍ଟା କରାଯାଇଥିଲା। ଅଗ୍ନିଶମ କେନ୍ଦ୍ର ଅଧିକାରୀ କେତେଜଣ ଅଗ୍ନିକଙ୍କୁ ନେଇ ଉକ୍ତ କୋଠାର ଭିତରପଟେ ପଶିଥିଲେ। ସେମାନଙ୍କ ସହାୟତାରେ ୟୁରୋଲୋଜି ବିଭାଗରେ ଥିବା ୭ଜଣ ରୋଗୀଙ୍କୁ ତଳ ମହଲାର ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ନିକଟରେ ଥିବା ପ୍ଲାଷ୍ଟିକ ସର୍ଜରୀ ବିଭାଗ ଓଟିରେ ଥିବା ୨ ଜଣ ରୋଗୀଙ୍କୁ ଡାକ୍ତର ଓ ନର୍ସିଂ ଅଫିସରମାନେ ତୁରନ୍ତ ତଳ ମହଲାରେ ଥିବା ଜରୁରିକାଳୀନ ଅସ୍ତ୍ରୋପଚାର ଗୃହ(ଇମରଜେନ୍ସି ଓଟି)କୁ ନେଇଯାଇଥିଲେ। ସେଠାରେ ଉଭୟଙ୍କର ଅସ୍ତ୍ରୋପଚାର କରାଯାଇଛି। ଅଗ୍ନିକାଣ୍ଡରେ ୫ମ ମହଲାରେ ଥିବା ଜେନେରାଲ ଓଟିରେ ଯନ୍ତ୍ରାଂଶଗୁଡିକ ପୋଡିଯାଇଛି। ଅଗ୍ନିଶମ କର୍ମଚାରୀମାନେ ପ୍ରାୟ ୨ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଓଟିରେ ରହିଥିବା ବିଦ୍ୟୁତ ତାର ସବୁ ଜଳିଯାଇଛି। ଶର୍ଟ ସର୍କିଟରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଅଗ୍ନିଶମ କେନ୍ଦ୍ର ଅଧିକାରୀ କହିଛନ୍ତି। ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଥିରେ କୌଣସି ରୋଗୀଙ୍କ କିଛି ଅସୁବିଧା ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଭୟଭୀତ ନ ହେବାକୁ ସେ କହିଛନ୍ତି। ନିଆଁ କିପରି ଲାଗିଲା ତାହାର ତଦନ୍ତ କରାଯିବ ବୋଲି ମେଡିକାଲ ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି।

# କାରାଗାରରେ କଏଦୀଙ୍କ ପାଇଁ ଆଧାର କ୍ୟାମ୍ପ




ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଭୁବନେଶ୍ୱର ଡାକମଣ୍ଡଳ ପକ୍ଷରୁ ଦୁଇଦିନ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଆଧାର ପଞ୍ଜୀକରଣ ଓ ସଂଶୋଧନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଅଧିକାଂଶ କଏଦୀଙ୍କ ଆଧାର ନମ୍ବର ନ ଥିବାରୁ ବା ଆଧାର ତଥ୍ୟ ଭୁଲ୍ ଥିବାରୁ ସେମାନେ କାରାଗାର ପରିସରରେ ସରକାରୀ ସୁବିଧା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବ୍ୟାଙ୍କ କିମ୍ବା ଡାକ ଘରେ ଖାତା ଖୋଲିବା ପାଇଁ ଆଧାର ନମ୍ବରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ ଭୁବନେଶ୍ୱର ଡାକମଣ୍ଡଳ ସହ ଯୋଗାଯୋଗ କରିଥିଲେ। ଡାକମଣ୍ଡଳର ବରିଷ୍ଠ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା ଏହାକୁ ଗୁରୁତର ସହ ନେଇ ସହ ଅଧୀକ୍ଷକ ମୋନାଲିସା ଦାସଙ୍କୁ ଏହି ସ୍ୱତନ୍ତ୍ର କାର୍ଯ୍ୟ ନିମନ୍ତେ ଦାୟିତ୍ୱ ଦେଇଥିଲେ। ଡାକମଣ୍ଡଳର ଦୀପକ କୁମାର ରଥ, ଶରତ କୁମାର ପରିଡ଼ା, ଅନନ୍ତ ନାରାୟଣ ସ୍ୱାଇଁ, ରତିକ ଲେଙ୍କାଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ କାରାଗାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସମ୍ପୂର୍ଣ୍ଣ ସୁରକ୍ଷା ବଳୟ ଭିତରେ କ୍ୟାମ୍ପ ଆୟୋଜନ କରିଥିଲେ। କାରାଗାର ଜେଲର ସନ୍ତୋଷିନୀ ଦାଶ ଓ ଶିକ୍ଷକ ଭାସ୍କର ବେହେରାଙ୍କ ତତ୍ତ୍ୱାବଧାନରେ ୨୫ଜଣ କଏଦୀଙ୍କ ଆଧାର ପଞ୍ଜୀକରଣ ଓ ସଂଶୋଧନ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ଅଭାବରୁ ଆଉ କେତେଜଣ କଏଦୀଙ୍କ ଆଧାର ପଞ୍ଜୀକରଣ କରାଯାଇପାରିନାହିଁ। ଏପରି କୌଣସି ଅନୁଷ୍ଠାନରେ ୫୦ରୁ ଅଧିକ ବ୍ୟକ୍ତିଙ୍କର ଆଧାର ପଞ୍ଜୀକରଣ ଓ ସଂଶୋଧନର ଆବଶ୍ୟକତା ଥିଲେ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ବରିଷ୍ଠ ଅଧୀକ୍ଷକ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରର ବଡ଼ ବଡ଼ ଡାକଘରେ ଜନସାଧାରଣଙ୍କ ପାଇଁ ଆଧାର ପଞ୍ଜୀକରଣ ଓ ସଂଶୋଧନ ବ୍ୟବସ୍ଥା ଉପଲବ୍ଧ କରାଯାଇଛି।

# ସ୍କୁଲରେ ଦୁଇ ଶିକ୍ଷୟିତ୍ରୀ ହାତାହାତି

- **ଜଣେ ଗୁରୁତର**
- **ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ**

ଭୋଗରାଇ,୨୬।୮(ଡି.ଏନ.ଏ.)

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳାଜ୍ଞାନ ଶିଖାଇବା ଦାୟିତ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କର। ହେଲେ ସ୍କୁଲ ପରିସରରେ ଦୁଇ ଶିକ୍ଷୟିତ୍ରୀ ନିଜ ନିଜ ମଧ୍ୟରେ ହାତାହାତି ହେବା ଓ ଜଣଙ୍କ ଆକ୍ରମଣରେ ଆଉ ଜଣଙ୍କ ମୁଣ୍ଡ ଫାଟିବା ଭଳି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଆହତ ଶିକ୍ଷୟିତ୍ରୀଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ।

ଉଲୁଡା ଗ୍ରାମର ବନମାଳୀ ମାଝି ପ୍ରାଥମିକ ବିଦ୍ୟାଳୟର ସୀତାଞ୍ଜଳି ଧଳ ନାମ୍ନୀ ଜଣେ ଶିକ୍ଷୟିତ୍ରୀ ଶୁକ୍ରବାର ସ୍କୁଲକୁ ବିଳମ୍ବରେ ଆସିବାରୁ ସେହି ସ୍କୁଲର ଅନ୍ୟ ଜଣେ ଶିକ୍ଷୟିତ୍ରୀ ଇନ୍ଦୁମତୀ ବେହେରା ମୋବାଇଲରେ ଭିଡିଓ କରୁଥିଲେ। ଏହାକୁ ନେଇ ସୀତାଞ୍ଜଳି ଉତ୍କ୍ଷିପ୍ତ ହୋଇ ପଡ଼ିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଇନ୍ଦୁମତୀଙ୍କୁ ସୀତାଞ୍ଜଳି ଚାପୁଡ଼ା ମାରିବା ସହିତ ତାଙ୍କୁ ଠେଲିଦେବାରୁ ସ୍କୁଲ କାନ୍ଥରେ ତାଙ୍କର ମୁଣ୍ଡ ବାଡ଼େଇ ହୋଇ ଫାଟିଯାଇଥିଲା। ଆହତ ଶିକ୍ଷୟିତ୍ରୀଙ୍କୁ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ଏହି ଘଟଣା ପରେ ଗ୍ରାମବାସୀ ମିଳିତ ହୋଇ ବିଦ୍ୟାଳୟରେ ତାଲା ପକାଇବା ସହ ଦୋଷୀ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଧାରଣାରେ ବସିଛନ୍ତି। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ, କମର୍ଦ୍ଦା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁଇ ଶିକ୍ଷୟିତ୍ରୀଙ୍କ ପକ୍ଷରୁ କମର୍ଦ୍ଦା ଥାନାରେ ପୃଥକ ଭାବେ ଲିଖିତ ଅଭିଯୋଗ କରାଯାଇଛି।


ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ।

# ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଆବେଦନ ତାରିଖ ବୃଦ୍ଧି କରାଯାଇଛି। ଗତ ୨୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନର ଶେଷ ଦିନ ୨୪ ତାରିଖ ରହିଥିବାବେଳେ ଏବେ ଏହାକୁ ୨୯ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସେହିପରି ୨୯ ତାରିଖରୁ ସେପ୍ଟେମ୍ବର ୨ ମଧ୍ୟରେ ପରୀକ୍ଷା ଫି' ଦାଖଲ କରିବାକୁ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାନୁସାରେ, ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ କେବଳ ଗୋଟିଏ ବିଷୟରେ ଫେଲ ହୋଇଥିବା ଛାତ୍ରୀଛାତ୍ର ଏହି ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ପ୍ରାକ୍ଟିକାଲ ନ ଥିବା ବିଷୟ ଲାଗି ୫୨୦ଟଙ୍କା, ପ୍ରାକ୍ଟିକାଲ ଥିଲେ ୫୬୦ ଟଙ୍କା ଆବେଦନ ଫି' ରହିଛି। କିନ୍ତୁ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଷୟ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସେପ୍ଟେମ୍ବର ୧୩ ଓ ୧୪ରେ ପରୀକ୍ଷା ହେବ ବୋଲି ପୂର୍ବରୁ କୁହାଯାଇଥିଲା। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ୧୩ରେ ସବୁ ଥିଓରୀ ଓ ୧୪ରେ କେବଳ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ବାୟୋଲୋଜି ପାଇଁ ଅତିରିକ୍ତ ୨୦ ମିନିଟ୍ ଦିଆଯିବ। ଚଳିତବର୍ଷ ଏହି ପରୀକ୍ଷା ପାଇଁ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୧,୬୦୦ ରହିଛି। ସେପ୍ଟେମ୍ବର ୨୫ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ। ସେହିପରି ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟରେ ରିଚେକିଂ ପାଇଁ ଆବେଦନ ଅବଧିକୁ ମଧ୍ୟ ବଢ଼ାଇ ଦିଆଯାଇଛି। ସେପ୍ଟେମ୍ବର ୧୨ତାରିଖ ମଧ୍ୟରେ ଛାତ୍ରୀଛାତ୍ର ରିଚେକିଂ ପାଇଁ ଆବେଦନ କରିପାରିବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।




# ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ସାଙ୍ଗଙ୍କୁ ପଚରାଉଚରା



**ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ଘଟଣା**

- **ଭାଇରାଲ୍ ହେଉଛି ହ୍ୱାଟ୍ସଆପ୍ ଚାଟ୍‌ର ଏକାଧିକ ସ୍କ୍ରିନ୍‌ଶଟ୍**
- **ଜାତକ ଆଳ ଦେଖାଇ ବିବାହକୁ ଏଡ଼ାଉଥିଲେ ପରିବାର**

ଭୁବନେଶ୍ୱର,(ବ୍ୟୁରୋ)୨୬।୮

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରେ ରହୁଥିବା ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଫିଟାଇ ପାରୁନାହିଁ ପୋଲିସ। ଘଟଣାକୁ ୯ ଦିନ ବିତିଯାଇଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଶ୍ୱେତାଙ୍କ ପରିବାର ଲୋକ ଗୁରୁବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ। ଏଥିସହ ତଦନ୍ତରେ ସହଯୋଗ କରିବା ପାଇଁ ଶ୍ୱେତାଙ୍କ ୪ ଘନିଷ୍ଠ ସାଙ୍ଗଙ୍କ ପରିଚୟ ଓ ଫୋନ୍ ନମ୍ବର ଦେଇଥିଲେ। ତେଣୁ ପୋଲିସ ଉକ୍ତ ସାଙ୍ଗମାନଙ୍କୁ ପଚରାଉଚରା ଆରମ୍ଭ କରିଛି। ପୁରୁଷବନ୍ଧୁ ସୌମ୍ୟଜିତ୍ ମହାପାତ୍ର ଶ୍ୱେତାଙ୍କୁ ବ୍ଲାକ୍‌ମେଲ କରିଥିବାର ପ୍ରମାଣ ଯୋଗାଡ଼ କରିବାକୁ ଚେଷ୍ଟା ଚଳାଇଛି। ସେହିଭଳି ଟଙ୍କା ନେଣଦେଣ ନେଇ ପ୍ରମାଣ ପାଇବାକୁ ପୋଲିସ ଶ୍ୱେତାଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ କରୁଛି। ଏସବୁରୁ ମାମଲା ଓ ଅଭିଯୋଗ ସଂକ୍ରାନ୍ତ ପ୍ରମାଣ ପାଇବାକୁ ପୋଲିସ ଆଶା ରଖିଛି।

ଅନ୍ୟପଟେ ପୁରୁଷ ବନ୍ଧୁ ସୌମ୍ୟଜିତ୍‌ଙ୍କୁ ଦାୟୀ କରାଯାଉଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଉନାହିଁ। ତେଣୁ ତାଙ୍କର ଏଥିରେ କିଛି ଭୁଲ ରହିଥିବା ସନ୍ଦେହ କରାଯାଉଛି। ପୋଲିସ ଏ ଦିଗରେ ଠିକ୍ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଶ୍ୱେତାଙ୍କ ପରିବାର ଲୋକେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ସୌମ୍ୟଜିତ୍‌ଙ୍କ ମା'ଙ୍କୁ ଶ୍ୱେତା ହ୍ୱାଟ୍ସଆପ୍‌ରେ ପଠାଇଥିବା ମେସେଜ୍‌ର ଏକ ସ୍କ୍ରିନ୍‌ଶଟ୍ ଗୁରୁବାର ଭାଇରାଲ ହୋଇଥିଲା। ସେହିପରି ଶୁକ୍ରବାର ମଧ୍ୟ ଆଉକିଛି ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍‌ଶଟ୍ ଭାଇରାଲ ହେଉଛି। ସୌମ୍ୟଜିତ୍ ନେଇଥିବା ଟଙ୍କା ଫେରାଇ ଦିଅନ୍ତୁ ବୋଲି ଶ୍ୱେତା ଦାବି କରୁଥିବା ଦେଖାଯାଇଛି। ଏଥିସହ ସୌମ୍ୟଜିତ୍‌ଙ୍କ ମା' ଜାତକ ଆଳ ଦେଖାଇ ବିବାହ ପାଇଁ ରାଜି ହେଉ ନ ଥିଲେ ବୋଲି ଉକ୍ତ ହ୍ୱାଟ୍ସଆପ୍ ଚାଟ୍‌ରୁ ଜଣାପଡୁଛି। ହ୍ୱାଟ୍ସଆପ୍ ଚାଟ୍‌ରେ ସୌମ୍ୟଜିତ୍‌ଙ୍କ ମା'ଙ୍କୁ ଶ୍ୱେତା ଲେଖିଛନ୍ତି, ଆପଣଙ୍କ ପୁଅ ମୋବାଇଲ ପାଇଁ ମୋଠୁ ୧୨ହଜାର ନେଇଥିଲେ। ଚାକିରି ଛାଡ଼ିଲା ପରେ ରେଣ୍ଟ ଓ ଇଲେକ୍ଟ୍ରିସିଟି ବିଲ୍ ନ ଦେଇ ମୋ ରୁମ୍‌ରେ ପଡ଼ିକି ଥିଲେ। ସେ ଏବେ କାହିଁ ଡ୍ରାମା କରୁଛନ୍ତି କି ମୋତେ ବହୁତ କିଛି ଦେଇଥିଲେ। ଯଦି ଦେଉଥିଲ ତାହାଲେ ଆର୍‌ଡି ଏଫ୍‌ଡି କେମିତି ବନାଉଥିଲେ। ସେ ମୋତେ କହୁଛନ୍ତି କି, ତୁ ଯେଉଁ ଜୋତା ଓ ଟି-ଶାର୍ଟ ଦେଇଥିଲୁ ନେଇଯା। ମୁଁ ନେଇ କ'ଣ କରିବି। ମୋତେ ସେଇ ପଇସା ଦେଇଦିଅନ୍ତୁ। ହଷ୍ଟେଲ ଯିବା ଆଗରୁ ବହୁତ କିଛି ମୋ ପଇସାରେ ନେଇକି ଯାଇଛି ଓ ହଷ୍ଟେଲ ଯିବା ପରେ ବି ନେଇଛି। ସେ ମୋତେ ଏବେ କହୁଛି ତା'ପାଖରେ ୨୦ ହଜାର ଅଛି, ତା'ଠୁ ଅଧିକ ଦେଇପାରିବିନି। ତ ଆପଣ ଦେଇ ଦିଅନ୍ତୁ। ଆପଣ ବି ଝିଅ ହିସାବରେ ଅନ୍ୟ ଝିଅ ସହ ଜାତକ ଗେମ୍ ଖେଳିବା ବନ୍ଦ କରନ୍ତୁ। ଆଉ ଆପଣଙ୍କ ପୁଅକୁ କହିବେ, ପଇସା ସେଟ୍‌ଲ କରୁ। ଆଉ କେତେ ଝିଅଙ୍କ ଲାଇଫ୍ ସାଙ୍ଗରେ ଖେଳିବ ସୌମ୍ୟଜିତ୍? ସୌମ୍ୟଜିତ୍‌ଙ୍କ ମା'ଙ୍କୁ ଶ୍ୱେତା ଏପରି ଅନେକ ମେସେଜ୍ ଦେଇଛନ୍ତି। ତେଣୁ ସୌମ୍ୟଜିତ୍ ସମ୍ପର୍କ କାଟିବା ପରେ ଟଙ୍କା ନେଣଦେଣକୁ ନେଇ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପ୍ରାଚୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ସୁନ୍ଦର ବର ସୁନ୍ଦର
ବାଦ୍ୟକୁ ସୁନ୍ଦର ମହୁରୀ,
ଦୂର ଦେଶକୁ ରଜା ସୁନ୍ଦର
ସର୍ବ ସୁନ୍ଦର କଉଡ଼ି।**

ମନଚୋର ଆଖିକୁ ସୁନ୍ଦର ଲାଗିଥାଏ। ନିଜ ବର ନିଜକୁ ସୁନ୍ଦର ଦିଶିଥାଏ। ବାଦ୍ୟ ସହ ମହୁରୀ ବେଶ ସୁନ୍ଦର ମାନିଥାଏ। ଦୂର ଦେଶର ରାଜା ଦୂରରୁ ଭଲ ଜଣାପଡ଼ିଥାଏ। ସେହିପରି ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସର୍ବୋପରି ସୁନ୍ଦର ଓ ଶ୍ରେଷ୍ଠ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚିରା ଦରବାରେ ନ ଲୁଚେ ଆଣ୍ଠୁ
ଧନ ଯାକ ନେଇ ଭୂଇଁରେ ପୋତୁ।**

ସାଧାରଣତଃ କୃପଣ ବ୍ୟକ୍ତି ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ କଞ୍ଜୁସି ଦେଖାଇଥାନ୍ତି। ଏପରିକି ଭଲରେ ଖାଇବା ଓ ପିନ୍ଧିବାରେ ମଧ୍ୟ ଅନେକ କାଣ୍ଟଛାଣ୍ଟ କରିଥାନ୍ତି। ଧନ ଥାଇ ମଧ୍ୟ କୃପଣ ସ୍ୱଭାବ ବ୍ୟକ୍ତି ନିଜକୁ ସର୍ବଦା ନିର୍ଦ୍ଧନ ବୋଲି ଦେଖେଇ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୋଟିଆରେ ଇକୋ ରିଟ୍ରିଟ୍

## ଯୋଡ଼ିହେଲା ୧୦ ନୂଆ ସ୍ଥାନ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

କୋରାପୁଟ ଜିଲାର ବିବାଦୀୟ କୋଟିଆ ଏବଂ ଦେଓମାଳିରେ ଚଳିତବର୍ଷ ହେବ ଇକୋ ରିଟ୍ରିଟ୍ କ୍ୟାମ୍ପ ହେବ। କୋଟିଆ ଉପରେ ଓଡ଼ିଶାର ଅଧିକାରକୁ ଅଧିକ ଦୃଢ଼ କରିବା ଲାଗି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟରେ ୧୦ ନୂଆ ସ୍ଥାନରେ ଇକୋ ରିଟ୍ରିଟ୍ ଓ ୩ଟି ନେଚର କ୍ୟାମ୍ପ କରାଯିବ। କୋରାପୁଟ ଜିଲାର ଦେଓମାଳି, କୋଟିଆ, କଳାହାଣ୍ଡିର ଜାକାମ, ଉତ୍ତର ଶିମିଳିପାଳର ନଓ୍ୱାନ, ଫୁଲବାଣୀର ସିଲଭିକଲଚର ଗାର୍ଡେନ, ପୁରୀ ଜିଲା ଅସ୍ତରଙ୍ଗ ମୁହାଣ, ରାଇରଙ୍ଗପୁରର ଖଡ଼ାଖାଇ ଡ୍ୟାମ୍, ଗଞ୍ଜାମର ମହେନ୍ଦ୍ରଗିରି, କେନ୍ଦୁଝରର ବନଖଣ୍ଡର କାଞ୍ଜିପାଣି ଡ୍ୟାମ୍, ହଦଗଡ଼ ଡ୍ୟାମ୍‌ଠାରେ ଇକୋ ରିଟ୍ରିଟ୍ କ୍ୟାମ୍ପ ହେବ। ସେହିପରି କୋରାପୁଟର ରାଣୀ ଡୁମଡୁମା, କଟକର ଧଳତାନଗଡ଼ ଏବଂ ନୟାଗଡ଼ ବନଖଣ୍ଡ ଅଧୀନ ଝାଡ଼େଶ୍ୱର ମନ୍ଦିର ନିକଟ ମନ୍ଦରପାହାଡ଼ରେ ନେଚର କ୍ୟାମ୍ପ ଆୟୋଜନ କରାଯିବ। ରାଜ୍ୟରେ ଏବେ ୫୦ଟି ଇକୋ ରିଟ୍ରିଟ୍ କାର୍ଯ୍ୟକ୍ଷମ ରହିଥିବା ପିସିସିଏଫ୍ (ବନ୍ୟଜନ୍ତୁ) ଶଶୀ ପଲ୍ ବୈଠକରେ ସୂଚନା ଦେଇଛନ୍ତି। ଏହି ନୂଆ ୧୩ଟି ମିଶିବା ପରେ ତାହା ୬୩କୁ ବୃଦ୍ଧି ପାଇବ।

ଇକୋ ରିଟ୍ରିଟ୍ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ବଢୁଥିବାରୁ ରାଜସ୍ୱ ଆଦାୟ ମଧ୍ୟ ବୃଦ୍ଧି ପାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଇକୋ ରିଟ୍ରିଟ୍ ବିକାଶ ପାଇଁ ଅଦ୍ୟାବଧି ୯୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ୫ ବର୍ଷରେ ଇକୋ ସ୍ଥଳଗୁଡ଼ିକୁ ପର୍ଯ୍ୟଟନ ଆଗମନ ୧୪୨ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୭-୧୮ରେ ୧୧,୫୦୦, ୨୦୧୮-୧୯ରେ ୨୯,୦୨୪, ୨୦୨୦-୨୧ରେ ୫୭ ହଜାର ଏବଂ ୨୦୨୧-୨୨ରେ ୭୦,୨୧୬ ପର୍ଯ୍ୟଟକ ଇକୋ ରିଟ୍ରିଟ୍‌ରେ ଅବସ୍ଥାନ କରିଛନ୍ତି। ୨୦୧୭-୧୮ରେ ୩.୪୦ କୋଟି ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୧-୨୨ରେ ତାହା ବୃଦ୍ଧି ପାଇ ୨୨ କୋଟିରେ ପହଞ୍ଚିଛି। ଇକୋ ରିଟ୍ରିଟ୍ ସ୍ଥଳରେ ଯେପରି ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରହିବ ସେଥିଲାଗି ଇକୋ ଟୁରିଜମ୍ ସୋସାଇଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଇକୋ ଟୁରିଜମ୍ ସ୍ଥଳଗୁଡ଼ିକରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଯୋଡ଼ିବା ଜରୁରୀ। ଏହାଦ୍ୱାରା ସେମାନଙ୍କ ଜୀବନଜୀବିକା ଉନ୍ନତ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


# classifieds

**Everyday**
0674-2580101, 2549302




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73863

**Bhubaneswar Sum Hospital 6K.M.** ଦୂରରେ କଣ୍ଟାବାଡ଼ଠାରେ **NH-16A** ରୋଡ୍‌ରୁ ୧୦୦ଫୁଟ ଛାଡ଼ି **30' ROAD,** ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। **9090963952.** D-74101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital** ପାଖ ଘଘଂପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ **30' road,** ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ **develop** ହୋଇ ମିଳୁଛି। **9090963952.** D-73300




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




**3 Bed room apartment for rent at Vivekanand Marg, Owner: 7852929225.** D-1352

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA positively health benefit with expert. Contact: 7749976301. D-73859

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Fullbody relax massage refresh your body with trend therapist. 7008773793. D-73635

Newly open full body massage, ladies and gents. 7846923244. D-73956

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage ladies and gents. 8327740003, 8093860513. D-73958

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

Newly open full body massage 1099 free massage one. Mo: 9583808247. D-1164




ନବରାତ୍ର ଉପଲକ୍ଷେ ଶିରିଡ଼ିସାଇ, ଶନିସିଗ୍ନାପୁର ଓ ସପ୍ତସୃଙ୍ଗୀ ଦର୍ଶନ 27 ସେପ୍ଟେମ୍ବର। ଯୋଗାଯୋଗ- ଶ୍ରୀ ସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7078044197. D-70289

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**LOST**

I Subhra Samal, D/o Ganeswar Samal have lost my original B.Tech pass Certificate at Kunjakanta area, Dhenkanal in Xerox point. D-74008

**AFFIDAVIT**

By virtue of an affidavit sworn before the Executive Magistrate, Khariar I Yogesh Kumar Agrawal, S/o Balwant Ray Agrawal, At. Khariar, Ward No 2, Dist. Nuapada declare that in passport bearing No. J8482171 my surname has been mentioned as Agarwal and my father's name has been mentioned as Balvant Agrawal. That Yogesh Kumar Agrawal and Yogesh Kumar Agarwal S/o. Balwant Ray Agrawal and Balvant Agrawal is the same and single person. D-1359

By virtue of an affidavit sworn before the Notary Public, Berhampur, Ganjam on dated 27.12.2016, I have changed my name from Pramila Kumari Malik, written in Educational Certificate to Smt. Pramila Pradhan after my marriage on 07.07.1995, with Tarunasen Pradhan, S/o- Patita Pradhan, Village: Sandakupa, PO.- Gumamaha, P.S.- Raikia, Dist.- Kandhamal, Odisha. Henceforth I shall be known as Pramila Pradhan for all purposes. D-70288


# ବନ୍ୟାଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଛି

- **୯୦୦ ରୋଗୀ ଚିହ୍ନଟ**
- **ସରକାରଙ୍କୁ ୮୮ ସାପ କାମୁଡ଼ା ରିପୋର୍ଟ ମିଳିଛି**

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ରାଜ୍ୟରେ ମହାନଦୀ ଓ ସୁବର୍ଣ୍ଣରେଖାରେ ଦେଖାଦେଇଥିବା ବନ୍ୟାରେ ଏବେବି ୧୦୦ ଗ୍ରାମ ଜଳବନ୍ଦୀ ହୋଇ ରହିଛି। ବନ୍ୟାପାଣି ଖସି ଯାଇଥିଲେ ମଧ୍ୟ ଗତ ୧୫ ଦିନ ମଧ୍ୟରେ ବନ୍ୟାପ୍ଲାବିତ ଅଞ୍ଚଳଗୁଡ଼ିକରେ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳବାହିତ ରୋଗ ଦେଖାଦେଇଛି। ପ୍ରାୟ ୯୦୦ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ସପ୍ତାହରେ କୋରାପୁଟ ଜିଲାରେ ୭୦ ଜଣ ଝାଡ଼ାବାନ୍ତି ରୋଗୀ ଚିହ୍ନଟ ହୋଇଛନ୍ତି। ଏବେ ବି ୨୧ ଜଣ ରୋଗୀ ଚିକିତ୍ସିତ ହେଉଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନିକଟରେ ଝାଡ଼ାବାନ୍ତିରେ କାହାର ମୃତ୍ୟୁ ହେବା ଖବର ଆସି ନାହିଁ। ଏ ନେଇ ଅନୁସନ୍ଧାନ କରାଯିବ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ଶେଷ ଆଡ଼କୁ ରାଜ୍ୟର ବିଭିନ୍ନ ଜିଲାରେ ଝାଡ଼ାବାନ୍ତି ଯୋଗୁ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ। ଲଘୁଚାପ ବର୍ଷା, ବନ୍ୟା ଯୋଗୁ ଝାଡ଼ାବାନ୍ତି ବୃଦ୍ଧି ପାଇଥିଲା। ବନ୍ୟା ପ୍ଲାବିତ ଅଞ୍ଚଳରେ ପିଇବା ପାଣିର ଘୋର ଅଭାବ ଯୋଗୁ ଜଳବାହିତ ରୋଗ ବ୍ୟାପୁଛି। ଗତ ଦୁଇ ସପ୍ତାହ ଧରି ଲଗାଣ ବର୍ଷା ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ଅଞ୍ଚଳରେ ଦୂଷିତ ପାଣି ପିଇବା ଯୋଗୁ ଜଣ୍ଡିସ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ବନ୍ୟା ପାଣି ଘେରରେ ରହୁଥିବା ଲୋକମାନେ ବିଶୁଦ୍ଧ ପାଣି ମିଳୁ ନ ଥିବାରୁ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ତେବେ ପାଣି ପିଇବା ପୂର୍ବରୁ ପାଣିକୁ ଭଲ ଭାବେ ଫୁଟାଇ କିମ୍ବା ହାଲୋଜିନ ବଟିକା ପକାଇ ପିଇବାକୁ ଜିଲା ପ୍ରଶାସନ ପରାମର୍ଶ ଦେଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୩୫୦ ମେଡିକାଲ ରିଲିଫ୍ ସେଣ୍ଟର ଖୋଲାଯାଇଥିବା ବେଳେ ୧୨୦ ମୋବାଇଲ ମେଡିକାଲ ଟିମ୍ ମୁତୟନ ହୋଇଛନ୍ତି। ଲୋକମାନଙ୍କୁ ୧୦ ଲକ୍ଷ ହାଲୋଜିନ ବଟିକା ଏବଂ ୨ ଲକ୍ଷ ଓଆରଏସ୍ ପ୍ୟାକେଟ ପ୍ରଦାନ କରାଯାଇଛି ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ୧୪ ବନ୍ୟା ପ୍ରଭାବିତ ଜିଲାରୁ ୮୮ ସାପ କାମୁଡ଼ା ମାମଲା ସରକାରଙ୍କ ହସ୍ତଗତ ହୋଇଛି। ରାଜ୍ୟରେ ପ୍ରାୟ ୧୦ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ସାପ କାମୁଡ଼ାରେ କାହାରି ମୃତ୍ୟୁ ଘଟିନାହିଁ। ପ୍ରତ୍ୟେକ ବ୍ଲକରେ ସାପ କାମୁଡ଼ା ଔଷଧ (ଆଣ୍ଟିଭେନମ ଡ୍ରଗ୍ସ) ରହିଛି। ପରିସ୍ଥିତି ଉଦ୍‌ବେଗଜନକ ନାହିଁ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସୃଷ୍ଟି ହେବେ ଯୁବ ...

ଏହା ସହାୟକ ହେବ । ରାଜ୍ୟରେ ଏବେ ସୁଦ୍ଧା ୧୩୦୦ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ରହିଛି । ଏହା ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ଏଥିରୁ ୪୦ ପ୍ରତିଶତ ଷ୍ଟାର୍ଟଅପ୍‌କୁ ମହିଳା ଉଦ୍ୟୋଗୀ ଚଳାଉଛନ୍ତି। ଏହି ଯାତ୍ରା ସମୟରେ ବିଭିନ୍ନ ଅନୁଷ୍ଠାନ ତରଫରୁ ବୁଟ୍‌କ୍ୟାମ୍ପ ଆୟୋଜନ କରାଯିବ। ଓଡ଼ିଶା ହେଉଛି ନୂତନ ଚିନ୍ତାଧାରା ଓ ମେଧାବୀଙ୍କ ହବ୍। ରାଜ୍ୟରେ ଯୁବ ଉଦ୍ୟୋଗୀ ସୃଷ୍ଟି କରିବା କ୍ଷେତ୍ରରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ ଭ୍ୟାନ୍ କ୍ୟାମ୍ପେନ ଓ ବୁଟ୍‌କ୍ୟାମ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ସଚିବ ରଞ୍ଜନା ଚୋପ୍ରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ ଏବଂ ୫୦ ଜଣ ଯୁବ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଉପସ୍ଥିତ ଥିଲେ।

## ଆଜାଦ ଛାଡ଼ିଲେ ..

ମଡେଲ'। ସେ ପୂର୍ବରୁ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରଙ୍କ ସଂସ୍ଥାଗତ ଅଖଣ୍ଡତାକୁ ଧ୍ୱଂସ କରିଦେଇଥିବାବେଳେ ଏବେ କଂଗ୍ରେସକୁ ଶେଷ କରିଦେଇଛନ୍ତି। ଦଳରେ ରାହୁଲ କିମ୍ବା ତାଙ୍କ ସିକ୍ୟୁରିଟି ଗାର୍ଡ ଓ ବ୍ୟକ୍ତିଗତ ସହାୟକ (ପିଏ)ମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଉଛି। ରାହୁଲ ରାଜନୀତିକୁ ଆସିବା ପରେ ବିଶେଷକରି ୨୦୧୩ ଜାନୁୟାରୀରେ ସୋନିଆ ତାଙ୍କୁ କଂଗ୍ରେସ ଉପାଧ୍ୟକ୍ଷ ନିଯୁକ୍ତ କରିବା ପରଠାରୁ ଦୁର୍ଭାଗ୍ୟବଶତଃ ପୂର୍ବ ପ୍ରଚଳିତ ବିଚାରବିମର୍ଶ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛନ୍ତି। କଂଗ୍ରେସର ସମସ୍ତ ବରିଷ୍ଠ ତଥା ଅନୁଭବୀ ନେତାମାନଙ୍କୁ ଅଣଦେଖା କରାଯାଉଛି। ଅନଭିଜ୍ଞ ପଦଲେହନକାରୀଙ୍କ ନୂଆ କୋଟେରି ଦଳୀୟ ବ୍ୟାପାର ବୁଝୁଥିବା ଆଜାଦ ଅଭିଯୋଗ ଆଣିଛନ୍ତି। କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ଦାବି କରିଆସିଥିବା ଅସନ୍ତୁଷ୍ଟ ଗୋଷ୍ଠୀ ଜି-୨୩ର ସଦସ୍ୟ ଆଜାଦ ଆହୁରି କହିଛନ୍ତି, ସର୍ବପୁରାତନ ଦଳ ନିଜ ରାଜନୈତିକ ପତିଆରାକୁ ଭାଜପା ଏବଂ ରାଜ୍ୟସ୍ତରୀୟ ଆଞ୍ଚଳିକ ଦଳଗୁଡ଼ିକ ଆଗରେ ସମର୍ପି ଦେଇଛି। ବିଗତ ୮ ବର୍ଷ ମଧ୍ୟରେ ଦଳୀୟ ନେତୃତ୍ୱ ଜଣେ ଅସମ୍ବେଦନଶୀଳ ବ୍ୟକ୍ତିଙ୍କୁ କଂଗ୍ରେସର ସବୁ ନିଷ୍ପତ୍ତି ନେବା ପାଇଁ ଛାଡ଼ିଦେଇଥିବାରୁ ଏପରି ଘଟୁଛି। ଏଥିଯୋଗୁ ଅର୍ଦ୍ଧଶତାବ୍ଦୀ ଧରି ଜଡ଼ିତ ଭାରତୀୟ ଜାତୀୟ କଂଗ୍ରେସର ପ୍ରାଥମିକ ସଦସ୍ୟତା ଓ ଅନ୍ୟ ପଦବୀଗୁଡ଼ିକରୁ ଅତି ଦୁଃଖର ସହ ସେ ଇସ୍ତଫା ଦେଇଥିବା ନେଇ ସୋନିଆଙ୍କ ନିକଟକୁ ପଠାଇଥିବା ନିଜ ପତ୍ରରେ ଗୁଲାମନବୀ ଅବଗତ କରାଇଛନ୍ତି। ଏହି ଅବସରରେ ସେ କଂଗ୍ରେସର ନୂଆ ଅଧ୍ୟକ୍ଷ ଚୟନ ପାଇଁ ଚାଲିଥିବା ନିର୍ବାଚନକୁ ଏକ ପ୍ରହସନ ଓ ଛଳନା ଭାବେ ଅଭିହିତ କରି କହିଛନ୍ତି, ଦେଶର କୌଣସି ସ୍ଥାନରେ ସଙ୍ଗଠନର କୌଣସି ସ୍ତରରେ ନିର୍ବାଚନ କରାଯାଉନାହିଁ। ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି)ର କେତେଜଣ ହାତଗଣତି ଲ୍ୟୁଟ୍‌ନାଣ୍ଟଙ୍କୁ ଏହି କୋଟେରି ଦ୍ୱାରା ପ୍ରସ୍ତୁତ ତାଲିକାରେ ସ୍ୱାକ୍ଷର କରିବାକୁ ବାଧ୍ୟ କରାଯାଉଛି। ୨୪, ଆକବର ରୋଡ୍‌ରେ ଏହି କୋଟେରି ଏଆଇସିସି ବୈଠକ ପରିଚାଳନା କରୁଛନ୍ତି। ବୁଥ୍, ବ୍ଲକ୍, ଜିଲା କିମ୍ବା ରାଜ୍ୟ ସ୍ତରରେ କେବେ ଭୋଟର ତାଲିକା ପ୍ରକାଶ ପାଇନାହିଁ। ଏଆଇସିସି ନେତୃତ୍ୱଙ୍କ ଏଭଳି ବୃହତ୍ ପ୍ରବଞ୍ଚନା ଯୋଗୁ ଏକଦା ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ଦଳ ଏବେ ଧ୍ୱଂସାଭିମୁଖୀ ହୋଇଛି। ବାସ୍ତବରେ 'ଭାରତ ଯୋଡ଼ୋ ଯାତ୍ରା' ପୂର୍ବରୁ ଦଳୀୟ ନେତୃତ୍ୱ ଦେଶବ୍ୟାପୀ 'କଂଗ୍ରେସ ଯୋଡ଼ୋ' ଅଭିଯାନ ଚଳାଇବା ଦରକାର ଥିଲା ବୋଲି ଆଜାଦ କହିଛନ୍ତି।

କଂଗ୍ରେସ ମିଡିଆ ବିଭାଗ ମୁଖ୍ୟ ପବନ ଖେରା ନିଜ ପୂର୍ବତନ ସହକର୍ମୀଙ୍କୁ ଟାର୍ଗେଟ କରି କହିଛନ୍ତି, ଆଜାଦ ରାଜ୍ୟ ସଭାରୁ ଅବସର ନେବା ପରେ ଅସହାୟ ହୋଇପଡ଼ିଥିଲେ। ସେ ବିନା କ୍ଷମତାରେ ଗୋଟିଏ ସେକେଣ୍ଡ ବି ରହିପାରିବେ ନାହିଁ ବୋଲି ସମାଲୋଚନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସକାଳୁ ସକାଳୁ ପ୍ରୀତିପ୍ରଦ ଯାତ୍ରା କରିବାର ଅପୂର୍ବ ସୁଯୋଗ ଲାଭ କରିବେ। ପୂର୍ବାହ୍ନର ଶେଷଭାଗରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ । ବନ୍ଧୁମାନଙ୍କ ସହ ଖୁସି ମିଜାଜରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ମୁଣ୍ଡ ଖେଳାଇଲେ ଅଯଥା ସମାଲୋଚିତ ହେବାକୁ ପଡ଼ିପାରେ।

**ବୃଷ**

କର୍ମକ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇ ମୂଳଲକ୍ଷ୍ୟକୁ ପାସୋରି ଦେଇପାରନ୍ତି। ପରିବାରରେ ଖର୍ଚ୍ଚ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହୋଇପାରେ । କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ଲେଖାପଢ଼ା, ଗବେଷଣା କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାମାଜିକ ସ୍ତରରେ ପୂର୍ବ ସମ୍ପର୍କକୁ ନେଇ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ମିଥୁନ**

ଆଜି ସକାଳୁ ପ୍ରତୀକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହୋଇଯିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପୂର୍ଣ୍ଣ କରିବା ସକାଶେ ଦୃଢ଼ ପଦକ୍ଷେପ ନେଇପାରନ୍ତି। ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ସୁପ୍ରଭାବରୁ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ନେଇ ବିବାଦୀୟ ଘଟଣାର ଅବସାନ ଘଟାଇପାରନ୍ତି।

**କର୍କଟ**

ସାଧାରଣ କଥାକୁ ନେଇ ମନ ଉତ୍ତେଜନାପୂର୍ଣ୍ଣ ରହିବ ଏବଂ ଯୁକ୍ତିତର୍କ ପରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସୁଖ, ଶାନ୍ତି ଅବ୍ୟାହତ ରଖିବାକୁ ଚେଷ୍ଟା କରି ସଂଯତ ରହିବା କଷ୍ଟକର ହେବ। ନିଜ କାମକୁ ପଛରେ ପକାଇ ଅନ୍ୟ ଚିନ୍ତାରେ ସମୟ କଟାଇବେ।

**ସିଂହ**

ଅଭାବ ଅସୁବିଧା ନ ଥିଲେ ମଧ୍ୟ କାମଗୁଡ଼ିକ ଶୃଙ୍ଖଳିତ ହୋଇପାରିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସଭାସମିତି କାର୍ଯ୍ୟରେ ସଫଳତା ହାସଲ କରିବେ।

**କନ୍ୟା**

ବିଭିନ୍ନ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ସ୍ଥଗିତ କାମକୁ ପୂରାଦମରେ କରିଚାଲିବେ। ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ନ ଦେଇ ଆତ୍ମନିର୍ଭରଶୀଳ ହୋଇ ପାରନ୍ତି। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସୂଚନା ରହିଛି। ନିଜ ପରିସରରେ ପ୍ରତିଷ୍ଠିତ ହେବେ ଏବଂ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**ତୁଳା**

ନିଜର ସ୍ଥିତିକୁ ସମୀକ୍ଷା କରିବା କାରଣରୁ ବ୍ୟୟ ଭାର କ୍ରମଶଃ କମି ଆସିବ। ଶାରୀରିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି ଘଟିବା ହେତୁ ମାନସିକ ସ୍ଥିରତା ଠିକ୍ ରହିନପାରେ। ସାଧାରଣ କଥାକୁ ବନ୍ଧୁମାନେ ଅତିରିକ୍ତ କରି ପାରନ୍ତି। କର୍ମକ୍ଷେତ୍ରରେ ପୂର୍ଣ୍ଣ ସନ୍ତୋଷ ପାଇବା କାଠିକର ପାଠ ହୋଇପାରେ।

**ବିଛା**

ବିଭିନ୍ନ ସମସ୍ୟା ମଧ୍ୟରେ ବାନ୍ଧି ହୋଇପଡ଼ିବେ କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ପରୋକ୍ଷ ଶତ୍ରୁତା ହେତୁ ପ୍ରତ୍ୟେକ କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟକ୍ରମରେ ଅନୁରାଗୀ ହେବେ।

**ଧନୁ**

ସମ୍ପର୍କୀୟ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି । ବନ୍ଧୁଙ୍କ ବଦାନ୍ୟତା ହେତୁ ପରିବହନ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଭ୍ୟୁଦୟ ଘଟିବ । ପୁରାତନ ରୋଗପୀଡ଼ାରୁ ସାମୟିକ ଉପଶମ ପାଇବାର ସୂଚନା ରହିଛି ।

**ମକର**

ସମସ୍ୟା ଆସିଲେ ମଧ୍ୟ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଅଫିସ୍‌ରେ ଫାଇଲ୍ କାମ ସଜାଡ଼ିବାରେ ଅପେକ୍ଷାକୃତ ଅସୁବିଧା ଭୋଗିବେ। ମାଲି ମକଦ୍ଦମାରେ ସଫଳତା ଅବଶ୍ୟ ମିଳିବ।

**କୁମ୍ଭ**

ସତର୍କତା ଅଭାବରୁ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ଆତ୍ମୀୟସ୍ୱଜନ କ୍ରମଶଃ ଦୂରେଇଯିବାର ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବାରୁ ବ୍ୟସ୍ତତା ବୃଦ୍ଧିର ସମ୍ଭାବନା ଦେଖାଦେବ।

**ମୀନ**

ଆଜିର ଯାତ୍ରା ମଙ୍ଗଳମୟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବାଧାବିଘ୍ନ ଆସିଲେ ମଧ୍ୟ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସାମାନ୍ୟ ପରିଶ୍ରମରେ ବେଶି ସଫଳତା ପାଇବେ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

# ଇଏସ୍ଆଇସି ଡାକ୍ତରଖାନା ମାଣତିରାରେ ୫ ଏକର ଜମି ଚିହ୍ନଟ

■ ଗୃହ ନିର୍ମାଣ ପାଇଁ ସିପିଡବ୍ଲ୍ୟୁକୁ ଦାୟିତ୍ୱ ନ୍ୟସ୍ତ

■ ୮ ବର୍ଷ ପରେ ଶ୍ରମିକଙ୍କ ଦାବି ପୂରଣ ଆଶା ଉଜ୍ଜୀବିତ

ଯାଜପୁର ଅଫିସ,୨୬।୮

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ ପ୍ରତୀକ୍ଷିତ ୧୦୦ ବେଡ୍ ବିଶିଷ୍ଟ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ହସ୍ପିଟାଲ ସ୍ଥାପନ ଚୂଡ଼ାନ୍ତ ହୋଇଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଅନ୍ତର୍ଗତ ଓଡ଼ିଶା କ୍ଷେତ୍ରୀୟ ଇଏସ୍ଆଇସିର ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥ ସାରଥି ପଣ୍ଡା ଗୁରୁବାର ଯାଜପୁର ଗସ୍ତ କରି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଆଲୋଚନା କରି ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିଛନ୍ତି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଦାନଗଦି ତହସିଲ ଅନ୍ତର୍ଗତ ମାଣତିରାଠାରେ ଏଥିପାଇଁ ଆବଶ୍ୟକ ୫ ଏକର ଜମି ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦେଇଛନ୍ତି। ସେହିପରି ନିର୍ଦ୍ଦେଶକ ପଣ୍ଡା ତୁରନ୍ତ ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସିପିଡବ୍ଲ୍ୟୁ (ସେଣ୍ଟ୍ରାଲ ପବ୍ଲିକ ୱାର୍କ ଡିପାର୍ଟମେଣ୍ଟ)କୁ ସ୍କେଚ ମ୍ୟାପ ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

ପ୍ରଥମେ କଳିଙ୍ଗନଗର ଶିଳ୍ପାଞ୍ଚଳ ଡୁବୁରୀଠାରେ ଏହି ହସ୍ପିଟାଲ ନିର୍ମାଣ କରିବାକୁ ପ୍ରସ୍ତାବ ରହିଥିଲା। ଏଥିପାଇଁ ଜମି ଚିହ୍ନଟ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ୮ ବର୍ଷ ହେଲା ଜମି ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ପାରି ନ ଥିଲା। ଏନେଇ ସୁକିନ୍ଦା ଓ ଦାନଗଦି ତହସିଲ ଅଧୀନରେ ଚିହ୍ନଟ ହୋଇଥିବା ୩ ସ୍ଥାନର ୫ ଏକର ଲେଖାଏ ଜମି ସଂକ୍ରାନ୍ତରେ ଜଏଣ୍ଟ ଭେରିଫିକେଶନ ଟିମ୍ ୪।୨।୨୦୨୦ରେ ରିପୋର୍ଟ ଦାଖଲ କରିଥିଲେ। ଯାଜପୁର ଜିଲାରେ ଫେରୋକ୍ରୋମ, ପଙ୍କପାଳ ଓ ଧାନମଣ୍ଡଳଠାରେ ଗୋଟିଏ ଲେଖାଏ ଇଏସ୍ଆଇସି ଡିସପେନସରୀ ରହିଛି। ହେଲେ ଆବଶ୍ୟକ ଡାକ୍ତର ଅଭାବରୁ ଶ୍ରମିକମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ବୀମାଭୁକ୍ତ ଓ ତାଙ୍କ ପରିବାରବର୍ଗଙ୍କ ଚିକିତ୍ସା ପାଇଁ ଜିଲାରେ ଏକ ହସ୍ପିଟାଲ ସ୍ଥାପନ କରିବାକୁ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ଏବଂ ଅଶ୍ୱିନୀ ଧଳ ବିଭିନ୍ନସ୍ତରରେ ଅଭିଯୋଗ କରି ଆସୁଥିଲେ। ଏନେଇ ଧରିତ୍ରୀରେ ମଧ୍ୟ ଏକାଧିକ ଥର ଖବର ପ୍ରକାଶ ପାଇଥିଲା। ଶ୍ରମିକ ନେତା ରାଉତ ୧୦।୮।୨୦୨୨ରେ ନିର୍ଦ୍ଦେଶକ ପଣ୍ଡାଙ୍କୁ ସାକ୍ଷାତ କରି ରାଜ୍ୟରେ ଇଏସଆଇସିର ପରିସ୍ଥିତି ଓ ଉପଭୋକ୍ତାମାନଙ୍କ କେତେକ ସମସ୍ୟା ଉପରେ ଅବଗତ କରିଥିଲେ। ଏଥିସହିତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଏସଆଇର ଭିତ୍ତିଭୂମି ସୁଦୃଢ଼ କରିବା ସହ ତୁରନ୍ତ ମେଡିକାଲ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ଏହି ଅନୁରୋଧ ଉପରେ ନିର୍ଦ୍ଦେଶକ ପଣ୍ଡା ଧ୍ୟାନ ଦେବେ ବୋଲି କହି ଖୁବଶୀଘ୍ର ଯାଜପୁର ଗସ୍ତ କରିବେ ବୋଲି କହିଥିଲେ। ଏହିକ୍ରମରେ ଦାବି ଚୂଡ଼ାନ୍ତ ହୋଇଥିବାରୁ ଶ୍ରମିକ ନେତା ରାଉତ ଫୋନ ଯୋଗେ ସାଧୁବାଦ ଜଣାଇବା ସହ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଶେଷକରି ଧରିତ୍ରୀରେ ଏନେଇ ସବିଶେଷ ତଥ୍ୟ ସହ ଖବର ପ୍ରକାଶ ପାଇଥିବାରୁ ଶ୍ରମିକ ନେତା ରାଉତ ଧରିତ୍ରୀକୁ ସାଧୁବାଦ ଜଣାଇଛନ୍ତି।

# ଭାଲୁ ଭୟରେ ଆତଙ୍କିତ ଗ୍ରାମବାସୀ



ଭାଲୁ ତା' ଛୁଆଙ୍କୁ ଧରି ଯାତାୟାତ କରୁଛି।

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତ କମ୍ପିରା ଗ୍ରାମରେ ଜଙ୍ଗଲୀ ଭାଲୁ ବାହାରିବା ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଢେଙ୍କାନାଳର ନିଶ୍ଚିନ୍ତା ଜଙ୍ଗଲରୁ ଏକ ଭାଲୁ ଗତ ଦୁଇମାସ ହେବ ଆସି ସିହା ଜଙ୍ଗଲରେ ରହି ଦୁଇ ଛୁଆ ଜନ୍ମ ଦେଇଛି। ତେଣୁ ଭାଲୁଟି ଏହି ଛୁଆଙ୍କୁ ଧରି ଦୁଇଦିନ ହେବ କମ୍ପିରା ଗ୍ରାମର ବିଭିନ୍ନ ଚାଷଜମିକୁ ଯିବା ଦ୍ୱାରା ସ୍ଥାନୀୟ ଲୋକେ ଆତଙ୍କିତ ହୋଇଛନ୍ତି। ଭାଲୁଟି ରାସ୍ତା ଓ ନାଳଦେଇ ଅତିକ୍ରମ କରିବା ଯୋଗୁ ଛୋଟ ପିଲାଙ୍କଠାରୁ ମହିଳାମାନେ ଭୟରେ ପଦାକୁ ବାହାରୁ ନାହାନ୍ତି। ଏସମ୍ପର୍କରେ ଗ୍ରାମବାସୀ ଖବରଦେବା ପରେ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ କେତେକ ଫରେଷ୍ଟ ଗାର୍ଡ ସେଠାରେ ଜଗିରହିଛନ୍ତି। ତେବେ ଭାଲୁଟି ଏପର୍ଯ୍ୟନ୍ତ କାହାର କିଛି କ୍ଷତି କରିନାହିଁ। କିଛିଦିନ ତଳେ ନିକଟସ୍ଥ ଭଷଣ୍ଡପୁରଠାରେ ଏକ ବାରହା ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ସେହି ଭୟରେ ଗ୍ରାମବାସୀ ଭୟାତୁର ହୋଇଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ବେହେରା କହିଛନ୍ତି, ଭାଲୁଟି ଛୁଆ ଜନ୍ମ କରିଥିବା ହେତୁ ଆମ ଗାର୍ଡମାନେ ସେଠାରେ ଜଗିରହିଛନ୍ତି। ଖୁବଶୀଘ୍ର ତାକୁ ଜଙ୍ଗଲ ମଧ୍ୟକୁ ଛାଡ଼ି ଦିଆଯିବ।

# ହରିପୁର ବଜାରରେ ବେଆଇନ ଔଷଧ ଦୋକାନ, କ୍ଲିନିକ୍

■ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ

■ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି

ରସୁଲପୁର,୨୬।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ହରିପୁର ବଜାରରେ ବହୁ ବେଆଇନ ଔଷଧ ଦୋକାନ ଓ କ୍ଲିନିକ୍ ଗଢ଼ି ଉଠିଛି। ଏହି ଜରିଆରେ ଚିକିତ୍ସା କ୍ଷେତ୍ରରେ ଅନଭିଜ୍ଞ ଓ ଡାକ୍ତରୀ ଡିଗ୍ରୀ ନ ଥିବା(କ୍ୱାକ୍)ମାନେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏ ନେଇ ସ୍ଥାନୀୟ ହରିପୁର ଅଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମାତ୍ର ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ବେଆଇନ କାରବାରକୁ ନେଇ ହରିପୁର ଅଞ୍ଚଳ ଜନସାଧାରଣ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆତୁଳ ଚନ୍ଦ୍ର ବାରିକ, ଲକ୍ଷ୍ମୀକାନ୍ତ ଦାସ, ସନ୍ତୋଷ ବରାଳ, ହେମନ୍ତ ନାୟକ, ପ୍ରଫୁଲ ପୃଷ୍ଟିଙ୍କ ସମେତ ବହୁ ଜନସାଧାରଣ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତକରି ଅଭିଯୋଗ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ହରିପୁର ବଜାରରେ କୌଣସି କ୍ଲିନିକ୍ ଖୋଲିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଭିଯୋଗକାରୀଙ୍କୁ କହିଛନ୍ତି। ତେବେ କେଉଁ ଭଳି ସ୍ଥିତିରେ ଏହି ବଜାରରେ ବେଆଇନ ଭାବେ ଏତେ ସଂଖ୍ୟକ କ୍ଲିନିକ ଓ ବେଆଇନ ଔଷଧ ଦୋକାନ ଗଢି ଉଠିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହରିପୁର ବଜାର ନିକଟରେ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ଡାକ୍ତରଖାନା ଯୋଗୁ ହରିପୁର ବଜାର ଓ ବରୁଆଁ ଛକ ନିକଟ ପର୍ଯ୍ୟନ୍ତ ଲମ୍ବିଥିବା ୨/୩ କି.ମି. ଦୀର୍ଘ ବଜାର ମଧ୍ୟରେ ଏକାଧିକ ଔଷଧ ଦୋକାନ ଚାଲିଛି। ସେସବୁ ଗୁଡିକ ମଧ୍ୟରୁ ଅଧିକାଂଶ ଭଡ଼ାଘରେ ଚାଲିଛି। ଦୋକାନୀ ଅନ୍ୟ ନାମରେ ଥିବା ଲାଇସେନ୍ସକୁ ବ୍ୟବହାର କରୁଥିବା ବେଳେ ଅନଭିଜ୍ଞ ବ୍ୟକ୍ତିମାନେ ଔଷଧ କାରବାର କରୁଛନ୍ତି। ଦୋକାନ ନିକଟରେ କ୍ଲିନିକ୍ ଖୋଲି ରୋଗୀଙ୍କୁ ସେବା ପ୍ରଦାନ କରୁଛନ୍ତି। କ୍ଲିନିକ୍ ଜରିଆରେ ସପ୍ତାହକୁ ଜଣେ କି ଦୁଇଜଣ ଡାକ୍ତର ଆଣି ରୋଗୀ ଚିକିତ୍ସା କରାଉଥିବାବେଳେ ବାକି ଦିନରେ ଡାକ୍ତରୀ ଅଭିଜ୍ଞତା ଓ ଡିଗ୍ରୀ ହାସଲ କରି ନ ଥିବା ବ୍ୟକ୍ତି ଚିକିତ୍ସା କରିବା ଆଳରେ ଲୋକଙ୍କୁ ଅସୁବିଧା ଭିତରକୁ ଠେଲି ଦେଉଛନ୍ତି। ବିନାକାରଣରେ ଅନାବଶ୍ୟକ ଓ ଅଧିକ ଦାମର ଔଷଧ ଲେଖି ରୋଗୀଙ୍କଠାରୁ ଅର୍ଥ ଶୋଷଣ କରୁଛନ୍ତି। ବେନାମୀ କମ୍ପାନୀର ଔଷଧ ବିକ୍ରି କରିବା ସହ ବିଭିନ୍ନ ଔଷଧ କମ୍ପାନୀରୁ ମିଳୁଥିବା ସାମ୍ପଲ ଔଷଧଗୁଡିକୁ ବିକ୍ରି କରି ଲାଭବାନ ହେଉଛନ୍ତି। ବଜାରର ବିଭିନ୍ନ ସ୍ଥାନରେ କ୍ୱାକ୍ଙ୍କ ଦ୍ୱାରା ରୋଗୀ ସେବା କରାଯାଉଥିବାରୁ ଗରିବ ଶ୍ରେଣୀର ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ସେମାନେ ଆରୋଗ୍ୟଲାଭ ବଦଳରେ ଅସୁସ୍ଥ ହୋଇ ବଡ଼ ଡାକ୍ତରଖାନାକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ନଜିର ରହିଛି ବୋଲି ଅଭିଯୋଗ ହେଉଛି। ଏଭଳି ଘଟଣା ରାଜପଥ ପାର୍ଶ୍ୱରେ ଘଟୁଛି। ତାହା ପୁଣି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୬ କି.ମି. ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୮ କି.ମି. ଦୂରରେ। ମାତ୍ର ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ତେଣୁ ପ୍ରଶାସନ ତୁରନ୍ତ ବେଆଇନ କାରବାରକୁ ବନ୍ଦ କରିବାକୁ ଅଭିଯୋଗକାରୀ ଦାବି କରିଛନ୍ତି।

# ଭୂତଳ ଜଳ ନିମ୍ନଗାମୀ: ଏଏସ୍ପିଙ୍କ ତଦନ୍ତ

**ପଙ୍କପାଳ ପଞ୍ଚାୟତ**

■ ଅଭିଯୋଗକୁ ଲୁଚାଇବାର ପ୍ରୟାସ

କଳିଙ୍ଗନଗର,୨୬।୮(ଡି.ଏନ.ଏ.)

ବର୍ଷା ମାସରେ ବି ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ସହ ପାନୀୟ ଜଳର ଅଭାବକୁ ନେଇ କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତବାସୀଙ୍କ ଅଭିଯାଗ ଉପରେ ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ଅନୁସାରେ ମିଶ୍ରିଲାଲ କମ୍ପାନୀ ୪ରୁ ଉର୍ଦ୍ଧ୍ୱ ବୋରୱେଲ ଖନନ କରି ଭୂତଳ ଜଳ ଶୋଷୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ କଳିଙ୍ଗନଗର ଅତିରିକ୍ତ ଏସ୍ପି ସାଲଭାରିୟସ ଟପ୍ପୋ ଏବଂ ପଙ୍କପାଳ ସରପଞ୍ଚ ସ୍ମୃତିରଞ୍ଜନ ଜେନା କମ୍ପାନୀ ପରିସରକୁ ଯାଇ ତଦନ୍ତ କରିଥିଲେ। ସରପଞ୍ଚ ଜେନାଙ୍କ କହିବା ଅନୁଯାୟୀ ପଙ୍କପାଳ ପଞ୍ଚାୟତର ପଙ୍କପାଳ, ଜଟରାପାଳ, ଘୁଷୁରୀସାଇ, ହନୁମନ୍ତ ପାଟଣା, ନୂଆ ରାଇଛନ୍ଦା, ମନୋହରପୁର, ଅସନବାହାଳି ପ୍ରଭୃତି ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ଗତ ଜୁଲାଇରେ ଯାଜପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜଳସ୍ତର ନିମ୍ନଗାମୀ ହେବା ଫଳରେ ଲୋକମାନେ କୂଅ ଏବଂ ପୋଖରୀର ପାଣି ବ୍ୟବହାର କରି ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଶିଳ୍ପାଞ୍ଚଳର ଖୋଲା କୂଅ ଓ ପୋଖରୀରେ ବିଭିନ୍ନ କାରଖାନାର ଦୂଷିତ ପାଣି, ଧୂଳି ଧୂଆଁ ପଡ଼ି ଅଧିକ ପ୍ରଦୂଷିତ ହେଉଛି, ଯାହା ପାନୀୟ ଉପଯୋଗୀ ନୁହେଁ। ଏଭଳିସ୍ଥିତିରେ ଲୋକମାନେ ଭୂତଳ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଅତିରିକ୍ତ ଏସପି ଟପ୍ପୋଙ୍କ କହିବା ଅନୁସାରେ କମ୍ପାନୀ ପରିସରରେ ଗୋଟିଏ ବୋରୱେଲ ରହିଛି। ଅନ୍ୟପକ୍ଷେ ସରପଞ୍ଚ ଜେନାଙ୍କ କହିବା ଅନୁସାରେ କମ୍ପାନୀ ପରିସରରେ ୪ରୁ ଉର୍ଦ୍ଧ୍ୱ ବୋରୱେଲ ରହିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଭୟରେ ସେଗୁଡିକୁ ଲୁଚାଇ ରଖାଯାଉଛି। ଏହି ବେଆଇନ କାର୍ଯ୍ୟରେ ଜଳ ସମ୍ପଦ ବିଭାଗର ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି। ତେଣୁ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବତା ଜଣାପଡ଼ିବ ବୋଲି ସରପଞ୍ଚ ଦାବି କରିଛନ୍ତି।

# ପାନାମା ପଣ୍ୟବାହୀ ଜାହାଜକୁ ମୁକ୍ତକର: ହାଇକୋର୍ଟ

## ୨ କୋଟିରୁ ଉର୍ଦ୍ଧ୍ୱ ଅମାନତ ରାଶି ଦାଖଲ

କଟକ ଅଫିସ,୨୬।୮

ବ୍ୟବସାୟିକ ବିବାଦକୁ ନେଇ ପାରାଦୀପ ବନ୍ଦରରେ ଅଟକ ରଖାଯାଇଥିବା ପାନାମାର ପଣ୍ୟବାହୀ ଜାହାଜ 'ଏମ୍ଭି ମେରାଇନ୍ ହର୍ନବିଲ୍ (ଆଇଏମ୍ଓ ନଂ- ୯୫୯୪୩୬୫)'କୁ ମୁକ୍ତ କରିବା ପାଇଁ ଶୁକ୍ରବାର ହାଇକୋର୍ଟ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଜାହାଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ୨ କୋଟି ୧୧ ଲକ୍ଷ ୩୬ ହଜାର ୪ ଶହ ୮୭ ଟଙ୍କାର ଅମାନତ ରାଶି ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜୁଡିସିଆଲଙ୍କ ନାମରେ ଦାଖଲ କରାଯାଇଛି। ତେବେ ମାମଲାର ରାୟ ଆସିବା ପର୍ଯ୍ୟନ୍ତ ଉକ୍ତ ଅର୍ଥରାଶିକୁ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ୱଳ୍ପ ଅବଧି ଜମା ଭାବେ ଜମା ରଖିବାକୁ ବିଚାରପତି ଭି. ନରସିଂହ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସଂସ୍ଥା ପକ୍ଷରୁ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଥିବାବେଳେ ବି.ଏନ୍. ମହାନ୍ତି, ଏଚ୍.ଏସ୍. ମୁଦୁଲି ଓ ଡି. ଆନନ୍ଦ ମିଶ୍ର ତାଙ୍କୁ ସହଯୋଗ କରୁଛନ୍ତି। ସେହିପରି ଅପରପକ୍ଷରୁ ଆଇନଜୀବୀ ଏସ୍.ପି. ମିଶ୍ର ମାମଲା ପରିଚାଳନା କରୁଥିବାବେଳେ ବି. ମିଶ୍ର ସହଯୋଗ କରୁଛନ୍ତି। କକେଟ ମେରାଇନ୍(ଏସିଆ) ପକ୍ଷରୁ ୨,୬୭,୨୨୦ ଆମେରିକୀୟ ଡଲାର ଦାବି କରାଯାଇ ଏମ୍ଭି ମେରାଇନ୍ ହର୍ନବିଲ ବିରୋଧରେ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ଜାହାଜଟି ପାରାଦୀପ ବନ୍ଦରରୁ ଗତ ୧୮ ତାରିଖରେ ଯାତ୍ରା ଆରମ୍ଭ କରିବାର ଥିଲା। ତେବେ ଆବେଦନକାରୀଙ୍କ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ କରାଯାଇଥିବା ଆବେଦନର ଗୁରୁତ୍ୱକୁ ଉପଲବ୍ଧି କରି ହାଇକୋର୍ଟ ଜାହାଜକୁ ଅଟକ ରଖିବା ନିମନ୍ତେ ଗତ ୧୭ ତାରିଖରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-340ETR, ତା. 18.08.2022

**କାର୍ଯ୍ୟର ନାମ :** ତାଳଚେର-ସମ୍ବଲପୁର ମାର୍ଗର ଡବଲ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ସମ୍ବଲପୁର ସିଟି-ମାନେଶ୍ୱର ସେକ୍ସନରେ କି.ମି.8/2 ଠାରୁ କି.ମି.11/2 ପର୍ଯ୍ୟନ୍ତ 33KV ଓଭର ହେଡ୍ ଫିଡ଼ର ଲାଇନ୍ (IOCL ଫିଡର)ର ସ୍ଥାନାନ୍ତରଣ ଏବଂ ତାଳଚେର-ବିମଳାଗଡ଼ ନୂଆ BG ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ପରବିଲ-ଶ୍ରୀରାମପୁର ସେକ୍ସନ ମଧ୍ୟରେ କି.ମି.27 ଠାରୁ କି.ମି.52 ପର୍ଯ୍ୟନ୍ତ ଇଲେକ୍ଟ୍ରିକାଲ ପାୱାର ଲାଇନ୍ କ୍ରସିଙ୍ଗର ରୂପାନ୍ତରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 90.76 ଲକ୍ଷ, EMD (ଟଙ୍କାରେ) : 1,81,500/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.09.2022 ରିଖ 1200 ଘଣ୍ଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ । ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଅନୁଗୁଳ

PR-79/CF/22-23

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ୦୮-ଟେଣ୍ଡର-ଇଏଲ୍-ସିଓଏନ୍-ଏସ୍ଇସିଆର୍-ବିଏସ୍ପି-୨୦୨୨, ତାରିଖ: ୧୮।୦୮।୨୦୨୨ । କାର୍ଯ୍ୟର ନାମ: "ବିଳାସପୁରଠାରେ ସିଏଓ/ସିଓଏନ୍, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥଙ୍କ କାର୍ଯ୍ୟାଳୟ ପାଇଁ ନୂଆ ବହୁତଳ ଗ୍ରୀନ୍ ବିଲ୍ଡିଂ ନିମନ୍ତେ ଇଲେକ୍ଟ୍ରିକାଲ ସବ୍-ଷ୍ଟେଶନ (୨x୫୦୦ କେଭିଏ, ୧୧/୦.୪୪୦ କେଭି) ଏବଂ ଏଚ୍ଭିଏସି ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୩୯,୭୭,୪୦୬/- (₹ ଏକକୋଟି ଅଣଚାଳିଶ ଲକ୍ଷ ସତସ୍ତରି ହଜାର ଚାରିଶହ ଛଅ) ମାତ୍ର । ଇଏମ୍ଡି: ₹୨,୧୯,୯୦୦/- (₹ ଦୁଇ ଲକ୍ଷ ଉଣେଇଶ ହଜାର ନଅଶହ) ମାତ୍ର ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୨।୦୯।୨୦୨୨ରିଖ ୧୫.୩୦ ଘଣ୍ଟିକା । ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୧୨।୦୯।୨୦୨୨ରିଖ ୧୫.୪୫ ଘଣ୍ଟିକାରେ । ସମାପ୍ତି ଅବଧି: ଏଲ୍ଓଏ ଜାରି ହେବା ତାରିଖରୁ ୧୨ (ବାର) ମାସ ।

ୱେବସାଇଟ୍ ବିବରଣୀ ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି: ଇ-ଟେଣ୍ଡର କାଗଜପତ୍ର ସମ୍ପର୍କରେ ଅଧିକ ବିବରଣୀ/ସମ୍ବନ୍ଧିତ ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ ।

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)/ବିଳାସପୁର

CPR/10/192

South East Central Railway @secrail

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

**ବଲ୍କ ବିଜ୍ଞାପନ ଅଧିକାର ପାଇଁ ଇ-ନିଲାମ**

**ଆସେଟ୍‌ଗୁଡ଼ିକର ବିବରଣୀ :** 05 (ପାଞ୍ଚ) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ଷ୍ଟେସନ ବ୍ୟତୀତ ସମ୍ବଲପୁର ମଣ୍ଡଳ ପରିସୀମାର ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଏବଂ ଏରିଆ ଠାରେ ରେଳ ଷ୍ଟେସନଗୁଡ଼ିକର ପରିଚାଳନ କ୍ଷେତ୍ର, ଲେଭେଲ କ୍ରସିଙ୍ଗ୍ ଫାଟକ, ରୋଡ଼ ଓଭର ବ୍ରିଜ୍ / ରୋଡ଼ ଅଣ୍ଡର ବ୍ରିଜ୍ ଏବଂ ରେଲୱେ ଟ୍ରାକ୍ ଉଭୟ ପାର୍ଶ୍ୱରେ ଥିବା ରେଳବାଇ ଜମିକୁ ନେଇ ଗଠିତ ଆଉଟ୍ ଅଫ୍ ହୋମ୍ (OOH) ପ୍ୟାକେଜ୍ ନିମନ୍ତେ ଅତିରିକ୍ତ ବିଜ୍ଞାପନ ଅଧିକାର ଚୁକ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି ।

ସ୍ଥାନ : ସମ୍ବଲପୁର ଷ୍ଟେସନ ବ୍ୟତୀତ ସମ୍ବଲପୁର ମଣ୍ଡଳ ପରିସୀମାରେ

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.05.09.2022ରିଖ 1200 ଘଣ୍ଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.05.09.2022 ରିଖ 1230 ଘଣ୍ଟିକାରେ ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : http://www.ireps.gov.in ରେ ଉପଲବ୍ଧ ହେବ ।

PR-419/N/22-23 — ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର

**୧୭ ଗୋଟି ଷ୍ଟେଶନଠାରେ ଆଉଟ୍ ଅଫ୍ ହୋମ୍ ବିଜ୍ଞାପନ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-ଓଓଏଚ୍-୦୫-୨୦୨୨ ତାରିଖ: ୨୫।୦୮।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୧୭ ଗୋଟି ଷ୍ଟେଶନ (ଯଥା- **ଆନ୍ଦୁଲ, ଦାସନଗର, ଝାରଗ୍ରାମ, ଖଡ଼ଗପୁର, ଖଡ଼ଗପୁର ବସ୍ ଷ୍ଟାଣ୍ଡ ଏବଂ ଇଣ୍ଡା ଟ୍ରାଫିକ୍ ରୋଡ୍, ମୌରିଗ୍ରାମ, ରାମରାଜତାଲା, ଟିକିଆପଡ଼ା, ଉଲୁବେରିଆ, ଆବାଦା, ଆମ୍‌ତା, ଦେଉଲ୍‌ଟି, କୋଲାଘାଟ, ମାଦପୁର, ରାଧାମୋହନପୁର, ଶ୍ୟାମଛକ, ହଳଦିଆ**)ଠାରେ ଆଉଟ୍ ଅଫ୍ ହୋମ୍ ଏରିଆରେ ବ୍ୟବସାୟିକ ବିଜ୍ଞାପନ ପ୍ରଦର୍ଶନ କରିବା ପାଇଁ ବ୍ୟବସାୟିକ ବିଜ୍ଞାପନ ଠିକା, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି । **ବର୍ଗ:** ବିଜ୍ଞାପନ । **କାଟାଲଗ୍ ନଂ.:** ଏଡିଭିଟି-କେଜିପି-ଓଓଏଚ୍-୦୫ । **ନିଲାମ ତାରିଖ:** ୧୨।୦୯।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଣ୍ଟିକା । **ନିଲାମ ସମାପ୍ତି ସମୟ:** ୧୫.୧୦ ଘଣ୍ଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ତଥା ତତ୍-ସମ୍ପର୍କିତ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-519) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ — ଆମେ ହର୍ଷର ସହ ସେବା କରୁ

**FORM NO.13**

**Before the Debts Recovery Tribunal, Cuttack**

**O.A. No. 320 of 2021**

IDBI Bank, Bomikhal Branch, Bhubaneswar ...Applicant

Vrs,

Rice Point and Ors... ...Defendants

To,

1) **M/s. Rice Point,** At: Kumbharia, PO.: Machhipada, Dist.: Nayagarh, PIN-752070
2) **Sanjaya Kumar Satapathy,** S/o: Chakradhar Satapathy
3) **Sarojini Satapathy,** W/o: Sanjaya Kumar Satapathy, PAN-CVEPS1672R, Both are residing At: Ladukeswarpur, P.O.: Machhipada, Dist: Nayagarh-752070

**SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an Application in **OA No. 320 of 2021** in the Court of Debts Recovery Tribunal, Cuttack for a recovery of **Rs.1,03,29,496=73** [Rupees one crore three lakhs twenty nine thousand four hundred ninety six and seventy three paise only] together with current and future interest, costs and for other reliefs.

The above mentioned defendant[s] are therefore hereby directed to appear before this Tribunal in person or through an Advocate or duly authorized agent, in support of his/their defence to show cause within **30 days** from the date of publication or on **27th day of Sept. 2022 at 10.30 a.m.** [fore noon] as to why relief prayed for should not be granted.

Take notice that in case of default, the application will be heard and determined in your absence.

Given under my hand and the seal of this Tribunal on this **Day of 10.08.2022.**

Sd/- (M.K. Patnaik)
REGISTRAR

**CAREER APPOINTMENT** ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

OFFICE OF THE PRINCIPAL
**LOKANATH MOHAVIDYALAYA, PATKURA**
At/P.O.- Korua, Via.- Tyendakura, Dist.- Kendrapara
Ph.-06727-276504, E-mail: 1nm.pat76@gmail.com
NAAC Accredited - "B" Grade
**WALK-IN-INTERVIEW**

Wanted Guest Lecturers in Botany, Physics, Political Science, Sociology, Logic and Laboratory Assistant in Physics. Desirous candidates having requisite qualification (Minimum 55% in P.G. level for Lecturer and 2nd Class Honours in the respective subject for Laboratory Assistant) may attend the interview in the Office of the Principal at 10.00 A.M. on 04.09.2022 with all testimonials.

Sd./- Principal, Contact- 9437226914

**LEPRA REQUIRES**

**Counsellor and male ORW for Target Intervention (IDU) Project, Bhubaneswar.**
**Qualification & experience:** Master in Social Science for Counsellor & 8th standard for ORW having 2 yrs. of experience in social sector. Salary Rs.12,000/- for Counsellor and Rs.7,500/- for ORW.
Apply to hrd@leprahealthinaction.in by 02 Sept. 2022. For detail visit www.leprasociety.in.

**JOBVACANCY**

| Designation | Salary |
|---|---|
| Restaurant Manager/ Asst. Restaurant Manager | 20000/17000 |
| Captain/Steward | 12000/9000 |
| Driver | 10000/12000 |
| Indian Commis-I/II/III | 15000/12000/9000 |
| Conti Commis-I/II/III | 15000/12000/9000 |
| Chinese Commis-I/II/III | 15000/12000/9000 |

Food and Accommodation provided by the Company
Adda, Biriyani Box & Oopre
email: hr@yellowloop.in and Call or Whatsapp 7440025004

**REQUIRED**
Non-Financial Partner required for a A/C Restaurant/Fast Food in Mancheswar Industrial Estate.
9437192992

**ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରୀୟ ନିଯୁକ୍ତି**
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ ।
ଯୋଗାଯୋଗ ମୋବାଇଲ ନମ୍ବର
9583494854

**REQUIRED URGENTLY**

**GENERAL MANAGER (SALES):** If you think you are an outstanding sales executive who is ready to drive and guide our sales team we invite you to join us in our unique and exemplary venture of agri-project. **EXECUTIVE ASSISTANT:** Required for a manufacturing company. A graduate with professional demeanor, competency with Microsoft office, previous PA/EA experience working at C-level is invited to join us. **AGM (FINANCE):** Graduate in accounting, experienced enough to be able to handle independently with excellent communication is preferred.

Salary no bar for deserving candidate. Interested candidates send CV to:
E-mail: reach2jdpsgroup@gmail.com
Contact No.: 7381095402 & 7381095422
(Call time: 10 A.M. to 6 P.M.)

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/2156 Dated, the 17th August, 2022

**Advertisement**

Applications are invited from Indian Nationals for engagement of **01 (one) Chief Manager (Information, Communication and Trade Facilitation) (on contractual)** basis in Paradip Port Authority.
For further details, visit our website **www.paradipport.gov.in.**

Dy. Secretary,
Paradip Port Authority
PPA/PR/188/22-23, dtd.25.08.2022

**GOVERNMENT POLYTECHNIC, SAMBALPUR (RENGALI)**
At./P.O- Rengali-768212, Dist.- Sambalpur, Phone : 06632560070
E-mail: gpsambalpurprincipal@gmail.com, Website: gpsambalpur.com

**WALK-IN-INTERVIEW FOR SELECTION OF CANDIDATES**

**No.KK-129:** Interested candidates having requisite qualification as mentioned below may attend the Walk-in-Interview along with ORIGINAL CERTIFICATES & MARKSHEETS and SELF ATTESTED PHOTOCOPIES (02 SETS) as per the schedule below for engagement of PART TIME GUEST FACULTIES (PTGF) & GUEST LABORATORY ASSISTANTS (PTGLA) during the academic session 2022-23. Remuneration will be paid at rates approved by Govt. of Odisha. No TA & DA will be paid for attending the WALK-IN-INTERVIEW.

| Date | 11:00 AM TO 2:00 PM | 3:00 PM TO 6:00 PM |
|---|---|---|
| 12.09.2022 | Part Time Guest Faculty in Electrical / Electronics & Telecommunication | Part Time Guest Faculty in Computer Application / Mathematics / Physics |
| 13.09.2022 | Part Time Guest Faculty in Civil/ Mechanical | Part Time Guest Laboratory Assistants in Civil / Electrical / Computer Application / Chemistry |
| 14.09.2022 | Publication of Merit list by evening in our institute Notice Board / Website | |
| QUALIFICATION FOR PTGF | 1st class (60%) or equivalent in B.E / B.TECH / MCA /M.Sc in the concerned discipline. Weightage will be given to candidates with teaching experience in Degree / Diploma Engg. Institutions supported by authentic certificate to the effect. | |
| QUALIFICATION FOR PTGLA | 1st class (60%) or equivalent in Diploma / B.Sc / BCA in the concerned discipline. Weightage will be given to candidates with Laboratory experience in Degree/ Diploma Engg. Institutions supported by authentic certificate to the effect. | |

OIPR-14044/11/0002/2223 Sd./- PRINCIPAL

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ । କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି । ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା । -ଶ୍ରୀମା

# ଜଟିଳ ପ୍ରଶ୍ନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବରିଷ୍ଠ ଆଇଏଏସ୍ ଏବଂ ଆଇଏଫ୍ଏସ୍ (ଭାରତୀୟ ବନ ସେବା) ଅଧିକାରୀଙ୍କ କାର୍ଯ୍ୟ ସମ୍ପର୍କରେ ଗୁପ୍ତ ସୂଚନା ପାଇବାର ପଦ୍ଧତି କେନ୍ଦ୍ର ଆପଣାଇଛି । ସେଭଳି ପଦ୍ଧତି ଏବେ ଭାରତୀୟ ରେଲ୍‌ୱେରେ ଉତ୍ସାହ ସୃଷ୍ଟି କରିଛି । ରେଲୱେ ବୋର୍ଡ ଆରମ୍ଭ କରିଥିବା ଏହି ନୂଆ ପଦ୍ଧତିରେ କାର୍ଯ୍ୟରତ ଅଧିକାରୀମାନଙ୍କ କାର୍ଯ୍ୟର ମୂଲ୍ୟାଙ୍କନ କରିବାକୁ ସମପଦସ୍ଥ ଏବଂ କନିଷ୍ଠମାନଙ୍କୁ ଅନୁମତି ଦେଇଛି । ଏଥିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମର୍ଥନ ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ସହମତି ରହିଥିବା ସ୍ପଷ୍ଟ ହୋଇଛି । ଗତ ସପ୍ତାହରେ ରେଲୱେ ବୋର୍ଡ ଏହାର କର୍ମଚାରୀମାନଙ୍କୁ ଲିଖିତ ଆକାରରେ ଜଣାଇଥିଲା ଯେ, ଅଧିକାରୀମାନଙ୍କର ବାର୍ଷିକ ପ୍ରଦର୍ଶନ ରିପୋର୍ଟ ପ୍ରସ୍ତୁତ କରାଯାଉଥିବାବେଳେ ବିଭିନ୍ନ ଉତ୍ସରୁ ସେମାନଙ୍କର ଫିଡ୍‌ବ୍ୟାକ୍ ବା କାର୍ଯ୍ୟ ସମ୍ପର୍କିତ ଗୁପ୍ତ ସୂଚନା ନେବା ପାଇଁ ବୋର୍ଡ ଯୋଜନା କରିଛି । ସଂଗୃହୀତ ଫିଡ୍‌ବ୍ୟାକ୍ ସମ୍ପୃକ୍ତ ଅଧିକାରୀଙ୍କ ଡାଟାବେସ୍‌ରେ ରେକର୍ଡ କରାଯିବ । ଏହି ପଦକ୍ଷେପ ପରେ ୨୦,୦୦୦ ଅଧିକାରୀ ନଜରରେ ରହିବେ । କିନ୍ତୁ ଏହାକୁ ନେଇ ରେଲୱେ ଅଧିକାରୀମାନଙ୍କ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ପୁରୁଣା ଢାଞ୍ଚାରେ ଏବେ ଏକ ବଡ଼ ପରିବର୍ତ୍ତନ କରାଯିବା ସହ ଆଠଟି କ୍ୟାଡରକୁ ଏକାଠି କରି ଇଣ୍ଡିଆନ୍ ରେଲୱେ ମ୍ୟାନେଜ୍‌ମେଣ୍ଟ ସର୍ଭିସ୍ ଗଠନ କରାଯାଇଥିବାବେଳେ ଏଭଳି ପଦ୍ଧତି ଅଣାଯିବା ରେଲୱେ ପ୍ରଶାସନ ଢାଞ୍ଚାର ୧୧୪ ବର୍ଷ ଇତିହାସରେ ଏକ ବ୍ୟତିକ୍ରମ ବୋଲି କେତେକେ ପ୍ରଶ୍ନ ଉଠାଇଛନ୍ତି । ତେବେ କେତେଜଣ ଅଧିକାରୀ ଏହାକୁ ସ୍ୱାଗତ କରି କହିଛନ୍ତି ଯେ, ଏବକାର କାର୍ଯ୍ୟ ସଂସ୍କୃତିରେ ଏହା ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ । ତେବେ ଅଧିକାରୀମାନଙ୍କର ମୂଲ୍ୟାୟନ କରିବା ଲାଗି ଏହି ପଦ୍ଧତି ପ୍ରୟୋଗ କରାଯାଉଥିବାବେଳେ ବୋର୍ଡ ସଦସ୍ୟମାନଙ୍କର କିଏ ମୂଲ୍ୟାୟନ କରିବେ ତାହା ସ୍ପଷ୍ଟ କରାଯାଇନାହିଁ । ଏହି ଜଟିଳ ପ୍ରଶ୍ନର ଉତ୍ତର ହିଁ ବୈଷ୍ଣବଙ୍କୁ ଦେବାକୁ ହେବ ।

### ଭାଲା ପୁଣି ରହିଲେ

କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଦ୍ୱିତୀୟ ଥର ସମ୍ପ୍ରସାରଣ ହେବାର ଠିକ୍ ପରେ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ୍(ଏସିସି) କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ଅଗଷ୍ଟ ଯାଏ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରିଛି । ୧୯୮୪ ବ୍ୟାଚ୍ ଆସାମ- ମେଘାଳୟ କ୍ୟାଡର ଅଧିକାରୀ ଭାଲାଙ୍କ କାର୍ଯ୍ୟକାଳକୁ ତୃତୀୟ ଥର ସମ୍ପ୍ରସାରଣ କରାଯାଇଛି । ୨୦୧୯ରେ ସେ ପ୍ରଥମେ ସ୍ୱରାଷ୍ଟ୍ର ସଚିବ ଭାବେ ନିଯୁକ୍ତି ପାଇଥିଲେ ଏବଂ ୨୦୨୦ ନଭେମ୍ବରରେ ସେବାନିବୃତ୍ତ ହେବାର ଅନୁମାନ କରାଯାଉଥିଲା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଶୀର୍ଷ ପଦବୀରେ ଗୌବାଙ୍କ ପରେ ଭାଲା ନିଯୁକ୍ତ ହୋଇଥିଲେ । ଉଭୟ ଅଧିକାରୀ ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରମାଣିତ କରିଛନ୍ତି ଓ ମୋଦି ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି । ନାଗରିକ ସଂଶୋଧନ ଆଇନ, ଜମ୍ମୁ କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ଉଚ୍ଛେଦ ଭଳି ବିବାଦୀୟ ଆଇନଗୁଡ଼ିକ ପାର୍ଲାମେଣ୍ଟରେ ପାସ୍ କରିବାରେ ଭାଲା ସଞ୍ଚାଳକ ସାଜିଥିଲେ । ସେ ମଧ୍ୟ ରାମ ମନ୍ଦିର ଟ୍ରଷ୍ଟ ଗଠନର ପର୍ଯ୍ୟବେକ୍ଷଣ କରିଥିଲେ ଓ କୋଭିଡ୍ ମହାମାରୀ ପରିଚାଳନାରେ ପ୍ରମୁଖ ଭୂମିକା ନେଇଥିଲେ । ନିୟମାନୁସାରେ ଅବସର ବୟସ ୬୦ ବର୍ଷ ପରେ କୌଣସି ଅଧିକାରୀଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯିବାର ନିୟମ ନାହିଁ । କିନ୍ତୁ ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱରାଷ୍ଟ୍ର, ବୈଦେଶିକ ଏବଂ ପ୍ରତିରକ୍ଷା ସଚିବମାନଙ୍କର ସହ ଇଣ୍ଟେଲିଜେନ୍ସ ବ୍ୟୁରୋର ନିର୍ଦ୍ଦେଶକ ଓ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗର ସଚିବଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସମ୍ପ୍ରସାରଣ କରିପାରିବ । ସ୍ପଷ୍ଟତଃ, ଭାଲା ଏବଂ ଗୌବା ଏହି ନିୟମ ଭିତରେ ରହିଛନ୍ତି ।

### ସିଭିଲ ସର୍ଭିସ ଓ ବାକ୍ ସ୍ୱାଧୀନତା

ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ସଚିବ ସ୍ମିତା ସଭରୱାଲ ଗୁଜରାଟର ବିଲ୍‌କିସ ବାନୋ ବଳାତ୍କାର ଘଟଣାରେ ଅଭିଯୁକ୍ତ ୧୧ ଜଣଙ୍କ ମୁକ୍ତିକୁ ନେଇ ଟୁଇଟ କରିବା ପରେ ବିବାଦରେ ଛନ୍ଦି ହୋଇଯାଇଛନ୍ତି । ସଭରୱାଲ କେନ୍ଦ୍ରକୁ ପରାମର୍ଶ ଦେଇଥିଲେ ଯେ, ସିଭିଲ ସର୍ଭିସକୁ ବାକ୍ ସ୍ୱାଧୀନତା ବାଧାରୁ ମୁକ୍ତ କରାଯିବା ସହ ବ୍ୟକ୍ତିଗତ ମତାମତ ଦେବା ଲାଗି ସେମାନଙ୍କୁ ଅନୁମତି ଦେବା ଦରକାର । ତାଙ୍କ ମନ୍ତବ୍ୟକୁ ନେଇ ଅନେକ ବାହାରକୁ ଆସିବେ ବୋଲି ଆଶା କରାଯାଉଥିଲା । ଭାଜପା ତାଙ୍କୁ ସମାଲୋଚନା କରିଥିଲା । ଅନ୍ୟପକ୍ଷରେ ସଭରୱାଲ କୌଣସି ସୀମା ଉଲ୍ଲଂଘନ କରି ନ ଥିଲେ ଏବଂ ଏହି ଘଟଣାରେ କରିଥିବା ଟୁଇଟ୍‌ରେ ତାଙ୍କର କିଛି ଭୁଲ୍ ନ ଥିଲା ବୋଲି ଅବିଭକ୍ତ ଆନ୍ଧ୍ରପ୍ରଦେଶର ଆଇଏଏସ୍ ଅଧିକାରୀ ସଂଘର ପୂର୍ବତନ ସଭାପତି ବି.ପି.ଆଚାର୍ଯ୍ୟ କହିଥିଲେ । ବାବୁମାନେ ସବୁବେଳେ ସରକାରୀ ଲାଇନରେ କିଭଳି ଚାଲିବାକୁ ହୁଏ ତାହା ଭଲ ଭାବେ ବୁଝିଛନ୍ତି । କିନ୍ତୁ ସ୍ପଷ୍ଟ ରୂପେ ସର୍ଭିସ ରୁଲ୍ସ ଦ୍ୱାରା ସେମାନଙ୍କ ଉପରେ ଲଗାଯାଇଥିବା ବାଧାଗୁଡ଼ିକ ବିରୋଧରେ କେତେଜଣ ଚିଡଚିଡ ହୋଇଥାନ୍ତି । ସଭରୱାଲଙ୍କ ପକ୍ଷରେ ଏବେ ତାଙ୍କର ବହୁ ସମପଦସ୍ଥ ଅଧିକାରୀ ଠିଆ ହୋଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପୂର୍ବତନ ସଚିବ ସଞ୍ଜୀବ ଗୁପ୍ତା ସଭରୱାଲଙ୍କ ସାହସିକ ମତକୁ ପ୍ରଶଂସା କରିଛନ୍ତି । ଯଦି ଏହି ଘଟଣାରେ ସରକାର ଓ ସିଭିଲ ସର୍ଭିସ ମଧ୍ୟରେ ଏକ ବିତର୍କ ହୁଏ ତେବେ ଏଥିରୁ କିଛି ସକାରାତ୍ମକ ଲାଭ ମିଳିବ ଓ ସରକାରୀ କର୍ମଚାରୀଙ୍କ ବାକ୍ ସ୍ୱାଧୀନତା ଉପରେ ସର୍ଭିସ ନିୟମାବଳୀରେ କିଛି ପରିବର୍ତ୍ତନ ବି ହେବ ବୋଲି ଆମେ ଆଶା କରିପାରିବା ।

Email: dilipcherian@gmail.com

# କଥା ଦୁଇଟି ପଇଡ଼ର



ଡ. ସୁବାସ ଚନ୍ଦ୍ର ପାତ୍ର

ମୁଁ ପ୍ରଥମଥର ଦେଖିଥିବା ଜଣେ ଅପରିଚିତ ଯୁବକ କୌଣସି ଆନୁଷ୍ଠାନିକ କାମରେ ଆମ ଘରେ ପହଞ୍ଚିଲା । ତା'ର ମୋଠୁ ଦସ୍ତଖତଟିଏ ସଂଗ୍ରହ କରିବାର ଥିଲା, ଯାହାକୁ ନେଇ ସେ ବିଶ୍ୱବିଦ୍ୟାଳୟରେ ଦେବ । ଦସ୍ତଖତ କରିବା ଥିଲା ମୋର କର୍ତ୍ତବ୍ୟ ଏବଂ ଏହା ସମ୍ପାଦନ ପରେ ପୁତ୍ରସମ ଯୁବକଟିକୁ ଶୁଭେଚ୍ଛା ଜଣେଇ ବିଦାୟ ଦେଉଥିଲା ବେଳେ ସେ ରହିଗଲା । ବ୍ୟାଗ ଭିତରୁ ବାହାର କଲା ଦୁଇଟି ଅତିକୋମଳ, ମୁଣ୍ଡକଟା ପଇଡ଼ । ମୁଁ ପଚାରିଲାରୁ କହିଲା, 'ଆପଣ ପିଇବେ । ମୁଁ ବେଶି କିଛି ଦାମିକା ଜିନିଷ ଆଣି ପାରିନି ।'

ସେ ଅଟୋଟି ଧରି ଚାଲିଗଲା ବସଷ୍ଟାଣ୍ଡ ରାସ୍ତାରେ, ମୋତେ ଛାଡ଼ି ଦେଇଗଲା ଭାବନା ରାଜ୍ୟରେ ଉଠ୍‌ପଡ୍ ହେବାପାଇଁ । ହଠାତ୍ ସେ ପଇଡ଼ ଦୁଇଟି ମୋତେ ଭିନ୍ନ ରୂପରେ ଦେଖାଦେଲେ । ସେହି ବୟସର ମୁଣ୍ଡକଟା ହୋଇ ନ ଥିବା ପଇଡ଼ ମାଟିଘଟି ଉପରେ ବସାଯାଏ । ଦିବ୍ୟତ୍ୱ ଆରୋପ ପାଇଁ କେତେବେଳେ ତା' ଦେହରେ ସିନ୍ଦୂରରେ ଓଁ ଲେଖି ଦିଆଯାଇଥାଏ ତ କେତେବେଳେ ତ୍ରିନେତ୍ର ଚକ୍ଷୁଚିତା ଲଗେଇ ଆହୁରି ଦିବ୍ୟ ଆକର୍ଷଣ ଖଞ୍ଜି ଦିଆଯାଏ । ସେ ପଇଡ଼ ଦୁଇଟି ଅନ୍ତରାଳରେ ଦେଖୁଥିଲି ସେ ଯୁବକର ନିଷ୍କପଟ ହୃଦୟର ଚିତ୍ର । ହଠାତ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ କହିଲି, ''ଭାରତୀୟ ଯୁବଗୋଷ୍ଠୀ ଭିତରେ କେତେ ଦିବ୍ୟତ୍ୱ, କେତେ ମହନୀୟତା ସାଇତି ରଖିଛ ପ୍ରଭୁ !'' ସଞ୍ଜବେଳେ ତାକୁ ହ୍ୱାଟ୍‌ସଆପରେ ମେସେଜ କରିଥିଲି କାର୍ଯ୍ୟ ତା'ର ସମ୍ପାଦନ ହେଲା କି ନାହିଁ । ଗୋଟିଏ ଛୋଟ ମେସେଜ ଦେଇ ଲେଖିଲା, ''ସାର୍, ଆପଣ କେତେ ଭଲ, ମୋର ଟିକିନିଖି ଖବର ରଖୁଛନ୍ତି, ମୋର ଯତ୍ନ ନେଉଛନ୍ତି ।'' ମୁଁ ଏଥିରେ ଉଲ୍ଲସିତ ହେଲିନାହିଁ, କାରଣ ମୁଁ ଜଣେ ବୟସ୍କ ମଣିଷ । ପିଲାଟି ମୋ ପୁଅ ପରି । କିନ୍ତୁ ପଇଡ଼ ଦୁଇଟି ଉପରୁ ମୁଁ ଆଖି ହଟେଇ ପାରୁ ନ ଥିଲି । ମନେପଡ଼ିଲେ ଏହି ପିଲାପରି ଆଉ କିଛି କିଶୋର ଦିବ୍ୟ ଚରିତ୍ରମାନେ ।

ବହୁତ ବର୍ଷ ତଳର କଥା । ମୋ ପାଖରେ ସେତେବେଳେ କିଛି ପିଲା ପଢୁଥିଲେ । ସେମାନଙ୍କ ଭିତରେ ସବୁବେଳେ ହସୁଥିବା କିଶୋରଟିଏ ଥାଏ । ନାମ ତା'ର ବୁଲୁ । ମୋ ପାଖକୁ ଭିଡ଼ିକରି ବସେ । କହେ ମୋ ଉପରେ ତା'ର ଅଧିକ ଅଧିକାର । ବେଳେବେଳେ ମୋ ପଞ୍ଜାବୀ ପକେଟରେ ହାତ ପୂରେଇ ଚୁପ୍‌ଚାପ ବସେ ଯେମିତି କିଛି ହେଇନି । ବିପରୀତ ଦିଗରୁ ପିଲାଏ ଦେଖି କହନ୍ତି, 'ସାର୍, ବୁଲୁ ଆପଣଙ୍କ ପକେଟରେ ହାତ ପୂରେଇଛି ।' କଥାଟି ଖବର ହେଲାବେଳକୁ ହାତ ତାହାର ସ୍ୱସ୍ଥାନକୁ ଫେରିଯାଇଥାଏ । ପୁଣି କେତେବେଳେ ମୋ ଶାଲ୍‌ର କାନିରେ ସେ କଲମ ଗୁଡଉଥାଏ । ତାହା ଦେଖାଯାଏ, ରିପୋର୍ଟ ମଧ୍ୟ ହୁଏ ମାତ୍ର କଲମ ସେତେବେଳକୁ ଫେରିଯାଇଥାଏ ପାଠ ଲେଖିବାକୁ । ଦିନକ ପରେ ପିଲାମାନେ ଆସିଲେ, ସମସ୍ତେ ମୁହଁ ଶୁଖେଇ ବସିଛନ୍ତି । କାରଣ ପଚାରିଲାରୁ କହିଲେ, 'ସାର୍, ମନ ଭଲ ଲାଗୁନାହିଁ । ବୁଲୁ ଚାଲିଗଲା ।' 'ମାନେ ?' 'ସେ ବାଲେଶ୍ୱର ଷ୍ଟେଶନର ରେଳ ଧାରଣାରେ ଆ । ତ୍ମ ହ ତ୍ୟା । କରିଦେଇଛି ।' ପାଠ ସ୍ଥଗିତ ରହିଲା । ତା'ପରଦିନ ଡାକବାଲା ପୋଷ୍ଟକାର୍ଡ଼ଟିଏ ଦେଇଗଲା । ସେଥିରେ ଲେଖାଥିଲା , 'ସାର୍ , ମୁଁ ଯାଉଛି । ଦୁଃଖ ଲାଗୁଛି, ମୁଁ ଏତେଦିନ ଆପଣଙ୍କ ପାଖରେ ପଢ଼ିଲି କିନ୍ତୁ ପଇସା ଦେଇପାରିଲି ନାହିଁ । ପରଜନ୍ମରେ ଆପଣଙ୍କ ପୁଅହୋଇ ସବୁ ଶୁଝିଦେବି ।' ସବୁବେଳେ ହସୁଥିଲା ବୁଲୁ । 'ହସିହସି ଚାଲିଗଲା ମୋତେ କନ୍ଦେଇ କନ୍ଦେଇ ।'



୨୦୦୦ ମସିହା । ବାଣୀବିହାର ଛକରେ ଛିଡ଼ା ହୋଇଛି ବାଲେଶ୍ୱର ବସ୍‌କୁ ଅପେକ୍ଷାକରି । ହଠାତ୍ ଆଖି ପଡ଼ିଲା ଫକୀରମୋହନ କଲେଜର ମୋର ପୁରାତନ ବିଜ୍ଞାନର ଛାତ୍ରୀ ନୁସରତ୍ ଉପରେ । ତା' ସହିତ କଥା ହେଉ ହେଉ ସେ କହିଲା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ବାଙ୍ଗାଲୋରରେ ଡକ୍ଟରେଟ୍ କରିବା ପାଇଁ ମନୋନୀତ ହୋଇଛି । ମୁଁ ତାକୁ କହିଲି, 'ନୁସ୍‌ରତ, ବାଙ୍ଗାଲୋରରେ ମୋର ଜଣେ ଆତ୍ମୀୟସ୍ୱଜନଙ୍କ ହୃଦ୍ ସର୍ଜରି ହେବ । ସେମାନେ ରକ୍ତ ଯୋଗାଡ଼ କରିବାକୁ ଲେଖିଛନ୍ତି । ମୁଁ ବାଲେଶ୍ୱରରୁ କାହାକୁ ବା ନେବି, କେତେଜଣଙ୍କୁ ନେଇଯିବି ? ତୁ ବାଙ୍ଗାଲୋର ଗଲେ ଦେଖିବୁ କିଛି ସାହାଯ୍ୟ କରିପାରିବୁ କି ?' ବହୁତ ଦୃଢ଼ମନା, ଆତ୍ମବିଶ୍ୱାସରେ ଭରପୂର ଝିଅ ନୁସ୍‌ରତ । ସଙ୍ଗେ ସଙ୍ଗେ କହିଲା, 'ମୋର, ଢେର ସାଙ୍ଗ ଅଛନ୍ତି ସେଠି । ଆପଣ ସେଠି ପହଞ୍ଚି ଖବର ଦେବେ ।' ୨୦୦୦ ମସିହା ମେ ମାସ ୨୦ ତାରିଖ । ଆମେ ବାଙ୍ଗାଲୋରରେ ପହଞ୍ଚି ତାକୁ ଖବର ଦେଲୁ । ସେ କହିଲା, 'ସାର୍, ରକ୍ତଦାନ ଦିବସ ସ୍ଥିରୀକୃତ ହେଲେ ଜଣାଇବେ ।' ନିର୍ଦ୍ଧାରିତ ଦିନ । ନୁସ୍‌ରତ ପହଞ୍ଚିଗଲା ତା'ର ୫/୬ ଜଣ ସାଙ୍ଗଙ୍କୁ ନେଇ । କେତେ ରକ୍ତ ନେଉଛ ନିଅ ! ସେମାନଙ୍କର ବିଶୁଦ୍ଧ ରକ୍ତ ଓ ବିଶୁଦ୍ଧ ଶୁଭେଚ୍ଛା ବଳରେ ମୋର ଆତ୍ମୀୟଙ୍କ ହାର୍ଟ ଅପରେଶନ ସଫଳତାର ସହ ଶେଷ ହେଲା । ନୁସ୍‌ରତ ଆଜି ଭାରତବର୍ଷର ଜଣେ ପ୍ରତିଷ୍ଠିତ ଯୁବ ବୈଜ୍ଞାନିକ । କ୍ୟାନସର ରୋଗ ପ୍ରତିରୋଧ ଉପରେ କାମ କରୁଛି ।

୩୮ ବର୍ଷର ଅଧ୍ୟାପନା ଜୀବନରେ ମୁଁ ଏହି ବୁଲୁ, ନୁସ୍‌ରତ ଓ ପଇଡ଼ନେଇ ଆସିଥିବା ଅପରିଚିତ ପଦ୍ମଲୋଚନମାନଙ୍କୁ ବହୁ ନିକଟରୁ ଦେଖିଛି । ଅନେକ ସମୟରେ ସେମାନଙ୍କ ଅନ୍ତର୍ନିହିତ ଗୁଣ ମୋତେ କ୍ଷୁଦ୍ର କରି ଗଢ଼ିତୋଳିଛି । ବେଳେବେଳେ ସେମାନଙ୍କ ଭିତରେ ସ୍ୱତଃଜାଗ୍ରତ ଦିବ୍ୟତା ପାଖରେ ପରାସ୍ତ ମଧ ହୋଇଛି । ଏମାନେ ଜଣେ ଜଣେ ମୂର୍ତ୍ତ, ଚଳମାନ ଦେବଶିଶୁ । ମଦର ଟେରେସା ଏହିମାନଙ୍କ କଥା କୁହନ୍ତି । ଏମାନେ କେତେ ପରିଚିତ, ପୁଣି କେଡ଼େ ସ୍ୱର୍ଗୀୟ, ଦୈବ ଆତ୍ମପ୍ରକାଶର କେଡ଼େ ନିର୍ଭରଯୋଗ୍ୟ ମାଧ୍ୟମ ! ନିଜ ଆଦ୍ୟ ଜୀବନର ଅନୁଭୂତି ବଖାଣିବାକୁ ଯାଇ ମଦର କହନ୍ତି, କିପରି ଥରେ ରାତିରେ ଆଶ୍ରମରେ ରାଶନ ନ ଥିବା ଯୋଗୁ ସେମାନେ ବ୍ୟସ୍ତ ହେଉଥିବାବେଳେ ଜଣେ ଭଦ୍ରମହିଳା ପଶି ଆସିଲେ ଏବଂ ବାହାରକୁ ଯାଉଥିବାରୁ ନିଜ ଘରେ ଥିବା ଡାଲି- ଚାଉଳ ଆଶ୍ରମକୁ ଦେଇଯିବା ପାଇଁ ଆଗ୍ରହ ପ୍ରକାଶ କଲେ । ମଦର ଆଶ୍ୱସ୍ତ ହେଲେ ଏବଂ କିଛି ସମୟ ପରେ ଭଦ୍ରମହିଳା ଜଣକ ତାଙ୍କ ବଳକା ସାମଗ୍ରୀତକ ଦେଇଗଲେ । ମଦରଙ୍କ ଅନୁସନ୍ଧିତ୍ସା ବଢ଼ିଲା । ସେ ଅନ୍ତେବାସିନୀମାନଙ୍କୁ କହିଲେ, ସେ ଚାଉଳତକ ଛୋଟ ମାପ ଡବାରେ ମାପି ଦେବାକୁ ଏବଂ ଦେଖାଗଲା ଠିକ୍ ଯେତିକି ଡବା ଚାଉଳ ରାତି ପାଇଁ ଦରକାର ଠିକ୍ ସେତିକି ହିଁ ଚାଉଳ ଥିଲା ବ୍ୟାଗରେ !

ଏତେ ଦିବ୍ୟ ସମ୍ଭାବନା ଥିବା ଭାରତର ଯୁବଗୋଷ୍ଠୀର ଆଜିର ଏ ଅବସ୍ଥା କ'ଣ ପାଇଁ ? ସ୍ୱାଭିମାନ ଓ ସ୍ୱାଧୀନତା ରହିତ ଭାରତର ଯୁବଗୋଷ୍ଠୀ ଆଜି ରାଜନେତାମାନଙ୍କ କବଳରେ । ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ ସେମାନଙ୍କ ନିୟନ୍ତ୍ରଣରେ ନାହିଁ । ତାହା ବନ୍ଧା ପଡ଼ିଛି ଅନ୍ୟ ଜାଗାରେ ।

ରାଜନେତାମାନଙ୍କ ଯାବତୀୟ ଶୋଷଣ ସତ୍ତ୍ୱେ ମୁଁ ଭାରତୀୟ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ସମ୍ବନ୍ଧରେ ଆଶାବାଦୀ । ମୋ ଟେବୁଲ ଉପରେ ଦୁଇଟି ପଇଡ଼ ଥୋଇ ଦେଇଥିବା ସେହି ଶିକ୍ଷିତ ଯୁବକର ମୁହଁ ଏବେ ବି ଦେଖାଯାଉଛି, ଆଉ ଦେଖାଯାଉଛି ତା'ର ନିଷ୍କପଟ ଆତ୍ମବିଶ୍ୱାସ । ନିଜର ମନ, ସିଦ୍ଧାନ୍ତ, ଆତିଥ୍ୟ ଉପରେ କି ବିଶ୍ୱାସ ! ସମାଜରେ ଆଜି ବିଶ୍ୱାସର ସଂକଟ- ନିଜ ଉପରେ, ପରସ୍ପର ଭିତରେ । ଭାବୁଛି ପଦ୍ମଲୋଚନର ବ୍ୟକ୍ତିଗତ ବିଶ୍ୱାସ ସାର୍ବଜନୀନ ହୋଇଉଠିବ ଦିନେ !

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼୍, ବାଲେଶ୍ୱର,
ମୋ. : ୯୪୩୭୩୭୬୨୧୯

# କଣ୍ଢେଇ ନୃତ୍ୟ ଓ ସୃଷ୍ଟି ନାଟକ



ସତ୍ୟବ୍ରତ ପାଣିଗ୍ରାହୀ

ନୃତ୍ୟ, କଳା, ସଙ୍ଗୀତର ଭୂମି ଭାରତ । କଳା ଓ ସଂସ୍କୃତିର ଯେ କେବଳ ଗୋଟିଏମାତ୍ର ପରିଚୟ ରହିଛି, ତାହା ନୁହେଁ । ବିଭିନ୍ନ ସ୍ଥାନରେ ବିଭିନ୍ନ ଲୋକକଳା, ଲୋକସଂସ୍କୃତିର ଉଦ୍ଭବ ହୋଇଛି । ବିବିଧତା ମଧ୍ୟରେ ଏକତା, ବହୁ ଲୋକକଳା ମଧ୍ୟରେ ଭାରତୀୟତାର ପରିଚୟ ହେଉଛି ଭାରତର ମହାନତା । କଣ୍ଢେଇ ନାଚ ଏକ ଭିନ୍ନ ଧରଣର କଳା, ଯେଉଁଥିରେ ମନୁଷ୍ୟ ବଦଳରେ ନୃତ୍ୟ ପରିବେଷଣ କରେ ଏକ ନିର୍ଜୀବ କଣ୍ଢେଇ । ବିଶେଷତ୍ୱ ହେଲା ନିର୍ଜୀବ କଣ୍ଢେଇ ମାଧ୍ୟମରେ ଜୀବନ୍ତ ବାସ୍ତବିକ ଦୃଶ୍ୟପଟର ଉପସ୍ଥାପନ । ଭାରତୀୟ ସଭ୍ୟତାରେ ଜ୍ଞାନ ବିତରଣ ଓ ବିଷୟ ଉପସ୍ଥାପନର ଏକ ସ୍ୱତନ୍ତ୍ର କିନ୍ତୁ ଉତ୍କୃଷ୍ଟ ମାଧ୍ୟମ ରହିଛି, ତାହା ହେଉଛି କଥା, କାହାଣୀ ବା ନାଟକ ଦ୍ୱାରା ସାଧାରଣ ସମାଜକୁ ଦିବ୍ୟ ସନ୍ଦେଶ ପ୍ରଦାନ କରିବାର ପ୍ରଥା । ଏହା ମାଧ୍ୟମରେ ଉଭୟ ଲୋକ ମନୋରଞ୍ଜନ ଓ ଜ୍ଞାନୋଦୟର ସମ୍ଭାବନା ନିହିତ ଥାଏ । ଯେଉଁ କ୍ଳିଷ୍ଟ ଜଟିଳ ଜୀବନଧର୍ମୀ ଧାରଣାଗୁଡ଼ିକୁ ସିଧାସଳଖ ଭାବେ ଜନମାନସରେ ପ୍ରୟୋଗ କରାଯାଇପାରେ ନାହିଁ, ସୁନ୍ଦର କାହାଣୀ ଦ୍ୱାରା ନାଟକୀୟ ଭଙ୍ଗୀରେ, ସୃଷ୍ଟିରେ ପ୍ରାଣୀମାନଙ୍କର ବୁଦ୍ଧିଗତ ବୈଷମ୍ୟତାକୁ ସମ୍ମାନ ଜଣାଇ ସେସବୁକୁ ଉପସ୍ଥାପନ କରାଯାଏ । ଯଦ୍ୱାରା ଜନସାଧାରଣ ତାକୁ ଗ୍ରହଣ କରିବାରେ ସମର୍ଥ ହୁଅନ୍ତି । ସ୍ଥୂଳଦୃଷ୍ଟିରେ କଣ୍ଢେଇ ନାଚ ମଧ୍ୟ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକପ୍ରକାର ନାଟକ କଳା । କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ଏହା ପଶ୍ଚାତ୍‌ରେ ରହିଛି ଏକ ବିରାଟ ଜୀବନ ଦର୍ଶନ ଓ ସୃଷ୍ଟିଚକ୍ରର ଗୂଢ଼ ରହସ୍ୟ ।

ଭାରତୀୟ ଦର୍ଶନ ଅନୁସାରେ ପରମସତ୍ତା ସମଗ୍ର ଜୀବଜଗତକୁ ତ୍ରିଗୁଣମୟୀ ରଜ୍ଜୁ ଅର୍ଥାତ୍ ସତ୍ତ୍ୱ, ରଜଃ, ତମଃ ତ୍ରିଗୁଣ ଦ୍ୱାରା ପରିଚାଳନା କରନ୍ତି ; ଠିକ୍ ଯେପରି ନୃତ୍ୟ ପରିଚାଳକ ରଜ୍ଜୁ ଦ୍ୱାରା କଣ୍ଢେଇକୁ ନଚାଏ । ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ଲେଖିଛନ୍ତି, ''ତ୍ରିଗୁଣ ରଜ୍ଜୁ କରେ ଧରି । ମୃଗୀ ନଚାନ୍ତି ନରହରି ।'' ଏହି ଜଗତରୂପୀ ମଞ୍ଚରେ ଆମେ ସମସ୍ତେ ନିଜ ନିଜ ଗୁଣକର୍ମ ଅନୁସାରେ ଅଭିନୟ କରୁଛେ । ଅଭିନୟ ସାରି ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବା ଆମ ମୂଳ ବାସ୍ତବିକ ସ୍ଥିତିକୁ, ଅର୍ଥାତ୍ ବୁଦ୍ଧତ୍ୱ ସ୍ଥିତିକୁ । କବିବର ରାଧାନାଥ ରାୟଙ୍କ ଭାଷାରେ, ''କେହି ରହିନାହିଁ ରହିବେ ନାହିଁଟି, ଭବ-ରଙ୍ଗ-ଭୂମି-ତଳେ, ସର୍ବେ ନିଜ ନିଜ ଅଭିନୟ ସାରି, ବାହୁଡ଼ିବେ କାଳବଳେ ।'' ଆମର ଅନ୍ତଃପ୍ରକୃତି ଓ ବାହ୍ୟପ୍ରକୃତି ଉଭୟ ତ୍ରିଗୁଣର ସମାହାର । ତ୍ରିଗୁଣମୟୀ ଏ ଜଗତ । ତ୍ରିଗୁଣ ତିନୋଟି ରଜ୍ଜୁରେ ସଂସାର ରଥ ଅବିରତ ଗତିଶୀଳ ।

ମଞ୍ଚ ନାଟକରେ ଜଣେ ଅଭିନେତା ତା'ର ଚରିତ୍ରରେ ବନ୍ଧା ହୋଇଥାଏ । ଚରିତ୍ର ଅନୁସାରେ ତା'ର ଅଭିନୟର ଯାଦୁ ଆକଳନ କରିହୁଏ ଏବଂ ନାଟକର କାହାଣୀ ବାହାରକୁ ଯିବା ଅଭିନେତା ପକ୍ଷରେ ଉଚିତ ମନେହୁଏ ନାହିଁ । ଏହା କାହାଣୀର ସୃଜନକାରଙ୍କ ମହନୀୟତା ଓ ସଂକଳ୍ପର ଆଭାସ ଦିଏ । ତେବେ ନାଟକରେ ଅଭିନେତାର ସ୍ୱାଧୀନ ଇଚ୍ଛାର ଭୂମିକା କେଉଁଠି ? ହଁ, ସ୍ୱାଧୀନ ଇଚ୍ଛାର ଭୂମିକା ନିଶ୍ଚୟ ରହିଛି । ସେହି ସ୍ୱାଧୀନ ଇଚ୍ଛାର



ଉପଯୋଗ କରି ଅଭିନେତା ନିଜ କୌଶଳ ବା ଦକ୍ଷତା ମାଧ୍ୟମରେ ନିଜ ଚରିତ୍ରର ଗୁରୁତ୍ୱକୁ ଆହୁରି ଶାଣିତ କରେ ଏବଂ ନାଟକର ଲକ୍ଷ୍ୟ ପୂରଣରେ ସହାୟକ ହୁଏ (ଯୋଗଃ କର୍ମସୁ କୌଶଳ-ଗୀତା ୨.୫୨) ।

ବର୍ତ୍ତମାନ ଜୀବନ ଓ ଜଗତ କଥା ବିଚାରକୁ ନେବା । ସମଗ୍ର ଜୀବନଟା ଏକ ରୋମାଞ୍ଚପୂର୍ଣ୍ଣ, ମାଧୁର୍ଯ୍ୟଭରା ନାଟକ । ନାଟକର ଅଭିନେତା ବି ଆମେ ଏବଂ ଦର୍ଶକ ବା ରସିକ ମଧ୍ୟ ଆମେ । ଆମ ନାଟକର କାହାଣୀ ଏକ ଶାଶ୍ୱତ ଚିରନ୍ତନ ମାନବୀୟ ମୂଲ୍ୟବୋଧ ଓ ପ୍ରକୃତିର ନିୟମରେ ଆବଦ୍ଧ । ନାଟ୍ୟ ନିର୍ଦ୍ଦେଶକ ଅପିତୁ କାହାଣୀର ରଚନାକାର ଆମ୍ଭକୁ ଅଭିନୟ ନିମନ୍ତେ ପ୍ରେରିତ କରିଛନ୍ତି । କାହାଣୀକାରଙ୍କ କାହାଣୀର ଏକ ଅଙ୍ଗ ହେଉଛି ଆମ ଜନ୍ମର ପ୍ରୟୋଜନ ।

ପ୍ରତ୍ୟେକ କାହାଣୀର ଏକ ଆରମ୍ଭ ଓ ଶେଷ ଥାଏ ଏବଂ ଥାଏ ଏକ ନିର୍ଦ୍ଦିଷ୍ଟ ପ୍ରୟୋଜନ । କିନ୍ତୁ ଆମ ଜୀବନ ନାଟକର ତାତ୍ପର୍ଯ୍ୟ କ'ଣ ହୋଇପାରେ ? ଅସ୍ତିତ୍ୱବାଦ କହେ, ପ୍ରତ୍ୟେକ ଜୀବ ନିଜେ ନିଜର ପ୍ରୟୋଜନ ସନ୍ଧାନ କରିବାରେ ସ୍ୱାଧୀନ । ତେବେ ଭାରତୀୟ ଦର୍ଶନରେ ଏହି ସୃଷ୍ଟି କାବ୍ୟର ବିଚିତ୍ର ବୈଶିଷ୍ଟ୍ୟ ଏହା ଯେ, ଏହାର ଆରମ୍ଭ ଓ ଶେଷ ଅବସ୍ଥା ଏକ । ଆରମ୍ଭ ଯେଉଁଠି , ଶେଷ ବି ସେଇଠି । ମୋଟାମୋଟି ଭାବରେ ଏତେ ସବୁ ଘଟଣା ଘଟିଯାଇ ମଧ୍ୟ, ସବୁକିଛି ଶୂନ୍ୟ ପରିଲକ୍ଷିତ ହୁଏ, ଅର୍ଥାତ୍ ଏହି ମହାଯାତ୍ରାରେ ଆମେ ଯଥେଷ୍ଟ ଦୂରତା ଅତିକ୍ରମ କରିଥିଲେ ମଧ୍ୟ ଆମ ବିସ୍ଥାପନ ହେଉଛି ଶୂନ୍ୟ । ତେବେ ଏହି ଆରମ୍ଭ କେଉଁଠାରୁ ? ଏହା ଏକ ପ୍ରଶ୍ନ, ଯାହା ସୃଷ୍ଟିର ଉଷାକାଳରୁ ମାନବଜାତିକୁ ସତ୍ୟ ସନ୍ଧାନ ନିମନ୍ତେ ପ୍ରେରିତ କରିଛି । ଏହି ପ୍ରଶ୍ନ ପୁଣି କେତେ ଯେ ବୈଜ୍ଞାନିକ, ଦାର୍ଶନିକ, ଋଷିମନୀଷୀ, କବିଙ୍କୁ ବ୍ୟଥିତ କରିଛି, ମନରେ କୌତୂହଳର ବୀଜ ରୋପଣ କରିଛି, ତାହା ଆମର ଅଧ୍ୟୟନଯୋଗ୍ୟ । ତେବେ ସାଂଖ୍ୟ ଦର୍ଶନକୁ ଆଧାର କରି ଏତିକି କୁହାଯାଇପାରିବ ଯେ, ସୃଷ୍ଟି ନାଟକର ନାୟକ- 'ପୁରୁଷ' ଏବଂ ନାୟିକା- 'ପ୍ରକୃତି' । ପ୍ରକୃତିର ମାତୃଗର୍ଭରୁ ବ୍ୟକ୍ତ ହୁଏ ବିଶାଳ ବ୍ରହ୍ମାଣ୍ଡ । ମୂଳ ପ୍ରକୃତିରେ ତ୍ରିଗୁଣର ସନ୍ତୁଳିତ ଅବସ୍ଥାରେ ବ୍ୟତିକ୍ରମ ଦ୍ୱାରା ସୃଷ୍ଟି ନାଟକର ଅୟମାରମ୍ଭ ହୁଏ । ଏହି ଜଗତ ହୁଏ ବିବିଧତା ପୂର୍ଣ୍ଣ । ସେହି ମୂଳ ବୁଦ୍ଧତ୍ୱ ଓ ସମତ୍ୱ ଅବସ୍ଥା ପ୍ରାପ୍ତି କରିବା ହେଉଛି ଜୀବଜଗତର ଲକ୍ଷ୍ୟ । ଏହା ହିଁ ନିର୍ବାଣ । ଏହିଭଳି ଭାବେ ସୃଷ୍ଟିପ୍ରକ୍ରିୟା ଅନବରତ ଚାଲିଥାଏ ଚକ୍ରାକାର ଗତିରେ । ବହୁତ୍ୱରେ ଏକତ୍ୱ, ବୈଷମ୍ୟରେ ସମତା, ଅବ୍ୟକ୍ତରେ ବ୍ୟକ୍ତ, ବିଶୃଙ୍ଖଳାରେ ଶୃଙ୍ଖଳା, ସଙ୍ଗୀତରେ ଶାନ୍ତି ହିଁ ସୃଷ୍ଟି କାବ୍ୟର ବୈଚିତ୍ର୍ୟ ଓ ଜୀବନର ରୋମାଞ୍ଚକ ଅନୁଭୂତି । ସମ୍ପୂର୍ଣ୍ଣ ଜୀବନ ଏକ ମହାଯାତ୍ରା । ଏହି ମହାଯାତ୍ରାରେ ଜୀବନପଥରେ ନନ୍ଦିଘୋଷ ରଥାରୂଢ଼ ହୋଇ ଏକ ଚେତନା କ୍ରମାଗତ ଗତି କରୁଛି ନିଜକୁ ବ୍ୟକ୍ତ କରିବା ପାଇଁ, ଦିବ୍ୟତ୍ୱର ପରିପ୍ରକାଶ କରିବା ପାଇଁ । ଏହି ଯାତ୍ରାକୁ ଯୋଗମାର୍ଗରେ ଉପଭୋଗ କରି ଯାହାକିଛି ଉପଲବ୍ଧି କରିଛେ, ସେଥିରେ ସନ୍ତୁଷ୍ଟ ରହିବା ଆମ କର୍ତ୍ତବ୍ୟ । ନିଜର ଅହଂକୁ ଭୁଲିଯାଇ ଏହି ନନ୍ଦିଘୋଷ ରଥକୁ ଆମକୁ ଆଗକୁ ନେବାକୁ ହେବ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଭାଷାରେ, ''ଜାତି ନନ୍ଦିଘୋଷ ଚାଲିବ କି ଭାଇ ସ୍ୱାର୍ଥକୁ ସାରଥି କଲେ...'' । ଏହାହିଁ ହେବ ମହାଯାତ୍ରାରେ ଦିଗ୍‌ବିଜୟର ପ୍ରତୀକ । ଅଜ୍ଞାନ ଉପରେ ଜ୍ଞାନର ବିଜୟର ଶଙ୍ଖନାଦରେ ସ୍ପନ୍ଦିତ ହେବ ସମଗ୍ର ବିଶ୍ୱ । ସେହି ଦିବ୍ୟଚେତନାର ଆଗମନ ହେଉଛି ଏହି ସୃଷ୍ଟି ମହାକାବ୍ୟର ଉଦ୍ଦେଶ୍ୟ ତଥା ଦଶାବତାର ତତ୍ତ୍ୱର ସାର ।

ଗୁଣପୁର, ମୋ: ୬୩୭୧୬୮୪୬୯୯

### ଏଇ ଭାରତରେ

ଇଲେକ୍ଟ୍ରି ବାଇକ୍ ଚଲାଇବେ ଓ ତାହାକୁ ଫୋଲ୍ଡିଂ କରି ରଖିଦେବେ । ଏମିତି ଏକ ବାଇକ୍ ନିର୍ମାଣ କରିଛନ୍ତି ଅହମଦାବାଦର ରାଜ୍ ପଟେଲ । ଏହି ବାଇକ୍‌ର ଓଜନ ମଧ୍ୟ କମ୍ । ସେ ୨୦୧୭ରେ 'ସ୍ୱିଚ୍ ବାଇକ୍ସ ଷ୍ଟାର୍ଟଅପ୍' ଗଠନ କରି ତା'ମାଧ୍ୟମରେ ଏହାକୁ ନିର୍ମାଣ କରୁଛନ୍ତି । ଏବେ ସୁଦ୍ଧା ଏଥିରୁ ସେ ୨ କୋଟି ଟଙ୍କା ରୋଜଗାର କରିସାରିଲେଣି । ସାଧାରଣ ସାଇକେଲ ଘଣ୍ଟାକୁ ୧୦ରୁ ୨୦ କି.ମି. ବେଗରେ ଯାଇପାରୁଥିବା ବେଳେ ସ୍ୱିଚ୍ ଇଲେକ୍ଟ୍ରି ବାଇକର ଘଣ୍ଟା ପ୍ରତି ବେଗ ରହୁଛି ୨୦ରୁ ୪୦ କି.ମି. । ୨୦୧୯ରେ ସେ ପ୍ରଥମେ ସ୍ୱିଚ୍ ବାଇକ ନିର୍ମାଣ କରି ୨୦୨୦ ଜାନୁୟାରୀରେ ବିକ୍ରି ଆରମ୍ଭ କରିଥିଲେ । ଏବେ ସୁଦ୍ଧା ୭୦୦୦ ୟୁନିଟ୍ ବିକ୍ରି କରିସାରିଲେଣି । ଭାରତ ସମେତ ଦୁବାଇ, ଆମେରିକା, ନେଦରଲାଣ୍ଡ ଏବଂ ଅଷ୍ଟ୍ରେଲିଆରେ ବି ଏହି ବାଇକ୍ ବିକ୍ରି ହେଉଛି । ତାଙ୍କ ଷ୍ଟାର୍ଟଅପ୍‌ରେ ୨୫୦ଜଣ କର୍ମଚାରୀ କାମ କରୁଛନ୍ତି । ରାଜ୍‌ଙ୍କ ବୟସ ଏବେ ୩୦ । ସେ ଅଷ୍ଟ୍ରେଲିଆରେ ମାର୍କେଟିଂ ଓ ଫାଇନାନ୍ସରେ ଡିଗ୍ରୀ ହାସଲ କରିଛନ୍ତି । ଇଭି ବାଇକ୍‌ର ବ୍ୟାଟେରି ଅଢ଼େଇ ଘଣ୍ଟାରେ ପୂରା ଚାର୍ଜ ହୋଇପାରୁଛି ଓ ଏଥିରେ ତାହା ୮୦ରୁ ୧୦୦ କି.ମି. ଯାଇପାରୁଛି । ଏହା ଘଣ୍ଟା ପ୍ରତି ୪୦ କି.ମି. ବେଗରେ ଯାଇପାରୁଛି । ଉକ୍ତ ବାଇକ୍‌କୁ ପରୀକ୍ଷା କରିବାକୁ ଆସୁଥିବା ପ୍ରତି ୧୦ ଜଣରେ ୮ ଜଣ କିଣୁଛନ୍ତି ବୋଲି କୁହନ୍ତି ରାଜ୍ । ବାଇକ୍‌ର ମୂଲ୍ୟ ୩୪ ହଜାରରୁ ଆରମ୍ଭ କରି ୧ଲକ୍ଷ ଟଙ୍କା ଯାଏ ରଖାଯାଇଛି । ଏବେ ରାଜ୍ ଇଲେକ୍ଟ୍ରି ମୋଟରବାଇକ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି ।

### ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୭

- ପାକିସ୍ତାନରେ ନୂଆକରି ପ୍ରବର୍ତ୍ତିତ ଉତ୍ତରଦାୟୀ ଆଇନ ଅନୁସାରେ ପ୍ରଥମଥର ପାଇଁ ଦେଶର ୨ ନେତା ଦୋଷୀ ସାବ୍ୟସ୍ତ ।
- କଂଗ୍ରେସ ସିକିମ ରାଜ୍ୟ ଶାଖାରେ ୯ ବରିଷ୍ଠ ମନ୍ତ୍ରୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ 'ସିକିମ ଏକତା ମଞ୍ଚ' ନାମରେ ଏକ ନୂତନ ସାମ୍ମୁଖ୍ୟ ଗଠନ କରିଛନ୍ତି ।
- ରାଜସ୍ଥାନର ପାଲ୍ଲୀ ଜିଲାର ବାଳୀ ନଦୀରେ ଏକ ବସ ଖସିପଡ଼ିବାରୁ ୭ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ।

### ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆଗପରି
ଉଦାସ ଗତିରେ ଏକାକୀ ପଥଟି ଧରି
ତୁମେ ହସିଦେଇ ପୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାଗୋରୀ !
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | 6 | |
| 9 | | | | | | | | |
| | | | 5 | 9 | 4 | | | 3 |
| | | 8 | | | 7 | | 3 | |
| 1 | | | | 5 | | | | 2 |
| 3 | | | | | | | 9 | |
| 8 | | 9 | | 2 | | | | |
| | 1 | | 9 | 6 | | 4 | | |
| | | | | 4 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 5 | 2 | 9 | 3 | 1 | 7 |
| 9 | 1 | 5 | 3 | 7 | 4 | 2 | 6 | 8 |
| 7 | 2 | 3 | 1 | 6 | 8 | 4 | 9 | 5 |
| 3 | 5 | 4 | 6 | 8 | 7 | 1 | 2 | 9 |
| 8 | 7 | 6 | 2 | 9 | 1 | 5 | 3 | 4 |
| 1 | 9 | 2 | 4 | 3 | 5 | 7 | 8 | 6 |
| 5 | 8 | 9 | 7 | 1 | 2 | 6 | 4 | 3 |
| 2 | 6 | 7 | 9 | 4 | 3 | 8 | 5 | 1 |
| 4 | 3 | 1 | 8 | 5 | 6 | 9 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପେଟ୍ରୋଲ ପମ୍ପରେ ରହୁନି ଅଗ୍ନି ସୁରକ୍ଷା ବ୍ୟବସ୍ଥା

ମହାଶୟ,

ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ରହୁନି । ଯେଉଁଠି ବି ଅଛି, ତାହାର ବ୍ୟବହାର ସମୟସୀମା ବିତିଗଲାଣି । ବାଲ୍‌ଟି ଅଛି ଅଥଚ ସେଥିରେ ବାଲି ନାହିଁ । ପର୍ଯ୍ୟାପ୍ତ ଫୋମ୍ ଏକ୍ସଟିଙ୍ଗୁଇସର ବ୍ୟବସ୍ଥା ରହିଛି, ମାତ୍ର ତାହା ଅଚଳ । ସିଏନ୍‌ଜି ପମ୍ପର ଅବସ୍ଥା ତ ଆହୁରି ଖରାପ । ଯେତିକି ପରିମାଣର ଏକ୍ସଟିଙ୍ଗୁଇସର ରହିବା କଥା ତାହାଠାରୁ ଢେର କମ୍ ରହିଛି । କଟକର ବିଭିନ୍ନ ପେଟ୍ରୋଲ ପମ୍ପ ତଥା ଫିଲିଂ ଷ୍ଟେଶନରେ ଏଭଳି ତ୍ରୁଟି ଦେଖିବାକୁ ମିଳିଛି । ପେଟ୍ରୋଲ ପମ୍ପ ଆରମ୍ଭ କରିବା ବେଳେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଆଣିବା ନିହାତି ଆବଶ୍ୟକ । ଏହା ଦୁଇ ବର୍ଷ ପାଇଁ ମିଳିଥାଏ । ପ୍ରତି ଦୁଇ ବର୍ଷରେ ତାହାକୁ ରେନ୍ୟୁ କରିବା ବାଧ୍ୟତାମୂଳକ । ପେଟ୍ରୋଲ ଓ ଡିଜେଲ ମିଳୁଥିବା ପମ୍ପରେ ଅଗ୍ନି ନିରାପତ୍ତା ପାଇଁ ଅଏଲ ଇଣ୍ଡଷ୍ଟ୍ରିଜ ସେଫ୍ଟି ଡାଇରେକ୍ଟୋରେଟ ରହିଛି । ଏହି ନିର୍ଦ୍ଦେଶାଳୟର ୨୨୫ଗାଇଡ଼ଲାଇନ ଅନୁସାରେ, ପମ୍ପ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଏ । ଏହି ଅନୁସାରେ ପମ୍ପରେ ୫ରୁ ଅଧିକ ଅଗ୍ନି ନିର୍ବାପକ ଯନ୍ତ୍ର (ସିଓ-୨), ୫ରୁ ଅଧିକ ବାଲଟିରେ ଫୁଲ୍ ହୋଇ ବାଲି, ୫ରୁ ଅଧିକ ଡ୍ରାଏ ପାଉଡର ଥିବା ଏକ୍ସଟିଙ୍ଗୁଇସର ଓ ୫ରୁ ଅଧିକ ଫୋମ ଏକ୍ସଟିଙ୍ଗୁଇସ ରଖାଯିବ । ସେହିପରି ସିଏନଜି ବିକ୍ରି ହେଉଥିବା ପମ୍ପ ପାଇଁ ଗ୍ୟାସ ସିଲିଣ୍ଡର ରୁଲ୍ ୨୦୧୬ ରହିଛି । ଏହା ଅନୁସାରେ (ସିଓ-୨) ଯନ୍ତ୍ର, ବାଲି ବାଲ୍‌ଟି ଓ କେମିକାଲ ପାଉଡର ଏକ୍ସଟିଙ୍ଗୁଇସର ରହିବ । ଏହି ବ୍ୟବସ୍ଥା ପାଳନ ହେଉଛି କି ନାହିଁ ଯାଞ୍ଚ କରିବ ଅଗ୍ନିଶମ କାର୍ଯ୍ୟାଳୟ । ମାତ୍ର ଏଭଳି ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି ।

-ଶ୍ୟାମ ସୁନ୍ଦର ସାମଲ,ବିଡ଼ାନାସୀ ବନ୍ଧଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦଳ ଗଢ଼ିବେ ଆଜାଦ



ଗୁଲାମନବୀ ଆଜାଦ

- କଶ୍ମୀରରେ ଭାଜପା ସହ ମେଣ୍ଟ କରିପାରନ୍ତି
- ମୋଦିଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୨୬।୮** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ କଂଗ୍ରେସ ସହ ଦୀର୍ଘ ୫୦ ବର୍ଷର ସମ୍ପର୍କ ଛିନ୍ନ କରି ଦଳ ଛାଡ଼ିଛନ୍ତି। ଏଥିସହ କଂଗ୍ରେସର ଅଧପତନ ପାଇଁ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଆଜାଦ ଭାଜପା କିମ୍ବା ଅନ୍ୟ କୌଣସି ଦଳରେ ସାମିଲ ହୋଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଛି। ତେବେ ସେ କୌଣସି ଦଳରେ ସାମିଲ ନ ହୋଇ ଜମ୍ମୁ-କଶ୍ମୀରରେ ଏକ ନୂଆ ଦଳ ଗଠନ କରିବେ ବୋଲି ସୂତ୍ରରୁ ପ୍ରକାଶ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଜାଦ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଲାଗି ଉଦ୍ଦିଷ୍ଟ ପ୍ରଚାର କମିଟି ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଉ ପାଉ ଇସ୍ତଫା ଦେଇଥିଲେ। ଏବେ କଂଗ୍ରେସ ଛାଡ଼ିଛନ୍ତି। ଆଜାଦଙ୍କ ଦଳ ତ୍ୟାଗ ପରେ ତାଙ୍କ ସମର୍ଥନରେ କଂଗ୍ରେସର ୫ ନେତା ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ପୂର୍ବତନ ମନ୍ତ୍ରୀ ଆର୍.ଏସ୍. ଚିବ୍ ଏବଂ ଜି.ଏମ୍. ସରୁରି, ପୂର୍ବତନ ବିଧାୟକ ମହମ୍ମଦ ଅମିନ ଭଟ୍ଟ, ପୂର୍ବତନ ଏମ୍ଏଲ୍ସି ନରେଶ ଗୁପ୍ତା ଏବଂ ଦଳୀୟ ନେତା ସଲମାନ ନିଜାମି। ଜମ୍ମୁ-କଶ୍ମୀରରେ ଚଳିତ ବର୍ଷ ହେବାକୁ ଥିବା ନିର୍ବାଚନ ପୂର୍ବରୁ ଆଜାଦ ଉପତ୍ୟକାରେ ନିଜ ଉପସ୍ଥିତି ଜାହିର କରିବାକୁ ଚାହୁଁଛନ୍ତି। ସୋନିଆଙ୍କ ନିକଟକୁ ପଠାଇଥିବା ପତ୍ରରେ ଆଜାଦ ଲେଖିଛନ୍ତି, ୧୯୭୦ ଦଶକର ମଧ୍ୟଭାଗରେ ସେ କଂଗ୍ରେସରେ ସାମିଲ ହୋଇଥିଲେ, ଯେତେବେଳେ କି ଜମ୍ମୁ-କଶ୍ମୀରରେ କୌଣସି ଦଳ ସହ ଜଡ଼ିତ ରହିବାକୁ ଭଲ ନଜରରେ ଦେଖାଯାଉ ନ ଥିଲା। ଅନ୍ୟପକ୍ଷେ ଆଜାଦ ନୂଆ ଦଳ ଗଢ଼ିଲେ ସେ ଜମ୍ମୁ-କଶ୍ମୀରର ଆଞ୍ଚଳିକ ଦଳ କିମ୍ବା ଭାଜପା ସହ ମେଣ୍ଟ କରିପାରନ୍ତି ବୋଲି କୁହାଯାଉଛି। ଏହା ପୂର୍ବରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କଂଗ୍ରେସ ଛାଡ଼ି ପଞ୍ଜାବ ଲୋକ କଂଗ୍ରେସ ନାମରେ ନୂଆ ଦଳ ଗଢ଼ିବା ସହ ଗତ ବିଧାନସଭା ନିର୍ବାଚନରେ ଭାଜପା ସହ ମେଣ୍ଟ କରିଥିଲେ। ଆଜାଦ ରାଜ୍ୟ ସଭାରୁ ଅବସର ନେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରଶଂସା କରିଥିଲେ। ମୋଦି ଆଜାଦଙ୍କୁ ନିଜର ଜଣେ ପ୍ରକୃତ ବନ୍ଧୁ ଭାବେ ଅଭିହିତ କରି କହିଥିଲେ, ଆପଣଙ୍କ ପାଇଁ ମୋ ଦ୍ୱାର ସବୁବେଳେ ଖୋଲା ରହିବ। ଆଜାଦ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଅନେକ ସମୟରେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ସହ ଘନିଷ୍ଠତା ଯୋଗୁ ଆଜାଦଙ୍କୁ ପଦ୍ମବିଭୂଷଣ ଉପାଧି ମିଳିଥିବା ଅନେକେ କହୁଛନ୍ତି।



ଗୁଲାମନବୀ ଆଜାଦଙ୍କୁ କଂଗ୍ରେସ ଅପମାନିତ କରି ଦଳ ଛାଡ଼ିବାକୁ ବାଧ୍ୟ କରିଛି। କଂଗ୍ରେସ ଏକ ବୁଡ଼ିଯାଉଥିବା ଜାହାଜ, ଯହିଁରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ଆଜାଦଙ୍କ ଇସ୍ତଫାରୁ ଏହା ପ୍ରମାଣିତ ହୋଇଛି।

**-ରବୀନ୍ଦ୍ର ରୈନା, ଜମ୍ମୁ-କଶ୍ମୀର ଭାଜପା ସଭାପତି**



ପ୍ରଥମେ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୁହ, ପରେ ପଦ୍ମବିଭୂଷଣ ଏବଂ ବାସଭବନ ବିସ୍ତାର। ଏହା ସଂଯୋଗ ନୁହେଁ, ସହଯୋଗ। ଗୁଲାମନବୀ ଆଜାଦ (ଜିଏନ୍ଏ)ଙ୍କ ଡିଏନ୍ଏ 'ମୋଦିଫାଏଡ୍' ହୋଇଯାଇଛି। ମୋଦିଙ୍କ ହାତରେ ଆଜାଦଙ୍କ ରିମୋଟ କଣ୍ଟ୍ରୋଲ ରହିଛି।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# କେନ୍ଦ୍ରମନ୍ତ୍ରୀ ମାଣ୍ଡଭ୍ୟଙ୍କୁ ଚିଠି ଲେଖିଲେ ନବୀନ

## ଡିଏପି, ଏମ୍ଓପି ସାର ମିଳୁନି

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ରାଜ୍ୟରେ ଖରିଫ୍ ଚାଷ ଜୋରସୋର ଚାଲିଥିବାବେଳେ ସାର ଅଭାବ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଧାର୍ଯ୍ୟ ସମୟରେ କେନ୍ଦ୍ର ସରକାର ସାର ଯୋଗାଉନାହାନ୍ତି। ରାଜ୍ୟକୁ ମାସିକିଆ କୋଟା ମିଳୁନାହିଁ। ଖରିଫ ଋତୁରେ ଡିଏପି ସାର ୩୧% କମ୍ ମିଳିଛି। ଚାଷୀଙ୍କ ସମସ୍ୟାର ସମାଧାନ କରିବା ଲାଗି କେନ୍ଦ୍ର ସରକାର ଓଡ଼ିଶାର ମାସିକିଆ କୋଟା ଯୋଗାଇଦେବାକୁ ଦାବି କରି ଶୁକ୍ରବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାରମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଚିଠି ଲେଖିଛନ୍ତି।



ନବୀନ ପଟ୍ଟନାୟକ

ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ଚାହିଦା ଅନୁସାରେ ଡିଏପି ଏବଂ ଏମ୍ଓପି ସାର ମିଳୁନାହିଁ। ଜୁଲାଇ ୩୧ ସୁଦ୍ଧା ରାଜ୍ୟକୁ ୪୭,୮୭୭ ମେଟ୍ରିକ୍ ଟନ୍ ଡିଏପି ଏବଂ ୧ ହଜାର ୧୦ ମେଟ୍ରିକ ଟନ୍ ଏମ୍ଓପି ସାର କମ୍ ମିଳିଛି। ରାଜ୍ୟରେ ଖରିଫ ଚାଷ ଚାଲିଥିଲା ବେଳେ ସାର ଅଭାବ ଚାଷୀଙ୍କୁ ଅସୁବିଧାରେ ପକାଇଛି। ଗତବର୍ଷ ୟାସ୍, ଜୱାଦ, ଗୁଲାବ ବାତ୍ୟା ପାଇଁ ରାଜ୍ୟର ଚାଷୀ ବିପୁଳ କ୍ଷତି ସହିଛନ୍ତି। ଏଥର ଭଲ ଫସଲ ପାଇଁ ପାଗ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ କହିଛି। ଅଗଷ୍ଟ, ସେପ୍ଟେମ୍ବରରେ ଏମ୍ଓପି ଏବଂ ଡିଏପି ସାର ଚାହିଦା ବଢ଼ିଛି। ଏହାର ଅଭାବ ରାଜ୍ୟର ଶସ୍ୟ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଚାଷୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ନବୀନ ଚିଠିରେ କେନ୍ଦ୍ରମନ୍ତ୍ରୀ ମାଣ୍ଡଭ୍ୟଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆବଶ୍ୟକତା ଅନୁଯାୟୀ ୟୁରିଆ ସାର ମିଳିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି ରାଜ୍ୟ ସରକାର: କେନ୍ଦ୍ରମନ୍ତ୍ରୀ

## ଅଫିସରମାନଙ୍କୁ ମିଛ କହିବାରୁ ବାରଣ କରନ୍ତୁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ରାଜ୍ୟ ସରକାର ଯେତେ ପରିମାଣର ସାର କେନ୍ଦ୍ର ସରକାରଙ୍କୁ ମାଗିଛନ୍ତି ସେହି ପରିମାଣର ସାର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ୨୦୨୨ ଅଗଷ୍ଟ ୨୫ ସୁଦ୍ଧା ରାଜ୍ୟ ସରକାର ୟୁରିଆ ସାର ୦.୦୮ଏଲ୍ଏମ୍ଟି ମାଗିଥିଲା ବେଳେ କେନ୍ଦ୍ର ସରକାର ୨.୦୪ ଏଲ୍ଏମ୍ଟି ସାର ଯୋଗାଇ ଦେଇଛନ୍ତି। ସେହିପରି ଡିଏପିରେ ୦.୩୦ ଏଲ୍ଏମ୍ଟି ମାଗିଥିବା ବେଳେ ୦.୫୨ ଏଲ୍ଏମ୍ଟି, ଏମ୍ଓପି ୦.୨୫ ଏଲ୍ଏମ୍ଟି ମାଗିଥିବା ବେଳେ ୦.୪୫ ଏଲ୍ଏମ୍ଟି, ଏନ୍ପିକେଏସ୍ ୦.୪୦ ଏଲ୍ଏମ୍ଟି ମାଗିଥିବା ବେଳେ ୧.୩୭ ଏଲ୍ଏମ୍ଟି କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି ବୋଲି ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ଭଗୱନ୍ତ ଖୁବା କହିଛନ୍ତି।

ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି। ଓଡ଼ିଶାର କୃଷକମାନଙ୍କୁ ଯେତିକି ସାର ଆବଶ୍ୟକ ତାହା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମିଛ କୁହନ୍ତୁନି କି ତାଙ୍କ ଅଫିସରମାନଙ୍କୁ ମଧ୍ୟ ମିଛ କହିବା ପାଇଁ ବାରଣ କରନ୍ତୁ। କେନ୍ଦ୍ର ସରକାର ସାର ଓ ରସାୟନ ବିଭାଗର ୱେବ୍ସାଇଟରେ ରାଜ୍ୟମାନଙ୍କୁ ଦିଆଯାଉଥିବା ସାରର ସବୁ ତଥ୍ୟ ପ୍ରତ୍ୟେକ ଦିନ ଅପ୍ଡେଟ ହୋଇଥାଏ। କେନ୍ଦ୍ର ମନ୍ତ୍ରୀ ଖୁବା ରାଜ୍ୟର କୃଷକମାନଙ୍କୁ ଅପିଲ କରିଛନ୍ତି ଯେ, ସାର ଅଭାବୀ ଖବରକୁ ବିଶ୍ୱାସ କରନ୍ତୁ ନାହିଁ। ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମ୍ ଦିଅନ୍ତୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



ଭଗୱନ୍ତ ଖୁବା

# ବନ୍ୟାରେ ଲୋକେ ଛଟପଟ, ମିଛ ପ୍ରଚାରରେ ବ୍ୟସ୍ତ ସରକାର: କଂଗ୍ରେସ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ରାଜ୍ୟରେ ଦେଖା ଦେଇଥିବା ଭୟଙ୍କର ବନ୍ୟାରେ ୧୫ ଜିଲା ପ୍ରଭାବିତ ହୋଇଥିବା ବେଳେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହି ଚରମ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ହଜାର ହଜାର ଏକର ଫସଲ ଜଳମଗ୍ନ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୨୨ ବର୍ଷ କ୍ଷମତାରେ ଥିବା ରାଜ୍ୟ ସରକାରଙ୍କ ଦୂରଦର୍ଶିତାର ଅଭାବ ଯୋଗୁ ରାଜ୍ୟବାସୀ ବନ୍ୟା ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ ସରକାର କେବଳ ମିଛ ପ୍ରଚାରରେ ବ୍ୟସ୍ତ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି,।

କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚିପାରିଲା ନାହିଁ। ଲୋକଙ୍କ ଦୁର୍ଦ୍ଦଶା ଆକଳନ କରିବା ପାଇଁ ମଧ୍ୟ ସରକାରୀ କଳ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଲେ ନାହିଁ । ନିଜ ବାସ, ବେଉସା ଓ ଫସଲ ଉଜୁଡ଼ିଯାଇଥିଲାବେଳେ ଲୋକଙ୍କ ପ୍ରତି ରାଜ୍ୟ ସରକାର କେବଳ ପ୍ରତାରଣା କରିଚାଲିଛନ୍ତି। ଜିରୋ କାଜୁଆଲ୍ଟି ନେଇ ମୁଖ୍ୟମନ୍ତ୍ରୀ କେବଳ ଏକ ଫମ୍ପା ପ୍ରଚାର କରୁଛନ୍ତି। ସରକାରଙ୍କର ଅଦୂରଦର୍ଶିତା ଓ ଅପରିଣାମଦର୍ଶିତା ପାଇଁ ରାଜ୍ୟବାସୀ ବନ୍ୟାରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଯଦି ରାଜ୍ୟ ସରକାରଙ୍କର ସତ୍ସାହସ ଅଛି ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ସାମନ୍ୟତମ ଆନ୍ତରିକତା ଅଛି ତେବେ ସର୍ବଦଳୀୟ ଓ ବିଶେଷଜ୍ଞମାନଙ୍କ ବୈଠକ ଡାକନ୍ତୁ ବୋଲି ଶରତ ସରକାରଙ୍କୁ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ ବନ୍ୟା ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ପଞ୍ଚାନନ କାନୁନ୍ଗୋ କହିଛନ୍ତି, ବନ୍ୟାରେ ୧୭ ଜଣଙ୍କ ଜୀବନ ଯାଇଛି। କିନ୍ତୁ ବନ୍ୟା ଛାଡ଼ିଯିବା ପରେ ଜଳବାହିତ ରୋଗ ଅତି ଗୁରୁତ୍ୱର ଆକାରରେ ଧାରଣ କରିବାକୁ ଯାଉଛି ବୋଲି ସେ କହିଛନ୍ତି। ଏହିଭଳି ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି।



ଶରତ ପଟ୍ଟନାୟକ

# ପାୱାର କଟ୍ କରିବନି 'ମନ୍ କୀ ବାତ୍' ଅଛି

## ଟାଟା ଅଧିକାରୀଙ୍କୁ ଲେଖାଶ୍ରୀଙ୍କ ଅନୁରୋଧ



**ଭୁବନେଶ୍ୱର, ୨୬।୮(ବ୍ୟୁରୋ):** 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ନିର୍ମାଣ ଓ ସମାଜ ମଙ୍ଗଳ ପ୍ରସଙ୍ଗରେ ଆଲୋଚନା କରିବା ସହିତ ସାଧାରଣ ଜୀବନ ବାସକରୁଥିବା ଲୋକଙ୍କ ଅକୁହା କଥା ସାମ୍ନାକୁ ଆଣିଥାଆନ୍ତି, ଯାହା ଆମ ସମସ୍ତଙ୍କୁ ବହୁ ପ୍ରେରଣା ଯୋଗାଏ। ଦେଶର ପ୍ରଧାନମନ୍ତ୍ରୀ ପ୍ରତିମାସ ଶେଷ ରବିବାର ୧୧ଟା ବେଳେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଦେଶବାସୀଙ୍କୁ ଉଦ୍ବୋଧନ ଦେଇଥାନ୍ତି। ୨୦୧୪ରେ ସେ ଶପଥ ନେବାପରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅଗଷ୍ଟ ୨୮ଦିନ ୯୨ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା, ଜନପ୍ରତିନିଧି ଓ ସାଧାରଣ ଜନତା ଶୁଣିବାକୁ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅନୁରୋଧ କରିଛନ୍ତି। 'ମନ୍ କି ବାତ୍' ଭାରତ ବର୍ଷରେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। 'ମନ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଦେଶର ବହୁ ମାତ୍ରରେ ଉନ୍ନତି ଘଟିଛି। ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ରହିଛି । ତେଣୁ ପାୱାର କଟ୍ ନ କରିବାକୁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଲେଖାଶ୍ରୀ ଅନୁରୋଧ କରିଛନ୍ତି। ଏନେଇ ଶକ୍ତି ବିଭାଗ ଓ ଟାଟା ଅଧିକାରୀଙ୍କୁ ପତ୍ର ଦିଆଯାଇଛି ବୋଲି ସେ କହିଛନ୍ତି।

# ବୀମା କମ୍ପାନୀଠୁ ବିଜେଡି ନେଇଛି ୧୦୦ କୋଟି: ଭାଜପା

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ଚାଷୀର ବଳ କହୁଥିବା ବିଜେଡି ଏବେ ଚାଷୀଙ୍କ ସମସ୍ୟା ଓ ସଙ୍କଟ ବେଳେ ହାତବାନ୍ଧି ବସି ରହିବା ଦୁର୍ଭାଗ୍ୟଜନକ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି, ୨୦୨୦-୨୧ ଖରିଫ ଋତୁରେ ଓଡ଼ିଶା ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲବୀମା କରିବା ପାଇଁ ରାଜ୍ୟ ସରକାର ଏକ ସଂସ୍ଥା ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ୨୦୨୦-୨୧ ଖରିଫ ବର୍ଷରେ ଅନାବୃଷ୍ଟି ଯୋଗୁ ଓଡ଼ିଶାର ବିଭିନ୍ନ ଜିଲାରେ ଭୟଙ୍କର ମରୁଡ଼ି ସ୍ଥିତି ଉତ୍ପନ୍ନ ହୋଇଥିଲା। ମରୁଡ଼ି ଆକଳନ କରିବା ପାଇଁ ବହୁଦିନରୁ ମିଳିତଭାବେ କୃଷି, ରାଜସ୍ୱ, ପରିସଂଖ୍ୟାନ ବିଭାଗ ସହ ବୀମା କମ୍ପାନୀର ପ୍ରତିନିଧିମାନଙ୍କ ଉପସ୍ଥିତିରେ କ୍ରପ୍ କଟିଂ ରିପୋର୍ଟ ସଂଗ୍ରହ ହୋଇସାରିଛି। କ୍ରପ୍ କଟିଂ ଆଧାରରେ ପ୍ରିମିୟମ ଜମା କରିଥିବା ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା କମ୍ପାନୀଗୁଡିକ ଯୋଗାଇଦେବା କଥା। ବୀମା କମ୍ପାନୀଗୁଡ଼ିକ ଓଡ଼ିଶାର ଚାଷୀଙ୍କୁ ବୀମା କ୍ଷତିପୂରଣ ଦେଉ ନ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକ ସଙ୍ଗଠନଗୁଡିକ ଦ୍ୱାରା ରାସ୍ତା, ରେଳ ବନ୍ଦ, ସରକାରୀ କାର୍ଯ୍ୟାଳୟଗୁଡିକରେ ତାଲା ବନ୍ଦ ଆନ୍ଦୋଳନ ଚାଲୁଛି। ବୀମା କମ୍ପାନୀଗୁଡିକ ଏବେ ଓଡ଼ିଶା ଚାଷୀଙ୍କ ସହ ଲୁଚକାଳି ଖେଳୁଛନ୍ତି। ସେପଟେ ବିଜେଡି ଗତ ପଞ୍ଚାୟତ ଓ ପୌର ନିର୍ବାଚନ ସମୟରେ ଏହି ବୀମା କମ୍ପାନୀ ଗୁଡ଼ିକଠାରୁ ୧୦୦ କୋଟି ଟଙ୍କା ନିର୍ବାଚନୀ ପାଣ୍ଠି ସଂଗ୍ରହକରି ସେମାନଙ୍କୁ ସୁରକ୍ଷା ଦେବାର କାମ କରୁଛନ୍ତି ବୋଲି ପୁରୋହିତ ଅଭିଯୋଗ କରିଛନ୍ତି। ଏଭଳି ଦୁର୍ବିପାକ ସମୟରେ ସରକାର କାହିଁକି ଚାଷୀଙ୍କୁ ସହାୟତା ଯୋଗାଇ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଅନ୍ୟାନ୍ୟ ଖବର

# ବଲିଉଡ୍‌ରେ ଚାଲିଛି ତାରକା ବିକ୍ରି

**ମୁମ୍ବାଇ,୨୬।୮:** ହିନ୍ଦୀ ଫିଲ୍ମ ଜଗତର ଖ୍ୟାତନାମା ଅଭିନେତା ଅନୁପମ ଖେର ବଲିଉଡ୍‌କୁ ନେଇ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ସାକ୍ଷାତ୍କାରରେ ସେ କହିଛନ୍ତି, ଦକ୍ଷିଣ ଭାରତ ଫିଲ୍ମ ଇଣ୍ଡଷ୍ଟ୍ରି ସିନେମା ଜରିଆରେ ଲୋକଙ୍କୁ କାହାଣୀ କହୁଥିବାବେଳେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାରକା ବିକ୍ରି ଚାଲିଛି। ନିକଟରେ ରିଲିଜ୍ ହୋଇଥିବା ସାଉଥ୍ ଫିଲ୍ମ 'କାର୍ତ୍ତିକେୟ ୨'ରେ ଅନୁପମଙ୍କୁ ଦେଖିବାକୁ ମିଳିଛି। ଫିଲ୍ମଟିକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଛି। ଏଥିରେ ଅନୁପମ ଏକ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଚଳିତ ବର୍ଷ ଅନୁପମ ଖେର୍ ଚର୍ଚ୍ଚାରେ ରହିଆସିଛନ୍ତି। ତାଙ୍କ ଦ୍ୱାରା ପ୍ରଯୋଜିତ ଫିଲ୍ମ 'କଶ୍ମୀର ଫାଇଲ୍ସ' ମଧ୍ୟ ଦର୍ଶକଙ୍କ ଭଲପାଇବା ସାଉଁଟିବାରେ ସଫଳ ହୋଇଛି। କଶ୍ମୀରୀ ପଣ୍ଡିତଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାରକୁ ନେଇ ଏହାର କାହାଣୀ ଆଧାରିତ ହୋଇଥିଲା।

# ଲାଞ୍ଚ ନେଇ ପ୍ରଧାନଶିକ୍ଷକ ଗିରଫ

**କୁଆଁରମୁଣ୍ଡା,୨୬।୮(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବହୁ ଚର୍ଚ୍ଚିତ କୁମଝରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ଭିଜିଲାନ୍ସ ଗିରଫ କରିଛି। ମାଟ୍ରିକ ପରୀକ୍ଷାର ମାର୍କସିଟ୍ ପ୍ରଦାନ ସମୟରେ ଜଣେ ଛାତ୍ରୀଙ୍କ ଠାରୁ ୧୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି।

ସୂଚନାଯୋଗ୍ୟ ଯେ,ସମ୍ପୃକ୍ତ ୧୦ମ ଶ୍ରେଣୀର ଛାତ୍ରୀ ଜଣଙ୍କ ସ୍କୁଲ ହଷ୍ଟେଲରେ ରହି ଶିକ୍ଷା ଗ୍ରହଣ କରୁଥିଲେ। ସ୍କୁଲରେ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ହଷ୍ଟେଲରେ ରହିବାର କୌଣସି ସରକାରୀ ବ୍ୟବସ୍ଥା ନାହିଁ। କିଭଳି ଆଦିବାସୀ ଛାତ୍ରୀଛାତ୍ରଙ୍କର ଶୈକ୍ଷିକ ବିକାଶ ହେବ ସେ ନେଇ ସ୍କୁଲ ପକ୍ଷରୁ ରହିବା, ଖାଇବା ଓ ପାଠପଢ଼ାର ସମ୍ପୂର୍ଣ୍ଣ ବନ୍ଦୋବସ୍ତ କରାଯାଇଥିଲା। ଏନେଇ ପିଲାଙ୍କର ଅଭିଭାବକ ସ୍ୱତଃସ୍ଫୂର୍ତ୍ତଭାବେ ୧୨ହଜାର ଲେଖାଏଁ ବାର୍ଷିକ ଟଙ୍କା ସ୍କୁଲକୁ ଦେଉଥିଲେ। ମାତ୍ର ଉକ୍ତ ଛାତ୍ରୀ ଜଣଙ୍କର ବାପାଙ୍କୁ ଏହି ଟଙ୍କା ପୈଠ କରିବା ପାଇଁ ପ୍ରଧାନଶିକ୍ଷକ ସାମଲ କହିବାରୁ ସେ ପୈଠ କରିବା ପରିବର୍ତ୍ତେ ଏ ନେଇ ଭିଜିଲାନ୍ସରେ ଜଣାଇଥିଲେ। ଏକ ସୁପରିକଳ୍ପିତ ଯୋଜନାରେ ଛାତ୍ରୀଙ୍କ ଅଭିଭାବକ ପ୍ରଧାନଶିକ୍ଷକ ସାମଲଙ୍କୁ ୧୨ହଜାର କେମିକାଲ ବୋଳା ଟଙ୍କା ପ୍ରଦାନ କରିବା ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀ ପ୍ରଧାନଶିକ୍ଷକ ସାମଲଙ୍କୁ କାବୁ କରିଥିଲେ। ଏହି ଘଟଣା ପରେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମହଲରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି।

# ମହିଳାଙ୍କ କିଡ୍‌ନୀ ବିକ୍ରି ଘଟଣା: ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

**ମାଲକାନଗିରି,୨୬।୮(ଡ଼.ଏନ.ଏ.):** ମାଲକାନଗିରି ବ୍ଲକ କତାମେଟା ଗ୍ରାମର ରଞ୍ଜିତା କୁଣ୍ଡୁଙ୍କ ସ୍ୱାମୀ ତାଙ୍କ କିଡ୍‌ନୀ ବିକି ଦେବା ଅଭିଯୋଗ ପରେ ଶୁକ୍ରବାର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ପ୍ରୋଗ୍ରାମ ଅଧିକାରୀ ଏବଂ ସଖୀ କେନ୍ଦ୍ରର କର୍ମଚାରୀ ତାଙ୍କ ଘରକୁ ଯାଇ କିଡ୍‌ନୀ ବିକ୍ରିବା ଘଟଣା ସମ୍ପର୍କରେ ରଞ୍ଜିତାଙ୍କୁ ପଚାରି ବୁଝିଛନ୍ତି। ଏଥିରୁ ତାଙ୍କର ଗୋଟିଏ କିଡ୍‌ନୀ ନ ଥିବା ସ୍ପଷ୍ଟ ହୋଇଛି। ତେବେ ସ୍ୱାମୀଙ୍କ ବିରୋଧରେ ରଞ୍ଜିତା ଆଣିଥିବା ଅଭିଯୋଗର ତଦନ୍ତ ପାଇଁ ପଦକ୍ଷେପ ନିଆଯିବ ବୋଲି ତଦନ୍ତକାରୀ ଟିମ୍ ପକ୍ଷରୁ କୁହାଯାଇଛି। କିଡ୍‌ନୀ କିଣିଥିବା ବ୍ୟକ୍ତି ମାଲକାନଗିରି ଜିଲାର ଜଣେ ଶିକ୍ଷକ ହୋଇଥିବା ବେଳେ ଘଟଣା ସମ୍ମୁଖକୁ ଆସିବା ପରେ ସେ ରଞ୍ଜିତାଙ୍କୁ ଯୋଗାଯୋଗ କରି ଅଧିକ ସାହାଯ୍ୟ ଓ ଅର୍ଥ ଦେବେ ବୋଲି କହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୨ ବର୍ଷ ତଳେ ଏମ୍.ଭି.-୩୮ ଗ୍ରାମର ପ୍ରଶାନ୍ତ କୁଣ୍ଡୁଙ୍କୁ ରଞ୍ଜିତା ପ୍ରେମ ବିବାହ କରିଥିଲେ। ଏମାନଙ୍କର ଗୋଟିଏ କନ୍ୟା ଓ ପୁତ୍ର ସନ୍ତାନ ଅଛନ୍ତି। ବିବାହ ପରେ ସ୍ୱାମୀ ପ୍ରଶାନ୍ତ ରଞ୍ଜିତାଙ୍କୁ ଉତ୍ତରାଖଣ୍ଡ ନେଇ ଯାଇଥିଲେ। ସେଠାରେ ସବୁ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ପ୍ରଶାନ୍ତ ଓ ତାଙ୍କ ଭଉଣୀ ଉଭୟେ ରଞ୍ଜିତାଙ୍କୁ ମାରପିଟ କରୁଥିଲେ। ଗାଳିଗୁଲଜ କରିବା ସହ ମାନସିକ ଯନ୍ତ୍ରଣା ଦେଉଥିଲେ। ୨୦୧୮ରେ ପ୍ରଶାନ୍ତ ରଞ୍ଜିତାଙ୍କୁ ଗୋଟିଏ କିଡ୍‌ନୀ ଦାନ କରିବା ପାଇଁ କହି ଭୁବନେଶ୍ୱର ନେଇ ଏକ ଚିକିତ୍ସାଳୟରେ କିଡ୍‌ନୀ ଦାନ କରିଥିଲେ। ଏ ବାବଦକୁ କିଛି ଟଙ୍କା ମଧ୍ୟ ପାଇଥିଲେ। ଏହି ଟଙ୍କାକୁ ସ୍ୱାମୀ ଏବଂ ତାଙ୍କ ନଣନ୍ଦ ଆତ୍ମସାତ୍ କରିଥିବା ରଞ୍ଜିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ୧୧ ରାଜ୍ୟର ରିପୋର୍ଟ ଦେଖିଲେ, ସେପ୍ଟେମ୍ବରରେ ୨ୟ ବୈଠକ

## ବିଧାନସଭା ସଦସ୍ୟ, ପୂର୍ବତନ ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ପୂର୍ବତନ ସଦସ୍ୟଙ୍କ ଦରମା, ପେନ୍‌ସନ୍, ଭତ୍ତା ବୃଦ୍ଧି ନିମନ୍ତେ ଆସିଥିବା ପ୍ରସ୍ତାବକୁ ନେଇ ଶୁକ୍ରବାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୩ନଂ. ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ଆଗତ ହୋଇଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ଦେଶର ବିଭିନ୍ନ ରାଜ୍ୟର ବିଧାୟକଙ୍କୁ କେତେ ଦରମା, ଭତ୍ତା ଏବଂ ପୂର୍ବତନ ବିଧାୟକଙ୍କ କେତେ ପେନ୍‌ସନ ଦିଆଯାଉଛି ସେ ନେଇ ଅନୁଧ୍ୟାନ କରାଯାଇଛି। ପ୍ରାୟ ୧୧ରୁ ୧୨ଟି ରାଜ୍ୟର ତଥ୍ୟ ସରକାର ସଂଗ୍ରହ କରିଛନ୍ତି। ଏ ସଂକ୍ରାନ୍ତରେ ଅନୁଧ୍ୟାନ କରିବା ଲାଗି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶରେ ଗଠିତ ୧୧ ଜଣିଆ ପରାମର୍ଶଦାତା କମିଟିକୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ଦେଶର ସମସ୍ତ ରାଜ୍ୟର ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରିବାକୁ ସଚିବାଳୟ ଅଧିକାରୀମାନଙ୍କୁ କୁହାଯାଇଛି। ପୂର୍ବତନ ବିଧାୟକଙ୍କୁ ମିଳୁଥିବା ପେନ୍‌ସନ ବହୁତ କମ୍। ଏ ଦିଗରେ ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ପରବର୍ତ୍ତୀ ବୈଠକରେ ସଂସଦୀୟ ବ୍ୟାପାର ବିଭାଗକୁ ଅନ୍ତର୍ଭୁକ୍ତ କରି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଆବଶ୍ୟକ ସ୍ଥଳେ ଅଧିକ ସୂଚନା ସଂଗ୍ରହ ପାଇଁ କମିଟି ସଦସ୍ୟମାନେ କେତେକ ରାଜ୍ୟକୁ ଗସ୍ତ କରି ରିପୋର୍ଟ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡି ବିଧାୟକ ଡା. ନୃସିଂହ ଚରଣ ସାହୁ, ମକରନ୍ଦ ମୁଦୁଲି, ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

## ନୂଆଖାଇରେ ୨ ଦିନ ଛୁଟି ଲାଗି ଅନୁରୋଧ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ'ରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବା ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଏକ ୨ ପୃଷ୍ଠାର ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବକୁ ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଏ। ନୂଆଖାଇ ପର୍ବ ବର୍ଷାଋତୁ ପରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ ଅନ୍ୟ ଜିଲାଗୁଡ଼ିକରେ ପାଳନ କରାଯାଏ। ଗାଁ ଲୋକମାନେ ନିଜ ଫସଲ ଅମଳର ୧ମ ଭୋଗ ପାରମ୍ପରିକ ଶୈଳୀରେ ମା' ସମଲେଇ, ମା' ମାଣିକେଶ୍ୱରୀ ଓ ସ୍ଥାନୀୟ ମନ୍ଦିରରେ କରିଥାନ୍ତି। ଗୋଟିଏ ଛାତ ତଳେ ବସି ପରିବାରର ସମସ୍ତ ସଦସ୍ୟ ଏହି ଭୋଗ ପାଇବା ସହ ଗୁରୁଜନମାନଙ୍କ ଆଶୀର୍ବାଦ ମଧ୍ୟ ନେଇଥାନ୍ତି। ଯେଉଁମାନେ ଓଡ଼ିଶା ବାହାରେ ରହିଥାନ୍ତି ସେମାନେ ମଧ୍ୟ ନିଜର ପରିବାର, ବନ୍ଧୁବର୍ଗ ଓ ସମ୍ପର୍କୀୟଙ୍କ ସହ ଏହି ପର୍ବ ପାଳନ କରିବାକୁ ଘରକୁ ଆସିଥାନ୍ତି। କେବଳ ସେତିକି ନୁହେଁ, ବିଦେଶରେ ଯେଉଁଠି ପଶ୍ଚିମ ଓଡ଼ିଶାର ଲୋକମାନେ ରହୁଛନ୍ତି ଓ ନୂଆଖାଇରେ ଘରକୁ ଆସିପାରନ୍ତି ନାହିଁ ସେମାନେ ମଧ୍ୟ ସେଠାରେ ଏହି ପର୍ବ ପାଳନ କରନ୍ତି। ନୂଆଦିଲ୍ଲୀରେ ଆମର ଏମ୍‌ପିମାନଙ୍କ ଉପସ୍ଥିତିରେ ନୂଆଖାଇ ଭେଟଘାଟ ପାଳନ କରାଯାଇଥାଏ। ତେବେ ରାଜ୍ୟ ସରକାର ନିଜର କର୍ମଚାରୀଙ୍କ ପାଇଁ ଚଳିତବର୍ଷ ସେପ୍ଟେମ୍ବର ୧ ତାରିଖରେ ନୂଆଖାଇ ନିମନ୍ତେ ଗୋଟିଏ ଦିନ ସରକାରୀ ଛୁଟି ଘୋଷଣା କରିଛନ୍ତି। ମାତ୍ର ଏହା ପଶ୍ଚିମ ଓଡ଼ିଶା ଲୋକଙ୍କ ପାଇଁ ଅନ୍ୟାୟ। ରାଜ୍ୟ ସରକାର ଗୋଟିଏ ଦିନ ନୂଆଖାଇ ଛୁଟି ଘୋଷଣା କରିଥିବାରୁ ଜିଲା ପ୍ରଶାସନ ମଧ୍ୟ ସରକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ୨ ଦିନ ନୂଆଖାଇ ପାଳିବାକୁ ଅନୁମତି ଦେଉନାହାନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ନୂଆଖାଇ ପାଇଁ ୨ଦିନ ସ୍ଥାନୀୟ ଛୁଟି ଘୋଷଣା କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଶ୍ରୀ ରବିନ୍ଦ୍ରନାଥ ଆଚାର୍ଯ୍ୟ
ଗ୍ରାମ: ତ୍ରିଲୋଚନପୁର, କଣାସ, ପୁରୀ
ଆବିର୍ଭାବ-୧୮।୧୧।୧୯୫୩
ତିରୋଧାନ- ୦୬।୦୯।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ବିଶ୍ୱାସ କରି ହେଉନି, ତୁମର ଆମ୍ଭମାନଙ୍କ ସାଙ୍ଗରେ ରହିବାକୁ ବହୁତ ଇଚ୍ଛାଥିଲେ ମଧ୍ୟ ଭଗବାନ ତୁମକୁ ଆମ ପାଖରୁ ଛଡ଼ାଇ ନେଇଗଲେ। ତୁମର ଦମ୍ଭ, ସାହସ, ତ୍ୟାଗ ଓ ପରୋପକାରିତା ଗୁଣ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାଅ। ଏହା ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୧୩୬୧

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



ସ୍ୱ ରାଜେନ୍ଦ୍ର ପ୍ରସାଦ ପୃଷ୍ଟି
ତିରୋଧାନ: ୦୬।୦୯।୨୦୧୦
(ଭାଦ୍ରବ କୃଷ୍ଣପକ୍ଷ ଅମାବାସ୍ୟା)
ଆଜି ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୭୩୯୬୦

# ବାଲି ଚୋରିକୁ ଜଗିବ ସିସିଟିଭି

**ଉତ୍ତରପ୍ରତାପ ବାଲିଘାଟ ଉପରେ ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ**

- ପରିବହନ ଗାଡ଼ିରେ ଲାଗିବ ଜିପିଏସ୍
- ମେଶିନରେ ବାଲି ଉତ୍ତୋଳନ ହେଲେ ତହସିଲଦାର ଦାୟୀ
- କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୬।୮**

ବାଲି ଚୋରିକୁ ଜଗିବା ପାଇଁ ବାଲିଘାଟଗୁଡ଼ିକରେ ଲାଗିବ ସିସିଟିଭି କ୍ୟାମେରା। ଏହାସହ ବାଲି ପରିବହନ ହେଉଥିବା ଗାଡ଼ିରେ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଜିପିଏସ୍) ଲଗାଇବା ବାଧ୍ୟତାମୂଳକ କରାଯାଇଛି। ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ହେଲେ ତହସିଲଦାର ଦାୟୀ ରହିବେ। ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ଉତ୍ତରପ୍ରତାପ ବାଲିଘାଟ-୨ରେ ବେଆଇନ ଉତ୍ତୋଳନକୁ ନେଇ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ରୁଜୁ ହୋଇଥିବା ମାମଲା(୬୭/୨୦୨୧/ଇଜେଡ)ର ଶୁଣାଣି କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତାଙ୍କ ଖଣ୍ଡପୀଠ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉକ୍ତ ରାୟରେ ବାଲିଖାଦାନଗୁଡ଼ିକର ପ୍ରସ୍ଥାନ ଓ ପ୍ରବେଶ ପଥ ତଥା ବାଲି ଶଯ୍ୟା ନିକଟରେ ସିସିଟିଭି କ୍ୟାମେରା ବ୍ୟବହାର କରିବା ପାଇଁ ଯାଜପୁର ଜିଲାପାଳଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବାର୍ଷିକ ପରିବେଶ ଅଡିଟ୍ ପାଇଁ କ୍ଷେତ୍ର ବିଶେଷଜ୍ଞଙ୍କ ଦ୍ୱାରା ଇଫେକ୍ଟିଭ ମେକାନିଜମ୍ ନିଶ୍ଚିତ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି।




ରାଜ୍ୟର ବାଲିଘାଟଗୁଡ଼ିକରେ ବେଆଇନ ଉତ୍ତୋଳନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଛି। ଏହାଦ୍ୱାରା କେବଳ ରାଜସ୍ୱ ହାନି କରୁନାହିଁ, ବରଂ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଯାଜପୁର ଉତ୍ତରପ୍ରତାପ ବାଲିଘାଟ-୨ରେ ଏଭଳି ବେଆଇନ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ୪ଜଣ ଗ୍ରାମବାସୀ ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କ ଜରିଆରେ ୧୧।୬।୨୦୨୧ରେ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ମଣିଷ ବଦଳରେ ମେଶିନରେ ବାଲି ଉତ୍ତୋଳନ, ଖାଦାନର ସୀମା ନିର୍ଦ୍ଧାରଣ ନିମନ୍ତେ ପିଲର ପୋତା ନ ଯିବା, ନିର୍ଦ୍ଧାରିତ ଦୈନିକ ୬୮ କ୍ୟୁବିକ ମିଟର ପରିବର୍ତ୍ତେ ପ୍ରାୟ ୧୦୦୦ କ୍ୟୁବିକ ମିଟର ବାଲି ଉତ୍ତୋଳନ, ଲିଜ୍ ସମୟସୀମା ୫ ବର୍ଷରେ ୧୪,୩୯୦ କ୍ୟୁବିକ ମିଟର ପରିବର୍ତ୍ତେ ପ୍ରାୟ ୭୧,୯୫୦ କ୍ୟୁବିକ ମିଟର ବାଲି ଚୋରି, ମାର୍ଚ୍ଚ ୩୧ ସୁଦ୍ଧା ବାଲି ଉତ୍ତୋଳନ ମାପ ନିୟମ ରହିଥିବାବେଳେ ତାକୁ ଉଲ୍ଲଂଘନ, ଓଭରଲୋଡିଂ ବାଲି ପରିବହନ ଆଦି ବିଷୟ ଅଭିଯୋଗରେ ଦର୍ଶାଯାଇଥିଲା। ତଦନୁଯାୟୀ ପରିବେଶ ଆଇନକୁ ଉଲ୍ଲଂଘନ କରି ବେଆଇନ ଭାବେ ଚାଲିଥିବା ଯାଜପୁର ଜିଲାର ସମସ୍ତ ବାଲିଘାଟକୁ ବନ୍ଦ କରିବାକୁ ଏନ୍‌ଜିଟି ୨୦୨୧ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ଏହାର ଅନୁପାଳନ କରିବାକୁ ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକ, ଯାଜପୁର ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ବୈଜ୍ଞାନିକ, ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (ଏସ୍‌ଇଆଇଏଏ)ଙ୍କ ବୈଜ୍ଞାନିକ ଏବଂ ଯାଜପୁର ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ(ଡିଡିଏମ୍)ଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇ ୧ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି କ୍ରମରେ ଗଠିତ ତଦନ୍ତ କମିଟି ୨୬।୧୦।୨୦୨୧ରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟରେ କୌଣସି ବାଲି ଖାଦାନ ଚାଲି ନାହିଁ ବୋଲି ଦର୍ଶାଯାଇଥିଲା। ଏହାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ୧୯।୧୨।୨୦୨୧ରେ ଚ୍ୟାଲେଞ୍ଜ କରିଥିଲେ। ଜେସିବି ମେଶିନରେ ବାଲି ଉତ୍ତୋଳନ ହେଉଥିବା ଫଟୋ ସହ ସତ୍ୟପାଠ ରିପୋର୍ଟ ଦାଖଲ କରିଥିଲେ। ଏଥିରେ କମିଟି ମିଛ ରିପୋର୍ଟ କିମ୍ବା ନଦୀରେ ପାଣି ପ୍ରବାହିତ ସମୟରେ ତଦନ୍ତ କରି ଯେନତେନ ପ୍ରକାରେ ରିପୋର୍ଟ ଦାଖଲ କରିଥିବା ଆଇନଜୀବୀ ପାଣି ଦର୍ଶାଇଥିଲେ।

## ସଂକ୍ଷେପରେ

### ଫରେଷ୍ଟ କଲୋନୀରୁ ରକ୍ତାକ୍ତ ମୃତଦେହ ଜବତ



**ବଲାଙ୍ଗୀର ଅଫିସ,୨୬।୮:** ବଲାଙ୍ଗୀର ଫରେଷ୍ଟ କଲୋନୀ ଭିତରୁ ଶୁକ୍ରବାର ସକାଳେ ପୋଲିସ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ମୃତକ ଠିକାଦାରପଡାର ଅଭିମନ୍ୟୁ ହାତୀ (୩୦) ବୋଲି ଜଣାପଡ଼ିଛି। କିଭଳି ପରିସ୍ଥିତିରେ ସେ ଫରେଷ୍ଟ କଲୋନୀକୁ ଆସିଲେ ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଲା ତାହା ସନ୍ଦେହ ଘେରରେ ରହିଛି। ପରିବାର ଲୋକେ ହତ୍ୟା ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ଟାଉନ୍ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସଦର ଏସ୍‌ଡିପିଓ ତୋଫାନ୍ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଯୁବକ ଜଣକ ଉଚ୍ଚ ସ୍ଥାନରୁ ପଡି ମୃତ୍ୟୁବରଣ କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛି ସେନେଇ ତଦନ୍ତ ଚାଲିଛି।

### ଜେଲ ଗଲେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ

**ସ୍କୁଲରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପ୍ରସଙ୍ଗ**

**ଦେଓଗାଁ,୨୬।୮(ଡି.ଏନ୍.ଏ.):** ବିଦ୍ୟାଳୟର ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ମୁରସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ବୁଧିଆଙ୍କୁ ଶେଷରେ ଜେଲ ହାଜତକୁ ଯିବାକୁ ପଡିଛି। ବିଶ୍ୱନାଥଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରୀ ତାଙ୍କ ମା'ଙ୍କୁ ବୁଧବାର ସଂପୃକ୍ତ ଶିକ୍ଷକ ତାଙ୍କୁ ଏବଂ ଅନ୍ୟ କେତେଜଣ ସହପାଠିନୀଙ୍କୁ ଅସଦାଚରଣ କରିବା ନେଇ ଅଭିଯୋଗ କରିଥିଲେ। ଏହାକୁ ନେଇ ଗୁରୁବାର ଶତାଧିକ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ। ଖବର ପାଇ ଏବିଇଓ ଅଜିତ୍ ମିଶ୍ର ପହଞ୍ଚି ତଦନ୍ତ କରିଥିଲେ। ଦେଓଗାଁ ଥାନା ପୋଲିସ ପହଞ୍ଚି ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଏହି ଘଟଣାରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ପୋଲିସ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ନାଁରେ ନଂ. ୧୪୯/୨୫।୦୮।୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଡିଏସ୍‌ପି ଓ ସ୍ଥାନୀୟ ଥାନାଧିକାରୀ ଏହି ମାମଲାର ତଦନ୍ତ କରିଥିବା ଜଣାପଡିଛି।

## କୂଅରେ ପଡ଼ି ଶିଶୁକନ୍ୟା ମୃତ

**ଦିଗପହଣ୍ଡି,୨୬।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଚଷାନିମଖଣ୍ଡି ପଞ୍ଚାୟତର ତାଳପଡା ଗ୍ରାମରେ କୂଅରେ ପଡ଼ି ଶୁକ୍ରବାର ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ପାୟଲ ପାଇକ (୪)। ପାୟଲର ବାପା ହରିଶ୍ଚନ୍ଦ୍ର ପାଇକଙ୍କ ପୂର୍ବରୁ ଦେହାନ୍ତ ହୋଇ ସାରିଥିବା ବେଳେ ସେ ମା'ଙ୍କ ପାଖରେ ରହୁଥିଲା। ସକାଳେ ଜେଜେମା'ଙ୍କ ପାଖରେ ପାୟଲଙ୍କୁ ଛାଡ଼ି ତାଙ୍କ ମା' ବିଲକୁ ଯାଇଥିଲେ। ଅପରାହ୍ନରେ ଜେଜେମା'ଙ୍କ ଅଜାଣତରେ ଶିଶୁଟି ନିକଟସ୍ଥ ଏକ କୂଅରେ ପଡିଯାଇଥିଲା। ସମ୍ପର୍କୀୟମାନେ ଶିଶୁକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସେ କୂଅରେ ପଡିଥିବା ନେଇ ସନ୍ଦେହ କରି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଶିଶୁକନ୍ୟାଙ୍କୁ କୂଅରୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପାୟଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଚଳାଇଛି।

## ଧସିଲା ବୈତରଣୀ ନଦୀବନ୍ଧ



ଚାନ୍ଦବାଲି ବ୍ଲକର ଦୋହରାପାଟଣା ଗାଁ ମଳିକସାହିଠାରେ ଧସିଥିବା ବୈତରଣୀ ନଦୀବନ୍ଧ।

**ଆରଡ଼ି, ୨୬।୮ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋହରାପାଟଣା ଗାଁ ମଳିକସାହିଠାରେ ପ୍ରାୟ ୧୦୦ ଫୁଟ ଲମ୍ବର ବୈତରଣୀ ନଦୀବନ୍ଧ ଶୁକ୍ରବାର ଧସିଯାଇଛି। ଫଳରେ ନଦୀକୂଳବର୍ତ୍ତୀ ୭୦ ପରିବାର ଆତଙ୍କିତ ହୋଇପଡ଼ିଛନ୍ତି। ପ୍ରକାଶ ଯେ, ଜଳସମ୍ପଦ ବିଭାଗ ପକ୍ଷରୁ ମାସକ ପୂର୍ବରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ନଦୀବନ୍ଧରେ ବାଲିବସ୍ତା ପକାଯିବା ସହ ବହ୍ଲା ମରାଯାଇଥିଲା। ନିମ୍ନମାନର କାମ ଯୋଗୁ ଏହା ଧସିଯାଇଥିବା ନଦୀକୂଳିଆ ଅଧିବାସୀ ସଦାନନ୍ଦ ମଳିକ, ନାରଣ ମଳିକ ପ୍ରମୁଖ କହିଛନ୍ତି। ବନ୍ଧରେ ଘାଇ ହେଲେ ଦୋହରାପାଟଣା, ଖଟୁଆପାଟଣା, ସୁନ୍ଦରପୁର, ଓଳଗ, ଆରଡ଼ି ସହ ୨୦ ଗାଁ ପ୍ରଭାବିତ ହେବ। ସେହିପରି ଶତାଧିକ ଏକର ଜମିରେ ଚାଷ ଉଜୁଡ଼ିଯିବ। ନଦୀବନ୍ଧ ଧସିଥିବା ସ୍ଥାନ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧାମନଗର ଡିଭିଜନ ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ କିଶୋର ଦାସଙ୍କୁ ପଚାରିବାରୁ ଉକ୍ତ ସ୍ଥାନରେ ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଚୋରି ଅଭିଯୁକ୍ତଙ୍କୁ ଲଣ୍ଡାକରି ବୁଲାଇଲେ

**୫ ଅଭିଯୁକ୍ତ ଗିରଫ, ଚୋରି ଅଭିଯୋଗରେ ୨ ଗିରଫ**

**ସମ୍ବଲପୁର,୨୬।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଧମା ଥାନା ଗୁଲୁଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଚୋରି ଅଭିଯୋଗରେ ସଦର ଥାନା ମାନେଶ୍ୱର ଗ୍ରାମର ଶୁକ୍ରୁ ଖୁଲିଆ ଓ ବିଶାଲ ବଜଭାୟାଙ୍କୁ ଚପଲ ମାଳା ପିନ୍ଧାଯିବା ସହ ଲଣ୍ଡା କରି ଗ୍ରାମରେ ବୁଲାଯାଇଛି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠିକାଦାର ତଥା ଘର ମାଲିକ ଅନିଲ ବର୍ମା, ଆଶାନ ଶେକ, ରମେଶ ମଲ୍ଲିକ, ପଶ୍ଚିମବଙ୍ଗର ମୁକ୍ତାର ସେକ ଓ ସରତାଉ ସେକ। ଅନ୍ୟପଟେ ଚୋରି ଅଭିଯୋଗରେ ଶୁକ୍ରୁ ଓ ବିଶାଲଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ଚୋରି ବ୍ୟାଟେରି ଜବତ ହୋଇଛି।

ଧମା ଥାନା ଅଧିକାରୀ ଯୁଗଳ କିଶୋର ସାହୁ କହିଛନ୍ତି, ଗୁରୁବାର ରାତିରେ ଶୁକ୍ରୁ ଓ ବିଶାଲ ଠିକାଦାର ବର୍ମାଙ୍କ ଘରକୁ ଚୋରି କରିବାକୁ ଯାଇଥିଲେ। ସେମାନେ ଘର କ୍ୟାମ୍ପସ୍‌ରେ ଥିବା ଟ୍ରାକ୍ଟର (ଓଡି୧୫-୨୩୩୮)ରୁ ବ୍ୟାଟେରି ଚୋରି କରିବା ସମୟରେ ଅନିଲ ଓ ତାଙ୍କ ଘରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କୁ କାବୁ କରିନେଇଥିଲେ। ସେମାନେ ରଶିରେ ଉଭୟଙ୍କ ହାତ ଗୋଡବାନ୍ଧି ପକାଇ ରଖିଥିଲେ। ଶୁକ୍ରବାର ସେମାନଙ୍କୁ ଲଣ୍ଡା କରିବା ସହ ଚପଲ ମାଳ ପିନ୍ଧାଇ ଗ୍ରାମ ପରିକ୍ରମା କରିଥିଲେ। ଖବର ପାଇ ଧମା ପୋଲିସର ଏକ ଟିମ୍ ପହଞ୍ଚି ଆହତ ଅବସ୍ଥାରେ ଅଟକ ଥିବା ଦୁଇଜଣଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି ଓ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଅନିଲଙ୍କ ଘରୁ ୨୪ ତାରିଖ ରାତିରେ ମଧ୍ୟ ଚୋରି ହୋଇଥିଲା। ତେଣୁ ସେମାନେ ସଜାଗ ରହିଥିବାରୁ ୨୫ ତାରିଖ ରାତିରେ ଚୋରି ସମୟରେ ଅଭିଯୁକ୍ତଙ୍କୁ ସହଜରେ କାବୁ କରିଥିଲେ।



ଗିରଫ ଅଭିଯୁକ୍ତ।

## ରାଇରଙ୍ଗପୁରରେ ନିର୍ମାଣ ହେବ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସର୍କିଟ ହାଉସ୍

**ଖର୍ଚ୍ଚ ହେବ ୫୦ କୋଟି**

**ବାରିପଦା ଅଫିସ,୨୬।୮**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମାଟିର ଝିଅ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତେ ୫୦କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱତନ୍ତ୍ର ସର୍କିଟ ହାଉସ ନିର୍ମାଣ କରାଯିବ। ଏ ନେଇ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ରହଣି ସାଙ୍ଗକୁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଏହି ସ୍ୱତନ୍ତ୍ର ସର୍କିଟ ହାଉସର ନିର୍ମାଣ କରାଯିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ବେଳେ ସୌଧ ନିର୍ମାଣ ପାଇଁ ୪୭.୫କୋଟି ଟଙ୍କା ବ୍ୟୟ ଅଟକଳ ଆକଳନ କରାଯାଇଛି। ଖୁବ୍‌ଶୀଘ୍ର ଏହାର ଟେଣ୍ଡର ପ୍ରକ୍ରିୟା କରାଯାଇ କାର୍ଯ୍ୟ ଆରମ୍ଭ ହେବ। ଏଥି ନିମନ୍ତେ ସହର ଉପକଣ୍ଠ ରାଇରଙ୍ଗପୁର ତହସିଲର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଲାଗି ପୂର୍ତ୍ତବିଭାଗ ଡାକବଙ୍ଗଳା ରାସ୍ତାରେ ଥିବା ମହୁଲଡ଼ିହା ମୌଜାର ଖାତାନଂ. ୧୦୩ ଓ ପ୍ଲଟ ନଂ. ୧୨ରେ ମୋଟ ୫ଏକର ଜମି ଆବଣ୍ଟନ କରାଯାଇଛି। କେନ୍ଦ୍ରୀୟ ଯୋଜନା ଅନୁଯାୟୀ ଗୃହ ନିର୍ମାଣର ପ୍ଲାନ ସରିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ କାଗଜପତ୍ର କାମ ଆଗେଇ ଚାଲିଛି। ପ୍ଲାନ ଅନୁଯାୟୀ ରାଷ୍ଟ୍ରପତିଙ୍କ କକ୍ଷ, ଡ୍ରଇଂରୁମ୍, ସମ୍ମିଳନୀ କକ୍ଷ, ପାର୍କର ବ୍ୟବସ୍ଥା ସହ ତାଙ୍କ ଡ୍ୟୁଟିରେ ଥିବା ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଓ ସୁରକ୍ଷା ବାହିନୀଙ୍କ ପାଇଁ ଦୁଇଟି ପାଞ୍ଚ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯିବ। ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

## ଫାଟୁସିନେରି ନିକଟରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ

**ରାସ୍ତା ନିର୍ମାଣ ନେଇ କଲେ ଭୂମିପୂଜା**

**ପଟ୍ଟାଙ୍ଗୀ,୨୬।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡ଼ୋଶୀ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମ ନିକଟରେ ଆନ୍ଧ୍ର ସୀମାରେ ଥିବା ସ୍ଥାନରେ ଏକ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରା ଭୂମିପୂଜା କରିଛନ୍ତି। ଏହାକୁ ଗୁରୁତର ସହ ନେଇ ଓଡ଼ିଶା ପକ୍ଷରୁ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଆନ୍ଧ୍ରର ଅଧିକାରୀ ଅବା ଉପ ମୁଖ୍ୟମନ୍ତ୍ରୀ ଯେପରି ଓଡ଼ିଶା ସୀମାରେ ଅନୁପ୍ରବେଶ ନ କରନ୍ତି, ସେଥିପ୍ରତି ପୋଲିସ ସଜାଗ ଥିଲା।

ଖବରରୁ ଜଣାପଡିଛି, ୨୦୨୧ ଅଗଷ୍ଟ ୧୬ରେ ଆନ୍ଧ୍ରର ସାଲୁର ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ ଦୋରା ଓଡ଼ିଶାର ଫାଟୁସିନେରି ଏବଂ ପଗୁଣସିନେରି ଗ୍ରାମରେ ପହଞ୍ଚି ନିଜ ରାଜ୍ୟର ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଖବର ଜଣାପଡ଼ିବା ପରେ ସେ ସମୟରେ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ଓ ଜିଲାର ୫ ବିଧାୟକ ମିଳିତ ଭାବେ ବିରୋଧ କରିଥିଲେ। ଏହି ସମୟରେ ଆନ୍ଧ୍ର ବିଧାୟକ ଓ ସରକାରୀ ଅଧିକାରୀମାନେ ଆସୁଥିବା ଖବର ପାଇ ସାଲୁର ବ୍ଲକର କୋଡମା ପଞ୍ଚାୟତର ୧୮ଟି ଗ୍ରାମର ଗ୍ରାମବାସୀ ଫାଟୁସିନେରିରେ ପହଞ୍ଚି ଗ୍ରାମକୁ ରାସ୍ତା ନିର୍ମାଣ ଲାଗି ଜଣାଇବାକୁ ଉପ ମୁଖ୍ୟମନ୍ତ୍ରୀ ଦୋରା ଓ ଅଧିକାରୀମାନଙ୍କୁ ଅପେକ୍ଷା କରିଥିଲେ। ମାତ୍ର କୋରାପୁଟ ଜିଲା ପ୍ରଶାସନ ଏବଂ ୫ ବିଧାୟକ ଏହାକୁ ଭଣ୍ଡୁର କରି ଦେଇଥିଲେ। ଫଳରେ ଏହି ପଞ୍ଚାୟତବାସୀ ନିଜ ସମସ୍ୟା ଜଣାଇ ପାରି ନ ଥିଲେ। ଏହି ସମୟରେ ଓଡ଼ିଶାର ବିଧାୟକମାନେ ନିଜ ହାତରୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରି ଉକ୍ତ ପଞ୍ଚାୟତବାସୀଙ୍କ ପାଇଁ ରାସ୍ତା ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଗତ ୧୭ ତାରିଖରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଉକ୍ତ ପଞ୍ଚାୟତରେ ପହଞ୍ଚି ରାସ୍ତା ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରି ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ। ୧୮ ତାରିଖରେ ଆନ୍ଧ୍ରର ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଏହା ଜଙ୍ଗଲ ବିଭାଗ ଅଧୀନ ଜାଗା କହି ନିର୍ମାଣ କାର୍ଯ୍ୟ ବନ୍ଦ କରି ଦେଇଥିଲେ। ସେବେଠାରୁ ଉକ୍ତ ରାସ୍ତା ନିର୍ମାଣ ବନ୍ଦ ରହିଥିଲା। ବର୍ତ୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ରର ନୂତନ ଜିଲା ମାନ୍ୟାମ ପାର୍ବତୀପୁରମ ପ୍ରଶାସନ ହାତକୁ ନେଇ ୧୦ କିଲୋମିଟର ପାଇଁ ୧୧ କୋଟି ୩୨ଲକ୍ଷ ୫୮ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ଦୋରା। ଏହି ସମୟରେ ନୂତନ ଜିଲାର ଜିଲା ପରିଷଦ ଅଧକ୍ଷ ଏମ. ଶ୍ରୀନିବାସ ରାଓ ଓ ଜିଲାପାଳ ନିଶାନ୍ତ କୁମାରଙ୍କ ସମେତ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ରାସ୍ତା ନିର୍ମାଣ ପାଇଁ କୋଡମା ପଞ୍ଚାୟତବାସୀ ଅନେକ ଥର ଆନ୍ଧ୍ର ସରକାରଙ୍କୁ ଜଣାଇଥିଲେ ମଧ୍ୟ ଆନ୍ଧ୍ର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିଲା।



କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମ ନିକଟରେ ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରା ଓ ଅନ୍ୟମାନେ।

## ଯୋକଡ଼ିଆ ବ୍ୟାରେଜରୁ ଡେଇଁଲେ ଆଉ ଜଣେ ଯୁବତୀ

**ଲୋକେ ଅଟକାଇବାକୁ ଚେଷ୍ଟା କରି ବିଫଳ**



ଅନିମା ନାୟକ

**ରସୁଲପୁର,୨୬।୮(ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଯୋକଡ଼ିଆ ପୋଲ ନିକଟରେ ଶୁକ୍ରବାର ପୁଣି ଏକ ଅଘଟଣ ଘଟିଛି। ଭୋର ସମୟରେ ଜଣେ ଯୁବତୀ ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବତୀ ହେଲେ ଶ୍ରୀବନ୍ତପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ବେଣୁଧର ନାୟକଙ୍କ ଝିଅ ଅନିମା ନାୟକ(୪୦)। ଖବର ଲେଖାହେବା ବେଳକୁ ଯୁବତୀଙ୍କ ପତ୍ତା ମିଳି ନ ଥିଲା। ନଦୀରେ ସ୍ରୋତ ପ୍ରଖର ରହିଥିବାରୁ ତାଙ୍କୁ ଖୋଜାଖୋଜି କରିବା ସମ୍ଭବପର ହୋଇପାରୁ ନାହିଁ ବୋଲି କୁହାଯାଉଛି।

ନିଖୋଜ ଯୁବତୀ ମାନସିକ ରୋଗୀ ବୋଲି ପରିବାର ସୂତ୍ରରୁ ଜଣାଯାଇଛି। ଏହି ଘଟଣା ପୂର୍ବରୁ ସେ ଏକାଧିକ ଥର ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ। ଯୁବତୀ ଜଣକ ଭୋର ସମୟରେ ଯୋକଡିଆ ବ୍ୟାରେଜ ଆଡ଼କୁ ଚାଲି ଯାଉଥିବା ଲୋକେ ଦେଖିବାକୁ ପାଇଥିଲେ। ପୋଲ ଉପରୁ ଚଢ଼ିବା ବେଳେ ଲୋକେ ତାଙ୍କ ନିକଟକୁ ଦୌଡ଼ିଯାଇ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଲୋକେ ପହଞ୍ଚିଲାବେଳକୁ ଯୁବତୀ ଜଣକ ନଦୀଗର୍ଭକୁ ଡେଇଁ ପଡ଼ିଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇ ଥିଲା। ପରିବାର ପକ୍ଷରୁ ଏନେଇ ରସୁଲପୁର ଦମକଳବାହିନୀକୁ ଖବର ଦିଆଯାଇଥିଲା। ମାତ୍ର ସେମାନଙ୍କ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ଅଗ୍ନିଶମ ଅଧିକାରୀ ଜଗନ୍ନାଥ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଜୁଲାଇରେ ଜଣେ ଯୁବତୀ ମାଟ୍ରିକ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ମାନସିକ ଭାରସାମ୍ୟ ହରାଇ ନଦୀଗର୍ଭକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ଦୃଶ୍ୟ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଆଉ ଜଣେ ଯୁବତୀ ନଦୀକୁ ଡେଇଁ ନିଖୋଜ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୭/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Saturday, August 27/2022 Page 16 | ପୃଷ୍ଠା-୧




**ବେଞ୍ଜେମା ୟୁଫା ପ୍ଲେୟର ଅଫ୍ ଦି ଇୟର**
ରିଅଲ ମାଡ୍ରିଡ ଫୁଟ୍‌ବଲ ଟିମ୍‌ର କରିମ ବେଞ୍ଜେମା ୟୁଫା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି।

୦୮

୦୨

**ଭାବୁକ ହେଲେ ସଲମାନ**
ବଲିଉଡ୍‌ରେ ୩୪ ବର୍ଷର କ୍ୟାରିୟର ପୂରା ହେବା ନେଇ ସଲମାନ୍ ଖାନ୍ ଫ୍ୟାନ୍ସଙ୍କୁ ଧନ୍ୟବାଦ ଜଣାଇଛନ୍ତି।





ଅନୁଗୋଳ ଦଶହରା ପଡ଼ିଆଠାରେ ଜଣେ କାରିଗର ଗଜାନନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ପ୍ଲାଷ୍ଟିକ୍ ବର୍ଜ୍ୟରେ ରାସ୍ତା ନିର୍ମାଣ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ରାସ୍ତା ନିର୍ମାଣ ଓ ସିମେଣ୍ଟ କାରଖାନାରେ ପ୍ଲାଷ୍ଟିକ୍ ବର୍ଜ୍ୟର ବ୍ୟବହାର ବଢ଼ାଯିବ। ଲୋକ ସେବା ଭବନରେ ଶୁକ୍ରବାର ହୋଇଥିବା ରାଜ୍ୟସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ ବିଭାଗ ଯନ୍ତ୍ରୀ ଏବଂ ବିଶେଷଜ୍ଞମାନଙ୍କ ସହ ବୈଠକ କରି ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟର ନିୟମିତ ଯୋଗାଣ ଓ ବ୍ୟବହାର ନିଶ୍ଚିତ କରାଇବାକୁ ସରକାରୀସ୍ତରରେ ପଦକ୍ଷେପ ନିଆଯାଉଛି। ସିମେଣ୍ଟ ପ୍ରସ୍ତୁତିରେ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ବ୍ୟବହାର ନିମନ୍ତେ ନିଜ ପ୍ଲାଣ୍ଟର ଦକ୍ଷତା ବଢ଼ାଇବାକୁ ସମ୍ପୃକ୍ତ କମ୍ପାନୀଗୁଡିକୁ କୁହାଯାଇଛି।



ଅନ୍ୟପକ୍ଷରେ 'ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ନିଷିଦ୍ଧ ଆଇନ'କୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ

- କଡ଼ାକଡ଼ି ହେବ ପ୍ଲାଷ୍ଟିକ୍ ନିଷିଦ୍ଧ ଆଇନ
- ପ୍ରତି ମାସରେ ରିପୋର୍ଟ ଦେବେ ଜିଲାପାଳ, ବନଖଣ୍ଡ ଅଧିକାରୀ
- ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହରେ ନିୟୋଜିତ ହେବେ ସବୁ ପଞ୍ଚାୟତ

ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରି ଆଇନକୁ କଡ଼ାକଡ଼ି ଲାଗୁ କରିବାକୁ ଜିଲାପାଳ, ଡିଏଫ୍‌ଓ ଏବଂ ସମ୍ପୃକ୍ତ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ହୋଇଥିବା 'ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍' ଉତ୍ପାଦନ ୟୁନିଟ୍ ଓ ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ କଡ଼ା ☞ପୃଷ୍ଠା-୬

# ଜାତୀୟ ଦଳଙ୍କୁ ଅଜଣା ସୂତ୍ରରୁ ମିଳିଛି ୧୫,୦୭୭ କୋଟି

ନୂଆଦିଲ୍ଲୀ, ୨୬।୮ (ପି.ଟି.)

**ଏଡିଆର୍ ରିପୋର୍ଟ**

ଜାତୀୟ ରାଜନୈତିକ ଦଳଗୁଡ଼ିକ ୨୦୦୪-୦୫ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଅଜଣା ସୂତ୍ରରୁ ୧୫,୦୭୭.୯୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। କେବଳ ୨୦୨୦-୨୧ ବର୍ଷରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଅଜଣା ସୂତ୍ରରୁ ମୋଟ ଆୟ ପରିମାଣ ୬୯୦.୬୭ କୋଟି ଟଙ୍କା ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ୮ଟି ଜାତୀୟ ଏବଂ ୨୭ ଆଞ୍ଚଳିକ ଦଳର ଆୟ ଉପରେ ଏଡିଆର୍ ଏହି ବିଶ୍ଳେଷଣ କରିଥିଲା। ଜାତୀୟ ଦଳ ମଧ୍ୟରେ ଅଛନ୍ତି ଭାଜପା, କଂଗ୍ରେସ, ତୃଣମୂଳ କଂଗ୍ରେସ, ସିପିଆଇ(ଏମ୍), ଏନ୍‌ସିପି, ବିଏସ୍‌ପି, ସିପିଆଇ ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି। ଦଳଗୁଡ଼ିକର ଆୟକର ରିଟର୍ନ ଏବଂ ନିର୍ବାଚନ କମିଶନଙ୍କ ☞ପୃଷ୍ଠା-୬

# ଆଜି ଏଏସ୍‌ଓ ପରୀକ୍ଷା

କଟକ ଅଫିସ, ୨୬।୮

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଶନିବାର ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା କରାଯିବ। ୩ଟି ସିଟିଂରେ ପରୀକ୍ଷା ଦେବାକୁ ରାଜ୍ୟର ପ୍ରାୟ ୨ ଲକ୍ଷ ୧୮ ହଜାର ପରୀକ୍ଷାର୍ଥୀ ଫର୍ମପୂରଣ କରିଛନ୍ତି। ସେଥିମଧ୍ୟରୁ ୧୯,୨୨୯ ଜଣ ପରୀକ୍ଷା ଦେବେ। ଏଥିପାଇଁ ବିଭିନ୍ନ ଜିଲାର ବିଦ୍ୟାଳୟ ☞ପୃଷ୍ଠା-୬

# ପାରାଦୀପରେ ଆଶାକର୍ମୀଙ୍କୁ ଗଣବଳାତ୍କାର

ପାରାଦୀପ, ୨୬।୮ (ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଶୁକ୍ରବାର ଜଣେ ଆଶାକର୍ମୀଙ୍କୁ ୪ ଜଣ ଯୁବକ କାର୍‌ରେ ଉଠେଇ ନେଇ ନେହେରୁ ବଙ୍ଗଳା ପଥରବନ୍ଧ ପାଖରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୯ ଟାରେ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସେ ଖରାବେଳେ ନୂଆବଜାରରେ ରହୁଥିବା ଏଏନ୍‌ଏମ୍ କର୍ମୀଙ୍କୁ ସାକ୍ଷାତ କରି ଷଣ୍ଢକୁଦ ଫେରୁଥିବା ବେଳେ ୪ ଜଣ ଯୁବକ ତାଙ୍କୁ ବଳପୂର୍ବକ ଏକ ନାଲି ରଙ୍ଗର କାର୍‌ରେ ଉଠେଇ ନେଇଥିଲେ। ପଥରବନ୍ଧର ଏକ ନିକାଞ୍ଚନ ଜାଗାରେ ଅଭିଯୁକ୍ତମାନେ ତାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ଏପରି ନିର୍ଯାତନା ଦେବା ପରେ ସେଠାରୁ ପୁଣି କାର୍‌ରେ ଆଣି ନୂଆବଜାର ହୋଟେଲ ଛକରେ ଛାଡି ପଳାଇଥିଲେ। ଗୁରୁତର ଅବସ୍ଥାରେ କିଛି ସମୟ ଛକରେ ପଡି ରହିବା ପରେ ସମ୍ପୃକ୍ତା ମହିଳା ଉଠି କେତେଜଣ ଲୋକଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା।




**ଶେୟାର ବଜାରରେ ସାମାନ୍ୟ ବୃଦ୍ଧି**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଶେୟାର ବଜାରରେ ବୃଦ୍ଧି ଘଟିଛି। ଏପରିକି ଶୁକ୍ରବାର କାର୍ଯ୍ୟ ଦିବସ ଆରମ୍ଭରୁ ହିଁ ବଜାର ଉପର ତଳ ହୋଇ ଶେଷରେ ସବୁଜ ରଙ୍ଗରେ କାରବାର ବନ୍ଦ କରିଥିଲା। ଗତ କିଛିଦିନ ହେଲା ଷ୍ଟକ୍ ବଜାରର କାରବାର ଲାଭ କ୍ଷତିରେ ଚାଲିଛି। ଅପରପକ୍ଷରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ୍ୟ ଏକ ଅବିଶ୍ୱସନୀୟ କାରବାର ମଧ୍ୟରେ ନିବେଶ କରୁଛନ୍ତି। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ନିବେଶକମାନେ ଏକ ଆଶଙ୍କା ମଧ୍ୟରେ ରହୁଛନ୍ତି। ଶୁକ୍ରବାର ସେନ୍‌ସେକ୍ସ ୫୯ (୫୯.୧୫) ପଏଣ୍ଟ ବୃଦ୍ଧି ଘଟି ୫୮,୮୩୪ (୫୮,୮୩୩.୮୭) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୩୬ (୩୬.୪୫) ପଏଣ୍ଟ ବଢ଼ି ୧୭,୫୫୯ (୧୭,୫୫୮.୯୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ପିଏଲ୍ଏସି ବୈଠକ କରିବାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗଙ୍କୁ ଆହ୍ୱାନ

**ଭୁବନେଶ୍ୱର,୨୬।୮**

ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ସାମଗ୍ରୀ ବରାଦ ଗ୍ରହଣ ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ନିୟମିତ ବ୍ୟବଧାନରେ କାରଖାନା ସ୍ତରୀୟ ଉପଦେଷ୍ଟା ବୈଠକ (ପିଏଲ୍ଏସି) ଆୟୋଜନ କରିବାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଏମ୍ଏସ୍ଏମ୍ଇ ଡିଏଫ୍ଓ ପି.କେ. ଗୁପ୍ତା କହିଛନ୍ତି, ନିୟମିତ ବ୍ୟବଧାନରେ ବଡ଼ ସଂସ୍ଥା ଏଭଳି ବୈଠକ ଆୟୋଜନ କଲେ ରାଜ୍ୟର ଏମ୍ଏସ୍ଏମ୍ଇଗୁଡ଼ିକ ସେମାନଙ୍କ ଉତ୍ପାଦ ଆବଶ୍ୟକତାକୁ ଭଲ ଭାବେ ବୁଝିପାରିବେ। ସେହିଭଳି 'ଏମ୍ଏସ୍ଏମ୍ଇଙ୍କ ପାଇଁ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ଓ ସିପିଏସ୍ଇମାନଙ୍କ ଭୂମିକା' ଶୀର୍ଷକ ଏକ ସେମିନାରକୁ ସମ୍ବୋଧିତ କରି ଗୁପ୍ତା କହିଥିଲେ, ପିଏଲ୍ଏସି ବୈଠକରେ ବଡ଼ ସଂସ୍ଥାର ମୁଖ୍ୟମାନେ ଅଧ୍ୟକ୍ଷତା କରିଥାନ୍ତି ଓ ସ୍ଥାନୀୟ ଉଦ୍ୟୋଗୀ ଓ ଶିଳ୍ପ ସଂଘ ତା'ର ସଦସ୍ୟ ରହିଥାନ୍ତି। ସେହି ବୈଠକ ଆୟୋଜନ କଲେ ନିଷ୍ପତ୍ତି ନେଉଥିବା ବରିଷ୍ଠ ଅଧିକାରୀଙ୍କ ସହ ଉଦ୍ୟୋଗୀମାନେ ସିଧାସଳଖ ଯୋଡ଼ି ହୋଇପାରିବେ ଓ ସେମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଜାଣିପାରିବେ। ନାଲ୍କୋ ଭଳି ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଲାଗି ଡିସ୍‌ପ୍ଲେ ସେଣ୍ଟର ସ୍ଥାପନ କରିବା ଦରକାର ବୋଲି ସେ କହିଛନ୍ତି। ତେଣୁ ଡିସ୍‌ପ୍ଲେ ସେଣ୍ଟର ସ୍ଥାପନ ହେଲେ ସେମାନେ ସେଠାରେ ଅଧିକାରୀମାନଙ୍କ ସହ ଖୋଲାଖୋଲି କଥାବାର୍ତ୍ତା ହୋଇପାରିବେ।

ଏହି ପରିପ୍ରେକ୍ଷୀରେ ନାଲ୍କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ କହିଛନ୍ତି, ନିଯୁକ୍ତି ଓ ରପ୍ତାନି ଦୃଷ୍ଟିରୁ ଅର୍ଥନୀତି ପ୍ରତି ଏମ୍ଏସ୍ଏମ୍ଇର ଅବଦାନ ଅନେକ ରହିଛି। ନିଜ ସମସ୍ୟାର ସମୟୋଚିତ ସମାଧାନ ପାଇବା ଲାଗି ସମ୍ବନ୍ଧ ଓ ସମାଧାନ ପୋର୍ଟାଲ ବ୍ୟବହାର କରିବାକୁ ସେ ଉପସ୍ଥିତ ଏମ୍ଏସ୍ଏମ୍ଇଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

ଶିଳ୍ପ ସଂଘ ଓସ୍‌ମିର ୩୬ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଜନତା ମଇଦାନଠାରେ ଆୟୋଜନ କରାଯାଇଥିବା ପ୍ରୋପ୍ୟାକ୍ ଓଡ଼ିଶା ୨୦୨୨ ଓ ଏମ୍ଏସ୍ଏମ୍ଇ ଓଡ଼ିଶା ୨୦୨୨ର ଅଂଶ ଭାବେ ଏହି ସେମିନାର ଆୟୋଜନ କରାଯାଇଛି। ଏହି ଅବସରରେ ଆର୍ଏସ୍‌ପିର ଇଡି ସୋମନାଥ ତ୍ରିପାଠୀ, ଏମ୍‌ସିଏଲ୍‌ର ଜିଏମ୍ ମିହିର ଚନ୍ଦ୍ର, ହାଲ୍‌ର ଇଡି ପ୍ରମୋଦ କୁମାର, ଓସ୍‌ମିର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଓ ଓସ୍‌ମିର ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଉପସ୍ଥିତ ଥିଲେ। ବିଭିନ୍ନ ସଂସ୍ଥା ପକ୍ଷରୁ ପେପର ମଧ୍ୟ ଉପସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ୨ୟ ଦିବସରେ ପ୍ରଯୁକ୍ତି ହସ୍ତାନ୍ତର ଓ ବାଣିଜ୍ୟିକକରଣ ଉପରେ ଆଉ ଏକ ସେମିନାର ମଧ୍ୟ ଆୟୋଜନ କରାଯାଇଥିଲା।



ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ ପରିପ୍ରେକ୍ଷୀରେ ଆୟୋଜିତ ଏମ୍ଏସ୍ଏମ୍ଇ କର୍ମଶାଳାରେ ଚୁକ୍ତିପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ ଅତିଥିମାନେ।

# ବଲାଙ୍ଗୀର ସହରରେ ଟ୍ରେଣ୍ଡ୍ସର ଏକ୍ସକ୍ଲୁସିଭ ଷ୍ଟୋର




**ଭୁବନେଶ୍ୱର,୨୬।୮**

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍ସ'ର ଏକ୍ସକ୍ଲୁସିଭ ଷ୍ଟୋର ଶୁକ୍ରବାର ବଲାଙ୍ଗୀର ସହରରେ ଶୁଭାରମ୍ଭ ହୋଇଯାଇଛି। ଟ୍ରେଣ୍ଡ୍ସ ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିବା ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର-୧, ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଉପଲବ୍ଧ ହୋଇପାରିଛି। ଏପରିକି ୧୦,୮୧୧ ବର୍ଗଫୁଟର ଏହି ଷ୍ଟୋର ହେଉଛି ବଲାଙ୍ଗୀର ସହରର ପ୍ରଥମ ଟ୍ରେଣ୍ଡ୍ସ ଷ୍ଟୋର, ଯେଉଁଥିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ମଧ୍ୟ ରହିଛି। ୩୪୯୯ ଟଙ୍କାର କିଣାକିଣି କରି ୧୯୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ଗ୍ରାହକମାନେ ୨୯୯୯ ଟଙ୍କାର କିଣାକିଣି ସହ ୩୦୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ବିଶେଷ କରି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରିତୋଳିଛି।

# ଏଚ୍ଏମ୍ଏସ୍ଆଇ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ଭୁବନେଶ୍ୱର,୨୬।୮**

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଗତ ୨ବର୍ଷ ପରେ ସ୍କୁଲଗୁଡ଼ିକ ପୁଣିଥରେ ଖୋଲିଥିବା ବେଳେ ଓଡ଼ିଶାର ଭବାନୀପାଟଣାରେ ବିମଳା କନ୍‌ଭେଣ୍ଟ ସ୍କୁଲ, ପୋଲିସ ହାଇସ୍କୁଲ, ଶାସ୍ତ୍ରିଜୀ ଓମେନ୍ସ କଲେଜ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ୪ଦିନିଆ ସଚେତନତା ଶିବିରରେ ୪୦୦୦ରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଯେଉଁମାନେ ସୁରକ୍ଷିତ ଗାଡ଼ି ଚାଳନାର ପ୍ରଥାଗୁଡ଼ିକ ବିଷୟରେ ଶିଖିବା ଲାଗି ଆଗ୍ରହୀ ସେମାନେ ମଧ୍ୟ ଉକ୍ତ ଶିବିରରେ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ଏଚ୍ଏମ୍ଏସ୍ଆଇର ଅପରେଟିଂ ଅଫିସର (ବ୍ରାଣ୍ଡ ଓ କମ୍ୟୁନିକେଶନ) ପ୍ରଭୁ ନାଗରାଜ କହିଛନ୍ତି, ସଡ଼କ ସୁରକ୍ଷା ମାନସିକତା ବିକାଶ କରିବା ଲାଗି ସଡ଼କ ସୁରକ୍ଷା ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ। ଆମର ଜାତୀୟ ସଡ଼କ ସୁରକ୍ଷା ଅଭିଯାନର ଅଂଶ ସ୍ୱରୂପ ଓଡ଼ିଶାରେ ଆମେ ଆମର ପ୍ରତ୍ୟକ୍ଷ ସୁରକ୍ଷିତ ଗାଡ଼ିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପୁନର୍ବାର ଆରମ୍ଭ କରିଛୁ। ଏହି ଅଭିଯାନ ସହ ଉଭୟ ଶିଶୁ ଓ ବୟସ୍କଙ୍କୁ ଆମେ ଦାୟିତ୍ୱବାନ୍ ସଡ଼କ ବ୍ୟବହାରକାରୀ ଓ ସେମାନଙ୍କ ସହରର ସଡ଼କ ସୁରକ୍ଷା ଆମ୍ବାସାଡର ଭାବେ ସଚେତନ କରିବାକୁ ଲକ୍ଷ୍ୟ ରଖିଛୁ।



ମୁମ୍ବାଇଠାରେ ବିଳାସପୂର୍ଣ୍ଣ କାର୍ ନିର୍ମାତା ମର୍ସିଡିଜ୍-ବେଞ୍ଜ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟପ୍-ଏଣ୍ଡ୍ ଅଲ-ଇଲେକ୍ଟ୍ରିକ୍ ଯାନ (ଇଭି) ଉପରେ ଏକ ଉତ୍ସର୍ଗୀକୃତ ମଡ୍ୟୁଲାର 'ମର୍ସିଡିଜ୍-AMG EQS 53 4 MATIC +'ର ଶୁଭାରମ୍ଭ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

# ଫାଷ୍ଟ ବିଲ୍ଡ ବ୍ଲକ୍ ପିଭିଟି ଏଲ୍‌ଟିଡିକୁ ଅଧିଗ୍ରହଣ କଲା ଏଚ୍ଆଇଏଲ

**ଭୁବନେଶ୍ୱର,୨୬।୮**

ସି.କେ. ବିର୍ଲା ଗ୍ରୁପ୍‌ର ନିର୍ମାଣ ସାମଗ୍ରୀ ସମାଧାନ ସଂସ୍ଥା 'ଏଚ୍ଆଇଏଲ୍' ଲିମିଟେଡ୍ ନିକଟରେ କଟକର ଫାଷ୍ଟ ବିଲ୍ଡ ବ୍ଲକ୍ ପିଭିଟି ଲିମିଟେଡ୍‌କୁ ଅଧିଗ୍ରହଣ କରିଥିବା ସମ୍ପର୍କରେ ଘୋଷଣା କରିଛି। ବିଶେଷକରି କମ୍ପାନୀର ସମ୍ପ୍ରସାରଣ ରଣନୀତିର ଏକ ଅଂଶ ଭାବେ ଏହି ଅଧିଗ୍ରହଣ ହୋଇଥିବା ଜଣାପଡ଼ିଛି। ସେହିପରି ଉଭୟ ସଂସ୍ଥାର ଚୁକ୍ତିନାମା ଅନୁଯାୟୀ କମ୍ପାନୀ କଟକରେ ଥିବା ଫାଷ୍ଟ ବିଲ୍ଡ ବ୍ଲକ୍ ପିଭିଟି ଲିମିଟେଡ୍‌ର ଏଏସି ବ୍ଲକ୍‌କୁ ପ୍ରାୟ ୩୬କୋଟି ଟଙ୍କାରେ ଅଧିଗ୍ରହଣ କରିଛି। ଏହା ଜରିଆରେ କମ୍ପାନୀ ପୂର୍ବାଞ୍ଚଳର ଏଏସି ବ୍ଲକଗୁଡ଼ିକର ଆବଶ୍ୟକତା ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ଫଳରେ ଏହି ଅଧିଗ୍ରହଣ ଗ୍ରାହକଙ୍କୁ ସର୍ବୋତ୍ତମ ଶ୍ରେଣୀର ଉତ୍ପାଦ ଯୋଗାଇବା ସହ ଆବଶ୍ୟକ ସେବା ପ୍ରଦାନ କରିବାରେ ଏଚ୍ଆଇଏଲ୍‌ର ପ୍ରତିବଦ୍ଧତା ସହ ସମାନ ହୋଇଛି। ଏପରିକି ଭାରତରେ ଏହାର ନେତୃତ୍ୱ ଆଭିମୁଖ୍ୟ ଗଠନ ଏବଂ ବଜାୟ ରଖିବାକୁ ମଧ୍ୟ କମ୍ପାନୀ ଚେଷ୍ଟା କରୁଛି। ଏ ସମ୍ପର୍କରେ ଏଚ୍ଆଇଏଲ୍ ଲିମିଟେଡ୍ (ସି.କେ. ବିର୍ଲା ଗ୍ରୁପ୍)ର ଏମ୍‌ଡି ଏବଂ ସିଇଓ ଧୀରୂପ ରାୟ ଚୌଧୁରୀ କହିଛନ୍ତି, ବର୍ଷ ବର୍ଷ ଧରି ଏଚ୍ଆଇଏଲ୍‌ର ଅଭିବୃଦ୍ଧି ଦେଖି ଆମେ ଗର୍ବିତ। ଆମେ ନିଶ୍ଚିତ ଯେ ନିକଟରେ ହୋଇଥିବା ଅଧିଗ୍ରହଣ ସହ ଆମେ ଆମର ସାମର୍ଥ୍ୟକୁ ମଧ୍ୟ ଆହୁରି ଦୃଢ଼ୀଭୂତ କରିପାରିବୁ। ସେହିଭଳି ପୂର୍ବାଞ୍ଚଳର ଅସୁବିଧାକୁ ଦୂର କରିବା ପାଇଁ ଆମେ ନିରନ୍ତର ଭିତ୍ତିଭୂମି ବିକାଶ ଉପରେ କାର୍ଯ୍ୟ କରୁଛୁ।

## ଫୁର୍‌ସତ୍



# ଭାବୁକ ହେଲେ ସଲମାନ

**ମୁମ୍ବାଇ**

ବଲିଉଡ୍‌ର ଭାଇଜାନ୍ ଭାବେ ଜଣାଯାଉଥିବା ସଲମାନ ଖାନ୍ ଭାବୁକ ହୋଇଯାଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ର ଜଗତରେ ୩୪ ବର୍ଷ ପୂର୍ତ୍ତି ହେବା ନେଇ ସଲମାନ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ୩୪ ବର୍ଷର ଫିଲ୍ମର ଭିଡିଓ ସବୁ ଦେଖିବାକୁ ମିଳିଛି। ପୋଷ୍ଟର କ୍ୟାପ୍ସନରେ ସେ ଲେଖିଛନ୍ତି 'କିସିକେ ଲିଏ ଭାଇ, କିସିକେଲିଏ ଜାନ୍'। ଦର୍ଶକଙ୍କ ପାଇଁ ସେ ସୁପରଷ୍ଟାର ହୋଇଥିବା କହିଛନ୍ତି। ତେବେ ଏ ନେଇ ଫ୍ୟାନ୍ସଙ୍କୁ ମଧ୍ୟ ସେ ଧନ୍ୟବାଦ୍ ଜଣାଇଛନ୍ତି। ୧୯୮୮ରେ ଫିଲ୍ମ ବିୱି ହୋ ତୋ ଐସି ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। କିନ୍ତୁ ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁପାରି ନ ଥିଲା। ଏହା ପରେ ୧୯୮୯ରେ ତାଙ୍କ ଅଭିନୀତ ଫିଲ୍ମ 'ମେନେ ପ୍ୟାର କିୟା' ସଲମାନଙ୍କୁ ରାତାରାତି ଷ୍ଟାର୍ କରିଦେଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେବାରେ ଲାଗିଲେ ସଲମାନ।

# ସ୍ପେସ୍ ଷ୍ଟେଶନ ଯିବେ ରୁଷିଆର ଏକମାତ୍ର ମହିଳା ମହାକାଶଚାରୀ

**ମସ୍କୋ**

ରୁଷିଆର ଏକମାତ୍ର ମହିଳା ମହାକାଶଚାରୀ ଆନ୍ନା କିକିନା ଆମେରିକା ସ୍ପେସ୍ ଷ୍ଟେଶନ୍ ଯିବା ନେଇ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ସ୍ଥଗିତ କରିଦିଆଯାଇଛି। ଅକ୍ଟୋବର ୩ରେ ସ୍ପେସ୍ ଏକ୍ସର କ୍ରିଉ ଡ୍ରାଗନ୍ ଫ୍ଲାଇଟ୍ ଜରିଆରେ ସ୍ପେସ୍ ଷ୍ଟେଶନ ଯିବାର ସମୟ ଧାର୍ଯ୍ୟ କରାଯାଇଥିଲା। ୟୁକ୍ରେନ୍ ଓ ରୁଷିଆ ଯୁଦ୍ଧକୁ କେନ୍ଦ୍ର କରି ଧାର୍ଯ୍ୟ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିବା କୁହାଯାଉଛି। ରୁଷିଆ ତଥା ସୋଭିଏଟ ସଂଘ ତରଫରୁ ସ୍ପେସ୍ ମିଶନରେ ଆନ୍ନା ହେଉଛନ୍ତି ୫ମ ମହିଳା ମହାକାଶଚାରୀ




ଏବଂ ପ୍ରଥମ ରୁଷୀୟ ଯେ, ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟରେ ଯାତ୍ରା କରିବାକୁ ଯାଉଛନ୍ତି।। ସ୍ପେସ୍ ଷ୍ଟେଶନ୍ ଯାତ୍ରା ନେଇ ହେବାକୁ ଥିବା ଫାଇନାଲ ଟ୍ରେନିଂ ପାଇଁ ଆନ୍ନା ସେପ୍ଟେମ୍ବର ୮ରେ ଆମେରିକା ଯିବେ ବୋଲି କହିଛନ୍ତି। ପ୍ରଥମ ରୁଷୀୟ ଭାବେ ସ୍ପେସ୍ ଏକ୍ସ ମିଶନରେ ଭାଗ ନେବା ଏକ ବଡ଼ ଦାୟିତ୍ୱ। ଆମେରିକୀୟ ମହାକାଶଚାରୀଙ୍କ ବ୍ୟବହାର ତାଙ୍କ ପ୍ରତି ସ୍ୱାଭାବିକ ଥିବାବେଳେ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ସହଯୋଗ କରୁଥିବା ଆନ୍ନା ପ୍ରକାଶ କରିଛନ୍ତି। ତାଙ୍କ ସହ ଜାପାନର କୋଇଚି ୱାକାଟା ଏବଂ ନାସାର ମହାକାଶଚାରୀ ନିକୋଲେ ମାନ୍ନ ଏବଂ ଜୋଶ୍ କାସାଡା ସ୍ପେସ୍ ଏକ୍ସର କ୍ରିଉ-୫ ମିଶନରେ ସାମିଲ ହୋଇଛନ୍ତି। ଶେଷଥର ପାଇଁ ରୁଷିଆର ମହିଳା ମହାକାଶଚାରୀ ସେରୋଭା ମହାକାଶ ଯାତ୍ରା କରିଥିବାବେଳେ ୧୬୭ ଦିନ ସେଠାରେ ସେ ଅତିବାହିତ କରିଥିଲେ।

# ଦୁଇଥର ହୋଇଛି ମରଣ

**ମେକ୍ସିକୋ ସିଟି**

ଆମେରିକାର ମେକ୍ସିକୋରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ୩ ବର୍ଷୀୟା କୁନି ଝିଅଙ୍କର ଦୁଇଥର ମୃତ୍ୟୁ ହୋଇଛି। ପାକସ୍ଥଳୀ ସଂକ୍ରମଣ କାରଣରୁ କାମିଲାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛିଦିନର ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ତାଙ୍କ ଅନ୍ତିମ ସଂସ୍କାର କାମ କରିବା ସମୟରେ କାମିଲା ଜିଇ ଉଠିଥିଲେ। କୁନି ଝିଅର ଚେତା ଫେରିବା ଜାଣି ଘରଲୋକେ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ତାଙ୍କୁ ପୁଣି ମୃତ ଘୋଷଣା କରିଥିଲେ। କାମିଲାଙ୍କୁ କଫିନ୍‌ରେ ଭର୍ତ୍ତି କରିବାର କିଛି ସମୟ ପରେ ସେ କଡ଼ ଲେଉଟାଉଥିବାର ତାଙ୍କ ମା' ଦେଖିବାକୁ ପାଇଥିଲେ। ସେ ଏକଥାକୁ ଅନ୍ୟମାନଙ୍କୁ କହିବାରୁ କେହି ବିଶ୍ୱାସ କଲେ ନାହିଁ। କିନ୍ତୁ ଯେତେବେଳେ କାମିଲାଙ୍କ ଜେଜେମା' ଦେଖିଲେ ଯେ, ସେ ଆଖି ଖୋଲିଛନ୍ତି ତା' ପରେ ସେମାନେ କାମିଲାଙ୍କୁ ଆଉଥରେ ଡାକ୍ତରଖାନା ନେଇଥିଲେ। ପାକସ୍ଥଳୀ ସଂକ୍ରମଣ କାରଣରୁ କାମିଲାଙ୍କ ପେଟରେ ପିଡ଼ା, ଥଣ୍ଡା ଓ ବାନ୍ତି ହେଉଥିଲା। ଯନ୍ତ୍ରଣା ସାମାନ୍ୟ କହି ଡାକ୍ତର କୁନି ଝିଅଙ୍କୁ ପାରାସିଟାମଲ ଖାଇବାକୁ ଦେଇଥିଲେ। କିନ୍ତୁ ଦିନ ବିତିବା ସହ କାମିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ କରିଥିବା ତାଙ୍କ ମା' କହିଛନ୍ତି। ଦ୍ୱିତୀୟ ଥର ପାଇଁ ଡାକ୍ତରଖାନା ନେବା ପରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା।



# ଶୋଇଲେ ମିଳୁଛି ଟଙ୍କା

## ଭାରତୀୟଙ୍କୁ ଶୋଇବାର ମହତ୍ତ୍ୱ ବୁଝାଇବା ମୂଳ ଉଦ୍ଦେଶ୍ୟ

**କୋଲକାତା**

ବ୍ୟସ୍ତବହୁଳ କାରଣରୁ ଲୋକଙ୍କ କ୍ଷେତ୍ରରେ ବିଶ୍ରାମ କରିବା ବା ଶୋଇବାର ଉପଯୁକ୍ତ ସମୟ କମିଥିବା ଦେଖିବାକୁ ମିଳିଛି, ଯାହାଫଳରେ ମନୁଷ୍ୟ ଶରୀରରେ ବହୁ ରୋଗ ସାଙ୍ଗକୁ ବ୍ୟତିକ୍ରମ ସୃଷ୍ଟି କରୁଛି। ତେବେ ଭାରତୀୟମାନଙ୍କୁ ଶୋଇବାର ଗୁରୁତ୍ୱ ବିଷୟରେ ଜଣାଇବା ପାଇଁ ଏକ ବିଦେଶୀ କମ୍ପାନୀ ସ୍ଲିପ୍ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି, ଯେଉଁଥିରେ ଜିତିଲେ ମିଳୁଛି ଲକ୍ଷାଧିକ ଟଙ୍କା। ଶୋଇବା ପାଇଁ କୋଲକାତାର ୨୬ ବର୍ଷୀୟା ତ୍ରିପର୍ଣ୍ଣା ଚକ୍ରବର୍ତ୍ତୀ ଲକ୍ଷାଧିକ ଟଙ୍କା ରୋଜଗାର କରିଛନ୍ତି। ୱେକ୍‌ଫିଟ୍ ଡଟ୍ କୋ ୱେବ୍ ସାଇଟ୍ ଜରିଆରେ ନାମ ପଞ୍ଜୀକରଣ କରି ଯେ କୌଣସି ବ୍ୟକ୍ତି ଏହି ନିଆରା କାର୍ଯ୍ୟକ୍ରମର ଅଂଶ ପାଲଟିପାରିବେ । ୱିଟ୍ରସି ହୋମ୍ ଆଣ୍ଡ ସ୍ଲିପ୍ ସଲ୍ୟୁସନ୍ କମ୍ପାନୀ ଏକ ସ୍ଲିପ୍ ଇଣ୍ଟର୍ନଶିପ୍ ପ୍ରୋଗ୍ରାମର ଆୟୋଜନ କରାଯାଇଛି। ଏହି ସ୍ଲିପ୍ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମର ଫାଇନାଲ୍‌ରେ ୪ ଜଣ ପ୍ରତିଯୋଗୀ ଆଗକୁ ଯାଇଥିଲେ। ପ୍ରତିଯୋଗୀଙ୍କ ନିଦକୁ ପାରାମିଟରରେ ହିସାବ କରାଯାଏ। ଶୋଇବା ସମୟ, ଉଠିବା ସମୟ, ହାଲୁକା ନିଦ ଏବଂ ଗାଢ଼ ନିଦକୁ ନଜରରେ ରଖି ସେମାନଙ୍କ ସ୍କୋର ଗଣାଯାଏ। ଅନ୍ୟ ତିନି ପ୍ରତିଯୋଗୀ ୧ ଲକ୍ଷ ଟଙ୍କା ଜିତିଥିବାବେଳେ ତ୍ରିପର୍ଣ୍ଣା ୯୫ ସ୍କୋର୍ କରି ୫ ଲକ୍ଷ ଜିତିଛନ୍ତି। ଭାରତୀୟମାନଙ୍କୁ ଶୋଇବାର ମହତ୍ତ୍ୱ ଜଣାଇବା ଉଦ୍ଦେଶ୍ୟରେ ଏହି କମ୍ପାନୀ ଏ ପ୍ରକାର ନିଆରା ଅଭିଯାନ ଆରମ୍ଭ କରିଛି। ଯେଉଁ ପ୍ରତିଯୋଗୀ କମ୍ ସମୟ ଶୋଇବେ ସେ ଏଥିରୁ ବାହାରି ଯିବେ। ଯୁବପିଢ଼ିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି କମ୍ପାନୀ ସିଜନ୍ ୩ ସ୍ଲିପ୍ ଇଣ୍ଟର୍ନସିପ୍‌ର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯେ ଜିତିବେ ତାଙ୍କୁ ୧୦ ଲକ୍ଷର ପୁରସ୍କାର ରାଶି ପ୍ରଦାନ କରାଯିବ। ୧୦୦ ରାତି ଧରି ପ୍ରତିଯୋଗିତା ହେବାକୁ ଥିବାବେଳେ ପ୍ରତ୍ୟେକ ରାତିରେ ପ୍ରତିଯୋଗୀଙ୍କୁ ୯ ଘଣ୍ଟା ଶୋଇବାକୁ ପଡ଼ିବ।



## ସଂକ୍ଷେପରେ

### ବିଦ୍ୟାଳୟକୁ ଜମିପଟ୍ଟା ମିଳୁନି

ରାଜନଗର,୨୬।୮(ଡି.ଏନ୍.ଏ.): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଏନ୍.ଶିଳପୋଖରୀ ପ୍ରାଥମିକ ବିଦ୍ୟାଳୟ ବାତ୍ୟା ଆଶ୍ରୟସ୍ଥଳ ଗୃହରେ ଚାଲିଛି। ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ମାତ୍ର ୨ଟି ଘରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି। ବାତ୍ୟା ଆଶ୍ରୟସ୍ଥଳକୁ ଲାଗି ପ୍ଲଟ ନଂ. ୧୯୯ରେ ୨ ଏକର ଗୋଚର ଜମି ରହିଛି। ଏହି ୨ ଏକର ଗୋଚର ଜମି ମଧ୍ୟରୁ ଗୋଟିଏ ଏକର ଜମିକୁ ବିଦ୍ୟାଳୟ ନାଁରେ ପଟ୍ଟା ଦେବାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ପ୍ରଧାନ ଶିକ୍ଷକ ତହସିଲଦାର ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ବିଦ୍ୟାଳୟ ନାଁରେ ୧୯୯ ପ୍ଲଟରୁ ଗୋଟିଏ ଏକର ଜମି ଦେବା ପରିବର୍ତ୍ତେ ପ୍ଲଟ ନଂ. ୨୦୦ରେ ଥିବା ମାତ୍ର ୭ ଡେସିମିଲ ଜମି ଦେବାକୁ ମସୁଧା ହେଉଥିବା ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ୭ ଡେସିମିଲ ଜମିରେ ବିଦ୍ୟାଳୟ ଗୃହ, ଖେଳପଡିଆ, ରୋଷେଇ ଘର ଓ ବଗିଚା ନିର୍ମାଣ ସମ୍ଭବ ନୁହେଁ। ତେଣୁ ୧୯୯ ପ୍ଲଟରୁ ଗୋଟିଏ ଏକର ଜମି ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟିର ସୋମନାଥ ବାରିକ, ବୁନୁ ବେହେରା, ପ୍ରତିମା ବାରିକ, ସବିତା ନାୟକ, ମନ୍ଦାକିନୀ ବେହେରା, ମିନତି ବାରିକ ପ୍ରମୁଖ ଓ ଅଭିଭାବକମାନେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଦ୍ୟାଳୟ ପାଇଁ ସରକାରୀ ଜମି ପଟ୍ଟା ଦେବାରେ ପ୍ରଶାସନର ଟାଳଟୁଳ ନୀତିକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

ଡେରାବିଶ, ୨୬।୮(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ଠାକୁରପାଟଣା ଗାଁର ତଥା କେନ୍ଦ୍ରାପଡ଼ା ଜିଲା ଭାଜପା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକଙ୍କ ବାପା ଉଦୟନାଥ (୮୩)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଉଦୟନାଥ ଜଣେ ଧର୍ମପ୍ରାଣ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଉଦୟନାଥ ବୁଧବାର ଅପରାହ୍ନରେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅଧିକ ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସିତ ଅବସ୍ଥାରେ ଉଦୟଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଉଦୟଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବରପାଇ କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସ୍ୱର୍ଗତ ନାୟକଙ୍କ ଘରକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବନ୍ୟାକୁ ଛାଡ଼ିଲେ ଆର୍ଦ୍ରଭୂମିକୁ ମିଳୁନି ମଧୁରଜଳ

କେନ୍ଦ୍ରାପଡ଼ା ଅଫିସ, ୨୬।୮



ଭିତରକନିକାର ହେନ୍ତାଳ ବଣ।

- ପାଦରେ ଚାଲି ଖରାଦିନେ ନଦୀ ପାର ହେଉଛନ୍ତି
- ଭିତରକନିକାକୁ ଅଣମୌସୁମୀରେ ମିଳୁଛି ୧୫ ପ୍ରତିଶତ
- ନଦୀଜଳ ପରିଚାଳନା ଜିଲା ପାଇଁ ଆହ୍ୱାନ ସାଜିଛି

ମହାନଦୀ ଓ ବୈତରଣୀ ସିଷ୍ଟମ୍‌ରେ ବନ୍ୟା ଆସି ଭିତରକନିକା ଆର୍ଦ୍ରଭୂମି ସହିତ କେନ୍ଦ୍ରାପଡ଼ା ଜିଲାର ୪୧ ପଞ୍ଚାୟତରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏହିପରି ପ୍ରତିବର୍ଷ ଆସୁଥିବା ବନ୍ୟାଜଳ ନିଷ୍କାସିତ ପରେ ଆର୍ଦ୍ରଭୂମି ଭିତରକନିକାକୁ ଆବଶ୍ୟକ ମଧୁର ଜଳ ମିଳୁନାହିଁ। ଅନ୍ୟ ସମୟରେ ନଦୀ ଜଳ ସ୍ରୋତ କମିବା ଫଳରେ ଆର୍ଦ୍ରଭୂମିର ଜୈବ ବିବିଧତା ନଷ୍ଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ଉପରେ ପ୍ରଭାବ ପକାଉଛି। ସେହିପରି ଅଣମୌସୁମୀ ସମୟରେ ନଦୀ ମଧ୍ୟ ଦେଇ ଲୋକେ ପାଦରେ ଚାଲୁଛନ୍ତି। ଖରାଦିନେ ଭିତରକନିକାକୁ ଆବଶ୍ୟକତାଠାରୁ ମାତ୍ର ୧୫ ପ୍ରତିଶତ ମଧୁର ଜଳ ମିଳୁଛି। ଜିଲାବାସୀଙ୍କ ପାଇଁ ନଦୀ ଜଳ ପରିଚାଳନା ଏକ ଆହ୍ୱାନ ପାଲଟିଥିବା ମତ ମିଳିଛି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଭାଜପା ନେତା ଭୁବନମୋହନ ଜେନା କହିଛନ୍ତି, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ସିଷ୍ଟମ୍‌ରେ କେନ୍ଦ୍ରାପଡ଼ା ଜିଲାରେ ଥିବା ୭ ନଦୀ ଓ ଅସଂଖ୍ୟ ନାଳ ଭିତରକନିକା ଆର୍ଦ୍ରଭୂମି ପାଇଁ ମଧୁର ଜଳ ପ୍ରଦାନ କରୁଛି। ସମ୍ପ୍ରତି ଏହି ନଦୀ ନାଳ ସେହି ଅଞ୍ଚଳକୁ ମଧୁର ଜଳ ଯୋଗାଣ ପାଇଁ ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ଛତିଶଗଡ ନଦୀବନ୍ଧ ଯୋଜନା ପରେ ମହାନଦୀର ଜଳ ସ୍ରୋତ କମିଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ମଧୁର ଜଳକୁ ଶିଳ୍ପ ଶୋଷୁଛି। ଜଳ ସ୍ରୋତ କମିଥିବାରୁ ଲୋକେ ଖରାଦିନେ ପାଦରେ ଚାଲି ନଦୀ ପାର ହେଉଛନ୍ତି। ଏହାବ୍ୟତୀତ କ୍ଷେତ ଓ ପାନୀୟ ଜଳ ପାଇଁ ବିଭିନ୍ନ ନଦୀରେ ପ୍ରକଳ୍ପ ହୋଇଛି। ନଦୀ ଶଯ୍ୟା ଓ ମୁହାଣ ପୋତି ହୋଇ ଯାଉଥିବା ବେଳେ ପଠା ଅଞ୍ଚଳ ବଢ଼ିଛି। କ୍ରିକ୍‌ବନ୍ଧ ଓ ବ୍ୟାରେଜ ଯୋଜନା ନ ଥିବାରୁ ଆର୍ଦ୍ରଭୂମିକୁ ଯଥେଷ୍ଟ ମଧୁର ଜଳ ମିଳି ପାରୁନାହିଁ। ଫଳରେ ହେନ୍ତାଳ ବଣ ସୃଷ୍ଟି ହୋଇ ପାରୁ ନ ଥିବାରୁ ସମୁଦ୍ର ଭୂଭାଗକୁ ମାଡି ଆସୁଛି। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଗତ ୨୦୨୦ ଡିସେମ୍ବର ୧୬ରେ ରାଜନଗର ବନଖଣ୍ଡ, ଚିଲିକା ଡେଭଲପମେଣ୍ଟ ଅଥରିଟି ଓ ଜିଆଇଜେଡ ଇଣ୍ଡିଆ ପକ୍ଷରୁ ରାଜନଗର ବ୍ଲକ ଗୁପ୍ତିଠାରେ ଭିତରକନିକା ସମନ୍ୱିତ ପରିଚାଳନାରେ ଜଳ ଓ ପରିବେଶ ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ବୈଜ୍ଞାନିକ ଡ. ଗୁରୁଦୀପ ରସ୍ତୋଗୀ, ଖୁସ୍‌ୱନ୍ତ ସିଂ ପ୍ରମୁଖ ଯୋଗ ଦେଇ ଭିତରକନିକାରେ ମଧୁର ଜଳର ଆବଶ୍ୟକତା ନେଇ ନିଜର ମତ ରଖିଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ ଯେ, ୨୦୦୧ରେ ଭିତରକନିକା ଆର୍ଦ୍ରଭୂମିରେ ୭୪.୬୪ ପ୍ରତିଶତ ମଧୁର ଜଳ ପହଞ୍ଚୁଥିଲା। ଏବେ ଏହି ଜଳର ପରିମାଣ ୪୬ ପ୍ରତିଶତରେ ପହଞ୍ଚିଛି। ଜଳ ଉପଲବ୍ଧି ସମ୍ପର୍କରେ ମଡେଲକୁ ଅନୁଧ୍ୟାନ କଲେ ବ୍ରାହ୍ମଣୀ ଅବବାହିକାରେ ଥିବା ଜଳ ପରିମାଣ ୨୦୦୧ରେ ୭୯ ପ୍ରତିଶତ ଥିବା ବେଳେ ୨୦୫୧ରେ ଏହା କମିଯାଇ ୩୧ ପ୍ରତିଶତରେ ରହିବ। ଏବେ ଅଣମୌସୁମୀ ସମୟରେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ଏହି ଆର୍ଦ୍ରଭୂମିକୁ ପହଞ୍ଚୁଛି। କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ, ଜନସଂଖ୍ୟା, ସହରୀକରଣକୁ ଦୃଷ୍ଟିରେ ରଖିଲେ ଭିତରକନିକାକୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ କମିଟିର ଅନୁଧ୍ୟାନ ଆବଶ୍ୟକ ବୋଲି ନାୟକ କହିଛନ୍ତି। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ୨୦୦୩ରେ ଭାରତୀୟ ବନ୍ୟଜୀବ ସଂସ୍ଥାନ ପକ୍ଷରୁ ଭିତରକନିକା ଜୈବ ବିବିଧତା ସମ୍ପର୍କରେ ପରିବେଶ ଓ ଏହାର ଉତ୍ସ ସମ୍ପର୍କରେ ମୂଲ୍ୟାୟନ ହୋଇଥିଲା। ଏହି ରିପୋର୍ଟରେ ଆର୍ଦ୍ରଭୂମି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ସହ ବନ୍ୟ ପରିବେଶ, ବନ୍ୟ ଜୀବ, ସାମୁଦ୍ରିକ ଜୀବ ସମ୍ପର୍କରେ ଅନୁଧ୍ୟାନ ହୋଇଥିଲା। ଭିତରକନିକା ଜୈବ ବିବଧତାକୁ ମଧୁର ଜଳ ବଞ୍ଚାଇ ରଖିଥିବା ଏଥିରେ ପ୍ରକାଶ ପାଇଛି। ସେହିପରି ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଜଳ ଉତ୍ସ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଡିସେମ୍ବରରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଶଯ୍ୟା ତଳମୁଣ୍ଡରେ ପୋତି ହେଉଛି। ବିଭିନ୍ନ ସ୍ଥାନରେ ପଠା ଅଧିକ ବଢ଼ିଯିବା ଯୋଗୁ ଜଳ ଧାରଣ କ୍ଷମତା କମିଛି। ସେହିପରି ମୁହାଣ ଅଞ୍ଚଳକୁ ଖୋଳାଯିବା ପ୍ରସ୍ତାବ ରହିଛି। ତଳ ମୁଣ୍ଡରେ ନଦୀବନ୍ଧକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ନଦୀ ଜଳ ପରିଚାଳନା କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ଆହ୍ୱାନ ସାଜିଥିବା ସେ ପ୍ରକାଶ କରିଛନ୍ତି।



ଭୁବନ ମୋହନ ଜେନା।



କ୍ଷିତୀଶ କୁମାର ସିଂହ।



ପ୍ରଶାନ୍ତ କୁମାର ନାୟକ।

# କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଡେରାବିଶ, ୨୬।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକା ଗାଁଠାରେ କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ଶୁକ୍ରବାର ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ଜଳ ଓ ପରିମଳ ମିଶନ, ସ୍ୱଚ୍ଛ ଭାରତ ଅଭିଯାନ, ପଞ୍ଚାୟତରେ ଥିବା କେନ୍ଦ୍ରୀୟ ଓ ରାଜ୍ୟ ଆର୍ଥିକ ଅନୁଦାନରେ ୯ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମିତ ହେବ। ଆୟୋଜିତ କାର୍ଯ୍ୟକ୍ରମରେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ବିଧାୟିକା ଅଗ୍ରୱାଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପରିଚାଳନା ଯୋଜନାରେ ପ୍ରତ୍ୟେକ ପରିବାର ଉପକୃତ ହେବେ। ପଞ୍ଚାୟତରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏହା ପରିଚାଳିତ ହେବା ସହ ପ୍ରତ୍ୟେକ ପରିବାରର ଅଳିଆ ଆବର୍ଜନା ସବୁ ମିଶନ ଶକ୍ତି ଦ୍ୱାରା ଯୋଗା ଯାଇଥିବା ବ୍ୟାଟେରି ଚାଳିତ ଅଟୋ ଦ୍ୱାରା ଅଣାଯାଇ ଏଠାରେ ନିର୍ମିତ ହୋଇଥିବା ଆବର୍ଜନା କୁଣ୍ଡରେ ପକାଯିବ। ଏହାଦ୍ୱାରା ନିଜ ପରିବାର ସମେତ ପ୍ରତ୍ୟେକ ଗାଁର ପରିମଳ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ବିଧାୟିକା କହିଥିଲେ। ଏହି ଯୋଜନାକୁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଡିଓ ନମିତା ବାରିକ, ଏବିଡିଓ ଭଞ୍ଜ କିଶୋର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଅତିରିକ୍ତ ତହସିଲଦାର ସୁଜିତ ସ୍ୱାଇଁ, ୧୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ୧୪ ନଂ. ଜୋନ ଜିଲା ପରିଷଦ ସଦସ୍ୟ ଅରବିନ୍ଦ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲଙ୍କ ସମେତ ବହୁ ଦଳୀୟ କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ସରକାରୀ ଜମିର ପଟ୍ଟା ବଣ୍ଟନ କରାଯାଇଥିଲା। ତେବେ ୫-ଟି ଯୋଜନାରେ ବ୍ଲକ ଅଧୀନ ୧୩ ଟି ଉଚ୍ଚ ବିଦ୍ୟାଳୟକୁ ହୋଇଥିବା ରୂପାନ୍ତରୀକରଣ କାର୍ଯ୍ୟର ସଫଳତାକୁ ବିଧାୟିକା ବୁଲି ଦେଖିଥିଲେ। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନା କରିଥିଲେ।



ବିଧାୟିକା ସାବିତ୍ରୀ ଅଗ୍ରୱାଲ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

### ନାବାଳିକାଙ୍କୁ ଗର୍ଭବତୀ କଲେ ବୃଦ୍ଧ

ଆଳି,୨୬।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଏକ ଲଜ୍ଜାକର ଘଟଣା ଘଟିଯାଇଛି। ଜଣେ ୬୫ ବର୍ଷ ବୃଦ୍ଧ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଦ୍ୱାରା ସେ ଏବେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ଏ ନେଇ ନାବାଳିକାଙ୍କ ବାପା ଆଳି ଥାନାରେ ବୃଦ୍ଧ ରାଜୀବ ମଲିକଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୨୭/୨୨ରେ ମାମଲା ରୁଜୁ କରିଛି। ନାବାଳିକାଙ୍କ ବାପା ଅଭିଯୋଗ ମୁତାବକ, ୫ ବର୍ଷ ତଳେ ପତ୍ନୀଙ୍କ ପରଲୋକ ଘଟିଛି। ସେ ନାବାଳିକା ଝିଅକୁ ନେଇ ରହୁଛନ୍ତି। ସେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଛନ୍ତି। ଏହାର ସୁଯୋଗ ନେଇ ରାଜୀବ ତାଙ୍କ ଝିଅର ସର୍ବନାଶ କରିଛନ୍ତି। ପରିବାର ଲୋକେ ଜାଣିବା ପରେ ଝିଅକୁ ମେଡିକାଲ ନେଇ ଡାକ୍ତରଙ୍କ ପରାମର୍ଶକ୍ରମେ ଅଲଟ୍ରାସାଉଣ୍ଡ କରିବାରୁ ୭ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଝିଅକୁ ପଚାରିବାରେ ତାଙ୍କ ଅସହାୟତାର ସୁଯୋଗ ନେଇ ରାଜୀବ ଡରାଇ ଧମକାଇ ବଳାତ୍କାର କରିଛନ୍ତି। ଏହି ଘଟଣାଟି ପ୍ରଘଟ ହେବା ପରେ ରାଜୀବ ଘର ଛାଡ଼ି କେଉଁ ଆଡେ ପଳାଇ ଯାଇଛନ୍ତି। ଆଇଆଇସି ଦୀଳିପ ସାହୁ କହିଛନ୍ତି, ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଓ ଲଜ୍ଜାଜନକ ଘଟଣା। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିରୋଧ ପରେ ନାମଲେଖା ଫି' କମିଲା

କେନ୍ଦ୍ରାପଡ଼ା ଅଫିସ, ୨୬।୮

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ




କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ନାମଲେଖା ଫି' ବୃଦ୍ଧିକୁ ନେଇ ଗତ ସପ୍ତାହ ଧରି ଜନଅସନ୍ତୋଷ ଓ ବିରୋଧ ଲାଗି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଅମୃତ ଋତୁରାଜ ଓ ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କ ଗୁରୁବାର ବୈଠକ ହୋଇଥିଲା। ଫଳରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ନାମଲେଖା ଫି' କମିଥିବା ଜିଲାପାଳଙ୍କୁ ଶୁକ୍ରବାର ଏକ ଚିଠି (ନଂ. ୨୦୮୧) କରିଛନ୍ତି। ଏହି ଚିଠିରେ ଅଧ୍ୟକ୍ଷ ବେହେରା ଦର୍ଶାଇଛନ୍ତି ଯେ, ଗତବର୍ଷ ନାମଲେଖା ଫି'ରୁ ମାତ୍ର ୧୫ ପ୍ରତିଶତ ଟଙ୍କା ବୃଦ୍ଧି କରାଯାଉଛି। ଗତବର୍ଷ ଯୁକ୍ତ ୨ କଳା ବିଭାଗରେ ନାମଲେଖା ଫି' ୨୩୦୫ ଟଙ୍କା ଥିବାବେଳେ ଚଳିତବର୍ଷ ୩୪୫ ଟଙ୍କା ବଢ଼ାଯାଇ ୨୬୫୦ ଟଙ୍କା ହୋଇଛି। ସେହିପରି ଯୁକ୍ତ ୨ ବିଜ୍ଞାନରେ ୩୩୦୫ ଟଙ୍କାରୁ ୩୮୦୦ ଟଙ୍କା, ଯୁକ୍ତ ୨ ବାଣିଜ୍ୟରେ ୨୩୦୫ ଟଙ୍କାରୁ ୨୬୫୦ ଟଙ୍କା, ଯୁକ୍ତ ୩ କଳାରେ ୩୭୦୦ରୁ ୫୫୫ ଟଙ୍କା ବୃଦ୍ଧି କରାଯାଇ ୪୨୫୫ ଟଙ୍କା, ଯୁକ୍ତ ୩ ବିଜ୍ଞାନରେ ୪୭୦୦ରୁ ୫୪୦୫ ଟଙ୍କା ଓ ଯୁକ୍ତ ୩ ବାଣିଜ୍ୟରେ ୪୦୦୦ ଟଙ୍କାରୁ ୪୬୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହି ସଂଶୋଧନ ପରିଚାଳନା କମିଟିର ସଦସ୍ୟଙ୍କ ସମ୍ମତି ଥିବା ବେଳେ ଦସ୍ତଖତ ଅପେକ୍ଷାରେ ଅଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷର ନାମଲେଖା ଫି ପୂର୍ବ ବର୍ଷଠାରୁ ପ୍ରାୟ ୫୫ ପ୍ରତିଶତ ଅଧିକ ଥିବାରୁ ଛାତ୍ରନେତା ରାଜେଶ ପଣ୍ଡା, ପରମାନନ୍ଦ ମହାରଣା, ସତ୍ୟନାରାୟଣ ସେନାପତିଙ୍କ ସମେତ ବହୁ ବୁଦ୍ଧିଜୀବୀ ବିରୋଧ କରିଥିଲେ। ଏହାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତିବାଦ ପତ୍ର ଅଧ୍ୟକ୍ଷ ଓ ଜିଲା ପ୍ରଶାସନକୁ ଦିଆଯାଇଥିଲା।

# ଅସହାୟ ବୃଦ୍ଧଙ୍କୁ ମିଳିଲା ରାଶନ କାର୍ଡ, ଖାଦ୍ୟ ସାମଗ୍ରୀ

ମହାକାଳପଡ଼ା,୨୬।୮(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ବି.ବି. କଲୋନୀ ଗାଁରେ ଜଣେ ଅସହାୟ ବୃଦ୍ଧ ସୁକଲାଲ ଦେବନାଥ (୭୨)ଙ୍କୁ ଘର ଲୋକ ପର କରି ଦେଇଥିଲେ। ଫଳରେ ଦୀର୍ଘ ୪୦ ବର୍ଷ ଧରି ଗାଁ ଶ୍ମଶାନ ନିକଟରେ ଏକ ଭଙ୍ଗା ଘରେ ପଲିଥିନ ପକାଇ ରହୁଥିଲେ। ଏ ନେଇ ଶୁକ୍ରବାର ଧରିତ୍ରୀରେ 'ପଲିଥିନ ତଳେ ବିତୁଛି ବୃଦ୍ଧଙ୍କ ଜୀବନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରିବାର ଲୋକ ତାଙ୍କ ନିକଟରେ ପହଞ୍ଚି ନ ଥିବା ବେଳେ ବ୍ଲକ ପ୍ରଶାସନ ନିଦ ଭାଙ୍ଗିଥିଲା। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ରାଶନ କାର୍ଡ ପ୍ରଦାନ କରାଯାଇଛି। ଅସହାୟ ବୃଦ୍ଧଙ୍କ ନିକଟରେ ସ୍ଥାନୀୟ ରିଟେଲର ପହଞ୍ଚି ଭଲ ମନ୍ଦ ପଚାରି ବୁଝିବା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କ ନାମ ପଞ୍ଜୀକରଣ କରିବା ସହ ନୂଆ ରାଶନ କାର୍ଡ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବୃଦ୍ଧଙ୍କ ଅସହାୟ ଖବର ପ୍ରସାରଣ ପରେ ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନେ 'ଧରିତ୍ରୀ'କୁ ସାଧୁବାଦ ଜଣାଇଛନ୍ତି।



ଅସହାୟ ବୃଦ୍ଧ ସୁକଲାଲଙ୍କୁ ରିଟେଲର ରାଶନ୍ କାର୍ଡ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରୁଛନ୍ତି।

# ନଡ଼ିଆବରାଇ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନିମ୍ନମାନର

ପାଟକୁରା, ୨୬।୮ (ଡି.ଏନ.ଏ.)

## ବ୍ଲକ ଅଧ୍ୟକ୍ଷ ପହଞ୍ଚି ଠିକ୍ ଭାବେ କାମ କରିବାକୁ ଦେଲେ ନିର୍ଦ୍ଦେଶ

ଗରଦପୁର ବ୍ଲକ ଅଦୀନ ନଡ଼ିଆବରାଇ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରିତ କାର୍ଯ୍ୟ ନିମ୍ନମାନର ହୋଇଛି ବୋଲି ଅଭିଯୋଗ ହୋଇଥିଲା। ଏହି ଖବର ପାଇ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଶୁକ୍ରବାର ଅଚାନକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ବିଭୂତି ଭୂଷଣ ପରିଜା, ଅମୀୟ କୁମାର ପରିଜା, ସରପଞ୍ଚ ସନ୍ତୋଷ କୁମାର ମାହାଳି, ସମିତିସଭ୍ୟା କାବେରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ଷଡଙ୍ଗୀଙ୍କ ସହ ବ୍ଲକ ଅଧ୍ୟକ୍ଷ ୫-ଟି ରୂପାନ୍ତରିତ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟେଜ୍ ଉପରୁ ଟାଇଲି ସବୁ ଉଠି ଯାଇଥିବା ବେଳେ ପାଇଖାନା କାନ୍ଥ ସବୁ ଫାଟି ଯାଇଛି। ସେହିପରି ବିଦ୍ୟାଳୟ ଗୃହର କାନ୍ଥ ସବୁ ଫାଟି ଥିବା ଅଧ୍ୟକ୍ଷ ଦେଖିବାକୁ ପାଇଥିଲେ। ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିପୁଳ ଅର୍ଥ ବ୍ୟୟରେ ବିଦ୍ୟାଳୟର ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛନ୍ତି। ଏପରିସ୍ଥଳେ ରୂପାନ୍ତରିତ କାର୍ଯ୍ୟରେ ଠକାମୀ ହେଲେ ଏହାକୁ ବରଦାସ୍ତ କରାଯିବନି ବୋଲି ଅଧ୍ୟକ୍ଷ ମହରାଜ କହିଥିଲେ। ଏଥିରେ ସୁଧାର ଆଣିବାକୁ ବିଭାଗୀୟ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।




ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ବିଦ୍ୟାଳୟର ନିମ୍ନମାନର ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ମଠ ପରିସରରୁ ଲକ୍ଷାଧିକ ମୂଲ୍ୟର ଚନ୍ଦନ ଗଛ ଚୋରି



ତିର୍ତ୍ତୋଲ, ୨୬।୮(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅଧୀନ ପୋରଗଦେଇସ୍ଥିତ ନିତାଇ ଗୌର ମଠ ପରିସରରେ ଥିବା ଏକ ପୁରୁଣା ଚନ୍ଦନ ଗଛକୁ କୌଣସି ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ ଚୋରି କରିନେଇଛନ୍ତି। ମେଶିନ ଦ୍ୱାରା ଏହି ଗଛକୁ କାଟି ଏହାର ଡାଳ ଅଲଗା କରି କେବଳ ଗଣ୍ଡିକୁ କାଟି ନିଆଯାଇଛି। ଏହା ଜଣାପଡ଼ିବା ପରେ ସରପଞ୍ଚଙ୍କ ପ୍ରତିନିଧି ଭିକାରୀ ଚରଣ ମଲ୍ଲିକଙ୍କ ସହ ମଠର ଅନ୍ତେବାସୀ ସଚ୍ଚି ମାତା ଶୁକ୍ରବାର ସକାଳେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଚନ୍ଦନ ଗଛର ଗୋଲୋଇ ପ୍ରାୟ ଗୋଲେଇ ଦେଢ଼ ଫୁଟ ହୋଇଥିବାବେଳେ ଉଚ୍ଚତା ପ୍ରାୟ ୭ ଫୁଟରୁ ଅଧିକ ହେବ । ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ନାବାଳକଙ୍କୁ ମାଡ଼ ଘଟଣାର ଆପୋସ ସମାଧାନ

ରଘୁନାଥପୁର, ୨୬।୮(ଡି.ଏନ୍.ଏ.): ରଘୁନାଥପୁର ଥାନା ତଅଁରା ପଞ୍ଚାୟତ ଅନ୍ତର୍ଗତ ସାଳିଜଙ୍ଗା ଗ୍ରାମରେ ଗତ ଅଗଷ୍ଟ ୧୭ରେ ଏକ ମୋବାଇଲ ଚୋରିକୁ ନେଇ ଜଣେ ନାବାଳକକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବାନ୍ଧି ମାଡ଼ ମାରିଥିଲେ। ଏନେଇ ୨୪ ତାରିଖରେ ନାବାଳକଙ୍କ ମା'ଙ୍କ ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଥାନା ଆଇଆଇସି ପ୍ରଦ୍ୟୁମ୍ନ ବେହେରା ଘଟଣାର ତଦନ୍ତ ଜାରି ରଖିଥିଲେ। ତେବେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକଙ୍କ ଉଦ୍ୟମରେ ଗ୍ରାମଲୋକଙ୍କ ଉପସ୍ଥିତିରେ ଏହି ଘଟଣାର ଆପୋସ ସମାଧାନ ହୋଇଯାଇଛି। ଭୁଲ୍ ବୁଝାମଣା ଯୋଗୁ ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

### ଏଏସ୍ଓ ପରୀକ୍ଷା ପୂର୍ବରୁ ସମୀକ୍ଷା ବୈଠକ

ବିରିଡି/ବାଲିଆ, ୨୬।୮ (ଡି.ଏନ.ଏ/ସ୍ୱ.ପ୍ର.): ବିରିଡି ବ୍ଲକ ଅନ୍ତର୍ଗତ ଅଲକା ମହାବିଦ୍ୟାଳୟରେ ଶନିବାର ହେବାକୁ ଥିବା ଏଏସ୍ଓ ପରୀକ୍ଷା ପାଇଁ ଅଧାପିକା, ଅଧାପକ ଓ କର୍ମଚାରୀମାନଙ୍କୁ ନେଇ ପ୍ରାକ ପ୍ରସ୍ତୁତିର ଏକ ସମୀକ୍ଷା ବୈଠକଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଏଡିଏମ ସଚ୍ଚିଦାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଉପସ୍ଥିତ ରହି ପରୀକ୍ଷାର ଗୁରୁତ୍ୱ ଓ ଛାତ୍ରୀଛାତ୍ରମାନଙ୍କ ପ୍ରବେଶ, ପ୍ରସ୍ଥାନ, ପରିଚୟପତ୍ର ଓ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ମହାବିଦ୍ୟାଳୟରେ ୭୯୨ ଜଣ ଏଏସ୍ଓ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।



# ଅଣସଂକ୍ରମିତ ରୋଗ ଔଷଧ ମିଳୁନି

ବାଲିଆ, ୨୬।୮(ସ୍ୱ.ପ୍ର.):

ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେବ ଅଣସଂକ୍ରମିତ ରୋଗର ଔଷଧ ମିଳୁନାହିଁ। ବିଶେଷ କରି ଡାଇବେଟିସ, ବ୍ଲଡ ପ୍ରେସର, ଶ୍ୱାସ ଭଳି ରୋଗର ଔଷଧ ମିଳୁନାହିଁ। ରୋଗୀମାନେ ଔଷଧ ପାଇଁ ପ୍ରତିଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଏସବୁ ଔଷଧ ଆସିବା ବର୍ତ୍ତମାନ ସମୟରେ ବନ୍ଦ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ସମୟରେ ଏହି ରୋଗ ମାରାତ୍ମକ ରୂପ ଧାରଣ କରିବାରେ ଲାଗିଛି। ଅଧିକାଂଶ ଲୋକ ଏଭଳି ରୋଗର ଶିକାର ହେଉଥିବା ବେଳେ ଏହା ମଧ୍ୟ ବ୍ୟୟବହୁଳ। ପୂର୍ବରୁ ଗରିବ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ନେଉଥିଲେ। ମାତ୍ର ଏହା ଏବେ ମିଳୁ ନଥିବାରୁ ସେମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଥରେ ଏସବୁ ରୋଗରେ ଆକ୍ରାନ୍ତ ହେଲେ ପ୍ରତିଦିନ ଔଷଧ ଖାଇବାକୁ ପଡ଼େ। ବହୁ ସମୟରେ ରୋଗୀ ଔଷଧ କିଣି ନ ପାରି ଗୁରୁତର ହୋଇଯାଉଥିବା ନଜୀର ରହିଛି। ତୁରନ୍ତ ଏସବୁ ଅଣସଂକ୍ରମିତ ଔଷଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ରାକେଶ ମହାନ୍ତି କୁହନ୍ତି, ପ୍ରକୃତ ପକ୍ଷେ ଏହା ନ ମିଳିବାରୁ ଲୋକମାନଙ୍କ ପାଇଁ ସମସ୍ୟା ଉପୁଜିଛି। ଏନେଇ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତଭାବେ ଅଭିଯୋଗ କରାଯାଇଛି। ଏବେ ଜିଲା ସାରା କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଔଷଧ ମିଳୁନାହିଁ। ଔଷଧ ଆମ ପାଖରେ ପହଞ୍ଚିଲେ ଆମେ ରୋଗୀଙ୍କୁ ଦେବୁ। ଏନେଇ ସେମାନଙ୍କୁ ଆଉ ୩ରୁ ୪ ଦିନ ଅପେକ୍ଷା କରିବାକୁ ପଡ଼ିବ।




**ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**

- ପ୍ରତିଦିନ ଫେରୁଛନ୍ତି ରୋଗୀ
- ପୂର୍ବରୁ ନିରାମୟ ଯୋଜନାରେ ମିଳୁଥିଲା ଔଷଧ
- ବଜାରରେ ମିଳୁଥିବା ଔଷଧ ବ୍ୟୟବହୁଳ



କର୍ମଶାଳାରେ ଭାଗନେଇଥବା କୋଷ୍ଟ ଗାର୍ଡ ଟିମ୍ ଓ ବିଭିନ୍ନ ସଂସ୍ଥାର ଅଧିକାରୀମାନେ।

# ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା

ପାରାଦୀପ, ୨୬।୮(ସ୍ୱ.ପ୍ର.): ଓଡିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ଦୁଇଦିନିଆ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା ଶୁକ୍ରବାର ଶେଷ ହୋଇଛି। ଏହାକୁ କୋଷ୍ଟଗାର୍ଡ ଡିଆଇଜି ୱାଇ.କେ. ସିଂହ ଉଦ୍‌ଘାଟନ କରିଥିଲେ। ସମୁଦ୍ରରେ ପଣ୍ୟବାହୀ ଜାହାଜ, ତୈଳ ଜାହାଜ ଯାତାୟାତ କରିବା ବେଳେ କିଛି ମାତ୍ରାରେ ତେଲ ସମୁଦ୍ର ପାଣିରେ ମିଶିଥାଏ। ସେହି ତୈଳ ଆସ୍ତରଣକୁ କିପରି ସଫା କରାଯିବ ସେ ନେଇ ବୈଷୟିକ ଜ୍ଞାନକୌଶଳ ବାହାରିଲାଣି। ଏହାବାଦ ଜାହାଜରୁ କୌଣସି ବର୍ଜ୍ୟବସ୍ତୁ ପାଣିରେ ନ ପକାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ପାରାଦୀପ, ଧାମରା, ଗୋପାଳପୁର ବନ୍ଦର, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ଥାନ ପେଟ୍ରୋଲିୟମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।

# ପୂର୍ବ ଶତ୍ରୁତାରୁ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ବିଲ, ୨୬।୮(ସ୍ୱ.ପ୍ର.) କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଇନ୍ଦିରା କଲୋନୀ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଇଟା ଓ ରକ୍ତ ଲଗା ତୀର ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅଗଷ୍ଟିନ ବାର୍ଲା ଏବଂ ବିକାଶ ଦେଓଗମ୍।

ସୂଚନା ଅନୁଯାୟୀ, ଇନ୍ଦିରା କଲୋନୀରେ ରହୁଥିବା ସୁଶିଲ ଖଣ୍ଡାୟତ ନାମକ ଯୁବକଙ୍କ ସହ ଅଭିଯୁକ୍ତ ଦ୍ୱୟଙ୍କର ପୂର୍ବ ଶତ୍ରୁତା ରହିଥିଲା। ଗତ ସୋମବାର ରାତିରେ ସୁଶୀଲଙ୍କୁ ଆକ୍ରମଣ କରିବା ନିମନ୍ତେ ଅଭିଯୁକ୍ତ ଦ୍ୱୟ ପହଞ୍ଚିଥିଲା ବେଳେ ଏହା ଜାଣିପାରି ସୁଶୀଲ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ଅଭିଯୁକ୍ତ ଦ୍ୱୟ ସେହି ସମୟରେ ସୁଶୀଲଙ୍କ ମା' ଦୈମାତିଙ୍କୁ ପାଇ ଇଟା ଓ ତୀର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୈମାତିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ସୁଶୀଲଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୧୯୬/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

# ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ରଘୁନାଥପୁର, ୨୬।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓରମାସ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଓଡିଶା ଜୀବିକା ମିଶନ ବିପିଏମ କଳ୍ପନା ଦଳେଇ ପରିଚାଳନା କରିଥିଲେ। ଏଥିରେ ମୋଟ ୧୧୮ ଯୁବତୀ ଯୁବକ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୭୦ ଜଣ ତାଲିମ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସିଡିଓ କମ୍ ଇଓ ଜିଲା ପରିଷଦ ରୁଦ୍ର ନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଥିବା ବେକାର ଯୁବତୀ ଓ ଯୁବକମାନେ ମାଗଣାରେ କିପରି ବିଭିନ୍ନ ଟ୍ରେଡ୍‌ରେ ଦକ୍ଷତା ହାସଲ କରି ବହୁମୁଖୀ କମ୍ପାନୀରେ କାର୍ଯ୍ୟକରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଦାଶ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଲମ୍ବୋଦର ଖୁଣ୍ଟିଆ, ଏବିଡିଓ ଅଶୋକ ମହାନ୍ତି, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଓରମାସ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ଦାଶ, ପ୍ରଜ୍ଞା କର ଓ ପବିତ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଥିବା ସିପ୍ରା ସେଠୀ, ମନସ୍ମିତା ବେହେରା ଓ ମନସିନୀ ସେଠୀଙ୍କୁ କାର୍ଯ୍ୟକମରେ ସମ୍ବର୍ଦ୍ଧିତ କରାଯାଇଥିଲା।ଓଡିଶା ଜୀବିକା ମିଶନ ବିଏଲସି ମୀନାରାଣୀ ଦାସ, ବିଶ୍ୱଜିତା ଦାସ ଓ ତ୍ରିନାଥ ଦାସ ଏହାକୁ ପରିଚାଳନାରେ କରିଥିଲେ।




ନିଯୁକ୍ତି ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ଅବହେଳିତ ବୃଦ୍ଧ ଦମ୍ପତିଙ୍କୁ ସାହାରା ମିଳିଲା

ଜଗତ୍‌ସିଂହପୁର ଅଫିସ, ୨୬।୮

**ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ**

ବାଲିକୁଦା ବ୍ଲକ ଅଧୀନ ପଦ୍ମନାଉପୁର ଗ୍ରାମର ବୃଦ୍ଧ ଦମ୍ପତି ରତ୍ନାକର ମହାନ୍ତି (୮୨) ଓ ତାଙ୍କ ସ୍ତ୍ରୀ ନେତ୍ରମଣି ମହାନ୍ତି (୭୬) ଅବହେଳିତ ଅବସ୍ଥାରେ ଦୁର୍ଦ୍ଦିନରେ ଦିନ କାଟୁଥିଲେ। ଜିଲା ଆଇନସେବା ପ୍ରାଧିକରଣ ହସ୍ତକ୍ଷେପ ଯୋଗୁ ସେମାନେ ସାହାରା ପାଇଛନ୍ତି। ଅର୍ଥାତ୍ ପୁଅ, ବୋହୂ ଓ ନାତିଙ୍କ ନିକଟରେ ଖୁସିରେ ରହିବାର ନିର୍ଭର ପ୍ରତିଶ୍ରୁତି ପାଇଛନ୍ତି। ଏହି ବୃଦ୍ଧ ଦମ୍ପତିଙ୍କୁ ସେମାନଙ୍କ ପୁଅ, ବୋହୂ ଓ ନାତି ଖାଇବାକୁ ଦେବା ତ ଦୂରର କଥା ବହୁ ସମୟରେ ନିର୍ଯ୍ୟାତନା ଦେଉଥିଲେ। ଏ ପରିସ୍ଥିତିରେ ସେମାନେ ଏକପ୍ରକାର ବେସାହାରା ହୋଇ ଯାଇଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ଜାଣିବା ପରେ ତୁରନ୍ତ ହସ୍ତକ୍ଷେପ କରିଥିଲେ। ସେ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁନନ୍ଦା ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ପାଢୀ ତୁରନ୍ତ ଆଇନସେବା ତରଫରୁ ରିଟେନର ମୁରଲୀଧର ଜେନାଙ୍କୁ ଡକାଇ ଏହାର ସତ୍ୟାସତ୍ୟ ବୁଝିବା ପାଇଁ କହିଥିଲେ। ତା'ପରେ ୨ ପକ୍ଷଙ୍କୁ ଡକାଯାଇଥିଲା। ଏହି ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ଏହାପରେ ବୃଦ୍ଧ ଦମ୍ପତିଙ୍କୁ ସେମାନଙ୍କ ପୁଅ, ବୋହୂ ଓ ନାତି ଖୁସିରେ ରଖିବା ପାଇଁ ପ୍ରତିଶ୍ରୁତି ଦେଇ ସାଥିରେ ଘରକୁ ନେଇ ଯାଇଥିଲେ। ଏଥିରେ ପୂର୍ବତନ ରିଟେନର ବିବେକାନନ୍ଦ ନାୟକ ସହଯୋଗ କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଅଧିକାରୀମାନେ ଉଭୟ ପକ୍ଷ ସହ ଆଲୋଚନା କରୁଛନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୪୮୭ ଜଣଙ୍କୁ ପ୍ରମାଣପତ୍ର

ବିରିଡି/ବାଲିଆ, ୨୬।୮ (ଡି.ଏନ.ଏ/ସ୍ୱ.ପ୍ର.):

ବିରିଡି ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ପଞ୍ଚାୟତିରାଜ ହାଇସ୍କୁଲ ଚାନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ହେମନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା ଜେନା, କନିଷ୍ଠ ସହାୟକ ବିଶ୍ୱଜିତ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିବିରକୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ତହସିଲଦାର ସହଦେବ ସାହୁ, ଅତିରିକ୍ତ ବିଡିଓ ସନ୍ତୋଷ ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ ଯୋଗଦେଇ ଶିବିରର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ।



ଶିବିରରେ ଭାଗନେଇଥିବା ଦିବ୍ୟାଙ୍ଗ ଓ ଅନ୍ୟମାନେ।

ଶିବିରରେ ମୋଟ ୭୬୪ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକୃତ କରିଥିଲେ । ସେଥିରୁ ୪୮୭ ଜଣ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୫ ଜଣଙ୍କୁ ଅଧିକ ପରୀକ୍ଷା ପାଇଁ ସ୍ଥାନାନ୍ତର କରାଯାଇଥିଲା। ୩୪ ଜଣଙ୍କ ଆବେଦନ ରଦ୍ଦ କରାଯାଇଥିଲା। ସମୟ ଅଭାବରୁ ୧୧୮ ଜଣଙ୍କ ପରୀକ୍ଷା ହୋଇପାରି ନଥିଲା। ଏଥିସହ ଅଧିକା ୧୪ ଜଣ ଭିନ୍ନକ୍ଷମଙ୍କୁ ସେମାନଙ୍କ ଉପକରଣ ଯୋଗାଇ ଦେବକୁ ସ୍ଥିର ହୋଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗର ଡା.ଏସ୍ ଭୂୟାଁ, ମାନସିକ ଅନଗ୍ରସର ବିଭାଗର ଡା.ଏମ.କେ ପରିଡା, କର୍ଣ୍ଣ, ନାସା ଓ ଗଳା ବିଭାଗର ଡା.ଜେଜେ ମେନନ୍, ଭେଷଜ ଓ ସ୍ନାୟୁ ବିଭାଗର ଡା. ଡିଡି ସେନାପତି, ଦୃଷ୍ଟି ବାଧିତ ବିଭାଗର ଡା.ଏ.କେ. ମିଶ୍ର, ଶ୍ରବଣ ବାଧିତ ବିଭାଗର ଡା.ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ।

# ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ

ଜଗତ୍‌ସିଂହପୁର ଅଫିସ, ୨୬।୮

ଜଗତ୍‌ସିଂହପୁର ଚାଟରା ବିଶୋଇ ସାହିର ଟୁନି ଦେଇ(୮୩) ୨ ପୁଅ ଓ ଗୋଟିଏ ଝିଅ ଜନ୍ମ କରି ମଧ ଅସହାୟ। କାରଣ ଯେଉଁ ୨ ପୁଅଙ୍କ କାନ୍ଧରେ ଢିରା ଦେଇ ଶେଷ ଜୀବନ କାଟିଦେବେ ବୋଲି ଭାବିଥିଲେ ତାହା ସ୍ୱପ୍ନରେ ରହିଗଲା। ପୁଅ ଦୁହେଁ ପଚାରିଲେ ନାହିଁ। ଝିଅଟି ଦୃଷ୍ଟି ଶକ୍ତି ହରାଇଥିବାରୁ ତାର ବୋଝ ବୃଦ୍ଧାଙ୍କୁ ମୁଣ୍ଡାଇବାକୁ ପଡୁଛି। ଏଣେ ଆଖି ସମସ୍ୟା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। କିଛି ଦିନ ପୂର୍ବରୁ ଚାଟରାରେ ଏକ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଆଇ କ୍ୟାମ୍ପ ପଡ଼ିଥିଲା। ଗାଁ ଲୋକଙ୍କ ପରାମର୍ଶକ୍ରମେ ବୃଦ୍ଧା ସେଠାକୁ ଗଲାପରେ ଆଶ୍ୱାସନା ମିଳିଥିଲା। ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଶୁକ୍ରବାର ଦିନଧାର୍ଯ୍ୟ କରାଯାଇଥିଲା। ଏହି ଅନୁଯାୟୀ ବୃଦ୍ଧା ଜଗତ୍‌ସିଂହପୁରସ୍ଥିତ ଉକ୍ତ ଭିଜନ କେୟାରରେ ପହଞ୍ଚିଥିଲେ। ସେଠାରେ ଆଖି ପରୀକ୍ଷା କଲାବେଳେ ଚମ ମାଡି ଯାଇଥିବା ଜଣାଯାଇଥିଲା । ତେଣୁ ପ୍ରଥମେ ଏହି ଅସ୍ତ୍ରୋପଚାର କରାଯିବା ଜରୁରୀ ଏବଂ ଏନେଇ ୮ ହଜାର ଟଙ୍କା ଆବଶ୍ୟକ ବୋଲି କୁହାଯାଇଥିଲା। ଏତେ ଟଙ୍କା ବୃଦ୍ଧାଙ୍କ ପକ୍ଷରେ ଯୋଗାଡ କରିବା ଅସମ୍ଭବ ଥିଲା। ସେଠାରେ ଉପସ୍ଥିତ ନାଉଗାଁ ବ୍ଲକ ଅନ୍ତର୍ଗତ ଏରଡ଼ା ଗ୍ରାମର ଅନ୍ତର୍ଯ୍ୟାମୀ ବିଶ୍ୱାଳ ବୃଦ୍ଧାଙ୍କୁ କେଉଁ ପ୍ରକାରେ ସହଯୋଗ କରିହେବ ଚିନ୍ତା କରିଥିଲେ। ନାଉଗାଁ ଡେଭେଲପମେଣ୍ଟ ଫୋରମ୍ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ସହାୟତା ପାଇଁ ପୋଷ୍ଟ କରିଥିଲେ। କିଛି ସମୟ ପରେ ଫୋରମ୍ ପକ୍ଷରୁ ମାଗଣା ଅସ୍ତ୍ରୋପଚାର ପାଇଁ ପ୍ରତିଶ୍ରୁତି ମିଳିଥିଲା। ଏ ସମ୍ପର୍କରେ ଫୋରମ୍ ସଦସ୍ୟ ଚନ୍ଦନ କୁମାର ଲେଙ୍କା, ଅନୁପ ବିଶ୍ୱାଳ, ବିଜନ କୁମାର ଲେଙ୍କା ଓ ରାଜା ତାରେଣିଆ ପ୍ରମୁଖ କହିଛନ୍ତି, ବୃଦ୍ଧାଙ୍କ ଆଖି ଅସ୍ତ୍ରୋପଚାର ଦାୟିତ୍ୱ ସେମାନେ ନେବେ। ଆସନ୍ତା ଗୁରୁବାର ଅନ୍ୟ ଏକ ଚକ୍ଷୁ ଚିକିତ୍ସାଳୟରେ ମାଗଣା ଅସ୍ତ୍ରୋପଚାର ପାଇଁ ସହାୟତା କରିବେ। ତାର ୫ରୁ ୬ ଦିନ ପରେ ଜଗତ୍‌ସିଂହପୁରସ୍ଥିତ ଭିଜନ କେୟାରରେ ଟୁନି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିପାରିବେ । ଫୋରମ ପକ୍ଷରୁ ଏହି ପ୍ରତିଶ୍ରୁତି ମିଳିଲା ପରେ ଏବେ ବୃଦ୍ଧା ଆତ୍ମସନ୍ତୋଷ ଲାଭ କରିବା ସହ ଆଶାବାଦୀ ଅଛନ୍ତି । ଏ ସମ୍ପର୍କରେ ଟୁନି କହିଛନ୍ତି ଦୃଷ୍ଟିହୀନ ଝିଅଟିର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ। ତାଙ୍କ ଆଖିକୁ ଦେଖା ନ ଗଲେ ଝିଅ ବଞ୍ଚିବା କଷ୍ଟକର ହୋଇପଡିବ। ସୂଚନାଯୋଗ୍ୟ, ବୃଦ୍ଧାଙ୍କ ନାଁରେ ରାଶନ କାର୍ଡ ରହିଥିବାରୁ ୫ କିଲୋଗ୍ରାମ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଝିଅକୁ ମଧ୍ୟ ଭିନ୍ନକ୍ଷମ ଭତ୍ତା ମିଳୁଛି । ଭତ୍ତା ଟଙ୍କାରେ ସେମାନେ କଷ୍ଟେମଷ୍ଟେ ଚଳିଯାଉଛନ୍ତି ।

- ବୃଦ୍ଧାଙ୍କ ମୁଣ୍ଡରେ ଦୃଷ୍ଟିହୀନ ଝିଅର ବୋଝ
- ସହାୟତାର ହାତ ବଢାଇଲା ନାଉଗାଁ ଡେଭଲପମେଣ୍ଟ ଫୋରମ୍



ଟୁନି ଦେଇ

# ଡଙ୍ଗରିଆ ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗ

## ନିୟମଗିରିରେ ମାଓବାଦୀ ବିରୋଧୀ ପୋଷ୍ଟର



ପାର୍ସାଲିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର କାନ୍ଥରେ ଲାଗିଥିବ ପୋଷ୍ଟର।

ରାୟଗଡ଼ା ଅଫିସ/୨୬।୮

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ପାର୍ସାଲି ଠାରେ ଅଙ୍ଗନୱାଡ଼ି କେନ୍ଦ୍ର କାନ୍ଥରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିଛି। ନିୟମଗିରି ଅଞ୍ଚଳର ଡଙ୍ଗରିଆ ଝିଅ ଏବଂ ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ମାଓବାଦୀ ସଙ୍ଗଠନରେ ସାମିଲ କରାଯାଇ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ସାଂଘାତିକ ବିଷୟ ଏଥିରେ ଉଲ୍ଲେଖ ରହିଛି। ଏମିତିକି ଗତ କିଛିବର୍ଷ ମଧ୍ୟରେ କେତେଜଣ ନାବାଳିକାଙ୍କୁ ଗର୍ଭବତୀ କରିବା ପରେ ସେମାନଙ୍କ ଗର୍ଭ ନଷ୍ଟ କରାଯାଇଥିବା ଅଭିଯୋଗ କରାଯାଇଛି। ସଚେତନ ଡଙ୍ଗରିଆ ଯୁବ ପରିଷଦ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଏହି ପୋଷ୍ଟର ଲାଗିଥିବା ଏଥିରେ କୁହାଯାଇଥିବାବେଳେ ଏହା ଜିଲାରେ ଆଲୋଡନ ସୃଷ୍ଟି କରିଛି।

ଜନଜାତି ମହିଳାଙ୍କ ସରଳତାର ସୁଯୋଗ ନେଇ ମାଓବାଦୀମାନେ ସେମାନଙ୍କ ଇଜ୍ଜତ ସହ ଖେଳୁଥିବା ଏଥିରେ ଅଭିଯୋଗ ହୋଇଛି। ଲାଖପଦର ଗ୍ରାମର ୨ ଜଣ ଏବଂ କୁର୍ସୁମୁହି ଗ୍ରାମର ଜଣେ ଏବେ ୬ ମାସର ଗର୍ଭବତୀ ଥିବାବେଳେ ମାଓବାଦୀ ସଙ୍ଗଠନରୁ ତଡ଼ାଖାଇ ଭିକ୍ଷାବୃତ୍ତି କରି ବଞ୍ଚୁଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ନିୟମଗିରି ସୁରକ୍ଷା ନାମରେ ଅଞ୍ଚଳର କେତେଜଣ ବ୍ୟକ୍ତି ମାଓବାଦୀଙ୍କୁ ସହଯୋଗ କରିବା ସହ ପ୍ରଶ୍ରୟ ଦେଉଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ନିୟମଗିରିର ଏହି ଆତ୍ମଘୋଷିତ ନେତାମାନେ ମାଓବାଦୀଙ୍କ ସହ କୌଣସି ସମ୍ପର୍କ ନାହିଁ ବୋଲି କହୁଥିବାବେଳେ ଡଙ୍ଗରିଆ ଝିଅ ଓ ମହିଳା ମାଓବାଦୀ ସଙ୍ଗଠନରେ କେମିତି ସାମିଲ ହେଲେ ବୋଲି ପ୍ରଶ୍ନ କରାଯାଇଛି। ଡଙ୍ଗରିଆ ଜନଜାତିର ସୁରକ୍ଷା ନିମନ୍ତେ ମାଓବାଦୀ ଓ ଧଳାହାତୀଙ୍କୁ ଅଞ୍ଚଳରେ ପ୍ରବେଶ କରିବାକୁ ବାରଣ କରନ୍ତୁ ବୋଲି ମାନବାଧିକାର ସଙ୍ଗଠନ ଉଦ୍ଦେଶ୍ୟରେ କୁହାଯାଇଛି। ଏ ନେଇ କଲ୍ୟାଣସିଂହପୁର ଥାନା ଅଧିକାରୀଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଇଚ୍ ଅଫ୍ ଥିଲା। ସେହିପରି ରାୟଗଡ଼ା ଏସ୍‌ପି ବିବେକନନ୍ଦ ଶର୍ମାଙ୍କ ପ୍ରତିକ୍ରିୟା ନେବାକୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ପୋଷ୍ଟରର ସତ୍ୟାସତ୍ୟ ଏବଂ ଏହାକୁ କିଏ ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ରାୟଗଡ଼ା ଜିଲା ଧୀରେ ଧୀରେ ମାଓବାଦୀ ମୁକ୍ତ ହେଉଥିବା କୁହାଯାଉଥିବାବେଳେ ପୋଷ୍ଟରରେ ଉଲ୍ଲେଖ ଅଭିଯୋଗ ସତ ହେଲେ ସାଂଘାତିକ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ...

## ପ୍ଲାଷ୍ଟିକ୍ ବର୍ଜ୍ୟରେ...

ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ କୁହାଯାଇଛି। ନିଜ ଜିଲା ଓ ବନଖଣ୍ଡରେ ହାଟ ବଜାର, ପର୍ଯ୍ୟଟନସ୍ଥଳୀ, ସାଧାରଣ ସମାଗମ ସ୍ଥାନ ଆଦିରେ ପ୍ଲାଷ୍ଟିକ୍ ବ୍ୟବହାର ବାରଣର ଅନୁପାଳନ ବିଷୟରେ ପ୍ରତି ମାସରେ ରିପୋର୍ଟ ଦେବାକୁ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କୁ କୁହାଯାଇଛି। ବିଦ୍ୟାଳୟଗୁଡ଼ିକରେ ଗଠନ ହୋଇଥିବା କମିଟି ଏନେଇ ଆରମ୍ଭ ହେବାକୁ ଥିବା ଅଭିଯାନରେ ସକ୍ରିୟଭାବେ ସାମିଲ ହେବେ। ସ୍ୱତନ୍ତ୍ର ସ୍କ୍ୱାଡ୍ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦନ, ବିପଣୀ ଓ ବ୍ୟବହାରକାରୀ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧୧,୬୯୩ ଗ୍ରାମରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ତିଆରି ହୋଇଛି। ୩୦୯୭ ଗ୍ରାମପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା କରାଯାଉଛି। ୧୩୦୬ ଗ୍ରାମରେ ଘରକୁ ଘର ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି। ୧୩,୮୩୪ଟି ବର୍ଜ୍ୟ ପୃଥକୀକରଣ ସ୍ଥାନ ତିଆରି ହୋଇଛି। ୧୩,୪୫୫ ତିନିଚକିଆ ଗାଡ଼ିକୁ ଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୨୦୨୧-୨୨ ବର୍ଷରୁ ଏବେ ସୁଦ୍ଧା ପ୍ରାୟ ୮୬ ଟନ୍‌ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ଗ୍ରାମାଞ୍ଚଳରୁ ସଂଗ୍ରହ କରାଯାଇଛି। ଏହାକୁ ନିକଟତମ ସହରାଞ୍ଚଳ ବର୍ଜ୍ୟ ପରିଚାଳନା କେନ୍ଦ୍ରରେ ପହଞ୍ଚାଯାଇଛି। ଏହାଛଡ଼ା ପ୍ରାୟ ୧୯୦୦ ବର୍ଜ୍ୟ ଏକତ୍ରୀକରଣ ସଂସ୍ଥା ଇତିମଧ୍ୟରେ ୨୩୦୧ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଛନ୍ତି। ସଂଗୃହୀତ ପ୍ଲାଷ୍ଟିକ୍‌ର ପୁନଃ ବ୍ୟବହାର ପୂର୍ବବର୍ତ୍ତୀ ପ୍ରକ୍ରିୟାକରଣ ନିମନ୍ତେ ଘରୋଇ ନିବେଶ ସହଭାଗିତାରେ ସ୍ୱତନ୍ତ୍ର ୟୁନିଟ ପ୍ରତିଷ୍ଠା କରାଯାଇଛି। ଗ୍ରାମପଞ୍ଚାୟତ ଓ ସ୍ୱଚ୍ଛ ଭାରତ ଅଭିଯାନର ସହଯୋଗିତାରେ ଗ୍ରାମସ୍ତରୀୟ ବର୍ଜ୍ୟ ମହଜୁଦ ସେଡ୍‌ଗୁଡ଼ିକ ମଧ୍ୟ ନିର୍ମାଣ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତ ପଞ୍ଚାୟତ ଓ ଗ୍ରାମକୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଏବଂ ପରିଚାଳନା କାର୍ଯ୍ୟକ୍ରମ ସହ ସଂଯୋଜିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶାରେ ୨...

ୟୁନିଭର୍ସିଟି, ଭୋକେଶନାଲ ୟୁନିଭର୍ସିଟି, ଏଡିଆର୍-ସେଣ୍ଟ୍ରିକ୍ ଜୁରିଡିକାଲ ୟୁନିଭର୍ସିଟି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ବିଶ୍ୱକର୍ମା ଓପନ ୟୁନିଭର୍ସିଟି ଫର୍ ସେଲ୍‌ଫ-ଏମ୍ପ୍ଲୟମେଣ୍ଟ ଏବଂ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟକୁ ଫେକ୍ ଘୋଷଣା କରାଯାଇଛି। ଉତ୍ତର ପ୍ରଦେଶରେ ୪ଟି ଜାଲ୍ ବିଶ୍ୱବିଦ୍ୟାଳୟ ଥିବାବେଳେ ପଶ୍ଚିମବଙ୍ଗରେ ୨ଟି, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ପଣ୍ଡିଚେରୀ ଓ ଆନ୍ଧ୍ରପ୍ରଦେଶରେ ଗୋଟିଏ ଲେଖାଏ ରହିଛି।

## ଜାତୀୟ ଦଳଙ୍କୁ...

ନିକଟରେ ସେମାନେ ଦାଖଲ କରିଥିବା ଚାନ୍ଦା ବିବରଣୀକୁ ଅନୁଧ୍ୟାନ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୮ ଜାତୀୟ ରାଜନୈତିକ ଦଳଙ୍କୁ ଅଜଣା ସୂତ୍ରରୁ ୪୨୬.୭୪ କୋଟି ମିଳିଥିବାବେଳେ ଆଞ୍ଚଳିକ ଦଳଗୁଡ଼ିକ ଏହି ସୂତ୍ରରୁ ୨୬୩.୯୨୮ କୋଟି ଟଙ୍କା ପାଇଛନ୍ତି। ଉକ୍ତ ବର୍ଷରେ କଂଗ୍ରେସ ଅଜଣା ସୂତ୍ରରୁ ୧୭୮.୭୮୨ କୋଟି ଟଙ୍କା ପାଇଥିବାବେଳେ ଭାଜପା ୧୦୦.୫୦୨ କୋଟି ଟଙ୍କା ପାଇଛି। ଅଜଣା ସୂତ୍ରରୁ ସର୍ବାଧିକ ଚାନ୍ଦା ପାଇଥିବା ଆଞ୍ଚଳିକ ଦଳ ମଧ୍ୟରେ ଅଛନ୍ତି ୱାଇଏସ୍‌ଆର୍ କଂଗ୍ରେସ, ଡିଏମ୍‌କେ, ବିଜେଡି, ଏମ୍‌ଏନ୍‌ଏସ୍ ଏବଂ ଏଏପି। ୱାଇଏସ୍‌ଆର୍ କଂଗ୍ରେସକୁ ୯୬.୨୫୦୭ କୋଟି ମିଳିଥିବାବେଳେ ଡିଏମ୍‌କେକୁ ୮୦.୦୨ କୋଟି, ବିଜେଡିକୁ ୬୭ କୋଟି, ଏମ୍‌ଏନ୍‌ଏସ୍‌କୁ ୫.୭୭୩ କୋଟି ଏବଂ ଆମ୍ ଆଦ୍‌ମୀ ପାର୍ଟିକୁ ୫.୪ କୋଟି ଟଙ୍କା ମିଳିଛି। ଆଞ୍ଚଳିକ ଦଳଗୁଡ଼ିକର ମୋଟ ଆୟର ୪୭.୦୬ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ୨୦୦୪-୦୫ରୁ ୨୦୨୦-୨୧ ମଧ୍ୟରେ କଂଗ୍ରେସ ଏବଂ ଏନ୍‌ସିପି କୁପନ ବିକ୍ରିରୁ ୪,୨୬୧.୮୩ କୋଟି ଟଙ୍କା ପାଇଛନ୍ତି।

## ଆଜି ଏଏସ୍‌ଓ...

ଓ ମହାବିଦ୍ୟାଳୟରେ ୪୮୨ ପରୀକ୍ଷା କେନ୍ଦ୍ର କରାଯାଇଛି। ଚଳିତବର୍ଷ ୫ଟି ଜୋନ୍ ପରିବର୍ତ୍ତେ ପ୍ରାୟ ୨୦ଟି ଜିଲାରେ ଏହି ପରୀକ୍ଷା କରାଯିବ। ପରୀକ୍ଷା ସୁପରିଚାଳନା ପାଇଁ ଓପିଏସ୍‌ସି ପକ୍ଷରୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିବା ଜଣାପଡ଼ିଛି। ଯେଉଁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରୀକ୍ଷା ବ୍ୟବସ୍ଥା ହୋଇଛି, ସେଠାରେ ଶନିବାର ପାଠପଢ଼ା ବନ୍ଦ ରହିବ।


**GOVERNMENT OF ODISHA** No. C-1067
**OFFICE OF THE SUPERINTENDING ENGINEER, P.H. DIVISION, BALANGIR**
Ph. No – (06652 – 234647), Email. ID – eephbgr@yahoo.co.in

**NOTICE INVITING TENDERS**

NATIONAL COMPETITIVE BIDDING THROUGH e-Procurement
Bid Identification No. SE PH BGR 24 /2022-23 Dt. 19.08.2022

| | | | |
|---|---|---|---|
| 01. | Name of the Work | : | 01 No. |
| 02. | Estimated Cost | : | Rs.389.82 Lakhs |
| 03. | Period of Completion | : | 06 (Six) Calendar Months |
| 04. | Date & Time of availability of bid document in the portal | : | From 11.00 AM of dt. 26.08.2022 to 5.00 PM of dt. 09.09.2022 |
| 05. | Last date / time of receipt of bids in the portal | : | 5 PM of dt. 09.09.2022 |
| 06. | Date & Time of opening of bids | : | At 11.00 AM of dt. 12.09.2022 |
| 07. | Name and Address of the Officer Inviting Bid | : | Superintending Engineer, P.H. Division, Balangir, At- Tulsinagar, Dist.- Balangir-767001 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer,
P.H.Division, Balangir
OIPR-13005/11/0019/2223

**ODISHA JOINT ENTRANCE EXAMINATION - 2022 (OJEE - 2022)**

**PUBLIC NOTICE REGARDING WEB COUNSELLING FOR LE-TECH (DIPLOMA), LE-TECH (B.SC), LE-PHARM AND INTEGRATED MBA PROGRAMMES**

No: OJEE / 382 Date: 25.08.2022

**No.h-06:**OJEE Web-based Counselling process for **LE - Tech (Diploma), LE - Tech (B.Sc), LE - Pharm and Integrated MBA Programmes** is going to start from **26th August, 2022.**

The process of **Registration and Choice Filling will continue up to 10.09.2022.**

Detailed schedule will be notified later on.

The candidates are advised to visit OJEE websites (www.ojee.nic.in / www.odishajee.com) and carefully go through the **"Counselling Brochure" and "Step-by-Step Procedure".**

**Notice of web-based counselling for other courses will be published in due course.**

OIPR-14020/11/0013/2223 Sd./-Chairman, OJEE, Odisha

**OFFICE OF THE MUNICIPAL COUNCIL BRAJRAJNAGAR**

No.C-1066:

**QUOTATION CALL NOTICE**

**Quotation Call Notice No.6543/Dt.24.08.2022**

Total No. of Items : 05 Nos.
Name of Work : Supply of Equipments
Available Period : Dt.26.08.2022 to Dt.03.09.2022
Quotation Opening Date: 05 September 2022, at 1.00 P.M.
Further details please visit: www.jharsuguda.nic.in.

Sd.- Executive Officer
Brajrajnagar Municipality
OIPR-13099/11/0016/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୨୬ ତା:୨୦।୦୮।୨୨

**ବିଜ୍ଞାପନ**

No. CAD-1616: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨ୟ ପର୍ଯ୍ୟାୟ, କପିଳ ପ୍ରସାଦ ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଘର ନଂ. ଏଲ୍.ଆଇ.ଜି.–୨୫୯ (LIG-259)ଟିକୁ (୧) ଶ୍ରୀମତୀ ରୀତା ଦାସ, ସ୍ୱା.: ଚିତ୍ତରଞ୍ଜନ ବାରିକ, (୨) ଶ୍ରୀମତୀ ମଧୁସ୍ମିତା ଦାସ, ସ୍ୱା.: ଅଜୟ କୁମାର ଦାସ, (୩) ସୁବାଷ ଚନ୍ଦ୍ର ଦାସ, (୪) ବିକାଶ ଚନ୍ଦ୍ର ଦାସ ଏ ସମସ୍ତଙ୍କର ପିତା: ୰ବିମଳ ଚନ୍ଦ୍ର ଦାସ ଓ ମାତା: ୰ପୁଷ୍ପଲତା ଦାସଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରୂପଶ୍ରୀ ଜେନା, ସ୍ୱା.: ଶ୍ରୀ ଦୀପକ କୁମାର ସାହୁ, ଏଲ୍.ଆଇ.ଜି. (ଏଲ୍.ବି.) – ୨୪୯, ମଙ୍ଗଳା ମନ୍ଦିର ସାହି, ଭୀମଟାଙ୍ଗୀ, ପୋ.: ଭୀମଟାଙ୍ଗୀ, ଥା: ଏୟାରଫିଲଡ୍, ଭୁବନେଶ୍ୱର, ଜି.: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0270/2223

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER DISTRICT PROGRAMME MANAGEMENT UNIT ( NHM), SUNDARGARH**

Advt.No.-3580-DPMU SNG Date:24.08.2022

**Expression of Interest (EoI) (ଆଗ୍ରହର ଅଭିବ୍ୟକ୍ତି)**

**for Empanelment of Contractual Part-time Specialist for Urban PHC under NUHM, Sundargarh**

**No.E-415:**Expressions of Interest (EoI) is invited for empanelment of Part time specialist to be engaged in Ama Clinic at Urban PHC under National Urban Health Mission, Sundargarh The interested candidates have to apply as per the eligibility criteria mentioned below.

| Sl. No. | Name of the Post | Qualification | Age | Remuneration |
|---|---|---|---|---|
| 1 | Part Time Specialist (O&G) | Passed MBBS degree & PG in O &G having valid registration from OSMC. | No Bar | Rs.1500 per Session. |
| 2 | Part Time Specialist (Paediatric) | Passed MBBS degree & PG in Paediatric having valid registration from OSMC. | No Bar | Rs.1500 per Session. |
| 3 | Part Time Specialist (Dental) | Passed BDS degree having valid registration from OSMC. | No Bar | Rs.1250 per Session. |
| 4 | Nutrition | Passed BSc (Home Science)/ Post Graduation in Home science / nutrition from recognized inst. | 45 yr | Rs.600 per Session. |
| 5 | Physiotherapy | Passed BPT degree having valid registration from OSMC. | 45 yr | Rs.600 per Session. |

* Nos of Session- (Morning:-8.00 am to 11.00 am & evening:- 5.00 pm to 8.00 pm)/ Day in a week will be fixed by the CDMPHO, Sundargarh

Candidate interested for the mention post may give their expression of interest on or before **05.09.2022.** The Application Form & other term condition is available in **www.sundargarh.nic.in.** All the above position are purely temporary. The decision of the authority is final in the EoI process. Part time Specialist is purely call on basis and remuneration will be paid on the basis of claim sheet per day (Both Morning & Evening OPD). The authority has rights to cancel the EoI process without assigning any reason thereof.

**Sd/- Chief District Medical & Public Health Officer, Sundargarh**
**OIPR-10100/11/0019/2223**

**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION**
E-mail: cdmokpt@gmail.com Phone: 06852-250224

No.: /DPMU/NHM/22 Date:- /08/2022

**NOTICE FOR DIFFERENT POSTS UNDER NHM, KORAPUT**

**No. E-416:**- Objection / suggestions (if any) are invited from the applicants vide this office Advt. No. 2038 dtd. 27.05.2022 (All posts except Rehabilitation Worker) for the entries made in the database in writing with sufficient justification which must reach to the undersigned by Speed Post/ Regd. Post/Courier only on or before **03.09.2022 till 5 PM.** No other means of communication will be considered. No new documents will be accepted for compliance of objection agianst non-submission of required documents along with the application form at the time of submission of application. Objection / suggestion will not be considered after due date and time. The candidates are requested to login into district website of Koraput (**www.koraput.nic.in**) for database. The underisgned reserves the right to cancel / reject any or all the applications without assigning any reason thereof.

**Sd/- CDMO-cum-District Mission Director, Koraput**
OIPR-10077/11/0010/2223

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**

**WITHDRAWAL NOTIFICATION**

**No. RDM-LAC-KNJ-0020-2019/R&DM 10221, DATED 31 MAR 2022**

**No.F-221:** In exercise of the powers conferred under section 93(1) of the RFCTLAR&R Act.2013 the State Government do hereby withdraw Ac.0.63 of private land out of Ac.0.63 as per land schedule Notified U/s 11(1) of RFCTLAR&R Act,2013 vide Notification No.20614 dated 20.07.2019 by Revenue & DM Department published in the extraordinary issue of Odisha Gazette No.1720, dated 06.09.2019 for construction of Baitarani Right main canal under Anandpur Barrage Project in village- Sailang (Addl.), P.S. Ghasipura No. 79, Tahasil- Ghasipura of Keonjhar District.

**By Order of the Governor**
**Sd./- Special Secretary to Government**
**OIPR-24001/11/0090/2223**

**ପୌର ପରିଷଦ,କୋରାପୁଟ**
**KORAPUT MUNICIPALITY**
Phone/Fax No.06852-250629
e-mail: koraputn.hud@nic.in., eo.nac.koraput@gmail.com
No.4694/2022 Date:24.08.2022

**EXPRESSION OF INTEREST**

**No.C-1062:**Sealed Expression of interest consisting of Cost of Tender paper/ IT/GST/PAN the set of terms and conditions for Supply & Installation of Ornamentals Lights and Pole at Different Mini Parks Under Koraput Municipality.Document can be seen in Official website i.e. www.Koraputmunicipality.in.

1. Name of Specification : Supply & Installation of Ornamentals Lights and Pole at Different Mini Parks Under Koraput Municipality.
2. Date & time of selling of tender paper : From 26.08.2022 upto 5.00 PM 09.09.2022
3. Last date & time for receipt : 1.00 PM Hours 12.09.2022
4. Bids received shall be opened on : 4.00 PM Hours 12.09.2022
5. Name and address of the Officer inviting : Executive Officer Koraput Municipality
6. Further details can be seen from the procurement portal. : www.koraputmunicipality.in.

**Sd./- Executive Officer, Koraput Municipality**
**OIPR-13074/11/0028/2223**

**OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK**
Notice No: LXVII-170/2022/R.S./T.C. 11514 Dated: 25.08.2022

**TENDER CALL NOTICE**

No. JJ-13:- Sealed tenders are invited for Request for Proposal (RFP) selection of consultancy firm(s) for conducting third party audit for adequacy of Road Sign and Pavement Marking in SH in State of Odisha under Odisha Road Safety Society, STA, Odisha, Cuttack. The last date for receipt of application is 17.10.2022. For details please go through our website www.odishatransport.gov.in

By the orders of
Transport Commissioner, Odisha
**Sd./- Addl. Commissioner Transport (Admin)**
OIPR-38003/11/0019/2223 **STA, Odisha, Cuttack**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 15098/IND-II-PH-1064 ତାରିଖ: 23.8.2022
No.CAD-1620

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଜିନ୍ଦଲ ଷ୍ଟିଲ ଓଡ଼ିଶା ଲିମିଟେଡ୍, ଓଡ଼ିଶାର ଅନୁଗୁଳ ଜିଲ୍ଲା ବଆଁରପାଳ ଓ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ବାସୁଦେବପୁର, ପାନପୁର, କାଳିଆକାଟା ଜଙ୍ଗଲ, ରାମଡ଼ିହ, କାଳିଆକାଟା, ସାଙ୍କେରଜଙ୍ଗ, ସାଙ୍କେରଜଙ୍ଗ ଜଙ୍ଗଲ, ବଡ଼କେରଜଙ୍ଗ, ବଡ଼କେରଜଙ୍ଗ ଜଙ୍ଗଲ, ଜାମୁଣ୍ଡା, ଜାମୁଣ୍ଡା ଜଙ୍ଗଲ, ପାରିପଡ଼ା ଏବଂ ଜରଡ଼ା ଗ୍ରାମରେ ପ୍ରସ୍ତାବିତ ପେଲେଟ୍ ପ୍ଲାଣ୍ଟ (Pellet Plant)ର ବାର୍ଷିକ ୫.୦ ମିଲିୟନ ଟନ୍‌ରୁ ୨୬.୦ ମିଲିୟନ୍ ଟନ୍ ଏବଂ ହଟ୍ ରୋଲିଂ ମିଲ୍ (Hot Rolling Mill) ବାର୍ଷିକ ୩.୧ ମିଲିୟନ୍ ଟନ୍‌ରୁ ୨୧.୧ ମିଲିୟନ୍ ଟନ୍‌କୁ ସମ୍ପ୍ରସାରଣ କରିବାକୁ ପ୍ରସ୍ତାବ ସହ ବାର୍ଷିକ ୧୯.୨ ମିଲିୟନ୍ ଟନ୍ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ (Integrated Steel Plant) ସ୍ଥାପନ କରି ଡିଆର୍‌ଆଇ (DRI) ପ୍ଲାଣ୍ଟ ବାର୍ଷିକ ୫.୪ ମିଲିୟନ ଟନ୍, ସିଣ୍ଟର ପ୍ଲାଣ୍ଟ (Sinter Plant) ବାର୍ଷିକ ୧୧.୫ ମିଲୟନ ଟନ୍, କୋକ ଓଭନ୍ (Coke Oven) ବାର୍ଷିକ ୫.୧୭ ମିଲିୟନ ଟନ୍, ବ୍ଲାଷ୍ଟ ଫର୍ଣ୍ଣେସ (Blast Furnace) ବାର୍ଷିକ ୧୪.୦ ମିଲିୟନ ଟନ୍, ଇଏଏଫ୍ (EAF) ବାର୍ଷିକ ୬.୦ ମିଲିୟନ ଟନ୍, ବିଓଏଫ୍ (BOF) ବାର୍ଷିକ ୧୩.୨ ମିଲିୟନ ଟନ୍, ୱାୟାର ରଡ୍ ମିଲ୍ (Wire Rod Mill) ବାର୍ଷିକ ୧.୨ ମିଲିୟନ ଟନ୍, ସିଆର୍‌ଏମ୍ (CRM) ବାର୍ଷିକ ୭.୫ ମିଲିୟନ ଟନ୍, କାଲସିନେସନ୍ ପ୍ଲାଣ୍ଟ (Calcination Plant) ଦୈନିକ ୭୨୦୦ ଟନ୍, ଅମ୍ଳଜାନ କାରଖାନା (Oxygen Plant) ଦୈନିକ ୧୧୦୦୦ ଟନ୍, ତାପଜ ବିଦ୍ୟୁତ କେନ୍ଦ୍ର (Captive Power Plant) (ଗ୍ୟାସ୍ ଆଧାରିତ) ୫୫୦ ମେଗାୱାଟ୍, ଫେରୋଆଲଏଜ୍ ପ୍ଲାଣ୍ଟ (Ferro Alloys Plant) ବାର୍ଷିକ ୦.୩୭୬ ମିଲିୟନ ଟନ୍ ଏବଂ ବାର୍ଷିକ ୧୨.୫ ମିଲିୟନ ଟନ୍ ସିମେଣ୍ଟ ପ୍ଲାଣ୍ଟ (Cement Plant) ପ୍ରତିଷ୍ଠା ନିମନ୍ତେ** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୮.୦୯.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା ସ୍ଥିତ ସଭାଘରଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଅନୁଗୁଳ**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଅନୁଗୁଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଅନୁଗୁଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ
OIPR-08012/11/0229/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com; Tel & Fax- 06854-231114 (O)

**e-Procurement Notice**

**Bid Identification No. S.E. (R&B)-02/2022-23/JYP(K)**
**No.: 4154 Date: 16.08.22**

No. B-507:- Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : CIVIL Works as mentioned in DTCN
2. No. of Works : 2 Nos.
3. Estimated Cost : Rs.56.07 lakhs and 58.31 lakhs
4. Period of completion : Six months
5. Date & Time of Bidding : From 11.00 hours of 26.08.2022 upto 17.00 hours of 12.09.2022
6. Last date & time for receipt of bids in portal : 17.00 hours of 12.09.2022
7. Bids received online shall be opened on : 11.00 hours of 13.09.2022
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

**Superintending Engineer, Jeypore (R&B) Division**
OIPR-34027/11/0002/2223

**ODISHA ADARSHA VIDYALAYA SANGATHAN**
N-1/9,Gajapati Nagar,PO:Sainik School, Bhubaneswar-751005 , email: oavsbbsr.od@gov.in

**Tender Call Notice**
**No. 5135 Date: 25.08.2022**

**No.n-44:**Sealed tenders are invited from the reputed food suppliers for celebration of Foundation Day of OAVS, 2022 to be held on 18.09.2022 & 19.09.2022.

| Sl. No. | Name of the Work | Cost of Tender paper (Non-refundable) Rs. | EMD in shape of Declaration |
|---|---|---|---|
| 1 | Supply of catering service to OAVS during celebration of Foundation Day, 2022 | 2000.00 | Bid declaration form to be submitted duly filled in & signed. |

(i) The tender paper will be available from 25.08.2022 to 14.09.2022.
(ii) The last date and time of receipt of the tender documents upto 4:00 PM of 14.09.2022.
(iii) Date &Time of Opening of Tender 15.09.2022 at 11:30 AM.

For details of tender documents, terms and conditions please visit the OAVS website i.e. **https://www.oavs.edu.in.**

**Sd./-State Project Director**
**OIPR-27029/11/0010/2223**

# ମଞ୍ଚ ନାଟକର ବାଦଶାହ: ରଣଜିତ୍

**ପ୍ରଦକ୍ଷିଣ**

ରାଜୀବ ପାଣି



**ରଣଜିତ୍ ପଟନାୟକଙ୍କ ପୈତୃକ ଗାଁ ଯଦିଓ କଟକ ଜିଲା ଅନ୍ତର୍ଗତ ଅଡ଼ଶପୁର, କିନ୍ତୁ ସେ ଜନ୍ମ ଗ୍ରହଣ କରିଥିଲେ ବରଗଡ଼ ଜିଲାର ପଦ୍ମପୁରରେ, ୨୦ ମାର୍ଚ୍ଚ ୧୯୫୭ରେ। ଝାରସୁଗୁଡ଼ା ଓ ସମ୍ବଲପୁରରେ କଟିଛି ତାଙ୍କର ଶିକ୍ଷା-ଜୀବନ। ସମ୍ବଲପୁର, ବାରିପଦା, ବ୍ରହ୍ମପୁର, ରାଉରକେଲା, ଭୁବନେଶ୍ୱର ଓ କଟକରେ ନାନା ପର୍ଯ୍ୟାୟରେ ସେ ବିତାଇଛନ୍ତି ତାଙ୍କ ବୃତ୍ତି-ଜୀବନ କାନାରା ବ୍ୟାଙ୍କ୍ ଅଧିକାରୀ ଭାବେ। ମଞ୍ଚ ଓ ନାଟକ ଉଭୟଙ୍କୁ ନିଜର ପ୍ରତିଭାଦୀପ୍ତ ଦୂରଦୃଷ୍ଟିରେ ନୂଆ ରୂପ ଦେଇଥିବା ଏହି ନାଟ୍ୟକାରଙ୍କର ପରଲୋକ ହୁଏ ୧୦ ଅଗଷ୍ଟ ୨୦୨୨ରେ। ତାଙ୍କରି ସ୍ମୃତିରେ ଆଜିର ଏଇ ଆଲେଖ୍ୟ...**

ବୋଧହୁଏ ୧୯୮୬ ମସିହାର କଥା। ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର'କୁ ନାଟ୍ୟରୂପ ପ୍ରଦାନ କରିଥା'ନ୍ତି ରଣଜିତ୍ ପଟନାୟକ। ସିଭିକ୍‌ସେଣ୍ଟର, ରାଉରକେଲା ଅଡିଟୋରିୟମ୍‌ରେ ଫତୁରାନନ୍ଦ ଦେଖୁଥା'ନ୍ତି ନାଟକ। ସେ ତ ଦେଖିପାରୁ ନ ଥିଲେ, କିନ୍ତୁ ନାଟକର ସଂଳାପ ଶୁଣି ବିହ୍ୱଳିତ ହେଉଥିଲେ। ନାଟକ ସରିବା ପରେ ଫତୁରାନନ୍ଦଙ୍କୁ ପ୍ରଣାମ କରିବାକୁ ଆସିଲେ ରଣଜିତ୍‌ବାବୁ। ସେଇଠି ତାଙ୍କ ସହ ମୋର ପରିଚୟ ହେଲା। ତା'ପରେ ପରେ ବୁଲୁ ଚା' ଦୋକାନ ଖଟି। ଗାଳ୍ପିକ ସଦାନନ୍ଦ ତ୍ରିପାଠୀ, ଅରୁଣ ଦାସ, ଇନ୍‌କମ୍‌ଟ୍ୟାକ୍ସର ସେତେବେଳର ଡେପୁଟି କମିଶନର ଗାଳ୍ପିକ ଶ୍ୟାମା ପ୍ରସାଦ ଚୌଧୁରୀ, ରାଧୁ ମିଶ୍ର ଏବଂ ଅନ୍ୟମାନେ। ସେଇ ଦିନରୁ ଚାଲିଲା ନାଟକ, ସଙ୍ଗୀତ ଗଳ୍ପର ତ୍ରିବେଣୀ ସଙ୍ଗମ। ନୂଆ ନାଟକ 'ଇଚ୍ଛା ବନାମ ପଦ୍ମନାଭ' ସଫଳତାର ସହ ମଞ୍ଚସ୍ଥ ହେଲା ପରେ ଯୋଜନା ହେଲା ତତ୍କାଳୀନ କଂଗ୍ରେସ ସରକାରଙ୍କ ବିରୋଧରେ ବ୍ୟଙ୍ଗ ବିଦ୍ରୂପର ନାଟକ 'ପଞ୍ଚୁପାଣ୍ଡବ'ର। ସେଇ ନାଟକରେ ବଡ଼ ପୁଅର ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଲା। ବହୁଚର୍ଚ୍ଚିତ ନାଟକ ପଞ୍ଚୁପାଣ୍ଡବ। ରାଉରକେଲାରେ ହଇଚଇ ସୃଷ୍ଟି ହେଲା। ପୁଣି 'ଚୌକି' ତାଙ୍କର ଏକ ସଫଳ ନାଟକ। ନିଜେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ଦେଲେ। ତାଙ୍କର ଚରିତ୍ର ହେଲା ଏକ ଖବରକାଗଜର ମାଲିକ ହେବାର ନିଶା ଏବଂ ମୁଁ ତାଙ୍କର ସହଯୋଗୀ ଭୃତ୍ୟ। ଏମିତି ଅନେକ ସ୍ମୃତି ରଣଜିତ୍ ପଟନାୟକଙ୍କୁ ନେଇ। ତାଙ୍କ ଆଗରେ କଥା ହେବାର ସାହସ ଆମର ନ ଥିଲା। ଏଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ, ରାଜକୀୟ ଠାଣି। ସତେଯେପରି ସେ ହେଲେ ଜଣେ ବାଦଶାହୀ ପୁରୁଷ। ଅନେକ ସୁଖଦୁଃଖରେ ଭାଗୀ ହେବାର ସୁଯୋଗ ମିଳିଛି ତାଙ୍କ ସହ।

ସେ ଏକାଧାରରେ ଜଣେ ବଳିଷ୍ଠ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ। ଏଭଳି ନିର୍ଦ୍ଦେଶକ ସେ 'ଦାନବୀୟ' ନାମରେ ଏକ ନାଟକର ରିହର୍ସାଲ ଚାଲିଥିଲା ସେକ୍ଟର-୩ସ୍ଥିତ ଗୀତା ଭବନରେ। ସ୍ୱର୍ଗତ ଅକ୍ଷୟ ଦାସ ଜଣେ ବଳିଷ୍ଠ ଓ ବରିଷ୍ଠ କଳାକାର। ସେ ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରୁଥିଲେ। ସେ ରଣଜିତ୍ ବାବୁଙ୍କଠାରୁ ପ୍ରାୟ ୧୫ ବର୍ଷ ବଡ଼। ସଞ୍ଜ ୭ ଘଟିକାରେ ରିହର୍ସାଲ ଆରମ୍ଭ ହେଲା, କିନ୍ତୁ ଅକ୍ଷୟ ଦାସ ୧୦ ମିନିଟ୍ ବିଳମ୍ବରେ ଆସିଲେ। ରଣଜିତ୍ ବାବୁ ତାଙ୍କୁ ରିହର୍ସାଲ ରୁମ୍‌କୁ ପୂରାଇଦେଲେ ନାହିଁ। ଦୁଇଘଣ୍ଟା ଧରି ଅକ୍ଷୟ ଦାସ ବାହାରେ ବସିଥା'ନ୍ତି ଏକ ଗଛମୂଳରେ। ରିହର୍ସାଲ ସରିଲା। ରଣଜିତ୍ ବାବୁ ଆସି ବଡ଼ଭାଇ ବୋଲି କହି ଅକ୍ଷୟ ବାବୁଙ୍କ ଗୋଡ଼ ଧରିଲେ।




କହିଲେ, କ୍ଷମା କରିବେ। ରିହର୍ସାଲର ନିର୍ଦ୍ଧାରିତ ସମୟରେ ନ ପହଞ୍ଚିଲେ ମୁଁ ମୋର ସ୍ଥିତି ଭୁଲିଯାଏ। ଆପଣ ବଡ଼ଭାଇ। ମୋର ଏ କଠୋରତା ପାଇଁ କ୍ଷମା ଚାହୁଁଛି। ଅକ୍ଷୟ ବାବୁ କହିଲେ, 'ରଣଜିତ୍! ତମେ ମୋର ଗୁରୁ। ତମର ଏ ନିଷ୍ଠା ଓ କର୍ତ୍ତବ୍ୟବୋଧ ପ୍ରତି ମୋର ସମ୍ମାନ ଅଛି।' ଏହିଭଳି ଅନେକ କଥା, ଅନେକ ସ୍ମୃତି, ଯାହା ମୋ' ଆଖିଦେଖା କଥା।

ଓଡ଼ିଶାର କୋଣ ଅନୁକୋଣରେ କିଏ ନ ଚିହ୍ନିଛି ତାଙ୍କୁ? ତାଙ୍କର ନାଟକ ଗାଁରୁ ସହରଯାଏଁ ସବୁଠି ମଞ୍ଚସ୍ଥ ହୋଇଛି। ଦର୍ଶକଙ୍କର ପ୍ରିୟପାତ୍ର ହେବାର ସୁଯୋଗ ପାଇବା ସାଙ୍ଗକୁ ନାଟ୍ୟକଳାର ଉନ୍ନତି ପାଇଁ ଜୀବନ ଉତ୍ସର୍ଗ କରି ଅହରହ କାର୍ଯ୍ୟଲିପ୍ତ ଥିବାରୁ ନାଟ୍ୟପ୍ରେମୀ ତଥା ବୌଦ୍ଧିକ ସମାଜରେ ସେ ବେଶ୍ ସମ୍ମାନିତ ବ୍ୟକ୍ତିତ୍ୱ। ମାନବବୋଧର ଚରମ ନିଦର୍ଶନର ଚରିତ୍ର, ନାଟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାର ବୌଦ୍ଧିକ ପରିମାପ, ପ୍ରତିଷ୍ଠା ଓ ସମ୍ମାନର ଲୋଭରେ ଗରୀୟାନ ଚରିତ୍ରର ଚିତ୍ର, ଜୀବନ ଜଞ୍ଜାଳର ଆତ୍ମିକ ଅନୁଧ୍ୟାନର ରୂପ ପ୍ରଦାନ, ସରଳ ଭାଷାର ସଂକ୍ଷିପ୍ତତାରେ ହୃଦୟର ଗଭୀରତମ ଦୃଶ୍ୟକୁ ମାର୍ଜିତ ରୂପ ପ୍ରଦାନ କରିବା ସହିତ ଜ୍ୟାମିତିକ ଦୃଶ୍ୟସଜ୍ଜା, ବାସ୍ତବ ସାମାଜିକ ଜୀବନ ଭିତରୁ ଚରିତ୍ର ଉଦ୍ଧାର କରି ମଞ୍ଚରେ ସେ ସବୁର ଅବତାରଣା ଏବଂ ନାଟକକୁ ମାର୍ଜିତ ଶୃଙ୍ଖଳିତ ରୂପଦାନ କରିବାରେ ସିଦ୍ଧହସ୍ତ ଥିଲେ ରଣଜିତ୍ ପଟନାୟକ। ତାଙ୍କର ଅନେକ ନାଟକ ମଧ୍ୟରୁ ଟିଟୋ, ନଅଙ୍କ, ତଥାପି ପ୍ରତୀକ୍ଷା, ଇଚ୍ଛା ବନାମ ପଦ୍ମନାଭ, କାଣୀ ପିଉସୀ, ଶାମୁକା ସମାଧି, ଲୁହର ଦେବତା, ଭିନ୍ନ ଏକ ଶ୍ମଶାନ ସନ୍ଧାନରେ, ରୀନା ଏକ ନାରୀ, ଆଠ କାନ୍ଥର ଅମରାବତୀ, ସଇତାନର କବର ଉପରେ ମୁଁ ମଣିଷ, ବଧିର ଈଶ୍ୱର, ପଞ୍ଚୁପାଣ୍ଡବ, ତମ୍ବୁତଳର ମଣିଷ, ଚିରକାଳ ମିଦାସ, ଚୌକି, କଫି ହାଉସ୍, ହୁଏନ୍‌ସାଂଙ୍କ ଭାରତ ପରିଭ୍ରମଣ, ଶୁଣ୍ ଅବୋଲକରା କହୁଛି କଥା, ମୁକ୍ତି ଏକ ଭୁଲ୍ ଶବ୍ଦ, ଦସ୍ୟୁ ବାଲ୍ମୀକି, ମମିଙ୍କ ଠିକଣା, ରାତ୍ରିର ଇତିକଥା, ଫିକା ଆକାଶ, ନୟନ ପିତୁଳା, ହାରାକିରୀ, ଆରେ ବାୟା ସବୁ ମାୟା, ବେଦୁଇନ୍, ହାରିବା ଡେରିଅଛି, ଦାନବୀୟ, ମନ ତୋହାର ନିଜ ଗୁରୁ, ଗୁଣିଆଁ ଝାଡ଼େଲୋ ଡାହାଣୀ, ଗାଁ, ତିତ୍‌ଲି, ଗୋଇଠାବାବା, ହନୁମାନ ପଇସା ପ୍ରଭୃତି ନାଟକ ବହୁବାର ଅଭିନୀତ ହୋଇ ଜନମନକୁ ଆକୃଷ୍ଟ କରିଛି।

ନାଟକ ବ୍ୟତୀତ ତାଙ୍କର ଅନେକ ଗଳ୍ପ ଝଙ୍କାର ପ୍ରଭୃତି ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି। ଅନେକ କବିତାକୁ ନେଇ ନିଜର 'କବିତା ସଂକଳନ' ମଧ୍ୟ ସେ ପ୍ରକାଶ କରିଛନ୍ତି। ତାଙ୍କର ବାକ୍‌ଚାତୁରୀ, ବକ୍ତବ୍ୟ ଶୁଣିଲେ ଯେକୌଣସି ବ୍ୟକ୍ତି ଟିକେ ଅଟକିଯିବ। ସିନେମା ସିରିୟଲ କଥା ସମସ୍ତେ ଜାଣିଛନ୍ତି। ଅନେକ ଗୀତି-କବିତାର ସ୍ରଷ୍ଟା ସେ। ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣରେ ସମ୍ପ୍ରତି ସମାଜରେ ଘଟୁଥିବା ଏବଂ ଘଟି ଆସୁଥିବା ସମସ୍ୟାଗୁଡ଼ିକୁ ନାଟକୀୟ ଉତ୍କଣ୍ଠା ପ୍ରଦାନ କରି ଲୋକ ଚଳଣି ମାଧ୍ୟମରେ ଭିନ୍ନ ଶୈଳୀ, ଭିନ୍ନ ରୂପରେ ବିପ୍ଳବ ସୃଷ୍ଟି କରି ସମାଧାନର ପଥ ଦର୍ଶାଇ ଥିବାର ଚତୁରପଣ ସୃଷ୍ଟି କରିବାରେ ସେ ହେଲେ ଏକ ଅନନ୍ୟ ନାଟ୍ୟକାର। ସମାଜରେ ରହିଥିବା କଳଙ୍କରୂପୀ ପରମ୍ପରାକୁ ନିଜର ଉନ୍ନତ ରୁଚିର କଳା କୌଶଳ ପ୍ରଦର୍ଶନ କରି ଶିକ୍ଷା, ରାଜନୀତି ଏବଂ ଆଇନ ମଧ୍ୟରେ ମୁଣ୍ଡ ଟେକି ଉଠିଥିବା କୁସଂସ୍କାରକୁ ନିଜର ବୌଦ୍ଧିକ ଚିନ୍ତାଧାରା ମାଧ୍ୟମରେ ସଂସ୍କାରିତ କରି ମଞ୍ଚସଜ୍ଜାର ନୂତନ କୌଶଳ ପ୍ରଦର୍ଶନ କରିଛନ୍ତି ସେ ତାଙ୍କର ନାନା ନାଟକରେ।

ଏଭଳି ଜଣେ ବିରଳ ନାଟ୍ୟ-ବ୍ୟକ୍ତିତ୍ୱଙ୍କୁ ଓଡ଼ିଶା ଆଜି ହରେଇଛି। ତାଙ୍କ ସ୍ଥାନ କେହି ବି ପୂରଣ କରିପାରିବେ ନାହିଁ। ସବୁଠି, ସବୁ ମଞ୍ଚରେ, ସବୁ ସହରରେ ସେ ଛାଡ଼ି ଯାଇଛନ୍ତି ତାଙ୍କ ସ୍ମୃତିର ସ୍ୱାକ୍ଷର।

ମୋ: ୯୪୩୭୯୪୨୨୩୪

## କବିତା

### ସମୟ ବଦଳିଛି

ଝରଣା ବରେନ୍ଦ୍ର ଦାସ

ଝିଅପିଲା ସଣ୍ଡଣା ଶିଖୁ
ଘରକରଣା ବାହାନାରେ
କେତେ ଦିନ ଆଉ
ହାତରେ ଚୁଡ଼ି ପାଉଁଜି
ଗୋଡ଼ରେ ତା'ର ପିନ୍ଧାଉଥିବ ବେଡ଼ି?
ଆଦର୍ଶର ଦ୍ୱାହି ଦେଇ
କେତେ ଦିନ ଆଉ
ତା' ସ୍ୱପ୍ନର ପୃଥିବୀରୁ
ଅପହଞ୍ଚ ରଖିବ ତାକୁ
ଶୃଙ୍ଖଳାର ଚାବୁକ ମାରି ॥

ଫରକ ବାରି ପୁଅଝିଅରେ
କେତେ ଦିନ ଆଉ
ପେଟ ଭିତରେ ଓ ବାହାରେ
କରୁଥିବ ହତ୍ୟା ଝିଅଟିଏ ବୋଲି?
ନାହିଁ ନାହିଁରେ ହଜୁଥିବ
ବାଲ୍ୟକାଳରେ ଲୋଡ଼ା ତା'ର
କେତେ ଚିଜ!
ତୁମ ଛଳନାର ଚକ୍ରବ୍ୟୂହରେ
ରାହୁଗ୍ରସ୍ତ ହେଉଥିବ ତା' ଶୈଶବ?

ସ୍ୱାମୀର ଦୀର୍ଘ ଜୀବନ କାମନା
ସନ୍ତାନଙ୍କ ମଙ୍ଗଳ ଯାଚନା
ଓ ତୁମ ସଂସାରର ପୂର୍ଣ୍ଣତା ପାଇଁ
ପ୍ରାର୍ଥନାରେ କେତେ ଦିନ
ପବନ ଘେରରେ ସେ ଜଳୁଥିବା
ସଳିତା ପରି।
ଏବେ ସମୟ ବଦଳିଛି
ତା' ହାତର କଙ୍କଣ ଏଥର
ଧନ୍ୟକରୁ ତା' ଜୀବନ
ମୁକୁଳା ପବନ ଭଳି
ମୁକୁଳେଇ ଦିଅ ତାକୁ
ରକ୍ଷଣଶୀଳତାର
ଅକ୍ଟୋପାସୀ ପଞ୍ଝାରୁ।
ଖୋଲିଦିଅ ତା' ପାଦର ବେଡ଼ି ॥
ସୃଜନଶୀଳତାର କାଉଁରି ସ୍ପର୍ଶରେ
ଅମୃତମୟ କରି ଗଢ଼ିବାକୁ ଦିଅ
ତାକୁ ଏ ସୁନ୍ଦର ପୃଥିବୀ।

ମୋ: ୮୩୪୨୮୫୬୦୦୧

### ଯୋଡ଼ିଏ କାବ୍ୟାଞ୍ଜଳି

ରାଜେଶ ପୂଜାରୀ

**୧. ଖୋଲାକେଶ**

ତୁମ ଖୋଲାକେଶ ଏକ ଛବିଳ ସମୟ
ପବନରେ ନୃତ୍ୟରତ ଲହରି ପରାୟ,
ଅକାତ କାତ ମୋହର ଅମୁହାଁ ଭଉଁରି
ଡଙ୍ଗା ପାଏନାହିଁ କୂଳ ବୁଡ଼ଇ ନାଉରୀ।

ନିର୍ଜନ ରାତ୍ରି ରଙ୍ଗର ସଡ଼କର ଭ୍ରମ
ନିତ୍ୟ ବିସ୍ତାରି ତା'ର ଅବଲୀଳା କ୍ରମ,
ଆଶାର ଦୁଆରେ ସେହୁ ମୁକ୍ତ ପୂଜାଥାଳି,
ସନ୍ତର୍ପଣେ ଖସିଥିବା ଲାଜର କାଞ୍ଚୁଲି।

ତୁମ ଖୋଲାକେଶ ଏକ ସଫଳ କବିତା
କେବେ ଅସରନ୍ତି ଗପ କେବେ ନୀରବତା,
କେବେ ଆଣିଛି ଶ୍ରାବଣ କେବେ ତ ଫଗୁଣ
ଖୋଲା କବରୀରେ ସଖୀ ଖୋଜେ ମୁଁ ନିର୍ବାଣ।
ମୁଗ୍ଧ ସ୍ୱାଗତ ତୋରଣ ମହକର ଦେଶ,
ନିରିହ ବିଶ୍ୱାସ ସେହୁ ତଟିନୀର ଶୋଷ।

**୨. ମିଛ**

ମିଛ ସେ କବିତା ସବୁ, ମିଛ ଯେତେ ଗପ
ଲାଜେଇ ନିଦନଈର ଅନିଦ୍ରା ଆଳାପ,
ମନଗଢ଼ା ସେ ପୃଥିବୀ ପଥ ସ୍ୱର୍ଣ୍ଣାକାଶ
ଚୁମ୍ବକୀୟ ସେ ପୁଲକ ସ୍ୱତଃ ଭାବୋଚ୍ଛ୍ୱାସ!
କଳ୍ପନା ସେ କାଦମ୍ବିନୀ ହସର ଫୁଆରା
କଥାକୁହା ସ୍ୱପ୍ନମାଛ ସାଥେ ସୂର୍ଯ୍ୟ ତାରା,
କୁସୁମ ଉଦ୍ୟାନ ସେହୁ ମାୟାର ଉଖଳ
ଲୋଭନୀୟ ଦୃଶ୍ୟରାଜି କଳଙ୍କ କଜ୍ଜଳ।
ମିଛ ଦିଗନ୍ତ ପ୍ରସାରି ପ୍ରତୀକ୍ଷାର ଗୀତ
ଅଦିନେ କୋକିଳ ସ୍ୱନ ମୋହନ ମରୁତ,
କୃତ୍ରିମ ସେ ଉପହାର ମୁଗ୍ଧ ମଧୁବନ
ଗଣିଗଣି ସାଇତିଲା ମଧୁର ସ୍ପନ୍ଦନ।
ମିଛ ସେ ରାଣ ନିୟମ ମିଛ ମୋର ପ୍ରେମ
ଅନୁପମା ସ୍ୱ-କଳ୍ପିତ ଏକ ମନୋଭ୍ରମ।

ମୋ: ୮୧୪୪୭୭୯୦୬୧

**ଗୀତି-କବିତା**

### ଆମ ଗାଁ ତମ ଗାଁ

ଜ୍ୟୋତ୍ସ୍ନାରାଣୀ ପଣ୍ଡା

ଆମ ଗାଁରେ ଫୁଟିଲେ ମଲ୍ଲୀ
ତମ ଗାଁକୁ ବାସେ
ତମ ଗାଁର ଆକାଶଦୀପ
ଆମ ଗାଁକୁ ଦିଶେ।

ଆମ ଗାଁ ଝିଅ ତମ ଗାଁ ବୋହୂ
ତମ ଗାଁ ପୁଅ ଆମ ଗାଁ ଜ୍ୱାଇଁ
ତମ ଗାଁରେ ପଦୁଁଅ ଫୁଟେ
ଆମ ଗାଁରେ କଇଁ।

ଭୋଦ ଶ୍ରାବଣେ ଉଛୁଳେ ଯେବେ
ଆମ ଗାଁର ନଈ
ତମ ଗାଁର ନାଉରିଆଟି
ନଉକା ନିଏ ବାହି।

ଆମ ଗାଁର ବିଲହୁଡ଼ାରେ
ବିଲୁଆ ହୁକେ ହୋ
ତମ ଗାଁର ବଳିଆ କୁକୁର
ଭୁକଇ ଭୋ, ଭୋ।

ଆମ ଗାଁରେ ଧାନର କ୍ଷେତ
ତମ ଗାଁ ମୁଗ, ବିରି
ତମ ଗାଁର ଖଜା, କାକରା
ଆମ ଗାଁର ଖିରି।

ଆମ ଗାଁରେ ନିଶାପ ହେଲେ
ତମ ଗାଁ ଲୋକ ସାକ୍ଷୀ
ତମ ଗାଁ ଝିଅ ଆମ ଗାଁ ପୁଅ
ହାତରେ ବାନ୍ଧେ ରାକ୍ଷୀ।

ମୋ: ୯୩୩୭୬୨୨୦୯୮

## ପୁସ୍ତକ ପରିଚୟ

### ହରିବୋଲିଆ




**ଲେଖିକା:** ଝରଣା ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/

'ହରିବୋଲିଆ' ୨୦୦ ପୃଷ୍ଠାର ଏକ ଉପନ୍ୟାସ, ଯାହା ଲେଖିକାଙ୍କ ମୌଳିକ ଅନୁଭବ ଓ ଜୀବନ ଦୃଷ୍ଟିରେ ଉଦ୍ଦୀପିତ। ଲେଖିକା କହନ୍ତି: ''ଆଖି ଆଗକୁ ଯାହା ଆସେ, ଯାହା ସମୟକ୍ରମେ ସ୍ପଷ୍ଟ ହୋଇ ସ୍ରଷ୍ଟାର ମନକୁ ଆଚ୍ଛାଦିତ କରେ, ତାହା ତା' ପାଇଁ ସତ୍ୟ ପାଲଟେ। ତାକୁ ନେଇ ମୁଁ କଲମ ଚଳାଏ।'' ହରିବୋଲିଆ ଗୋଟିଏ ହତଭାଗା ମଣିଷ, ଯାହାର ଜୀବନ ବ୍ୟଥା ଆଉ କୁହାନାଳରେ ବିତିଛି, ବିଶେଷକରି ତା'ର ଶୈଶବରେ। ଏହି ଚରିତ୍ରର ବିଶେଷତ୍ୱ ହେଉଛି ଥିବାରେ ତା'ର ଆନନ୍ଦ ନ ଥାଏ କି ନ ଥିବା ପାଇଁ ଶୋଚନା ନ ଥାଏ। ତଥାପି ଜୀବନରେ ତା'ର ବାଟଚଲା ଅଟକି ଯାଏ ନାହିଁ। ସେ ଆଗକୁ ଆଗକୁ ବଢ଼େ। ଯେକୌଣସି ପ୍ରତିକୂଳ ସ୍ଥିତିରେ ଜୀବନର ଗତିଶୀଳତା ବଜାୟ ରଖିବା ହେଉଛି ପ୍ରକୃତ ମଣିଷର ପରିଚୟ। ବହିଟିରେ ଯେଉଁସବୁ ଚରିତ୍ରର ଅବତାରଣା ଲେଖିକା କରିଛନ୍ତି, ସେ ତଟିନୀ ଦେବୀ ହୁଅନ୍ତୁ କି ହୁଅନ୍ତୁ ମଠର ମାତାଜୀ, ହୁଅନ୍ତୁ ମାଧବ ପ୍ରଭୁ କି ହୁଅନ୍ତୁ ମନି ବେହେରା, ପ୍ରତ୍ୟେକଟି ଚରିତ୍ର ମୂଳ ଚରିତ୍ରକୁ ଉତ୍ତରିତ କରିବାରେ ଯତ୍ନଶୀଳ। ଉପନ୍ୟାସର ଭାଷା ସରଳ, କଥନଧର୍ମୀ ଓ ସାଦାସାଦା ବାକ୍ୟରେ ଅନ୍ତରର ଗହନିମାକୁ ଛୁଇଁଯିବାର ଉତ୍ତାପରେ ଉଷ୍ମ। ଆଶା, ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ।

### ଅରବିନ୍ଦାୟନ




**ସଂପାଦନା:** ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ
ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
**ପ୍ରକାଶକ:** ଅନନ୍ୟ ପ୍ରକାଶନ, କଟକ-୪
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୮୦/-

ଆଲୋଚ୍ୟ ଗ୍ରନ୍ଥର ପ୍ରଚ୍ଛଦଲେଖରେ କୁହାଯାଇଛି: ''ଡକ୍ଟର ପଟ୍ଟନାୟକଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରକାଶିତ ମୁଖବନ୍ଧ, ଅଭିମତ, ଲେଖକୀୟ ଅଭିବ୍ୟକ୍ତି ଏବଂ ପୁସ୍ତକର ସମୀକ୍ଷା, ଆଲୋଚନା ସହ ଦୀର୍ଘ ସାକ୍ଷାତ୍କାରକୁ ନେଇ 'ଅରବିନ୍ଦାୟନ' ସମୃଦ୍ଧ।'' ବହିଟିରେ ମୋଟ ୪୦ ଜଣ ଲେଖିକା ଲେଖକଙ୍କର ଆଲୋଚନା ସ୍ଥାନିତ, ଯହିଁରେ ଡ. ପଟ୍ଟନାୟକଙ୍କ ସାରସ୍ୱତ କୃତି ତଥା ବ୍ୟକ୍ତିତ୍ୱର ପ୍ରତିଫଳନ ଘଟିଛି। ପ୍ରାରମ୍ଭରେ ସଂପାଦକଦ୍ୱୟ ଲେଖିଛନ୍ତି: ''ଏକାଦଶ ଶ୍ରେଣୀ ଛାତ୍ରଭାବେ 'ସେ ପଥର ପଦଚିହ୍ନ' ପୁସ୍ତକ ସଂପାଦନା କରି ସେ ଯେଉଁ ସାରସ୍ୱତ ଯାତ୍ରା ପଥରେ ପାଦ ଥାପିଥିଲେ, ତାହା ଥିଲା ସୁଦୀର୍ଘ। ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ ସେହି ସଂକଳନରେ ଶୁଭେଚ୍ଛା ଜଣାଇବା ଅବସରରେ 'ସାହିତ୍ୟ ସାଧନା ଜୟଯୁକ୍ତ ହେଉ' ବୋଲି ଯେଉଁ ଆଶୀର୍ବଚନ ପ୍ରଦାନ କରିଥିଲେ, ତାହା ଡକ୍ଟର ପଟ୍ଟନାୟକଙ୍କ ଜୀବନକୁ ମନ୍ଦ୍ରିତ କରିଛି।'' ଲେଖକ ଡ. ପଟ୍ଟନାୟକ ଓଡ଼ିଆ ଲୋକସାହିତ୍ୟର ଜଣେ ପଥଦ୍ରଷ୍ଟା ଗବେଷକ। 'ଦିନଯାଏ, ଦିନଆସେ' ତାଙ୍କର ଆତ୍ମଜୀବନୀ, ଯାହା ଓଡ଼ିଆ ଭାଷାରେ ରଚିତ 'ଆତ୍ମଜୀବନୀ' ସାରଣୀରେ ନିଜର ସ୍ୱତନ୍ତ୍ର ପରିଚୟ ନେଇ ଆଲୋକିତ। ଲେଖକଙ୍କ ସମ୍ପର୍କରେ ଚର୍ଚ୍ଚା ବ୍ୟତୀତ 'ମୁଁ କାହିଁକି ଲେଖେ?' ଭଳି ଆତ୍ମ ସ୍ୱୀକାରୋକ୍ତିମୂଳକ ସୃଜନ-ଦଲିଲ ବହିଟିରେ ସ୍ଥାନିତ। ତା'ଛଡ଼ା ତାଙ୍କ ସହ ହୋଇଥିବା ସାକ୍ଷାତ୍କାର ବହିଟିକୁ ଅରବିନ୍ଦଙ୍କ ଜୀବନର ସୌନ୍ଦର୍ଯ୍ୟ ଓ ସୌରଭ ବିକିରଣରେ ମାଧୁର୍ଯ୍ୟମୟ କରିଛି।

## ବୁଢ଼ାବୁଢ଼ୀ

ମାୟାଧର ସାହୁ

**ମିନିଗଳ୍ପ**



ବୁଢ଼ାଟିଏ ଥିଲା, ବୁଢ଼ୀଟିଏ ଥିଲା। ଘରେ ତାଙ୍କର ଆଉ କେହି ନ ଥିଲେ। କର୍ମ ଆଦରି ଦୁହେଁ ଟୁଆଁଟୁଇଁ ପରି ରହିଥା'ନ୍ତି।

ଦିନେ ସକାଳେ କୌଣସି କାରଣରୁ ଦି'ଜଣଙ୍କ ମଧ୍ୟରେ ଝଗଡ଼ା ଲାଗିଲା। ପରସ୍ପର ଉପରେ ଦୁହେଁ ଫଁ ଫଁ ହେଉଥାଆନ୍ତି। ଉଭୟଙ୍କ ଭିତରେ ଶେଷରେ କଥାବାର୍ତ୍ତା ବି ବନ୍ଦ ହୋଇଗଲା। ବୁଢ଼ା ତା' ବାଟରେ, ବୁଢ଼ୀ ତା' ବାଟରେ।

ଠିକ୍ ଦି'ପହର ବେଳକୁ ବୁଢ଼ାକୁ ଭୋକ ଲାଗିଲା। ଗଡ଼ଁରେ ଖାଲି ଏକଡ଼ ସେକଡ଼ ହେଲା ସିନା ବୁଢ଼ା କିନ୍ତୁ ଖାଇବାର ଯୋଗାଡ଼ କରିପାରିଲା ନାହିଁ। ତେଣୁ ପାଟିକରି କହିଲା, 'ମତେ ଭାରି ଭୋକ ହେଲାଣି। କିଏ ଜଣେ ମତେ ଖାଇବାକୁ ବାଢ଼ି ଦିଅନ୍ତାକି!' କିଛି ସମୟ ପରେ ବୁଢ଼ୀର କଣ୍ଠସ୍ୱର ଶୁଭିଲା, 'ଭାତ ଡାଲି ଭଜା ସବୁ ବାଢ଼ିକି ପିଣ୍ଡାରେ ରଖି ସାରିଲିଣି। କିଏ ଜଣେ ବସି ଖାଇଦିଅନ୍ତା କି।'

ସୁନା ପିଲାଟିଏ ପରି ଉଠିପଡ଼ି ବୁଢ଼ା ଖାଇବା ବଢ଼ା ହୋଇଥିବା ଜାଗାରେ ବସିପଡ଼ି ଖାଇବାକୁ ଲାଗିଲା। ଦେଖିଲାବେଳକୁ ଡାଲି ଅଲଣା ଆଉ ଭଜା ଲୁଣିଆ ଲାଗୁଛି। ବୁଢ଼ା କହିଲା, 'ଭଜା ଲୁଣିଆ ଯେ ତାକୁ ଖାଇହେବ ନାହିଁ। ଏଣେ ଡାଲି ବି ଅଲଣା ହୋଇଛି। ଲୁଣ ଟିକିଏ କିଏ ଦିଅନ୍ତାକି ଡାଲିରେ ପକେଇବାକୁ।' ବୁଢ଼ୀ ତତ୍‌କ୍ଷଣାତ୍ ଲୁଣ କାଠୁଆଟା ନେଇ ପିଣ୍ଡାରେ ଠପ୍ କରି ଥୋଇଦେଲା। କହିଲା, 'ଖାଇବା ଜାଗାରେ କାଠୁଆରେ ଲୁଣ ଥୁଆ ହେଇଚି। ଯାହାର ଦରକାର ସେ ଲୁଣ ନେଉନାହିଁ କାହିଁକି?'

ବୁଢ଼ା ଲୁଣ ଟିକିଏ ନେଇ ଡାଲିରେ ପକେଇଲା। ବାଁ ହାତରୁ ଲୁଣ ଝାଡ଼ିଦେଇ ଚଟ୍‌କରି ବୁଢ଼ୀର ହାତକୁ ଧରି ପକେଇଲା। ତା' ମୁହଁକୁ ଅନେଇ ନିମ୍ନ କଣ୍ଠରେ ଥଙ୍ଗେଇ ଥଙ୍ଗେଇ କହିଲା, 'ଆରେ ପାଗଳୀ, ଜାଣିଶୁଣି ତୁ ଲୁଣ ପକେଇବାରେ ଗଡ଼ବଡ଼ କରିଛୁନା? ହଉ ଯା, ତୋ' ଖାଇବାଟା ଏଠିକି ନେଇଆ, ଏକାସାଙ୍ଗରେ ବସି ଖାଇବା।'

ବୁଢ଼ୀ ଅନୂଢ଼ା କିଶୋରୀ କନ୍ୟାଟିଏ ପରି ଲାଜ ସରସର ହୋଇ ଝାଳନାଳ ହୋଇଗଲା। ବୁଢ଼ାର ହାତରୁ ନିଜ ହାତକୁ ଛଡ଼େଇବାକୁ ଚେଷ୍ଟା କରୁକରୁ କହିଲା, 'ବୁଢ଼ା ହେଲଣି, ଏମିତି ଟୋକା ଟାହିଆଙ୍କ ପରି ହେଉଛ କ'ଣ ମ? ମୋ' ହାତ ଛାଡ଼ିଲେ ସିନା ମୁଁ ଯାଇ ମୋ' ଖାଇବାଟା ଏଠିକି ଆଣିବି।'

କୌଣସି ପ୍ରକାରେ ହାତ ଛଡ଼େଇ ନେଇ ନିଜ ଲାଜୁଆ ମୁହଁକୁ ଢାଙ୍କେଇବା ଲାଗି ଓଢ଼ଣୀକୁ କାନ ତଳଯାଏ ଟାଣିଦେଇ ହାଣ୍ଡିଶାଳ ଆଡ଼େ ଚାଲିଗଲା ବୁଢ଼ୀ।

ମୋ: ୮୩୩୨୯୮୩୨୫୩

**କାଳକାଳକୁ**



''ପ୍ରକୃତିଠୁଁ ବଳି ପ୍ରସଂଗ ଆଉ ନାହିଁ, ଯାହା କବିତାକୁ ଅଧିକ ପ୍ରଶସ୍ତ, ରୋମାଞ୍ଚକର, ଆବେଗଦୀପ୍ତ ଓ ଦର୍ଶନପୁଷ୍ଟ କରିବ।''
– ଜେମ୍‌ସ ଥମ୍‌ସନ୍

**ଜେମ୍‌ସ ଥମ୍‌ସନ୍‌ଙ୍କ** ଜନ୍ମ ୧୧ ସେପ୍ଟେମ୍ବର ୧୭୦୦ ମସିହାରେ, ସ୍କଟ୍‌ଲାଣ୍ଡରେ ଓ ପରଲୋକ ୨୭ ଅଗଷ୍ଟ ୧୭୪୮ରେ ଇଂଲଣ୍ଡରେ, ମାତ୍ର ୪୭ ବର୍ଷ ବୟସରେ। ସେ ଏକାଧାରରେ କବି ଓ ନାଟ୍ୟକାର। ତାଙ୍କର ଚର୍ଚ୍ଚିତ କବିତା ମଧ୍ୟରେ ରହିଛି 'The Castle of Indolence' ଏବଂ 'The Seasons'. ଗୀତିକବିତା ମଧ୍ୟରେ ଲୋକପ୍ରିୟ 'Rule, Britannia'. ଥମ୍‌ସନ୍‌ଙ୍କ କବିତାର ସୌନ୍ଦର୍ଯ୍ୟ ଓ ଗରିମା ତାଙ୍କ କାବ୍ୟଭାଷାରେ ହିଁ ନିହିତ ଥାଏ, ଯାହା ମୁଖ୍ୟତଃ ଜନଜୀବନର ଭାଷା। ଆଉ ଏଥିରେ ଥାଏ ଆଞ୍ଚଳିକତାର ତାଜା ସ୍ୱାଦ।

## ଏଇଠି ସ୍ୱର୍ଗ, ଏଇଠି ନର୍କ

ଶକ୍ତିପ୍ରଦା ମହାପାତ୍ର

**ଲଘୁ ଗଳ୍ପ**

କ'ଣ ଦିଇଟା ନାକରେ କାନରେ ପୂରେଇ ଦେଇ ତରତର ହୋଇ ଅଫିସ ବାହାରିଯାଆନ୍ତି ଶଶିକାନ୍ତ ବାବୁ। ମୁହଁ ହାତ ପୋଛିବାକୁ ବେଳ ନ ଥାଏ ତାଙ୍କୁ। ଶଶିକାନ୍ତ ବାବୁ ଅଫିସ ବାହାରି ସାରିବା ପରେ ଯାଇ ନିଶାମଣି (ଶଶିକାନ୍ତ ବାବୁଙ୍କ ମାଆ) ଅଣ୍ଟା ସଳଖ କରନ୍ତି! ପିଣ୍ଡା ଉପରେ ସେମିତି ଠିଆ ହୋଇ ଚାହିଁ ରହିଥା'ନ୍ତି ପୁଅ ତାଙ୍କ ଆଖିରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ, ଆଉ ସେଇ କାମ ଭିତରେ ବି ଦିଅଁଦେବତାଙ୍କୁ ଡାକିଡାକି ପୁଅର ଫେରିବା ବାଟକୁ ସେମିତି ଚାହିଁ ରହିଥା'ନ୍ତି। ସତୁରି ବାସ୍ତରି ବର୍ଷ ବୟସରେ ଆଉ କେତେ ବଳ କାଢ଼ିବେ ଯେ! ସିଏ ଥାଉଥାଉ ପୁଅ ତାଙ୍କର ଉପାସରେ ଅଫିସ ଯିବ, ନା ସେମିତି କେବେ ବି ହେବନି। ମଲା ବାସି କ'ଣ ମୁଁ ଦେଖିଆସିବି କି ପୁଅ ଖାଇଲା କି ନାହିଁ? ଏମିତି ଭାବନା ଭିତରେ ଗୁଡ଼େଇ ତୁଡ଼େଇ ଅଣନିଃଶ୍ୱାସୀ ହୋଇପଡ଼ିଲାବେଳକୁ ସନ୍ତୋଷୀ ଦେବୀଙ୍କ କଅଁଳ ସ୍ୱର ଶୁଣାଗଲା, ବୋଉ ମୋତେ ଏଇଠି ତାଙ୍କ ପତ୍ରରେ ବାଢ଼ିଦିଅନ୍ତୁ। ହଁରେ ମାଆ କହି ଖାଇବା ବାଢ଼ିଦିଅନ୍ତି ଗରମ ଗରମ ଭାତ ଡାଲି ତରକାରି ଭଜା, ଯୋଉଦିନ ଯାହା ହୋଇଥାଏ।

ଅଣ୍ଟାରେ ହାତ ଦେଇଦେଇ ଚଲାବୁଲା କରନ୍ତି ନିଶାମଣି ଦେବୀ। ଭାରି କଷ୍ଟ ଅନୁଭବ କରନ୍ତି ଅଣ୍ଟାରେ, ଆଣ୍ଠୁରେ। ଏଇ ବୟସରେ କାମ କରିକରି ପୂରା ଶରୀରଟା ପୀଡ଼ା ଲାଗୁଥାଏ, ଯୋଉ ଜାଗା ଛୁଇଁଲେ ସେ ଜାଗା ଦରଜ। ହେଲେ ମୁହଁ ଫିଟାଇ କେବେ କହନ୍ତିନି ନିଶାମଣି ଦେବୀ ଗୋଡ଼ ହାତରେ ହାତ ମାରିଦେବାକୁ। ଦେହ ମୁଣ୍ଡ ଯାହା ବି ହେଉ ବାକି ପାଇଟି କିଏ ବା କରିବ! ସେସବୁ ସାରି ଗାଧେଇବାକୁ ଯାଆନ୍ତି। ଗାଧେଇ ପୂଜା ସାରି ବୋହୂ ଯୋଡ଼େ ଭାତ ବାଢ଼ିଦେ ବୋଲି ଅନେଇଲାବେଳକୁ ବୋହୂ ପଲଙ୍କରେ ନିଦ୍ରାଦେବୀଙ୍କ କୋଳରେ! ନିତିଦିନିଆ କଥା, କାହାକୁ ବା କହିବେ? ଭାଗ୍ୟକୁ ଆଦରି ନୀରବ ରୁହନ୍ତି। ଅନ୍ୟ ଶାଶୁଙ୍କ ଭଳି ବୋହୂ ସାଙ୍ଗେ କଳିଝଗଡ଼ା କରିବା, ଅଶାନ୍ତି ହେବା, ମୁହଁ ଫଣଫଣ କରିବା, ସେମିତି କିଛି କରିବାକୁ ଭଲ ପାଆନ୍ତିନି ନିଶାମଣି ଦେବୀ। ନିଜେ ନିଜେ ହାତରେ ବାଢ଼ି ଖାଆନ୍ତି, ଅଇଁଠା ଉଠାନ୍ତି, ପାଖରେ କେହି ନଥାନ୍ତି ମନବୁଝି ବଳେଇ ବଳେଇ ଖାଇବା ଦେବାପାଇଁ। ଖାଇବା ପିଇବା ଠିକ୍ ନଥିବା ଯୋଗୁ, ଅତ୍ୟଧିକ ପରିଶ୍ରମ ଆଉ ମନର ପୀଡ଼ାକୁ ମନ ଭିତରେ ଚାପି କୋଥି କୋହରି ହୋଇ ମଝିରେ ମଝିରେ ଜ୍ୱରହୁଏ, ସେ ଜ୍ୱର ଆଉ ଛାଡ଼ିବାର ନାଁ ନିଏ ନାହିଁ। ଦିନକୁଦିନ କଷ୍ଟ ଯନ୍ତ୍ରଣା ବଢ଼ିବଢ଼ି ଚାଲେ। ପାଟିରେ ମାଛି ପଶିଗଲେ ବି ଚେତା ପଶେନି। ସଂଜ୍ଞାହୀନ ଅବସ୍ଥାରେ ଖଟିଆଟିରେ ପଡ଼ିରହିଥାନ୍ତି ସେମିତି। ନିତ୍ୟକର୍ମ ସବୁ ସେଇ ଖଟିଆ ଉପରେ। ବୋହୂ ସନ୍ତୋଷୀ ଶାଶୁଙ୍କର ଛାଇ ସୁଦ୍ଧା ମାଡ଼ିବାକୁ ପସନ୍ଦ କରନ୍ତିନି, ସେବାଯତ୍ନ ତ ଦୂରର କଥା! ଯୋଉ ଶାଶୁ ବୋହୂକୁ ନିଜ ଝିଅଠୁ ବି ଅଧିକ ସ୍ନେହ ଆଦର କରୁଥିଲେ, ସେପରି ଶାଶୁର ଆଜି...!

ପୁଅ ଶଶିକାନ୍ତ ଅଫିସରୁ ଆସି ମାଆର ନିତ୍ୟକର୍ମ ସହିତ ସେବାଶୁଶ୍ରୂଷା, ଔଷଧପତ୍ର, ସ୍ନେହ ଆଦର ପାରୁପର୍ଯ୍ୟନ୍ତ କରୁଥିଲେ। ନିଶାମଣି ଦେବୀ କିନ୍ତୁ ପୁଅର ଦୁଃଖ ଆଖିରେ ଦେଖି ପାରୁ ନ ଥିଲେ। କଥା କହି ପାରୁ ନ ଥିଲେ ସିନା, ଅନବରତ ଦୁଇ ଆଖିରୁ ଲୁହ ଧାର ବୋହି ଯାଉଥିଲା। ବେଶୀଦିନ ଆଉ ପୁଅକୁ ହଇରାଣ ନ କରି ଆରପାରିକୁ ଚାଲିଗଲେ ନିଶାମଣି ଦେବୀ। ଉଶ୍ୱାସ ହୋଇଗଲେ ବୋହୂ ସନ୍ତୋଷୀ।



ଏଡ଼େ ବଡ଼ ଘର, ବଡ଼ ଗାଡ଼ି, ବ୍ୟାଙ୍କ ବାଲାନ୍ସ ସବୁ ଉଇ ଖାଉଛି। ସ୍ୱାମୀ ଶଶିକାନ୍ତ ବାବୁ ଆରପାରିରେ, ପୁଅ ବୋହୂ ଆମେରିକାରେ, ମଝିଆ ପୁଅ ବୋହୂ ଉପର ମହଲାରେ, ତଳକୁ ଯେତେବେଳେ ଓହ୍ଲାନ୍ତି କାମରେ, ପାଖ ମାଡୁନାହାନ୍ତି ମାଆର! ଦୁର୍ଗନ୍ଧରେ ଘର ଫାଟିପଡୁଛି! ଝିଅ କେବେ କେମିତି କୁଣିଆ ପରି ଆସେ ଯାଏ!

ଆଖପାଖରେ ଆଜି କେହି କୁଆଡ଼େ ନାହାନ୍ତି। ଆଖିରେ ଧାରାଶ୍ରାବଣ...!

ସନ୍ତୋଷୀ ଦେବୀ କିନ୍ତୁ ବିଛଣାରେ ପଡ଼ିପଡ଼ି ଶାଶୁ ନିଶାମଣି ଦେବୀଙ୍କର ସ୍ନେହବୋଳା ହାତର ସ୍ପର୍ଶ ଅନୁଭବ କରୁଥିଲେ...।

ମୋ: ୭୯୭୮୩୫୦୫୪୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୭/୨୦୨୨ Bhubaneswar, Saturday, August 27/ 2022

# ଗୁଜରାଟ ଜାଏଣ୍ଟ୍ସ ପ୍ଲେ-ଅଫ୍ ନିକଟତର

**ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି):** ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ୬ (୫୦-୪୪) ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ଫଳରେ ୭ ମ୍ୟାଚରୁ ୫ ବିଜୟ ଓ ୨ ପରାଜୟ ସହ ଏହି ଦଳ ୧୭ ପଏଣ୍ଟରେ ପହଞ୍ଚି ପ୍ଲେ-ଅଫ୍‌ର ନିକଟତର ହୋଇଛି। ଓଡ଼ିଶା ଜଗରନଟ୍ସ ୬ ମ୍ୟାଚରୁ ୧୫ ପଏଣ୍ଟ ପାଇ ଶୀର୍ଷ ୪ ଦଳ ମଧ୍ୟରେ ରହିଛି। ମୁମ୍ବାଇ ଖିଲାଡିଜ୍‌କୁ ୨୫ ପଏଣ୍ଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଗୁଜରାଟ ଦଳ ପରେ ଓଡ଼ିଶା ଜଗରନଟ୍ସକୁ ୫ ଓ ମୁମ୍ବାଇ ଖିଲାଡିଜ୍‌କୁ ୧୮ ପଏଣ୍ଟରେ ହରାଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଜଗରନଟ୍ସଠାରୁ ୩ ଓ ଚେନ୍ନାଇ କୁଇକ୍ ଗନ୍ସଠାରୁ ୨ ପଏଣ୍ଟ ବ୍ୟବଧାନରେ ହାରି ଯାଇଥିଲା। ତେଲ୍‌ଗୁ ଯୋଦ୍ଧାସକୁ ୩ ପଏଣ୍ଟରେ ହରାଇ ପ୍ରତ୍ୟାବର୍ତ୍ତନ କରିଥିବା ଜାଏଣ୍ଟ୍ସ ଏବେ ଚେନ୍ନାଇ ଦଳକୁ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ପରବର୍ତ୍ତୀ ୩ଟି ମ୍ୟାଚରେ ଏହି ଦଳ ଅଗଷ୍ଟ ୨୮ରେ ରାଜସ୍ଥାନ ୱାରିୟର୍ସ, ୨୯ରେ ତେଲ୍‌ଗୁ ଯୋଦ୍ଧାସ ଓ ୩୧ରେ ରାଜସ୍ଥାନକୁ ଭେଟିବ।

# ‘ଖେଳାଳିଙ୍କ ଜୀବନଶୈଳୀ ବଦଳାଇବ ଅଲ୍‌ଟିମେଟ ଖୋ ଖୋ’

ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଜଗରନଟ୍ସର ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା। ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଜଗରନଟ୍ସ କ୍ରମାଗତ ୪ ମ୍ୟାଚ ଜିତିବା ସହ ମୋଟ ୫ ବିଜୟ ସହ ୧୫ ପଏଣ୍ଟ ହାସଲ କରିଛି। ଖେଳାଳିଙ୍କ ସହ ଭାବବିନିମୟ କରି କ୍ରୀଡ଼ାମନ୍ତ୍ରୀ ଆଗକୁ ଆହୁରି ଏପରି ପ୍ରଦର୍ଶନ ଜାରି ରଖିବା ପାଇଁ ଉତ୍ସାହ ଦେଇଛନ୍ତି। ‘‘ଆମ ଓଡ଼ିଶା ଜଗରନଟ୍ସ ଦଳ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଥିବାରୁ ମୁଁ ବହୁତ ଖୁସି। ୬ ମ୍ୟାଚ ମଧ୍ୟରୁ ଆମେ ୫ଟିରେ ବିଜୟ ହାସଲ କରିଛୁ। ଆମ ଦଳ ଫାଇନାଲରେ ପ୍ରବେଶ



ପୁଣେରେ ଓଡ଼ିଶା ଜଗରନଟ୍ସ ଦଳର ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

କରିବାନେଇ ମୁଁ ଦୃଢ଼ ନିଶ୍ଚିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ‘ସ୍ପୋର୍ଟ୍ସ ଫର ୟୁଥ୍, ୟୁଥ୍ ଫର ଫ୍ୟୁଚର’ ଦୃଷ୍ଟିଭଙ୍ଗୀ ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିଛି’’ ବୋଲି ତୁଷାରକାନ୍ତି କହିଛନ୍ତି। ଆମେ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରରେ ଭିତ୍ତିଭୂମିରେ ଉନ୍ନତି ଆଣିବା ଉପରେ ଫୋକସ କରୁଛୁ। ଖୋ ଖୋକୁ ଏକ କ୍ରୀଡ଼ା ଭାବେ ଗ୍ରହଣ କରିବା ପାଇଁ ଓଡ଼ିଶା ଜଗରନଟ୍ସ ରାଜ୍ୟର ପିଲାମାନଙ୍କୁ ଅନୁପ୍ରାଣିତ କରିପାରିଥିବ ବୋଲି ମୋର ବିଶ୍ୱାସ। ଅଲ୍‌ଟିମେଟ ଖୋ ଖୋ ସମୟକ୍ରମେ ଅନେକ ଖୋ ଖୋ ଖେଳାଳିଙ୍କ ଜୀବନଶୈଳୀ ବଦଳାଇବାରେ ସହାୟକ ହେବାନେଇ ମୁଁ ଆଶାବାଦୀ ବୋଲି ସେ ପ୍ରକାଶ କରିଛନ୍ତି।

ଗୁରୁବାର ଶେଷ ସୁଦ୍ଧା ଓଡ଼ିଶା ଜଗରନଟ୍ସ ୪୨ ଡିଫେଣ୍ଡିଂ ପଏଣ୍ଟ ହାସଲ କରିଛି, ଯାହାକି ଲିଗ୍‌ରେ ଅନ୍ୟ ତୁଳନାରେ ସର୍ବାଧିକ। ଚଳିତ ସିଜନରେ ଶୁଭାଶିଷ ସାନ୍ତ୍ରା ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେ ୪୩ ପଏଣ୍ଟ ହାସଲ କରି ବର୍ତ୍ତମାନ ଟପ୍-୩ ୱାଜିରଙ୍କ ମଧ୍ୟରେ ରହିଛନ୍ତି। ଜଗରନଟ୍ସ ଦଳର ଅନ୍ୟତମ ଶୀର୍ଷ ପ୍ରଦର୍ଶନକାରୀ ହେଲେ ଓଡ଼ିଶା ଖେଳାଳି ବାଲେଶ୍ୱରର ଜଗନ୍ନାଥ

**ଓଡ଼ିଶା ଜଗରନଟ୍ସ ଖେଳାଳିଙ୍କୁ ଉତ୍ସାହିତ କଲେ କ୍ରୀଡ଼ାମନ୍ତ୍ରୀ**

ମୁର୍ମୁ। ସେ କ୍ରୀଡ଼ାମନ୍ତ୍ରୀଙ୍କ ସହ ଭାବବିନିମୟ କରିବା ପରେ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି। ଏହା ଟାଇଟଲ ଜିତିବା ପାଇଁ ଖେଳାଳିଙ୍କୁ ମୋଟିଭେଟ କରିବ ବୋଲି କହିଛନ୍ତି। ‘‘ଆମ ରାଜ୍ୟର କ୍ରୀଡ଼ାମନ୍ତ୍ରୀଙ୍କ ସହ ମିଶିବା ସମସ୍ତ ଖେଳାଳିଙ୍କ ପାଇଁ ଖୁସିର ବିଷୟ। ବ୍ୟସ୍ତ କାର୍ଯ୍ୟସୂଚୀ ସତ୍ତ୍ୱେ ସେ ସମୟ ବାହାର କରି ପୁଣେ ଆସି ଆମମାନଙ୍କୁ ଉତ୍ସାହିତ କରିଛନ୍ତି। ଆଗାମୀ ମ୍ୟାଚଗୁଡ଼ିକରେ ଅଧିକ ପରିଶ୍ରମ କରିବା ପାଇଁ ସେ ଆମକୁ ପରାମର୍ଶ ଦେଇଛନ୍ତି। ଆମେ ହାତରେ ଟ୍ରଫି ଧରୁ ବୋଲି ସେ ଚାହୁଁଛନ୍ତି ଏବଂ ଆମେ ମଧ୍ୟ ତାହା କରିବା ପାଇଁ ସବୁମତେ ଚେଷ୍ଟା କରିବୁ’’ ବୋଲି ଜଗନ୍ନାଥ ପ୍ରକାଶ କରିଛନ୍ତି।

ଓଡ଼ିଶା ଜଗରନଟ୍ସ ଏହାର ପରବର୍ତ୍ତୀ ମ୍ୟାଚରେ ମୁମ୍ବାଇ ଖିଲାଡିଜ୍‌କୁ ଭେଟିବ। ଏଥିରେ ବିଜୟ ହାସଲ କଲେ ଦଳର ପ୍ଲେ-ଅଫ୍ ପ୍ରବେଶ ନିଶ୍ଚିତ ହୋଇଯିବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହିତ ମିଶି ଅମିତ ବର୍ମନ ଅଲ୍‌ଟିମେଟ ଖୋ ଖୋକୁ ପ୍ରମୋଟ କରୁଛନ୍ତି। ସିଜନ-୧ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି ଏବଂ ଏହାର ଫାଇନାଲ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ହେବ।

# ଦି ହଣ୍ଡ୍ରେଡ୍‌ରେ ମନ୍ଧାନାଙ୍କ ଅର୍ଦ୍ଧଶତକ

**ସାଉଥାମ୍ପଟନ, ୨୬।୮ (ପି.ଟି.):** ଇଂଲଣ୍ଡରେ ଚାଲିଥିବା ଘରୋଇ ମହିଳା ଟି୨୦ ଲିଗ୍ ‘ଦି ହଣ୍ଡ୍ରେଡ’ରେ ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନା ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ତାଙ୍କ ସଦର୍ନ ବ୍ରେଭ୍ ଦଳ ୧୦ ଉଇକେଟରେ ଟ୍ରେଣ୍ଟ ରକେଟକୁ ପରାସ୍ତ କରି ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗୁରୁବାର ଏଜାସ୍ ବାଓଲଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଲରେନ୍ ବେଲ୍‌ଙ୍କ ଶ୍ରେଷ୍ଠ ବୋଲିଂ (୪/୧୦) ଯୋଗୁ ରକେଟ୍ସ ଦଳର ସ୍କୋର ୮୮/୮ ରେ ସୀମିତ ହୋଇଯାଇଥିଲା। ମନ୍ଧାନା (୩୧ ବଲ୍‌ରୁ ଅପରାଜିତ ୫୭ରନ) ଓ ତାଙ୍କ ଓପନିଂ ଯୋଡ଼ି ଇଂଲଣ୍ଡର ଡାନି ୟାଟ୍ (୨୫ ବଲ୍‌ରୁ ଅପରାଜିତ ୩୬ ରନ୍) ୪୪ ବଲ୍ ବାକି ଥାଇ ତାଙ୍କ ଦଳକୁ ବିଜୟୀ କରାଇଥିଲେ। ମନ୍ଧାନା ତାଙ୍କ ଇନିଂସରେ ୯ ଚୌକା ଓ ୨ ଛକା ଲଗାଇଥିଲେ।

# ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ

ଟୋକିଓ, ୨୬।୮ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସରୁ ପଦକ ନିଶ୍ଚିତ କରିଛନ୍ତି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ଶେଟ୍ଟି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଯୋଡ଼ି ଗତଥରର ଚାମ୍ପିୟନ ଜାପାନର ତାକୁରୋ ହୋକି ଓ ୟୁଗୋ କୋବାୟାଶିଙ୍କୁ ୨୪-୨୨,

**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

୧୫-୨୧, ୨୧-୧୪ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରତିଯୋଗିତାରୁ ଏହି ଯୋଡ଼ି ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିବା ନିଶ୍ଚିତ ହୋଇଛି। ବିଜୟ ପାଇଁ ସାତ୍ତ୍ୱିକ-ଚିରାଗ ୧ ଘଣ୍ଟା ୧୫ ମିନିଟ ସମୟ ନେଇଥିଲେ। ସେମିଫାଇନାଲରେ ଭାରତୀୟ ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋହ ୱୁଇ ୟିକ୍‌ଙ୍କୁ ଭେଟିବେ।

ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସରେ ଭାରତର ଏହା ପ୍ରଥମ ପଦକ। ଓଭରଅଲ୍ ଦେଖିବାକୁ ଗଲେ ଏହି ସମ୍ମାନଜନକ ପ୍ରତିଯୋଗିତାର ଡବଲ୍ସରେ ଭାରତର ଏହା ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୋନାପ୍ପା ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ



ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ଶେଟ୍ଟି।

କରିଥିଲେ। ସିଙ୍ଗଲ୍ସକୁ ମିଶାଇଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ଏହା ୧୩ତମ ପଦକ। ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଏକାକୀ ୫ ପଦକ ହାସଲ କରି ଦେଶକୁ ଗର୍ବିତ କରିଛନ୍ତି। ଏହା ମଧ୍ୟରେ ୨୦୧୯ରେ ସ୍ୱର୍ଣ୍ଣ ପଦକ ସାମିଲ। ସାଇନା ନେହ୍ୱାଲ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପାଇଥିବାବେଳେ କିଡାମ୍ବି ଶ୍ରୀକାନ୍ତ ରୌପ୍ୟ ଏବଂ ଲକ୍ଷ୍ୟ ସେନ୍, ବି. ସାଇ ପ୍ରଣୀଥ ଓ ପ୍ରକାଶ ପାଦୁକୋନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କିଛିଦିନ ପୂର୍ବରୁ ସାତ୍ତ୍ୱିକ-ଚିରାଗ ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ପ୍ରଣୟଙ୍କ ଅଭିଯାନ ଶେଷ

ସିଙ୍ଗଲ୍ସ ବିଭାଗରେ ଭାରତର ଏଚ୍.ଏସ. ପ୍ରଣୟଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ପଦକ ଦାବିଦାର ଥିବା ପ୍ରଣୟ ଚାଇନାର ଝାଓ ଜୁନ୍ ପେଙ୍ଗଙ୍କଠାରୁ ୨୧-୧୯, ୬-୨୧, ୧୮-୨୧ରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ପୁରୁଷ ଡବଲ୍ସରେ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଲାଙ୍କ ଅଭିଯାନ ମଧ୍ୟ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା।

# ବେଞ୍ଜେମା, ପୁଟେଲାସଙ୍କୁ ୟୁଫା ଶ୍ରେଷ୍ଠ ଖେଳାଳି ପୁରସ୍କାର

**ଇସ୍ତାନବୁଲ୍, ୨୬।୮ (ଏପି):** କରିମ ବେଞ୍ଜେମା ଓ ଆଲେକ୍ସିଆ ପୁଟେଲାସ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ବର୍ଷର ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ପୁରସ୍କାର ସ୍ପାନିଶ କ୍ଲବ ହାତକୁ ଯାଇଛି। ଚାମ୍ପିୟନ୍ସ ଲିଗ୍‌ରେ ରିୟଲ ମାଡ୍ରିଡ୍ ତରଫରୁ ୧୫ ଗୋଲ ସ୍କୋର କରି ବେଞ୍ଜେମା ପୁରୁଷ ବିଭାଗରେ ଫେଭରାଇଟ୍ ଥିଲେ। ଏହା ହେଉଛି ତାଙ୍କର ୧୪ତମ ୟୁରୋପିଆନ୍ ଟାଇଟଲ। ସର୍ବାଧିକ ଥର ୟୁରୋପିଆନ ଟାଇଟଲ ଜିତିବାରେ ରେକର୍ଡ ତାଙ୍କ ନାମ ପୂର୍ବରୁ ରହିଛି। ଏହାର ସଂଖ୍ୟା ବୃଦ୍ଧି ପାଇଛି ମାତ୍ର। ପୁଟେଲାସ କ୍ରମାଗତ ଦ୍ୱିତୀୟ ଥର ପାଇଁ ୟୁଫା ମହିଳା ଶ୍ରେଷ୍ଠ ପୁରସ୍କାର ଲାଭ କରିଛନ୍ତି। ବାର୍ସିଲୋନାକୁ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପ୍ରବେଶ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଟାଇଟଲ ମୁକାବିଲାରେ ଲିଅନଠାରୁ ବାର୍ସିଲୋନା ହାରିଯାଇଥିଲା। ଗତ ସିଜନରେ ଦୁଇଟି ବଡ଼ ଇଭେଣ୍ଟରେ ସେମାନଙ୍କ ଦଳକୁ ବିଜୟୀ କରାଇଥିବାରୁ ମାଡ୍ରିଡ୍‌ର କାର୍ଲୋ ଆନ୍‌ସେଲୋଟି ଏବଂ ଇଂଲଣ୍ଡକୁ ୟୁରୋ ୨୦୨୨ ଟାଇଟଲ ଜିତାଇଥିବା ସାରିନା ୱିଗ୍‌ମ୍ୟାନ ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଛନ୍ତି। ୟୁରୋପିଆନ ପ୍ରତିଯୋଗିତାରେ ଭାଗ ନେଇଥିବା ଫୁଟ୍‌ବଲ ଦଳଗୁଡ଼ିକର କୋଚ୍ ଏବଂ ସମଗ୍ର ୟୁରୋପର ବଛାବଛା ଜର୍ନାଲିଷ୍ଟ ଭୋଟ ଜରିଆରେ ବିଜେତାଙ୍କୁ ବାଛିଥିଲେ। ପୁରୁଷ ବିଭାଗ ପୁରସ୍କାର ଦୌଡ଼ରେ ବେଞ୍ଜେମାଙ୍କ ବ୍ୟତୀତ ମାଡ୍ରିଡ ଗୋଲକିପର ଥିବଟ କୋର୍ଟିଅସ୍ ଓ ମାଞ୍ଚେଷ୍ଟର ସିଟି ମିଡ୍ ଫିଲ୍ଡର କେଭିନ ଡି’ ବ୍ରୁଇନ୍ ରହିଥିଲେ। ଅନ୍ୟପକ୍ଷରେ ଲିଭରପୁଲ୍‌ର ଜର୍ଜେନ କ୍ଲପ୍ ଓ ପ୍ରିମିୟର ଲିଗ୍ ବିଜେତା ମାଞ୍ଚେଷ୍ଟର ସିଟିର ପେପ୍ ଗୁଆରିଡୋଲାଙ୍କୁ ପଛରେ ପକାଇ ଆନ୍‌ସିଲୋଟି ମହିଳା ପୁରସ୍କାର ହାସଲ କରିଛନ୍ତି।

# ବ୍ରୋଞ୍ଜ ବିଜୟୀ ଆଶିଷ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି)

ଇରାନର ତେହେରାନଠାରେ ଅଗଷ୍ଟ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଦଳର ଅନ୍ୟତମ ସଦସ୍ୟ ଥିଲେ ଓଡ଼ିଶାର ଆଶିଷ କୁମାର ସ୍ୱାଇଁ। ୧୪ ବର୍ଷ ବ୍ୟବଧାନରେ ଭାରତୀୟ ଦଳ ପଦକ ଜିତି ଦେଶକୁ ଗର୍ବିତ କରିଥିଲା। ଏହି ସଫଳତାର ଅଂଶବିଶେଷ ଥିବା ଆଶିଷଙ୍କୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ଆଶିଷ ଏକ ଗରିବ ପରିବାରରୁ ଆସିଥିଲେ। ତାଙ୍କ ବାପା ଜଣେ



ଆଶିଷ ସ୍ୱାଇଁଙ୍କୁ ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

ରିକ୍ସାଚାଳକ। ଅଚ୍ୟୁତ ସାମନ୍ତଙ୍କ ସମର୍ଥନରେ କିଟ୍ ଏକାଡେମୀରେ ଗତ ୩ ବର୍ଷ ଧରି ଅଭ୍ୟାସ ସୁଯୋଗ ମିଳି ନ ଥିଲେ ମୋ ପାଇଁ ଏପରି ସଫଳତା ସମ୍ଭବ ହୋଇ ନ ଥାନ୍ତା ବୋଲି ଆଶିଷ ପ୍ରକାଶ କରିଛନ୍ତି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନ ବିହାରୀ ଦାଶ୍ ଓ ଆଶିଷଙ୍କ ପରିବାର ଉପସ୍ଥିତ ଥିଲେ।

# ଧ୍ୟାନ ଚାନ୍ଦଙ୍କୁ ଭାରତରତ୍ନ ଦାବି





ନିଜ ଛାତ୍ର ମାନଙ୍କ ସହ ଦାବି ଉପସ୍ଥାପନ କରୁଛନ୍ତି ବଶିଷ୍ଠ।

ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି)

ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ୧୧୭ତମ ଜନ୍ମବାର୍ଷିକୀ ଅବସରରେ ଆଗାମୀ ୨୯ ତାରିଖରେ ଦେଶ ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାକୁ ଯାଉଛି। ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ଦୋହରାଇଥିଲା। ଭାରତୀୟ କ୍ରୀଡ଼ା ପ୍ରତି ଅବଦାନ ଅତୁଳନୀୟ ଥିବାରୁ ଧ୍ୟାନ ଚାନ୍ଦଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ପାଇଁ କ୍ରମାଗତଭାବେ ଦାବି ହୋଇ ଆସୁଛି। ମାତ୍ର ଏହି ହକି କିମ୍ବଦନ୍ତୀଙ୍କୁ ଏ ପର୍ଯ୍ୟନ୍ତ ତାହା ମିଳି ପାରିନାହିଁ। ଏବେ ଏହି ଦାବିକୁ ଦୋହରାଇଛନ୍ତି କେରଳ କାଲିକଟସ୍ଥିତ ମାଲବାର ଖ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ଆସୋସିଏଟ ପ୍ରଫେସର ବଶିଷ୍ଠ। ସେ ଜଣେ କ୍ରୀଡ଼ାପ୍ରେମୀଭାବେ ବିଶେଷ ପରିଚିତ। ସେ ଏବଂ ତାଙ୍କ କଲେଜର ଛାତ୍ରମାନେ ‘ମେଜର ଧ୍ୟାନ ଚାନ୍ଦଙ୍କ ପାଇଁ ଭାରତରତ୍ନ’ ବ୍ରୋଶର ଧରି ନିଜର ଦାବି ଉପସ୍ଥାପନ କରିଛନ୍ତି। ବ୍ରିଟିଶ୍ ଶାସନ ସମୟରେ ଧ୍ୟାନ ଚାନ୍ଦ ଭାରତୀୟ ହକିକୁ ଉଚ୍ଚ ସୋପାନକୁ ନେଇ ଯାଇଥିଲେ। ସେ ପ୍ରକୃତରେ ଭାରତର ରତ୍ନ ବୋଲି ବଶିଷ୍ଠ ପ୍ରକାଶ କରିଛନ୍ତି।

# ଆଞ୍ଚଳିକ ଆଥଲେଟିକ୍, ରାଇଜିଂ ଷ୍ଟାର ବିଜୟୀ

**ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫୁଟବଲ ଲିଗ୍‌ରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ଏବଂ ରାଇଜିଂ ଷ୍ଟାର କ୍ଲବ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ୧-୦ ଗୋଲରେ ଏଲ୍‌ଆଇସି ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପିଙ୍କୁ ସେଠୀ ୫୮ତମ ମିନିଟରେ ସ୍କୋର କରିଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ ରାଇଜିଂ ଷ୍ଟାର ୨-୧ ଗୋଲରେ ମଙ୍ଗଳା କ୍ଲବକୁ ହରାଇ ଦେଇଛି। ରାଇଜିଂ ଷ୍ଟାର ଦଳର ପ୍ରକାଶ ନାଏକ ୨୦ ଓ ଚନ୍ଦ୍ରଶେଖର ବେହେରା ୪୭ ଏବଂ ମଙ୍ଗଳା କ୍ଲବର ଦେବରାଜ ସାହା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶନିବାର ଅପରାହ୍ନ ୧ଟା ୩୦ରେ ଉଦୟ କ୍ଲବ-ସିଆରଆରଆଇ ଏବଂ ଅପରାହ୍ନ ୩ଟା ୩୦ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଶ୍ରୀଲଙ୍କା-ଆଫଗାନିସ୍ତାନ ଉଦ୍‌ଘାଟନୀ ମ୍ୟାଚ୍

ଦୁବାଇ, ୨୬।୮ (ପି.ଟି.)

**ଏସିଆ କପ୍ କ୍ରିକେଟ ଆଜିଠାରୁ**

ଏସିଆ କପ୍ ଟି୨୦ କ୍ରିକେଟ ଶନିବାରଠାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଓ ଆଫଗାନିସ୍ତାନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ।

ଅନ୍ୟ ଥର ତୁଳନାରେ ଏଥର ମ୍ୟାଚଗୁଡ଼ିକ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ପାକିସ୍ତାନ କିମ୍ବଦନ୍ତୀ କ୍ରିକେଟର ୱାସିମ୍ ଆକ୍ରାମ ପୂର୍ବାନୁମାନ କରି କହିଛନ୍ତି। ହଂକଂ ଏକମାତ୍ର ଦଳ କ୍ୱାଲିଫାୟର ହିସାବରେ ଖେଳିବ। ଅନ୍ୟ ଦଳଗୁଡ଼ିକ ହେଲେ ୭ଥର ଚାମ୍ପିୟନ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ବାଂଲାଦେଶ। ପରସ୍ପରକୁ ହରାଇବା ସାମର୍ଥ୍ୟ ଏମାନଙ୍କ ନିକଟରେ ରହିଛି। ଟୁର୍ନାମେଣ୍ଟ ୬ ବର୍ଷ ହେଲା ଟି୨୦ ଫର୍ମାଟରେ ଖେଳାଯାଇ ଆସୁଛି। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କା ଏହାର ଆୟୋଜନ ଲାଗି ନିଜର ଅସାମର୍ଥ୍ୟ ପ୍ରକାଶ କରିବାରୁ ଟୁର୍ନାମେଣ୍ଟକୁ ଶ୍ରୀଲଙ୍କାରୁ ୟୁଏଇକୁ ସ୍ଥାନାନ୍ତର କରାଯାଇଛି। ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବ। ୟୁଏଇ ଓ ସେଠାକାର ଜଳବାୟୁ ମଧ୍ୟରେ ଯଦିଓ ପ୍ରଭେଦ ରହିଛି, ଏସିଆ କପ୍‌ରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ସେମାନଙ୍କ





ଚୂଡ଼ାନ୍ତ ଖେଳାଳି ଚୟନ ଏହି ଟୁର୍ନାମେଣ୍ଟରୁ କରିବେ। ଭାରତ ଏଥିରେ ଏହାର ଉଦ୍‌ଘାଟନୀ ମୁକାବିଲାରେ ରବିବାର ପାକିସ୍ତାନ ବିପକ୍ଷରେ ଖେଳିବ। ଦୀର୍ଘ ଦିନ ଧରି ଖରାପ ସମୟ ଦେଇ ଗତି କରୁଥିବା ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଏସିଆ କପ୍‌ରେ ଅଧିନାୟକ ରୋହିତ ଶର୍ମା ଓ କେ.ଏଲ୍. ରାହୁଲ କିପରି ଖେଳୁଛନ୍ତି ଖେଳପ୍ରେମୀଙ୍କର ସେ ନେଇ ଉତ୍କଣ୍ଠା ରହିବ। ଆଘାତପ୍ରାପ୍ତ ହୋଇଥିବାରୁ ଯଶପ୍ରୀତ ବୁମ୍‌ରା ଏହି ଇଭେଣ୍ଟରେ ଖେଳିବେ ନାହିଁ। ଗତ ଏକ ବର୍ଷ ହେଲା ପାକିସ୍ତାନ ଦଳ ଉପରକୁ ଉଠିବାରେ ଲାଗିଛି। ଟୁର୍ନାମେଣ୍ଟ ଜିତିବା ଲାଗି ଲକ୍ଷ୍ୟ ମଧ୍ୟ ରଖିଥିବ। ପାକିସ୍ତାନ ୧୦ ବର୍ଷ ପୂର୍ବେ ଚାମ୍ପିୟନ ହୋଇଥିଲା। ଅବଶ୍ୟ ସେତେବେଳେ ଏହା ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଖେଳାଯାଉଥିଲା। ତେବେ ଆଘାତଜନିତ ସମସ୍ୟା ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଦଳର ଷ୍ଟାର ପେସର ଶାହିନ ଆଫ୍ରିଦୀ ପ୍ରତିଯୋଗିତାରେ ଭାଗ ନେଉନାହାନ୍ତି। ଅନଭିଜ୍ଞ ମିଡ୍‌ଲ ଅର୍ଡର ଯୋଗୁ ଦଳ ବିଶେଷ କରି ଓପନିଂ ଯୋଡ଼ି ବାବର ଆଜାମ ଓ ମହମ୍ମଦ ରିଜୱାନଙ୍କ ଉପରେ ନିର୍ଭରଶୀଳ ରହିବ। ଆଫଗାନିସ୍ତାନ ଏହାର ପୁରୁଖା ଖେଳାଳି ମହମ୍ମଦ ନବିଙ୍କ ଅଧିନାୟକତ୍ୱରେ ଖେଳିବ। ଦଳ ଉଚ୍ଚ ର୍ୟାଙ୍କିଂପ୍ରାପ୍ତ ଦଳକୁ ପରାସ୍ତ କରିବା ଲକ୍ଷ୍ୟରେ ରହିବ। ବୋଲର ରଶିଦ ଖାଁ ଦଳର ଟ୍ରମ୍ପକାର୍ଡ ରହିବେ। ତେଣୁ ବ୍ୟାଟରମାନଙ୍କୁ ଭଲ ଖେଳିବାକୁ ହେବ। ଶ୍ରୀଲଙ୍କା ଏହାର ନୂଆ ମୁଖ୍ୟ କୋଚ୍ କ୍ରିସ୍ ସିଲଭରଉଡ୍‌ଙ୍କ ଅଧୀନରେ ଉନ୍ନତି କରୁଛି। ଦଳରେ ପ୍ରତିଭା ଖେଳାଳିଙ୍କର ଅଭାବ ନାହିଁ। ଏସିଆ କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଷ୍ଟାର ଖେଳାଳି ହେବା ଲାଗି ସୁଯୋଗ ରହିଛି। ଭଲ ଖେଳି ଦେଶରେ ସଂଘର୍ଷ କରୁଥିବା ଲୋକମାନଙ୍କ ମୁହଁରେ ସେମାନେ ହସ ଫୁଟାଇପାରିବେ। ବିଶ୍ୱକପ୍ ପରଠାରୁ କ୍ରିକେଟର କ୍ଷୁଦ୍ରତମ ଫର୍ମାଟରେ ବାଂଲାଦେଶ ସଂଘର୍ଷ ଚଳାଇ ଆସୁଛି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଜୁନିୟର ଓ ସବ୍‌ଜୁନିୟର ଅଲ୍ ଓଡ଼ିଶା ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଅଂଶଗ୍ରହଣକାରୀ ପ୍ରତିଯୋଗିମାନେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ନୂଆଗାଁ ୨୬।୮(ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଲେ ମୁଦୁରାଙ୍ଗ ଗାଁର ସୁଦର୍ଶନ ନାୟକ (୬୦)। ମୁଦୁରାଙ୍ଗ ଗ୍ରାମର ସୁଦର୍ଶନ ଘରୁ ବାହାରି ରାସ୍ତାରେ ଚାଲିକି ଯାଉଥିଲେ। ଏହି ସମୟରେ ନୂଆଗାଁ ପଟୁ ସୋରଡା ଗ୍ରାମର ଜଣେ ଯୁବକ ବାଇକ୍ ଯୋଗେ ନିଜ ଘର ଅଭିମୁଖେ ଯାଉଥିଲେ। ମୁଦୁରାଙ୍ଗ ନିକଟରେ ସୁଦର୍ଶନଙ୍କୁ ଯୁବକ ଜଣକ ବାଇକ୍ ଯୋଗେ ଧକ୍କା ଦେଇଥିଲେ। ଫଳରେ ସୁଦର୍ଶନ ସେଠାରେ ପଡି ଯାଇଥିଲେ। ଖବରପାଇ ନୂଆଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଓ କଟକ ବଡ ଡାକ୍ତରଖାନାକୁ ନିଆଇଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଦର୍ଶନଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରିଛି। ଅନ୍ୟପକ୍ଷେ ବାଇକ୍ ଚାଳକ ମଧ ଗୁରୁତର ହୋଇ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

### କେନାଲରୁ ଜଣଙ୍କ ମୃତଦେହ ଜବତ

ଛତ୍ରପୁର,୨୬।୮(ଡି.ଏନ୍.ଏ.): ଚମାଖଣ୍ଡି ଥାନା ଅଧୀନ ଗୋବିନ୍ଦପୁର ନିକଟ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ କେନାଲରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନି। ମୃତଦେହକୁ ମେଡିକାଲ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

### ଟ୍ରାକ୍ଟର ଓଲଟି ଜଣେ ମୃତ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.): ମୋହନା ଥାନା ନାରିଙ୍ଗୀ ଘାଟିରେ ଟ୍ରାକ୍ଟର ଓଲଟି ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ମୃତକ ହେଲେ ମୋହନା ଥାନା ଜୁଡିପଥର ଗ୍ରାମର ଉଷା ନାୟକ। ଶ୍ରମିକମାନଙ୍କୁ ନେଇ ଯାଉଥିବା ବେଳେ କୌଣସି କାରଣବଶତଃ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ଶ୍ରମିକମାନଙ୍କ ମଧ୍ୟରୁ ଏକାଧିକ ଆହତ ହୋଇଥିବା ବେଳେ ଉଷାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ବନ୍ୟା ପରେ କୂଅରେ ପଡୁନି ବ୍ଲିଚିଂ ପାଉଡର

ନୂଆଗାଁ, ୨୬।୮ (ଡି.ଏନ.ଏ.)

ଲଗାଣ ବର୍ଷା ଓ ବନ୍ୟା ପରେ ଖୋଲା କୂଅଗୁଡିକର ପାଣି ଦୂଷିତ ହୋଇ ଯାଇଥାଏ। ସେହି ପାଣି ବିଶୁଦ୍ଧ ନ ହେବା ଯାଏ ତାହାକୁ ବ୍ୟବହାର ନ କରିବା ଲାଗି ସରକାର ବିଜ୍ଞାପନ ଦେଉଛନ୍ତି। ସେହି ବିଜ୍ଞାପନ ପାଇଁ ଲକ୍ଷ ଲକ୍ଷ ଟଙ୍କା ମଧ ବ୍ୟୟ ହେଉଛି। କିନ୍ତୁ ଲଗାଣ ବର୍ଷା ପରେ କୂଅଗୁଡିକର ପାଣି ବିଶୁଦ୍ଧ କରିବାକୁ ସରକାର ଭୁଲି ଯାଉଛନ୍ତି। କୂଅ ପାଣିକୁ ବିଶୁଦ୍ଧ କରିବାକୁ ସରକାର ବ୍ଲିଚିଂ ପାଉଡର ଯୋଗାଇ ଦେଉଛନ୍ତି। ହେଲେ ନୂଆଗାଁ ବ୍ଲକରେ କୌଣସି କୂଅରେ ବ୍ଲିଚିଂ ପାଉଡର ପକା ଯାଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅନେକ ଗାଁକୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକମାନେ ଖୋଲା କୂଅ ପାଣିକୁ



ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଖରାଦିନେ ଖୋଲା କୂଅଗୁଡିକ ଶୁଖିଲା ପଡୁଥିବା ବେଳେ ବର୍ଷା ଦିନେ ତାହା ପୂର୍ଣ୍ଣ ହୋଇଯାଇଥାଏ। ଗତ ଲଗାଣ ବର୍ଷାରେ ସବୁ କୂଅରେ ବାହାର ପାଣି ପଶି ପୂର୍ଣ୍ଣ ହେବା ସହ ଗୋଳିଆ ଏବଂ ଦୂଷିତ ହୋଇଯାଇଛି। କିନ୍ତୁ ଲୋକମାନେ ସେହି ପାଣିକୁ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଫଳରେ ଲୋକମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ତେବେ ବ୍ଲିଚିଂ ପାଉଡର ପକାଇବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗର ହୋଇଥିବା ବେଳେ ବ୍ଲକରେ ସ୍ୱାସ୍ଥ୍ୟ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଲୋକମାନେ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅସୁବିଧା ଭୋଗୁଛନ୍ତି। ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା, ଗାଁ ପରିମଳ ଓ ସଫାସୁତରା ରଖିବା ପାଇଁ ଜନସଚେତନତା ସୃଷ୍ଟି କରାଇବା ଆଦି ଗାଁ କଲ୍ୟାଣ ସମିତିର କାର୍ଯ୍ୟ। ହେଲେ ବ୍ଲକରେ ଗାଁ କଲ୍ୟାଣ ସମିତି ସମ୍ପୂର୍ଣ୍ଣ ରୂପେ ଶୋଇ ପଡିଥିବା ଅଭିଯୋଗ ହେଉଛି। ବ୍ଲିଚିଂ ପକାଇବା ବାବଦରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସତୀଶ ନିବେଦନଙ୍କୁ ପଚାରିବାରେ ଆମ ମେଡିକାଲ ଟିମ୍ ଯାଇ ସେ କାମ କରିବା କଥା। ହେଲେ ଆମ ପାଖରେ ବ୍ଲିଚିଂ ପାଉଡର ନ ଥିଲା। ଶୁକ୍ରବାର ଆସି ପହଞ୍ଚିଛି। ତେଣୁ ସୋମବାର କିମ୍ବା ମଙ୍ଗଳବାର ଟିମ୍ ଯାଇ ବ୍ଲିଚିଂ ପାଉଡର କୂଅରେ ପକାଇବ ବୋଲି ସେ କହିଛନ୍ତି।

## ରାତିରେ ହାଇୱାରୁ ବ୍ୟାଟେରି ଚୋରି



ଭାପୁର,୨୬।୮ (ଡି.ଏନ.ଏ.)

ଫତେଗଡ ଥାନା ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମରୁ ବୁଧବାର ବିଳମ୍ବିତ ରାତିରେ ଏକ ହାଇୱାରୁ ୨ଟି ବ୍ୟାଟେରି ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ସୁନାଖଳା ଗାଁର ନକୁଳ ଜେନା ହାଇୱାକୁ ନିଜ ଘର ବାରିପଟେ ରଖନ୍ତି। ସବୁଦିନ ପରି ସକାଳୁ ଉଠି ଗାଡି ଧୋଇବାକୁ ଗଲା ବେଳେ ବ୍ୟାଟେରି ଷ୍ଟାଣ୍ଡଟି ଗାଡି ନିକଟରେ ପଡିଥିବା ବେଳେ ଦୁଇଟି ବ୍ୟାଟେରି ଚୋରି ହୋଇଯାଇଛି। ନକୁଳ କୁହନ୍ତି, ଏହି ବ୍ୟାଟେରି ୨ଟିର ଦାମ ପ୍ରାୟ ୪୦ ହଜାର ଟଙ୍କା ହେବ।

# ବର୍ଷାରେ ଘର ଭୁଶୁଡ଼ିଲା, ସହାୟତା ଦାବି

ଖଣ୍ଡପଡା,୨୬।୮ (ସ୍ୱ.ପ୍ର.)

ଗତ ଲଘୁଚାପଜନିତ ଲଗାଣ ବର୍ଷା ଫଳରେ କଣ୍ଟିଲୋ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ୱାର୍ଡରେ ଥିବା ଝାଟିମାଟି ଘର ଭାଙ୍ଗିଯିବା ସହ ଘର ମଧ୍ୟକୁ ବର୍ଷା ଜଳ ପ୍ରବେଶ କରି ସମସ୍ୟା ସୃଷ୍ଟି କରିଥିଲା। ସମ୍ପୃକ୍ତ ପରିବାର ଲୋକମାନଙ୍କୁ ନିକଟସ୍ଥ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣା ଗ୍ରାମର ହରିଜନ ବସ୍ତିରେ ରହୁଥିବା ନୟନ ନାଏକ ଓ ତପନ ନାଏକଙ୍କ କଚ୍ଚା ଚାଳ ଛପର ଘର ଭୁଶୁଡି ପଡିବାରୁ ସମ୍ପୃକ୍ତ ପରିବାର ଲୋକ ଅସୁବିଧାରେ ଦିନ କାଟୁଛନ୍ତି। ସମ୍ପୃକ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ସେହିପରି କଂସାରୀସାହି ପାଟଣା ପେଟ୍ରୋଲ ପମ୍ପ ନିକଟରେ ବସବାସ କରୁଥିବା ସତ୍ୟ ସୁନ୍ଦର ମଳିକ, ମାଳତି ମଳିକଙ୍କ ଘର ମଧ୍ୟକୁ ବର୍ଷା ଜଳ ପ୍ରବେଶ କରି ଘର ମଧରେ ପାଣି ଜମି ରହିଥିଲା। ପରିବାରର ଜଣେ ଝିଅ ଅନୀତା(୨୦)ଙ୍କୁ ବିଷାକ୍ତ ସାପ ଦଂଶନ କରିଥିଲା। ଅନୀତା ଭୁବନେଶ୍ୱରରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଏବେ ଫେରିଥିବା ଜଣାଯାଇଛି। ତେବେ ବର୍ଷା ସମୟରେ କ୍ଷୟକ୍ଷତି ହୋଇଥିବା ୩୦ଟି


ବର୍ଷାରେ ଭାଙ୍ଗି ଯାଇଥିବା ଘର।

ପରିବାରଙ୍କୁ ଖଣ୍ଡପଡ଼ା ତହସିଲ ପକ୍ଷରୁ ଜରି ପାଲ ଯୋଗାଇ ଦିଆଯାଇଥିବା କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ପ୍ରଧାନଙ୍କଠାରୁ ପ୍ରକାଶ।

## ଜବତ ଧାନ ଟ୍ରକ୍‌କୁ ଯୋଗାଣ ବିଭାଗ ଛାଡ଼ିଦେଲା

ନୟାଗଡ଼ ଅଫିସ,୨୬।୮

ଗଣିଆ ଥାନା ପୋଲିସ ଜବତ କରିଥିବା ୩୦୦ ବସ୍ତା ଧାନକୁ କ୍ଲିନ୍‌ଚିଟ୍ ଦେଇ ଜିଲା ଯୋଗାଣ ବିଭାଗ ଛାଡି ଦେବା ପରେ ସନ୍ଦେହ ବଢ଼ିଛି। ଧାନ ଯଦି ଏଫ୍ଏକ୍ୟୁ ମାନର ନ ଥିଲା ତେବେ ଏହା ପଛରେ ଏକ ବଡଧରଣର ଡିଲ୍ ହୋଇଥିବା ଅଭିଯୋଗ ଉଠିଛି। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ଜବତ ପ୍ରାୟ ୬ ଲକ୍ଷ ଟଙ୍କାର ଧାନ ଟ୍ରକ୍‌କୁ ଛାଡିବା ପଛରେ ଦେଢ଼ ଲକ୍ଷ ଟଙ୍କା କାରବାର ହୋଇଛି। ଏହି ଘଟଣାରେ ପୋଲିସ କହୁଛି, ଜିଲା ଯୋଗାଣ ଅଧିକାରୀ ନେଇଗଲେ। ଜିଲା ଯୋଗାଣ ଅଧିକାରୀ କହୁଛନ୍ତି, ପୋଲିସ ହେପାଜତରେ ଧାନ ଅଛି। ଉଭୟ ପରସ୍ପରକୁ ଦୋଷ ଦେଇ ୬ ଲକ୍ଷ ଟଙ୍କାର ଧାନକୁ ଛାଡି ଦେଇଛନ୍ତି। ଅନ୍ୟପକ୍ଷେ ଧାନକୁ ଏଫ୍ଏକ୍ୟୁ ମାନର ନୁହେଁ କହି ଛାଡି ଦେବା କିଭଳିଆ ଆଇନ ବୋଲି ପ୍ରଶ୍ନ କରିଛନ୍ତି। ଯାହା ତଦନ୍ତ ସାପେକ୍ଷ। ଧାନ କିଣିବା ପାଇଁ ଚାଷୀ ପଞ୍ଜୀକରଣ ଚାଲିଛି। ଏତେ ଧାନ କେଉଁଠୁ ଆସିଲା ଓ କିଏ ନେଉଥିଲା। ସେମାନଙ୍କ ପାଇଁ ପୋଲିସ ଓ ଜିଲା ଯୋଗାଣର ବିଭାଗର ଅନୁକମ୍ପା କାହିଁକି ବୋଲି ଦାଶ କହିଛନ୍ତି। ଏ ନେଇ ଗଣିଆ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରେ ଧାନ ଜବତ ଘଟଣା ୧୦ରୁ ଦିନରୁ ଊର୍ଦ୍ଧ୍ୱ ହେବ। ଯୋଗାଣ ବିଭାଗ କ୍ଲିନ୍‌ଚିଟ୍ ଦେବା ପରେ ସମ୍ପୃକ୍ତ ବିଭାଗକୁ ଧାନ ଟ୍ରକ ହସ୍ତାନ୍ତର କରିଛୁ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକଙ୍କୁ ପଚାରିବାରେ ଜବତ ଧାନ ଏଫ୍ଏକ୍ୟୁ ମାନର ନୁହେଁ। ଏଣୁ ଏହାର ତଦନ୍ତ କରାଗଲା ନାହିଁ। ଧାନକୁ ପୋଲିସ ଜବତ କରିଥିଲା। ଏଣୁ ଧାନ ଟ୍ରକକୁ ଛାଡି ଦିଅଗଲା।

## ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲି

ଭଞ୍ଜନଗର,୨୬।୮(ଡି.ଏନ.ଏ)

ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ପଦବୀ ୩ମାସ ହେବ ଖାଲିପଡ଼ିଛି । ଏଠାରେ କାର୍ଯ୍ୟରତ ଥିବା ଅଧିକ୍ଷଣଯନ୍ତ୍ରୀ ରମେଶ ସ୍ୱାଇଁ ଅବସର ନେବା ପରେ ଉକ୍ତ ପଦବୀ ପୁରଣ ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଉନାହାନ୍ତି। ତେଣୁ ଭାରପ୍ରାପ୍ତ ଦାୟିତ୍ୱରେ ବ୍ରହ୍ମପୁର ଅଧିକ୍ଷଣଯନ୍ତ୍ରୀ ଅଛନ୍ତି। ସେହିଭଳି ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀଟି ମଧ ୨ମାସ ହେବ ଖାଲିପଡ଼ିଛି। ଭଞ୍ଜନଗର ସେକ୍ସନ ୨ ଯନ୍ତ୍ରୀ ପଦବୀଟି ମଧ ବହୁଦିନ ହେବ ଖାଲିପଡ଼ିଛି। ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ କାର୍ଯ୍ୟାଳୟଟି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହୋଇଥିଲେ ମଧ ଉକ୍ତ ତିନି ପଦବୀ ବହୁଦିନ ଧରି ଖାଲି ରହିବା ଦ୍ୱାରା ଉନ୍ନୟନ କାର୍ଯ୍ୟ ଧିମେଇ ଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାପାଇଁ ସୂଚନାକର୍ମୀ ବି.ଶଙ୍କର ପାତ୍ର ଦାବି କରିଛନ୍ତି।

## ଟ୍ରାଫିକ୍ ମୁକ୍ତ ପାଇଁ ଜେଲ ଜମି କରାଯାଉ ପାର୍କିଂ ସ୍ଥାନ

**ବହୁତଳ ମାର୍କେଟ କମ୍ପ୍ଲେକ୍ସ ନିଷ୍ପତ୍ତି ପ୍ରତ୍ୟାହାର ହେଉ**

ନୟାଗଡ଼ ଅଫିସ,୨୬।୮

ନୟାଗଡ଼ ସହରର ମୂଲ୍ୟବାନ ଜମିରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ କରା ନ ଯାଇ ସର୍ବସାଧାରଣଙ୍କ ପାଇଁ ଗାଡ଼ି ପାର୍କିଂ ସ୍ଥଳ କରାଯାଉ। ପୌର ପରିଷଦ ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରୁ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ ବିବୃତିରେ କହିଛନ୍ତି। ନୟାଗଡ଼ ସହର ଟ୍ରାଫିକ୍ ସମସ୍ୟା ବଢୁଥିବାବେଳେ ପାର୍କିଂ ପାଇଁ ସ୍ଥାନ ନ ଦେଇ ପୋଲିସ ୫୦୦ ଲେଖାଏ ଜରିମାନା ବାଇକ୍ ଚାଳକଙ୍କଠାରୁ ଆଦାୟ କରି ମାସକୁ ୧୦ ଲକ୍ଷ ଟଙ୍କାର ରେକର୍ଡ କଲାଣି। ୬୩ ଡିସିମିଲ ପରିମିତ ଜେଲ ଜମି ହେଉଛି ନୟାଗଡ଼ ବଜାର ମଧରେ କେବଳ ଗୋଟିଏ ମାତ୍ର ଖୋଲା ଅଞ୍ଚଳ। ବଜାରରେ ଆଉ ସେପରି ଜମି ନାହିଁ। ଏଠାରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ କରାଗଲେ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିବ। ଉକ୍ତ ଜମିରେ କୋର୍ଟ କମ୍ପ୍ଲେକ୍ସ କରିବାକୁ ବିଚାର ବିଭାଗର ପ୍ରସ୍ତାବ ଥିଲା। ତେବେ ଏ ନେଇ ବିରୋଧାଭାସ କରାଯାଇ ପାର୍କିଂ ଷ୍ଟାଣ୍ଡ କରିବାକୁ ବହୁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଥିଲା। ଏବେ ସମ୍ପୃକ୍ତ ଜମିରେ କିପରି ବହୁତଳ ମାର୍କେଟ କମ୍ପ୍ଲେକ୍ସ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସହରରେ ଅନେକ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି। ତେବେ ମାର୍କେଟ ପାଇଁ ପ୍ଲାନ ନ ଥାଇ ମାର୍କେଟ କମ୍ପ୍ଲେକ୍ସ ପ୍ଲାନ ମଞ୍ଜୁର କରାଯାଇଥିବାରୁ ଏବେ ପାର୍କିଂ କରିବାକୁ ସ୍ଥାନ ନାହିଁ। ପୁଣି ଥରେ ପୂର୍ବବତ ଭୁଲ କଲେ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଆଉ କେବେ ହେଲେ ସୁଧାର ଆସିବ ନାହିଁ ବୋଲି କହିଛନ୍ତି।

# ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଠ ପଢ଼ିଲେ ଅଙ୍ଗନୱାଡ଼ି ଶିଶୁ

ପୁରୁଷୋତ୍ତମପୁର,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ୱାର୍ଡ ନଂ ୯ ରଥସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଗୃହ ନଥିବା ଯୋଗୁଁ ଶିଶୁମାନେ ଖୋଲା ଆକାଶ ତଳେ ଖରାରେ ବସି ପାଠ ପଢୁଥିଲେ। ଏ ନେଇ ଧରିତ୍ରୀ ଲାଇଭରେ ଗତ ୧୯ତାରିଖରେ ଖବର ପ୍ରସାରଣ ହୋଇଥିଲା। ଏହା ପରେ ପ୍ରଶାସନର ନିଦ ଭାଙ୍ଗିଛି। ପୁରୁଷୋତ୍ତମପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ ଘନଘନ କେନ୍ଦ୍ର ପରିଦର୍ଶନ କରି ଶିକ୍ଷା ବିଭାଗିୟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏହି ୱାର୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଅସ୍ଥାୟୀ ଭାବରେ ଅଙ୍ଗନୱାଡି କେନ୍ଦ୍ର ଚଳାଇବାକୁ କହିଛନ୍ତି। ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଶିଶୁମାନେ ପାଠ ପଢା ଆରମ୍ଭ କରିଛନ୍ତି। ଏହା ସହ ଧୋବାସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଦରକାରୀ ଭାବେ ଅତିରିକ୍ତ ଗୃହକୁ ବ୍ଲକ ଶିକ୍ଷା ବିଭାଗ ଗୋଦାମ କରି ରଖିଥିବା ହେତୁ ଏହି ଗୃହ ଉପରେ ନୂତନ ଗୃହ ନିର୍ମାଣ କରି ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଇ ଦେବା ଲାଗି ଏନ୍ଏସି ପ୍ରଶାସନ ପକ୍ଷରୁ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯନ୍ତ୍ରୀମାନେ ଆସି ଅନୁଧାନ କରିଛନ୍ତି। ଶିକ୍ଷା ବିଭାଗ ଠାରୁ ଯେତେ ଶୀଘ୍ର ଅନୁମତି ମିଳିବ ସେତେ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଉପାଧ୍ୟକ୍ଷ ପଣ୍ଡା କହିଛନ୍ତି।


ଧୋବାସାହି ସ୍କୁଲରେ ପଢୁଛନ୍ତି ଅଙ୍ଗନୱାଡ଼ି ଶିଶୁ ।

## ୨୮ରୁ ଏନ୍ଏସି କପ୍ ଫୁଟବଲ

ଖଣ୍ଡପଡ଼ା, ୨୬।୮ (ସ୍ୱ.ପ୍ର.)

ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଏନ୍ଏସି କପ ଫୁଟବଲ ଟୁର୍ନାମେଣ୍ଟ–୨୦୨୨ ଆସନ୍ତା ୨୮ ତାରିଖରୁ ସ୍ଥାନୀୟ ମଧୁବନ ଖେଳ ପଡିରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି। ୭ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

# କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ଅଧିବେଶନ


ଆସୋସିଏଶନ ପକ୍ଷରୁ ମୁଖପାତ୍ର ଜୀବନାୟନକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ନୟାଗଡ଼ ଅଫିସ,୨୬।୮

ନୟାଗଡ଼ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ୫ମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଡ୍ରଗସ୍ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ, ଅନୁଷ୍ଠାନର ରାଜ୍ୟ ସଭାପତି ପି. ସତ୍ୟ ନାରାୟଣ ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ସଭାପତି ପ୍ରହଲ୍ଲାଦ ସାହୁ, ସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ପରମାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ଏଥିରେ ଅନୁଷ୍ଠାନର ମୁଖପତ୍ର ଜୀବନାୟନ ଉନ୍ମୋଚନ ହୋଇଥିଲା। ସଂଗ୍ରାହକ ସଞ୍ଜୟ କୁମାର ସାହୁ, ଶ୍ରେଷ୍ଠ ସମାଜିକ କର୍ମୀ ବିଭୂତି ପଟ୍ଟନାୟକ, ଖବରଦାତା ପ୍ରଦୀପ ରଥ, ୭ ଡାକ୍ତର, ୫ ବର୍ଷୀୟାନ ଔଷଧ ବ୍ୟବସାୟୀଙ୍କ ସମେତ ଅନ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମାଛ ଯାଆଁଳ ଚାଷକରି ଲୋକଙ୍କୁ ଦେଲେ ରୋଜଗାର

ଭାପୁର ,୨୬।୮(ଡି.ଏନ.ଏ.)

ବହୁ ବ୍ୟକ୍ତି ଚାକିରି କ୍ଷେତ୍ରରୁ ଅବସର ନେଲା ପରେ ଘରେ ବସିଥାନ୍ତି। ହେଲେ ଚାକିରି ଅବସର ନେଇ ମାଛ ଯାଆଁଳ ଛାଷ କରି ଦେବରାଜ ରଣା ଅଧିକ ରୋଜଗାର କରିବା ସହ ଅନ୍ୟମାନଙ୍କୁ ରୋଗଗାର ଦେଇ ପାରିଛନ୍ତି। ନୟାଗଡ଼ ଜିଲା ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ମାଧପୁର ଗାଁର ଦେବରାଜ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗରେ ଚାକିରି କରିଥିଲେ। ସେ ୮ବର୍ଷ ପୂର୍ବରୁ ଚାକିରିରୁ ଅବସର ନେଇଥିଲେ। ଗାଁକୁ ଆସିବା ପରେ କ'ଣ କରିବେ ଭାବି ଚିନ୍ତା କରିଥିଲେ। ଚାକିରି ଜୀବନରେ ପାଇଥିବା ଅଭିଜ୍ଞତାର ସଦୁପଯୋଗ କରି ନିଜେ କିଛି ରୋଜଗାର କରିବା ଓ ଅନ୍ୟମାନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ମାଛ ଯାଆଁଳ ଚାଷ ସହ ପନିପରିବା ଓ କୁକୁଡା ଫାର୍ମ କରିଛନ୍ତି। ସେ ଗ୍ରାମ ନିକଟ କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡା ଛକରୁ ରାଣୀଛେଳି ରାସ୍ତାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କଡରେ ୪ ଏକର ପଡିଆ ଜମି କିଣିଥିଲେ। ସେଥିରେ ଗୋଟିଏ ବଡ କୁକୁଡ଼ା ଫାର୍ମ ସହ ୭ ଟି ପୋଖରୀ ଖୋଳି ୨୦୧୩ ମସିହାରୁ ମାଛ ଯାଆଁଳ ଚାଷ ଆରମ୍ଭ କରିଥିଲେ। ସେଠାରେ ବିଭିନ୍ନ ପ୍ରକାରର ଫଳଗଛ ମଧ ଲଗାଇଛନ୍ତି। କୋଲକାତାରୁ ମାଛ ଫେଣ ଆଣି ନିଜେ ଛୁଆ ଫୁଟାଇ ମାଛ ଚାଷୀମାନଙ୍କୁ ଯାଆଁଳ ବିକ୍ରି କରିଥାନ୍ତି। କୋଲକତାରରେ ମାଛ ଯାଆଁଳ ଫେଣ ଶସ୍ତା ରହିଥାଏ। ସେଠାରେ ନ ମିଳିଲେ ରାଜ୍ୟର ବିଭିନ୍ନ ସ୍ଥାନରୁ ମାଛ ଯାଆଁଳ ଫେଣ କିଣିଥାନ୍ତି।

୭ଟି ପୋଖରୀରେ ବିଭିନ୍ନ ପ୍ରଜାତିର ମାଛ ଚାଷ କରିଥାନ୍ତି। ମାଛ ଚାଷୀମାନଙ୍କୁ ଯାଆଁଳ ବିକ୍ରି କରିଥାନ୍ତି। ଯେଉଁ ଯାଆଁଳ ବିକ୍ରି ହୋଇ ନ ପାରି ରହିଯାଏ ମାଛ ବଡ ହେଲା ପରେ ତାହାକୁ ବିକ୍ରି କରିଥାନ୍ତି। ଏହି ଫାର୍ମରେ ନିଜେ ପରିଶ୍ରମ କରିବା ସହ କେତେଜଣ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ଦେଇଛନ୍ତି। ସେମାନେ ଫାର୍ମରେ ରହି ରୋଜଗାର କରି ନିଜର ପରିବାର ଚଳାଉଛନ୍ତି। ଦେବରାଜଙ୍କୁ ତାଙ୍କ ପୁଅ ମଧ ଏହି ମାଛ ଚାଷରେ ସହଯୋଗ କରିଥାନ୍ତି। ଏହି ଫାର୍ମକୁ ସବୁଦିନ ବିଭିନ୍ନ ସ୍ଥାନରୁ ଲୋକ କେବଳ ଦେଖିବାକୁ ଆସିଥାନ୍ତି। ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବ୍ୟକ୍ତିମାନେ ମାଛ ଚାଷ ପାଇଁ ଏହିଠାରୁ ଯାଆଁଳ କିଣି ନେଇ ମାଛ ଚାଷ କରିଥାନ୍ତି। ଦେବରାଜ କୁହନ୍ତି, କେବଳ ମାଛ ଯାଆଁଳ ଚାଷ କରି ସେ ବାର୍ଷିକ ହାରାହାରି ୩ରୁ ୪ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି। ଭାପୁର ଅଞ୍ଚଳରେ ମାଛ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅନ୍ୟ ମାଛ ଚାଷୀମାନଙ୍କୁ କିପରି ମାଛ ଚାଷ କଲେ ଲାଭବାନ ହୋଇପାରିବ ସେ ବିଷୟରେ ବୁଝାଇଥାନ୍ତି।


ଦେବରାଜ ରଣାଙ୍କ ପୋଖରୀ କରାଯାଇଥିବା ମାଛ ଯାଆଁଳ ଚାଷ।

## ସଂକ୍ଷେପରେ

### ସିଂହପୁର ବଜାରରେ ଶୌଚାଳୟ ନିର୍ମାଣ ଦାବି

ସିଂହପୁର,୨୬।୮(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ସିଂହପୁର ବଜାରରେ ଏପର୍ଯ୍ୟନ୍ତ ଶୌଚାଳୟ ନିର୍ମାଣ କରାଯାଇ ନାହିଁ। ଫଳରେ ଏଠାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବ୍ୟବସାୟ କେନ୍ଦ୍ର ସହିତ ବସ୍‌ଷ୍ଟାଣ୍ଡ ରହିଛି। ତେଣୁ ପ୍ରତିଦିନ କିଣାବିକା କରିବାକୁ ବିଭିନ୍ନ ଅଞ୍ଚଳରୁ ଲୋକ ଆସନ୍ତି। ସେହିପରି କଟକ ଭୁବନେଶ୍ୱର, ରାଉରକେଲା ଓ କଲିକତା ସମେତ ଦୂରଦୂରାନ୍ତକୁ ଯିବାକୁ ଯାତ୍ରୀ ବଜାରରେ ଅପେକ୍ଷା କରନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇ ନ ଥିବାରୁ ଯାତ୍ରୀ, ବ୍ୟବସାୟୀ ଗ୍ରାହକ ହୀନସ୍ତା ଭୋଗୁଛନ୍ତି। ବିଶେଷତଃ ମହିଳାମାନେ ଅଧିକ ସମସ୍ୟା ଭୋଗୁଥିବା ନଜରକୁ ଆସୁଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଶୌଚାଳୟ ନିର୍ମାଣ କରିବାକୁ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ନିକଟରେ ଦାବି କରିଛନ୍ତି।

### ଫେରାର ଅଭିଯୁକ୍ତ କୋର୍ଟଚାଲାଣ

**ପାଣିକୋଇଲି,୨୬।୮(ଡି.ଏନ.ଏ.):** ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ପାଣିକୋଇଲି ଥାନା ଅଧୀନ ପଥରପଦା ପଞ୍ଚାୟତ ତାଜପୁର ଗ୍ରାମର ମହେନ୍ଦ୍ର ବେହେରା। ପାରିବାରିକ କଳହକୁ ନେଇ ମହେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ସ୍ତ୍ରୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ହେଲେ କୋର୍ଟ ମାମଲା ଅନୁଯାୟୀ ମହେନ୍ଦ୍ର ହାଜର ହୋଇ ନ ଥିଲେ। ଫଳରେ ତାଙ୍କ ବିରୋଧରେ ୱାରେଣ୍ଟ୍ ଜାରି ହୋଇଥିଲା । ଏହି ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଆଜିଠାରୁ ୨ୟ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର

**ପାଣିକୋଇଲି,୨୬।୮(ଡି.ଏନ.ଏ.):** ଶନିବାରଠାରୁ ଦୁଇ ଦିନ ବ୍ୟାପୀ ୨ୟ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ପାଣିକୋଇଲି ଓଡ଼ିଆଣୀ ପରିସରରେ ଅନୁଷ୍ଠିତ ହେବ। ଆଧୁନିକତା ନାମରେ ହଜିଯାଉଥିବା ପ୍ରତି ଓଡ଼ିଆଣୀର ମୌଳିକ ଚିତ୍ର ଓ ଚରିତ୍ରକୁ ରଙ୍ଗତୁଳୀ ମାଧ୍ୟମରେ ଉଜାଗର କରିବା ଲକ୍ଷ୍ୟରେ ପାଣିକୋଇଲି ଆମ ଓଡ଼ିଆଣୀ ଆୟୋଜିତ ଓ ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ସହଯୋଗରେ ଉକ୍ତ ଶିବିର ଆୟୋଜନ କରାଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ଚିତ୍ର ଶିଳ୍ପୀ ଯୋଗଦେଇ ଓଡ଼ିଶାର ପୁରପଲ୍ଲୀର ନିଚ୍ଛକ ଓଡ଼ିଆଣୀର ଚିତ୍ର ଆଙ୍କି ପ୍ରତି ଓଡ଼ିଆଣୀକୁ ସମ୍ମାନ ଜଣାଇବେ। ବିଶିଷ୍ଟ ଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ଏହା ଆନୁଷ୍ଠାନିକ ଭାବେ ୨୮ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ। ଏଥିସହିତ ନୂଆ ଆଲୋକ ଏବଂ ଓଡ଼ିଆଣୀ ମିଳିତ ଆନୁକୂଲ୍ୟରେ ୨୮ ତାରିଖରେ ଏକ ମେଗା ରକ୍ତଦାନ ଶିବିର ଓଡ଼ିଆଣୀ ପରିସରରେ କରାଯିବ ବୋଲି ଓଡ଼ିଆଣୀର ମାଲିକ ଦିଲ୍ଲୀପ ପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଦଶରଥପୁରବାସୀଙ୍କ ଦୁଃଖ 'କାଣୀ'

ଯାଜପୁର ଅଫିସ,୨୬।୮

ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବୈତରଣୀର ଶାଖାନଦୀ କାଣୀ ଦଶରଥପୁର ବ୍ଲକବାସୀଙ୍କ ପାଇଁ ଦୁଃଖ ପାଲଟିଛି। ଦିନେ ଦଶରଥପୁର ବ୍ଲକର କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା ପଞ୍ଚାୟତବାସୀଙ୍କ ସୁଖର ସାଥୀ ଥିଲା ଏହି ନଦୀ। ପ୍ରତ୍ୟେକ ବର୍ଷ ଏହି ୩ ପଞ୍ଚାୟତର ଶତାଧିକ ଚାଷୀ କାଣୀ ନଦୀପଠାରେ ପନିପରିବା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରି ଆସୁଥିଲେ।

କସପା ପଞ୍ଚାୟତର ବ୍ରହ୍ମଚାରୀପାଟଣାଠାରୁ ବୈତରଣୀରୁ ଉପୁଡ଼ି ହୋଇଥିବା କାଣୀ ନଦୀର କଣ୍ଟପଡ଼ା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜଳସେଚନ ବିଭାଗ ତରଫରୁ ୨୦୧୩ରେ ସ୍ଥାୟୀ ବନ୍ଧ ନିର୍ମାଣ କରାଯାଇଛି। କଣ୍ଟପଡ଼ା ପୋଲ ଯାଏ ଏହି ନଦୀବନ୍ଧର ଲମ୍ବ ପ୍ରାୟ ୫ କିମି। ଏହାବାଦ କୁଅଁରସାହି ପୋଲ ପର୍ଯ୍ୟନ୍ତ ନଦୀର ଉଭୟ ପାର୍ଶ୍ୱରେ ଡ୍ରେନେଜ ବିଭାଗ ପକ୍ଷରୁ ୨ କିମି ଲମ୍ବ ଘେରି ବନ୍ଧ ନିର୍ମାଣ କରାଯାଇଛି। ମାତ୍ର କାଣୀ ନଦୀବନ୍ଧ ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହେଉଛି। ଫଳରେ ପ୍ରତିବର୍ଷ ନଦୀ ବନ୍ଧ ଭାଙ୍ଗିବା(ଘାଇ) ଯୋଗୁ ବହୁ ଲୋକଙ୍କ ଜୀବନଜୀବିକା ବିପନ୍ନ ହେଉଛି। ୨୦୨୦ରେ କାଣୀ ନଦୀର ନୂଆଶାସନଠାରେ ୧୫୦ଫୁଟ୍ ଓ କଣ୍ଟପଡ଼ାଠାରେ ୭୦ ଫୁଟ ଘାଇ ସୃଷ୍ଟି ହେବା ଯୋଗୁ ୧୫ ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବିପନ୍ନ ହୋଇଥିଲେ। ସେହିପରି ୨୦୨୧ରେ



କାଣୀନଦୀରେ ହୋଇଥିବା ଘାଇ।

**୨୦୨୦ ମସିହାରୁ ଏଯାଏ ୬ ଥର ଘାଇ**

କାଣୀନଦୀରେ ମଲ୍ଲିକାପୁରଠାରେ ୧୦୦ଫୁଟ୍ ଏବଂ କଣ୍ଟପଡାଠାରେ ୭୦ ଫୁଟ୍‌ର ଘାଇ ସୃଷ୍ଟି ହେବା ସହ ବୈତରଣୀ ନଦୀର ଦଉପୁରଠାରେ ୨୦୦ ଫୁଟ୍‌ର ଘାଇ ଦ୍ୱାରା ୧୯ ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକେ ପ୍ରଭାବିତ ହୋଇଥିଲେ। ଚଳିତ ବର୍ଷ ୨ ଥର ବୈତରଣୀ ନଦୀରେ ବନ୍ୟା ଆସିବା ଫଳରେ ଏହାର ଶାଖା ନଦୀ କାଣୀରେ ବ୍ରହ୍ମଚାରୀପାଟଣାଠାରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଏହାବାଦ କଣ୍ଟପଡାଠାରେ ପୂର୍ବବର୍ଷରୁ ମୁକୁଳା ପଡିଥିବା ୭୦ ଫୁଟ୍‌ର ଘାଇ ସଂପ୍ରସାରିତ ହୋଇ ୨୦୦ ଫୁଟରେ ପହଞ୍ଚିବା ଦ୍ୱାରା ୧୩ ପଞ୍ଚାୟତର ୧୪ ହଜାର ଲୋକ ବନ୍ୟାରେ ତଳିତଳାନ୍ତ ହୋଇଛନ୍ତି। ଏଥିସହିତ ବହୁ ହଜାର ହେକ୍ଟର ଚାଷଜମି, ଫସଲ ନଷ୍ଟ ହେବା ସହ ବ୍ୟାପକ ଜମିରେ ବାଲି ଚରି ଯାଉଥିବାର ଦେଖାଯାଇଛି।

ସରକାରଙ୍କ ତରଫରୁ ପ୍ରତିବର୍ଷ କାଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧକୁ ସୁଦୃଢ଼ କରିବାକୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ତାହା ଫଳପ୍ରଦ ହେଉନାହିଁ। ୨୦୨୧ରେ କାଣୀ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୧୮ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଗୌରବ କନଷ୍ଟ୍ରକ୍ସନ ନାମକ ଏକ ଠିକା ସଂସ୍ଥାକୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଉକ୍ତ ସଂସ୍ଥା ଏଯାଏ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି ବୋଲି ମତପ୍ରକାଶ ପାଇଛି। ସେହିପରି କାଣୀ ନଦୀ ମୁହାଣରେ ସ୍ଲୁଇସ ବ୍ୟବସ୍ଥା, ନଦୀ ନିକଟବର୍ତ୍ତୀ ଗ୍ରାମପାର୍ଶ୍ୱ ନଦୀବନ୍ଧକୁ ପଥରପ୍ୟାକିଂ ସହିତ ନଦୀ ଶଯ୍ୟାକୁ ସଫେଇ କରିବା ଏବଂ ବ୍ରହ୍ମଚାରୀପାଟଣାଠାରୁ କୁଅଁରସାହି ପର୍ଯ୍ୟନ୍ତ ନଦୀବନ୍ଧକୁ ସମ୍ପ୍ରସାରିତ କରାଗଲେ କାଣୀ ନଦୀ ପୁନର୍ବାର ଲୋକଙ୍କ ଜୀବନଜୀବିକାରେ ସହାୟକ ହୋଇ ପାରିବ ବୋଲି ମତପ୍ରକାଶ ପାଇଛି।

### ୫ରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ମରୁଡି ପ୍ରପୀଡ଼ିତ ଚାଷୀଙ୍କୁ ସହାୟତା ଯୋଗାଇବା ଦାବି ଯୋର ଧରିଲା**

ପାଣିକୋଇଲି,୨୬।୮(ଡି.ଏନ.ଏ.)

୨୦୨୧ରେ କୋରେଇ ବ୍ଲକ ଅଧୀନ ୨୮ଟି ପଞ୍ଚାୟତରେ ଅଭାବୀ ବର୍ଷା ଯୋଗୁ ଭୟାବହ ମରୁଡି ଦେଖାଦେଇଥିଲା। ଫଳରେ ଉକ୍ତ ବ୍ଲକର ୧୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇ ନ ପାରି ଜମି ପଡ଼ିଆ ପଡ଼ିଥିଲା। ଏ ସମ୍ପର୍କରେ ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ପ୍ରତ୍ୟେକ ଗ୍ରାମକୁ ଯାଇ ମରୁଡି ଅନୁଧାନ କରିଥିଲେ। ଆଶା କରାଯାଉଥିଲା ଚାଷୀଙ୍କୁ ଏଭଳି ଭୟାବହ ମରୁଡି ପରିସ୍ଥିତିରେ ସରକାରୀ ସହାୟତା ମିଳିବ। କିନ୍ତୁ ମରୁଡିର ଏକ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସହାୟତା ସରକାରଙ୍କ ପକ୍ଷରୁ ମିଳିଲା ନାହିଁ। ଫଳରେ ଚାଷୀଙ୍କ ମନରେ ନୈରାଶ୍ୟ ଦେଖାଦେଇଛି। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ, ଜିଲାପାଳ, କୋରେଇ ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ମରୁଡ଼ି ସହାୟତା ଦାବିରେ ଆସନ୍ତା ୫ ତାରିଖରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କୃଷକ ମଞ୍ଚ ପକ୍ଷରୁ ଧାରଣା ଦେବାକୁ କୃଷକ ନେତା ବଳରାମ ସାହୁ, ଅନାମ ଚରଣ ମହାପାତ୍ର, ଗଙ୍ଗାଧର ସାହୁ, ବିନୋଦ ଜେନା, ଗଣନାଥ ସାହୁ, ଅଦୈତ୍ୟ ଚରଣ ଦାଶ, ଶାନ୍ତନୁ ପଣ୍ଡା, ଅନିଲ ବୋଇତାଇ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ବେଆଇନ ପାଚେରି ଭଙ୍ଗାଗଲା



ପାଚେରି ଭାଙ୍ଗିବାକୁ ଆସିଥିବା ଅଧିକାରୀ ଓ ପୋଲିସ।

ଧର୍ମଶାଳା,୨୬।୮(ଡି.ଏନ.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲ ଅନ୍ତର୍ଗତ କବାଟବନ୍ଧ ମୌଜାରେ ନିର୍ମିତ ଏକ ବେଆଇନ ପାଚେରିକୁ ତହସିଲ ପକ୍ଷରୁ ଶୁକ୍ରବାର ଭଙ୍ଗାଯାଇଛି। କବାଟବନ୍ଧ ଗ୍ରାମର ସୁରେନ୍ଦ୍ର କୁମାର ସାହୁଙ୍କ ଘର ପାର୍ଶ୍ୱରେ ଥିବା ସରକାରୀ ଜମିରୁ ୪ଡିସମିଲକୁ ବେଆଇନ ଭାବେ ନିଜ ଦଖଲକୁ ନେଇ ସେହି ଗ୍ରାମର ସୋମନାଥ ସାହୁ, ଭରତ ବେହେରା, ହେମନ୍ତ ବେହେରା, ଜୟନ୍ତ ବେହେରା ଓ ଶ୍ରୀକାନ୍ତ ବେହେରା ପାଚେରି ନିର୍ମାଣ କରିଥିଲେ। ଏନେଇ ସୁରେନ୍ଦ୍ର ହାଇକୋର୍ଟରେ କେଶ କରିଥିଲେ। କୋର୍ଟ ଏହାକୁ ବିଚାର କରି ପାଚେରି ଉଚ୍ଛେଦ କରିବା ପାଇଁ ଯାଜପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରସୁଲପୁର ଅତିରିକ୍ତ ତହସିଲଦାର ମୋହନ ଜେନା, ଜେନାପୁର ଥାନାଅଧିକାରୀ ଉମାକନ୍ତ ନାୟକ, ଆରଆଇ ଚନ୍ଦନ କୁମାର ସାହୁ ଓ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଏକ ସେକସନ ଫୋର୍ସ ସହ ସେଠାରେ ଉପସ୍ଥିତ ରହି ପାଚେରିକୁ ମେଶିନ ସହାୟତାରେ ଭଙ୍ଗିଥିଲେ।

### ଚିକିତ୍ସା ଅବହେଳାରୁ ନାଗସାପ ମୃତ

କଳିଙ୍ଗନଗର,୨୬।୮(ଡି.ଏନ.ଏ.)

ବ୍ୟାସନଗର ସହର ପ୍ରାଣୀଧନ ଚିକିତ୍ସାଳୟରେ ଡାକ୍ତରଙ୍କ ତ୍ୱରିତ ଚିକିତ୍ସା ଅଭାବରୁ ଏକ ନାଗ ସାପର ମୃତ୍ୟୁ ହୋଇଛି। ବ୍ୟାସନଗର ପୌରାଞ୍ଚଳ ନହକା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନ ସାଢେ ଏଗାରଟାରେ ଏକ ପୁରୁଣା ଘର ଭଙ୍ଗାଯାଉଥିବା ସମୟରେ ଇଟା କାନ୍ଥ ପଡ଼ିବା ଫଳରେ ସେଠାରେ ଥିବା ନାଗ ସାପ ଗୁରୁତର ହୋଇଥିଲା। ସ୍ନେକ ହେଲ୍ପଲାଇନ ସଦସ୍ୟ ମଣିଭଦ୍ର ମଲିକ ପହଞ୍ଚି ସାପକୁ ଉଦ୍ଧାର କରିବା ସହିତ ଏହାର ଚିକିତ୍ସା ପାଇଁ ଯାଜପୁର ରୋଡ୍ ପ୍ରାଣୀଧନ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପହଞ୍ଚି ଡାକ୍ତରଙ୍କ ସହିତ ଯୋଗାଯୋଗ କରିବାରୁ ଡାକ୍ତର ତାଙ୍କୁ ଅପରାହ୍ନ ୩ଟାରେ ଆସିବାକୁ କହିଥିଲେ। ୩ଟା ବେଳେ ସାପକୁ ମେଡିକାଲ ନେବା ବେଳକୁ ସାପ ମରି ଯାଇଥିବା ଡାକ୍ତର କହିଥିଲେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଚିକିତ୍ସାଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ସାପର ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ରୋଡ ପ୍ରାଣୀଧନ ଚିକିତ୍ସାଳୟର ଭାରପ୍ରାପ୍ତ ଡାକ୍ତର ପାର୍ଥସାରଥୀ ଜେନାଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହିତ ଅଫିସ ସମୟ(ସକାଳ ୭ରୁ ୧୧ ଘଡିକା ଏବଂ ଅପରାହ୍ନ ୪ରୁ ୬ ଘଡିକା)। ତେଣୁ ବାହାରେ ସାପଟି ଆହତ ହେବାରୁ ଚିକିତ୍ସା ସମ୍ଭବ ହୋଇପାରି ନ ଥିବା କହିଛନ୍ତି।

### ୫-ଟି ସ୍କୁଲ୍ ସ୍ଥିତି ପରଖିଲେ ଜିଲା ଶିକ୍ଷାଧିକାରୀ



ଜିଲା ଶିକ୍ଷାଧିକାରୀ ଏକ ବିଦ୍ୟାଳୟରେ ପିଲାଙ୍କ ସହ ଆଲୋଚନା କରୁଛନ୍ତି।

ରସୁଲପୁର,୨୬।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୫-ଟି ରୂପାନ୍ତରିକରଣ ହୋଇଥିବା ବିଦ୍ୟାଳୟ ଗୁଡିକ ମଧ୍ୟରୁ ଶୁକ୍ରବାର ଶିକ୍ଷାଧିକାରୀ ମାନେ ୧୦ ସ୍କୁଲ୍‌ର ସ୍ଥିତି ପରଖିଛନ୍ତି। ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ବ୍ଲକ ଅଧୀନ ରାହାମ୍ବା ପଞ୍ଚାୟତର କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଗନ୍ଧଣ ପଞ୍ଚାୟତର ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟ ବୁଲିଛନ୍ତି। ସେହିପରି ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିବା ବେଳେ ଅତିରିକ୍ତ ଶିକ୍ଷାଧିକାରୀ ଅନ୍ୟ ସ୍କୁଲଗୁଡିକୁ ପରିଦର୍ଶନ କରିଛନ୍ତି। ୫-ଟିରେ ରୂପାନ୍ତରିକରଣ ହୋଇଥିବା ବିଦ୍ୟାଳୟ ଗୁଡିକରେ ଇ-ଲାଇବ୍ରେରି, ଇ-ଲାବୋରେଟୋରି, ସ୍ମାର୍ଟକ୍ଲାସ ଭଳି କେତେକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଦ୍ୟାର୍ଥୀଙ୍କୁ ତୃଣମୂଳସ୍ତରରୁ ଉନ୍ନତମାନର ଶିକ୍ଷାଦାନ ପାଇଁ ବିଦ୍ୟାଳୟଗୁଡିକରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ଏହି ସବୁ ଭିତ୍ତିଭୂମିର ବିନିଯୋଗ ଠିକ୍‌ରେ ହେଉଛି କି ନାହିଁ ତାହାକୁ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ୫-ଟି ସ୍କୁଲରେ ପିଲା କେତେ ଫାଇଦା ପାଉଛନ୍ତି ସେ ନେଇ ଶିକ୍ଷକଙ୍କ ସହ ଅଧିକାରୀମାନେ ଆଲୋଚନା କରିଛନ୍ତି। ଇ-ଲାଇବ୍ରେରିରେ ଉପଲବ୍ଧ ବହିରୁ ପିଲାଙ୍କୁ କେତେ ଇସ୍ୟୁ କରାଯାଇଛି ସେ ନେଇ ପରିଚାଳନା କରାଯାଉଥିବା ରେଜିଷ୍ଟାରଗୁଡିକୁ ଶିକ୍ଷା ଅଧିକାରୀମାନେ ଯାଞ୍ଚ କରିଛନ୍ତି। ପ୍ରତ୍ୟେକ ସ୍ମାର୍ଟ ସ୍କୁଲରେ ବିଦ୍ୟୁତ୍ ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି ବୋଲି ଅଧିକାରୀ ଅନୁଭବ କରିଛନ୍ତି। ଏ ଦିଗରେ ସରକାରଙ୍କୁ ରିପୋର୍ଟ ଜରିଆରେ ଅବଗତ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ଡ୍ରାଇଭର ସଂଘ ପକ୍ଷରୁ ସିଂହପୁର ବଜାର ସଫେଇ

ସିଂହପୁର,୨୬।୮(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରକୁ ଡ୍ରାଇଭର ସଂଘ ପକ୍ଷରୁ ସଫେଇ କରାଯାଇଛି। ଏଠାରେ ଅଳିଆ ଆବର୍ଜନା ଦୀର୍ଘଦିନ ହେଲା ପଡ଼ିରହିଥିଲା। ଫଳରେ ବଜାରର ପରିବେଶକୁ ଅସ୍ୱାସ୍ଥ୍ୟକର କରୁଥିଲା। ସିଂହପୁର ଏକ ବସ୍‌ଷ୍ଟାଣ୍ଡ ଓ ବ୍ୟବସାୟ କେନ୍ଦ୍ର ହୋଇଥିବାରୁ ବହୁ ଦୂର ଦୂରାନ୍ତରୁ ଲୋକ ଆସନ୍ତି। ବଜାରର ଅଳିଆ ଆବର୍ଜନା ପରିବେଶ ଦେଖି ସିଂହପୁର ଡ୍ରାଇଭର ସଂଘ ପକ୍ଷରୁ ବଜାରକୁ ସଫେଇ କରାଯିବା ସହ ଚାରାରୋପଣ କରାଯାଇଛି। ଏଥିରେ ଡ୍ରାଇଭର ସଂଘର ସମ୍ପିତ ସାମଲ, ଅଶୋକ ରଥ, ଯଯାତି ଜେନା, ଉମେଶ ସେଠୀ, ତପନ ରାଉତ, ମନୋଜ ମଲିକ, ରବୀନ୍ଦ୍ର ସେଠୀ, ନବଘନ ମଲିକ, ଅର୍ଜୁନ ଦାସ, ପ୍ରହଲ୍ଲାଦ କାଣ୍ଡି ଓ ପ୍ରଶାନ୍ତ ବେହେରାଙ୍କ ସମେତ ଅନେକ ଡ୍ରାଇଭର ସାମିଲ ହୋଇଥିଲେ। ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



ବଜାର ସଫେଇ କରାଯାଉଛି।

### ବୈରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

ଛତିଆ,୨୬।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ବୈରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଜ୍ଞାନ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୬୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନେ ପ୍ରଦୂଷଣ ଓ ଏହାର ନିରାକରଣ, ସୌର ପ୍ରକଳ୍ପ, ଜୈବ ବିବିଧତା, ବିଶ୍ୱ ତାପ ନିୟନ୍ତ୍ରଣ ଓ ନିରାକରଣ ଆଦି ବିଷୟରେ ଉପସ୍ଥାପନ କରି ନିମନ୍ତ୍ରିତ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ବେଦଶ୍ରୀ ମମତା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସୁନ୍ଦର ବିଜ୍ଞାନ ସମ୍ମତ ଯୁକ୍ତି ଉପସ୍ଥାପନ କରିଥିଲେ। ସମିଆସ୍ଥିତ ରାଜେନ୍ଦ୍ର ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଧୃଶାସନ ରାଉତ, ଚଣ୍ଡିତଳ ବିଦ୍ୟାଳୟରୁ ଗୋପୀନାଥ ସେନାପତି, ସରକାରୀ ବିଦ୍ୟାଳୟ ଶୋଲରରୁ ମୋନାଲିସା ସାହୁ ନିମନ୍ତ୍ରିତ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ପୁରାତନ ଛାତ୍ର ସଭାପତି ବିଶ୍ୱଜିତ ମହାନ୍ତି ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଧାନଶିକ୍ଷକ ବାଇଧର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ବିଦ୍ୟାଳୟ ପକ୍ଷରୁ ସାଧୁଚରଣ ବେହେରା, ପ୍ରଜ୍ଞା ପାରମିତା ନାୟକ, ସନ୍ଧ୍ୟାରାଣୀ ନାୟକ, ସୁନୀଲ ସାହୁ, ସୁରେଶ ବେହେରା, ବିଭୂତିଭୂଷଣ ସେଠୀ, ମଧୁମିତା, ସସ୍ମିତା ସ୍ୱାଇଁ, ପ୍ରଦୀପ୍ତ ସାହୁ ଓ ଶରତ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

# ୧୦ ପଞ୍ଚାୟତର କାର୍ଯ୍ୟ ସମୀକ୍ଷା କଲେ ବିଧାୟିକା



ସମୀକ୍ଷା ବୈଠକରେ ବିଧାୟିକା, ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

ରସୁଲପୁର,୨୬।୮(ଡି.ଏନ.ଏ.)

ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି ବିଧାୟିକା ସୁନନ୍ଦା ଦାସ। ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ପ୍ରଥମାଖଣ୍ଡି, ଅତଳାପୁର, ରାଜେନ୍ଦ୍ରପୁର, ସାମନ୍ତରାପୁର, ରାଉତରାପୁର, ଅର୍ଥଗାଁ, ମହେଶ୍ୱରପୁର, ବ୍ରହ୍ମବରଦା, ବନ୍ଧଡିହ ଓ ମଙ୍ଗରାଜପୁର ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟିକା ଜନପ୍ରତିନିଧିଙ୍କ ସହ ସେମାନଙ୍କ ପଞ୍ଚାୟତରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ୧୫ତମ କେନ୍ଦ୍ରୀୟ, ୫ମ ରାଜ୍ୟ ଅନୁଦାନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ପାନୀୟ ଜଳ ପ୍ରକଳ୍ପ, ପୁଷ୍କରିଣୀ, ଉଦ୍ୟାନ, ବିଧାୟିକା ଓ ଏମ୍‌ପିଙ୍କ ହାତପାଣ୍ଠି ଆଦି ଅନୁଦାନର ବିନିଯୋଗ ସମ୍ପର୍କରେ ବିଧାୟିକା ଆଲୋଚନା କରିଥିଲେ।

ପ୍ରତ୍ୟେକ କାମରେ ସ୍ୱଚ୍ଛତା ରଖିବା ସହ କାମର ମାନକୁ ଧ୍ୟାନ ଦେବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ସମୟରେ ପ୍ରତିନିଧିମାନେ ସମ୍ମୁଖିନ ହେଉଥିବା ସମସ୍ୟାର ଆଶୁ ସମାଧାନ ପାଇଁ ବାଟ ବାହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ଦିଗରେ ବିଡିଓ ସାହୁଙ୍କ ସହଯୋଗ ଓ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକରିବାର ଦକ୍ଷତା ଉପରେ ନିର୍ଭର କରୁଛି ବୋଲି ମତପ୍ରକାଶ ପାଇଥିଲା। ବ୍ଲକ ପରିସରରେ ସମସ୍ୟା ସମାଧାନ ହୋଇ ନ ପାରିଲେ ସେ ଦିଗରେ ଜନପ୍ରତିନିଧି ବିଧାୟିକାଙ୍କ ସହ ଆଲୋଚନା କରାଇବା ପାଇଁ କୁହାଯାଇଥିଲା। ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟକୁ ବିଡିଓ ସାହୁ ତଦାରଖ କରିବା ସହ ବିଧାୟିକାଙ୍କ ପରାମର୍ଶକୁ ପାଳ ନ କରି କାର୍ଯ୍ୟ କରିବେ ବୋଲି ମତ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତି ଦାଶ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ର, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ଜେନା, ୧୦ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବିକାସେବକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶୁଭେନ୍ଦୁ ରାଯ୍ ଭଞ୍ଜନଗର ଆରଟିଓ



ଭଞ୍ଜନଗର,୨୬।୮ (ଡି.ଏନ୍.ଏ)ଭଞ୍ଜନଗର ନୂତନ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଭାବେ ଶୁଭେନ୍ଦୁ ରଞ୍ଜନ ରାଯ୍ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୁରୀରୁ ଏଠାକୁ ବଦଳି ହୋଇଆସିଛନ୍ତି । ୨୦୧୫ ମସିହା ଅଗଷ୍ଟରୁ ୨୦୨୧ ମେ ପର୍ଯ୍ୟନ୍ତ ରାଯ୍ ଏଠାରେ ଭାରପ୍ରାପ୍ତ ଆରଟିଓ ଭାବେ କାର୍ଯ୍ୟରତ ଥିଲେ। ରାଯ୍ କାର୍ଯ୍ୟରେ ଯୋଗଦେବା ପରେ ନୂତନ କାର୍ଯ୍ୟାଳୟକୁ ଅଫିସ ସ୍ଥାନାନ୍ତରିତ ହେବ ବୋଲି ଆଶା କରାଯାଉଛି ।

### ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୨୬।୮(ଡି.ଏନ.ଏ.)- ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ସୱାୟତ ଶାସନ ଦିବସ ପାଳନ ପୂର୍ବକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ପୌର ପରିଷଦ ପକ୍ଷରୁ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଗଷ୍ଟ ୩୧ରେ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ପ୍ରତୀଯୋଗିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ଜୁବୁଲିଚରଣ ବେହେରା, ପୌରାଧକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପୌରପରିଷଦ ଅନ୍ତର୍ଗତରେ ଥିବା ବିଭିନ୍ନ ସ୍କୁଲର ମୋଟ ୩୩ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

### ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

କାଶୀନଗର,୨୬।୮-କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇଥିବା ଡ଼ାକ୍ତରମାନଙ୍କୁ ବଂଶଧାରା ପାଠାଗାର ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ସମାଜସେବୀ ହୃଷିକେଶ ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଏସି ଉପାଧକ୍ଷ ରଘୁରାମ ସାହୁ, ମେଡିକାଲ ଅଫିସର ଇନଚାର୍ଜ ଡ଼ା. ଇଟି ନଇଲ ଯୋଗଦେଇ ନୂତନ ଡ଼ାକ୍ତର କେ.ଦୀପ କୁମାର ବେହେରା, ଡ଼ା. କ୍ଷେତ୍ରଲାଲ ବେହେରା, ଡ଼ା. ସୌମ୍ୟରଞ୍ଜନ ଦାସ, ଡ଼ା. ଭାରତୀ ଓ ଡ଼ା. ଇପ୍ସିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପ୍ରଧାନଶିକ୍ଷକ ସୁଶିଲ କୁମାର ପଣ୍ଡା, ବ୍ୟାଙ୍କ ଅଧିକାରୀ ରବିନ୍ଦ୍ର ନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ବ୍ରହ୍ମ ଏକାକ୍ଷର ମେଳା

ବୁଗୁଡା,୨୬।୮(ଡି.ଏନ.ଏ.)-ବୁଗୁଡା ସହର ସୋମନାଥ ନଗର ଠାରେ ଗହଣ ଦଳ ଗଞ୍ଜା-ବ୍ରହ୍ମପୁର ମଣ୍ଡଳ ଉତ୍ତର ଇଲାକା ଆନୁକୁଲ୍ୟରେ ସନାତନ ଧର୍ମ ଭିତ୍ତିକ ବ୍ରହ୍ମ ଏକାକ୍ଷର ମେଳା ଗୁରୁ ଲିଙ୍ଗରାଜ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁରବୀ ପ୍ରଫୁଲ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବ୍ରଜ କିଶୋର ପାଢୀ, ଶିଶିର କାନ୍ତ ନାୟକ, ରବିନ୍ଦ୍ର କୁମାର ପଟ୍ଟନାୟକ, ରବିନ୍ଦ୍ର ବରାଡ, ବିନାୟକ ଦାଶ, କାଳୁ ଚରଣ ଗୌଡ, ସୁବାସ ଚୌଧୁରୀ, ରାଜ କିଶୋର ମଲ୍ଲ, ଅନ୍ତର୍ଯ୍ୟାମୀ ନାୟକ, ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ସୀମାଞ୍ଚଳ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଧରାକୋଟ ଅଙ୍ଗନୱାଡି କେନ୍ଦ୍ର ଶୋଚନୀୟ

ଧରାକୋଟ,୨୬।୮(ଡି.ଏନ୍.ଏ.)

ଆଜିର ଶିଶୁ କାଲିର ନାଗରିକ। ସେମାନଙ୍କ ସୁରକ୍ଷା, ଶିକ୍ଷା,ଦାୟିତ୍ୱ ସୁଚାରୁ ରୂପେ ପାଳନ ପାଇଁ ସରକାରଙ୍କ ଶିଶୁ ବିକାଶ ବିଭାଗ ରହିଛି। ବିଭାଗ ତରଫରୁ ନିୟମିତ ଭାବରେ ଅଙ୍ଗନୱାଡି କେନ୍ଦ୍ରକୁ ସୁପରଭାଇଜରମାନେ ପରିଦର୍ଶନ କରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥାନ୍ତି। ଶିଶୁର ବୌଦ୍ଧିକ ବିକାଶ ପାଇଁ ହସ, ଖେଳକୁଦ ମାଧ୍ୟମରେ ଶିକ୍ଷାଦାନ ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ କରି ଅଙ୍ଗନୱାଡି କେନ୍ଦ୍ରକୁ ଆସିବା ପାଇଁ ପିଲାଙ୍କୁ ଆକୃଷ୍ଟ କରାଯାଏ। ଏଥିପାଇଁ ଅଙ୍ଗନୱାଡି କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନ ସହ ସ୍ୱଚ୍ଛ ପରିବେଶ ଏବଂ ଉପଯୁକ୍ତ ଭିତ୍ତିଭୂମି ରହିବା ଆବଶ୍ୟକ। ହେଲେ ସମ୍ପ୍ରତି ଧରାକୋଟର ଏକ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ଶିଶୁଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀପତଳ ଅନ୍ଧାର





ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅନାବନା ଗଛ ଉଠିଛି।

ପରି ଧରାକୋଟର ୫ ନମ୍ବର କେନ୍ଦ୍ରର ଭିତ୍ତିଭୂମି ଶୋଚନୀୟ ସ୍ଥିତିରେ ପହଞ୍ଚିଛି। ୩ରୁ ପାଞ୍ଚ ବର୍ଷ ବୟସର ୨୧ ଜଣ ପିଲା ଏହି କେନ୍ଦ୍ରରେ ପଢୁଛନ୍ତି। ଜଣେ କର୍ମୀ ଓ

**ଶିଶୁଙ୍କ ସୁରକ୍ଷା ପ୍ରଶ୍ନବାଚୀ**

ଜଣେ ସହାୟିକା ସେମାନଙ୍କ ଦେଖାଶୁଣା କରୁଛନ୍ତି। ଶିକ୍ଷାଦାନ ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ ଠିକ ଭାବେ ଚାଲିଥିଲେ ମଧ୍ୟ ପରିବେଶ ଓ ଭିତ୍ତିଭୂମି କଥା ନ କହିଲେ ଭଲ। କେନ୍ଦ୍ର ଚାରିପଟେ ଲତା ଗୁଳ୍ମ ଭର୍ତ୍ତି ହୋଇ ରହିଥିବା ବେଳେ ଫ୍ଲୋରିଂ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ସ୍ଥିତିରେ ରହିଛି। ବର୍ଷା ହେଲେ ଅଭିଭାବକମାନେ ନିଜ ପିଲାଙ୍କୁ କାଖରେ ଟେକି ଅଥବା କାନ୍ଧରେ ବୋହି ନେଇ ଯାଉଥିବା ଦେଖାଯାଉଛି। କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନାହିଁ। ଚାରିପଟେ ପାଚେରି ନ ଥିବା ବେଳେ ନଳକୂପରୁ ପାଣି ବାହାରୁ ନ ଥିବା ଦେଖାଯାଉଛି। ଏ ସମ୍ପର୍କରେ ପଞ୍ଚାୟତର ପ୍ରତିନିଧିମାନଙ୍କୁ ଅଙ୍ଗନୱାଡି କର୍ମୀ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

# ନୂଆଗାଁ ହାଇସ୍କୁଲରେ ମକ୍ ଡ୍ରିଲ୍



ଛାତ୍ରମାନଙ୍କୁ ତାଲିମ ଦିଆଯାଉଛି ।

ନୂଆଗାଁ, ୨୬।୮ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲଠାରେ ଶୁକ୍ରବାର ଦମକଳ ବାହିନୀ ପକ୍ଷରୁ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଁ ଲାଗିବା ଓ ଦୁର୍ଘଟଣା ସମୟରେ କିଭଳି ନିଜକୁ ସୁରକ୍ଷିତ କରିବେ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଆହତମାନଙ୍କୁ ଉଦ୍ଧାର କରି କିଭଳି ଡାକ୍ତରଖାନାକୁ ନେବାକୁ ହେବ, ନିଆଁ ଲାଗିବା ସ୍ଥାନରୁ ନିଜେ ସୁରକ୍ଷିତ ରହି କିଭଳି ଅନ୍ୟମାନଙ୍କୁ ସାହାଯ୍ୟ କରି ଉଦ୍ଧାର କାର୍ଯ୍ୟ କରି ହେବ ସେ ବିଷୟରେ ବୁଝାଇବା ସହ ତାଲିମ ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ଅଗ୍ନିଶମ ସେବା କେନ୍ଦ୍ର ଷ୍ଟେଶନ ଅଫିସର ଅପୂର୍ବ ରଞ୍ଜନ ସାହୁ , ଲିଡିଙ୍ଗ ଫାୟାର ମ୍ୟାନ ଅନାଦି ଚରଣ ସାହୁ, ଫାୟାରମ୍ୟାନ ମହିମା ଦଳେଇ, ହାବିଲଦାର ଅନୀଲ କୁମାର ବେଉରା ପ୍ରମୁଖ ଯୋଗଦେଇ ହାଇସ୍କୁଲର ପ୍ରାୟ ୧୫୦ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ପଟ୍ଟା ବାଣ୍ଟିଲେ, ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ପଟ୍ଟା ପାଇଥିବା ହିତାଧିକାରୀ।

ଦିଗପହଣ୍ଡି,୨୬।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ସାନଖେମୁଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ଜିଲାପାଳ ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ

**ସାନଖେମୁଣ୍ଡି ଗସ୍ତ**

ସମୀକ୍ଷା କରିଥିଲେ। ପରେ ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ ଓ ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ସହ ଏସ୍. ଗୋପାଳପୁର ପଞ୍ଚାୟତ ପର୍ବତ ଶୀର୍ଷରେ ରହିଥିବା ମା' ରତନେଇ ପୀଠରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଏହାପରେ ଜିଉରା ଗ୍ରାମର ପାର୍କ ସହ ଅନ୍ୟାନ୍ୟ କାର୍ଯ୍ୟ ପରିଦର୍ଶନ କରିଥିଲେ। ସାନଖେମୁଣ୍ଡି ତହସିଲ ଅଧିନରେ ଥିବା ବହୁ ଗରିବ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନା ମାଧ୍ୟମରେ ପଟ୍ଟା ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହିତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର ବେହେରା, ଦୀପକ କୁମାର ପଟ୍ଟନାୟକ, ମନୋଜ କୁମାର ବେହେରା, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାସୀମକୁ ଗ୍ଲୋବାଲ ଏନଭାଇରନ୍‌ମେଣ୍ଟ ଆୱାର୍ଡ

ଗଞ୍ଜାମ,୨୬।୮(ଡି.ଏନ୍.ଏ.)

ଗଞ୍ଜାମ ସହର ସ୍ଥିତ ଗ୍ରାସୀମ କମ୍ପାନୀକୁ ମିଳିଛି ୨୦୨୨ ଗ୍ଲୋବାଲ ଏନ୍‌ଭାଇରନ୍‌ମେଣ୍ଟ ଆୱାର୍ଡ। ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଏନର୍ଜି ଓ ଏନ୍‌ଭାଇରନ୍‌ମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଏହି ଆୱାର୍ଡ ପ୍ରଦାନ କରାଯାଇଥିବା ବେଳେ କମ୍ପାନୀ ଆଡ୍‌ମିନ ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି ଏବଂ ପରିବେଶ ସୁପରିଚାଳିକା ସୁଚୀସ୍ମିତା ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁସ୍ଥ ପରିବେଶ ଓ ଜଳ ସଂରକ୍ଷଣ ଏବଂ କମ୍ପାନୀ ୟୁନିଟ ହେଡ୍ ଦିଗବିଜୟ ପାଣ୍ଡେଙ୍କ ଡାଇନୋମିକ ଲିଡରସିପ ଯୋଗୁ କମ୍ପାନୀକୁ ଏହି ସଫଳତା ମିଳିଥିବା ଜିଜିଏମ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଏନ୍‌ଏସି ପକ୍ଷରୁ ପ୍ରତିଯୋଗିତା

ବୁଗୁଡ଼ା,୨୬।୮(ଡି.ଏନ୍.ଏ.)

ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ବୁଗୁଡ଼ା ଏନଏସି ପକ୍ଷରୁ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରାଥମିକ ବିଦ୍ୟାଳୟଠାରୁ କଲେଜ ସ୍ତର ପର୍ଯ୍ୟନ୍ତ ସାଧାରଣ ଜ୍ଞାନ, ସଙ୍ଗୀତ, ବକ୍ତୃତା ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ ସୂଚନା ଦେଇଛନ୍ତି। ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ସଙ୍ଗୀତଜ୍ଞ ସୁରେନ୍ଦ୍ର ନାଥ ଦାସ, ନିତ୍ୟାନନ୍ଦ ସାହୁ ଓ ଶ୍ୟାମାପଦ ହୋତା ଏବଂ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ଆତ୍ମପ୍ରକାଶ ନାୟକ, କବି ଅନନ୍ତ କର ପ୍ରମୁଖ ବିଚାରକ ଭାବେ ନିୟୋଜିତ ଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏନ୍‌ଏସିର ଅଶୋକ କୁମାର ସାହୁ, ରାମକୃଷ୍ଣ ପଟ୍ଟନାୟକ, ସୁଶାନ୍ତ କୁମାର ଜେନା, ସଙ୍କେତ କୁମାର ପାଣିଗ୍ରାହୀ, ପିତବାସ ପ୍ରଧାନ, ରଞ୍ଜନ ପ୍ରଧାନ, ରଘୁନାଥ ପାଢୀ, ସର୍ବେଶ୍ୱର ବାରିକ, ସନ୍ତୋଷ କୁମାର ପଣ୍ଡା, ଜଗଦୀଶ ପଣ୍ଡା, ବିରଞ୍ଚି ନାରାୟଣ ପାତ୍ର, ବିଭୁ ପ୍ରସାଦ ରାଉତରାୟ, ଦ୍ୟୁତିକୃଷ୍ଣ ସାହୁ, ନାରାୟଣ ଗୌଡ ଓ ତାପସ କୁମାର ଗୌଡ ପ୍ରମୁଖ କର୍ମଚାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଭିଭାବକଙ୍କୁ ତାଲିମ ଶିବିର

ବୁଗୁଡ଼ା,୨୬।୮(ଡି.ଏନ.ଏ.)

ବୁଗୁଡା ଗୋଷ୍ଠୀ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କାଦପଡା ପ୍ରାଥମିକ ବିଦ୍ୟାଳୟ, ବି କରଡାବାଡି ଉଚ୍ଚବିଦ୍ୟାଳୟ, ବୁଗୁଡା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୃଥକ ଭାବରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଭିଭାବକଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାଦପଡା ପ୍ରାଥମିକ ବିଦ୍ୟାଳୟରେ ୫୦ ଜଣ, ବି କରଡାବାଡି ବିଦ୍ୟାଳୟରେ ୫୦ ଓ ବୁଗୁଡା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଇଓ ପ୍ରସନ୍ନ କୁମାର ବେହେରା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗଦେଇ ଅଭିଭାବକଙ୍କୁ ସଚେତନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ୍ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତିନି ଦିନିଆ ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ଦିଲ୍ଲୀପ କୁମାର ଗନ୍ତାୟତ, ଅମରେଶ ପ୍ରଧାନ ଓ ସୁଶାନ୍ତ କୁମାର ଡାକୁଆ ପ୍ରମୁଖ ଯୋଗଦେଇଥିଲେ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବୈଠକ

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ରାଜଦଣ୍ଡଠାରେ ଥିବା ସଂସ୍କୃତି ଭବନରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଭିପି ଗଜପତି ଜିଲାର ଜିଲା ପ୍ରମୁଖ ବାଳକୃଷ୍ଣ ଜେନା, ଜିଲା ସହ ପ୍ରମୁଖ ସମୀର ରଞ୍ଜନ ପାଣିଗ୍ରାହୀ, ଜିଲା ସଂଯୋଜକ ମୁଖଲୀଙ୍ଗ ପିଡ଼ିକା ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନକୁ କିପରି ସମୃଦ୍ଧ କରାଯିବ ଏବଂ ବିଦ୍ୟାର୍ଥୀମାନଙ୍କୁ ସଙ୍ଗଠନର ସଦସ୍ୟ କରିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ଅଭିଯାନ ପାଇଁ ପୋଷ୍ଟର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋପିତା ପ୍ରଧାନ, ଶିବାନୀ ମାଝୀ, କିରନି ବେହେରା, ପ୍ରିୟଙ୍କା ପାଇକରାୟ, କିଶୋର ମୁଣ୍ଡାରୀ, ଖେଟେଶର ଶବର, ମନ୍ମଥ ବେହେରା ଆଦି ସଦସ୍ୟ ଉପସ୍ଥିତ ଥିଲେ।

# ନୂତନ ପଞ୍ଚାୟତ ଗଠନ ନିମନ୍ତେ ବୈଠକ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ଜିଲାର ବୃହତ୍ତମ ବ୍ଲକ ମୋହନାକୁ ଭାଗ କରିବା ପାଇଁ କିଛିଦିନ ତଳେ ଜିଲାପାଳ କାର୍ଯ୍ୟାଳୟର ଏକ ଚିଠି ପ୍ରକାଶ ପାଇଥିଲା। ଯେଉଁଥିରେ ଉଲ୍ଲେଖ ଅଛି ଯେ ନୂଆଗଡ଼ ବ୍ଲକର ସୁନ୍ଦରଡ଼ାଙ୍ଗ ଗ୍ରାମକୁ ନୂତନ ବ୍ଲକ ଭାବେ ଗଠନ ପାଇଁ। ମୋହନା ବ୍ଲକର ୧୭ଖଣ୍ଡ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏହାକୁ ବିରୋଧ କରିଥିଲେ। ଏ ନେଇ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ମୋହନା ବ୍ଲକ ବିରିକୋଟ୍ ପଞ୍ଚାୟତର ଉପାନ୍ତ ଅଞ୍ଚଳ ରାଜବସା ଗ୍ରାମଠାରେ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିରିକୋଟ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମୋସା ମାଝିଙ୍କ ନେତୃତ୍ୱରେ ୧୬ ଗ୍ରାମର ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିରିକୋଟ, ଦମାଦୁଆ ଓ ଆଲିଗଣ୍ଡା ପଞ୍ଚାୟତର ୧୬ ଗ୍ରାମର ମୁଖ୍ୟ ପେଣ୍ଠସ୍ଥଳୀ ରାଜବସା ହୋଇଥିବା ବେଳେ ଏଠାରେ ପଞ୍ଚାୟତ ନିର୍ମାଣ କରାଗଲେ ଗ୍ରାମର ହଜାର ହଜାର ଜନସାଧାରଣ ଉପକୃତ ହେବେ ବୋଲି ମତ ପ୍ରକାଶ କରିଛନ୍ତି। କାରଣ ବର୍ତ୍ତମାନ ଯେଉଁ ପଞ୍ଚାୟତରେ ଅଛନ୍ତି ସେହି ପଞ୍ଚାୟତକୁ ରାଶନ ସାମଗ୍ରୀ ଓ ବାର୍ଦ୍ଧକ୍ୟ ଭତ୍ତା ନେବାକୁ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ତେଣୁ ନୂତନ ପଞ୍ଚାୟତ ଗଠନ ପାଇଁ ଚଳିତ ମାସରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଥିଲେ । ବୈଠକରେ ଜିଲା ଭାଇସ୍ ଚେୟାରମ୍ୟାନ କୁନ୍ତଳା ମଲିକ, ବ୍ଲକ ଚେୟାରମ୍ୟାନ ରଞ୍ଜିବ ଶବର, ଏମ୍‌ପି ପ୍ରତିନିଧି ଭାସ୍କର ସାହୁ ଉପସ୍ଥିତ ଥିବା ବେଳେ ତାଙ୍କ ଜରିଆରେ ମଧ୍ୟ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ତ୍ରିନାଥଠାକୁର ଉଠାଦୋକାନୀ ସଂଘର ନୂତନ କର୍ମକର୍ତ୍ତା ଚୟନ

ଦିଗପହଣ୍ଡି,୨୬।୮(ଡି.ଏନ.ଏ.)

ଦିଗପହଣ୍ଡି ଶ୍ରୀ ତ୍ରିନାଥ ଠାକୁର ଉଠାଦୋକାନୀ ସଂଘର ଏକ ପରିବର୍ଦ୍ଧିତ ଆଲୋଚନା ସଭା ନିଳକଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଂଘର ବହୁ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ସଂଘକୁ ସୁଦୃଢ କରିବା ସହିତ ଅନ୍ୟ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସଂଘର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ତଥା ଆଇନଜୀବୀ ପରେଶ ଚନ୍ଦ୍ର ରଥଙ୍କୁ ସଂଘର ସଭାପତି ଓ ଭବାନି ଶଙ୍କର ପଣ୍ଡାଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ପୂର୍ବତନ କାର୍ଯ୍ୟକର୍ତ୍ତା ବାବୁଲା ଚୌଧୁରୀ ଓ ସୀମାଞ୍ଚଳ ବେହେରା ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାହ୍ନୁ ମହାନ୍ତି, ବଳିଆ ସାହୁ, ସୀମାଞ୍ଚଳ ପାଢୀ ଓ ଧୋବା ସାହୁ ପ୍ରମୁଖ ବୈଠକ ପରିଚଳନାରେ ସହଯୋଗ କରିଥିଲେ। ସନ୍ତୋଷ ସାହୁ, ମୁନା ବେହେରା, ସଞ୍ଜୟ ସ୍ୱାଇଁ, ସୁଦର୍ଶନ ଗୌଡ, ସନ୍ତୋଷ ଦାସ, ପି.ଶିବଶଙ୍କର ପାତ୍ର, ରାଜା ପଣ୍ଡା, ପଦ୍ମ ବେହେରା, କେ.ବେହେରା, ଟୁକୁନା ବେହେରା, ଅଶୋକ ଚୌଧୁରୀ, ବଳିଆ ସାସମଲ, ଚନ୍ଦନ ସାହୁ ପ୍ରମୁଖ ସମସ୍ତ ଉଠାଦୋକାନୀମାନେ ବୈଠକରେ ଉପସ୍ଥିତ ଥିଲେ।

# ସ୍ୱାୟତ୍ତ ଶାସନରେ ସ୍ୱତନ୍ତ୍ର ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୨୬।୮(ଡି.ଏନ.ଏ.)

ଆସନ୍ତା ପୌରାଞ୍ଚଳ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୌର ପରିଷଦ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ ଅଗଷ୍ଟଠାରୁ ୨ ସେପ୍ଟେମ୍ବର ୩ ଦିନ କାରିଗରୀ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୃନ୍ଦାବନ ବିଦ୍ୟାଳୟ ଡିନି ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହସ୍ତ ଶିଳ୍ପ, ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ଏକାଙ୍କିକା ଆଦି ପରିବେଷଣ ହେବ। ଏଥିସହ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, କଳାକାର, ସାହିତ୍ୟିକ, ସାମାଜିକ କର୍ମୀ ଆଦିଙ୍କୁ ନିମନ୍ତ୍ରଣ





ବୈଠକରେ ଆଲୋଚନା ଚାଲିଛି।

କରାଯିବ। ଏଥିସହ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଗଞ୍ଜାମ ପିଡି ଡିଆର୍‌ଡିଏ, ପିଡି ଡୁଡା, ଉପଜିଲାପାଳ ପ୍ରମୁଖଙ୍କ ସହ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ଅତିଥି ଭାବେ ଯୋଗ ଦେବାକୁ ସମ୍ମତି କରିଥିବା ନେଇ ଆଲୋଚନା ହୋଇଛି। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ପୌରା ୱାର୍ଡ ସଭ୍ୟାସଭ୍ୟ, କର୍ମଚାରୀ ଓ ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ରବିବାର ବୃନ୍ଦାବନ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ପ୍ରସ୍ତୁତି ବୈଠକରେ ଉପାଧକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ନଗର ସଭାପତି ଭୀମସେନ ବେହେରା, ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ, ପ୍ରଦୀପ କୁମାର ପଣ୍ଡା, କାଉନସିଲର ସୁପ୍ରଭା ମହାରଣା, ବିଳାସିନୀ ମହାନ୍ତି, ସରୋଜ ପଣ୍ଡା, ଶ୍ୟାମଘନ ବେହେରା, ବସନ୍ତ ବେହେରା, ଗୋପବନ୍ଧୁ ବେହେରା, ଅମୂଲ୍ୟ ସାହୁ, ବିଭୁପ୍ରସାଦ ପଣ୍ଡା, ରମେଶ ପଣ୍ଡା, ଓକିଲ ଦ୍ୱିତୀକୃଷ୍ଣ ସାବତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବଳରାମପୁର ସ୍କୁଲରେ ଶିଶୁ ଲେଖକ କର୍ମଶାଳା

ରମ୍ଭା,୨୬।୮

ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଖଣ୍ଡଦେଉଳି କ୍ଲଷ୍ଟର ଅନ୍ତର୍ଗତ ବଳରାମପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାକୁଡ଼ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି, ରମ୍ଭା ଅଞ୍ଚଳର ଯୁବ କବି ମନୋଜ କୁମାର ବେହେରା ମୁଖ୍ୟବକ୍ତା, ଗଞ୍ଜାମ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା, ଖଣ୍ଡଦେଉଳି ସିଆରସି ସୂର୍ଯ୍ୟନାରାୟଣ ନାୟକ ସମ୍ମାନିତ ଅତିଥି,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର

ୱାର୍ଡ ମେମ୍ବର ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପଲ୍ଲବୀ ଷଡଙ୍ଗୀ ପ୍ରମୁଖ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କବି ମନୋଜ କୁମାର ବେହେରାଙ୍କୁ ସାହିତ୍ୟ ସାଧନା ନିମନ୍ତେ ସମ୍ମାନିତ କରାଯାଇଥିଲା। କର୍ମଶାଳାକୁ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାପାତ୍ର ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଭାଗ୍ୟଲତା ମୁଳି ଓ ବି. ମାଗି ରେଡି ସହଯୋଗ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଅଭିଯୋଗ

ରସୁଲପୁର,୨୬।୮(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ଗ୍ରାମର ଜଣେ ମହିଳା ଅନ୍ୟଜଣେ ମହିଳାଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚଳିତ ମାସ ୨୫ ତାରିଖରେ ନରେଶ ଦାସଙ୍କ ସ୍ତ୍ରୀ ସଂଘମିତ୍ରା ଘରେ କାମ କରୁଥିବା ସମୟରେ ସେହି ଗ୍ରାମର ରାଜେନ୍ଦ୍ର ଦାସଙ୍କ ସ୍ତ୍ରୀ ମାମା ଘର ଭିତରକୁ ପଶି ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫଳରେ ମାମାଙ୍କ ମାଡ଼ରେ ସଂଘମିତ୍ରା ଆହତ ହୋଇଥିଲେ। ଏ ନେଇ ସଂଘମିତ୍ରା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୬/୨୨ରେ ଏକ ମାମଲା ରୁଜୁ କରିଛି। ଏଏସ୍‌ଆଇ ନରେନ କୁମାର ଦାସ ଘଟଣାର ତଦନ୍ତ କରୁଛନ୍ତି।

### ଟ୍ରକ୍ ପାର୍କିଂକୁ ଗ୍ରାମବାସୀଙ୍କ ବିରୋଧ

କାଳିଆପାଣି,୨୬।୮(ଡି.ଏନ.ଏ.): ଖଣି ଅଞ୍ଚଳର ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ଟ୍ରକ ଟର୍ମିନାଲକୁ ନିକଟସ୍ଥ ଗ୍ରାମବାସୀ ବିରୋଧ କରିଛନ୍ତି। ଗତ ୨୩ ତାରିଖରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭେରୀୟସ ଟପୋ, ସୁକିନ୍ଦା ତହସିଲଦାର ଓ ବହୁ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଟ୍ରକ୍ ଟର୍ମିନାଲ ପାଇଁ କୁସୁମୁଣ୍ଡିଆଠାରେ ସ୍ଥାନ ଚିହ୍ନଟ ହୋଇଥିଲା। ଟ୍ରକ ଟର୍ମିନାଲ ନିର୍ମାଣ ହେବାର ଖବର ଖଣି ଅଞ୍ଚଳବାସୀ ପାଇ ଖୁସିବ୍ୟକ୍ତ ହୋଇଥିବାବେଳେ ତାହା ଏବେ ଫସର ଫାଟିଲା ପରି ଅବସ୍ଥା ହୋଇଛି। ଦଶରଥ ମହାନ୍ତ, କାର୍ତ୍ତିକ ମହାନ୍ତ, ରବୀନ୍ଦ୍ର ସିଁକା, ଶରତ ପ୍ରଧାନ, ଯତୀନ ହେମ୍ବ୍ରମ, ମଦନ ପ୍ରଧାନଙ୍କ ନେତୃତ୍ୱରେ କୁସୁମୁଣ୍ଡିଆ ମହୁଲଖାଲ, କାକୁଡିର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ଚିହ୍ନଟ ହୋଇଥିବା ସ୍ଥାନ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। କୁସୁମୁଣ୍ଡିଆ ମହୁଲ ଖାଲ ନିକଟ ବର୍ତ୍ତି ଏକ ଖୋଲା ଟାଙ୍ଗର ପଡିଆକୁ ପ୍ରଶାସନ ଟ୍ରକ ଟର୍ମିନାଲ ପାଇଁ ସ୍ଥାନ ଚୟନ କରିଥିବାବେଳେ ନିକଟରେ ଜଙ୍ଗଲ ଲାଗି ରହିଥିବାରୁ ଶୁକ୍ରବାର କାକୁଡିଆ, ମହୁଲଖାଲ ଓ କୁସୁମୁଣ୍ଡିଆ ଗ୍ରାମର ମହିଳା ଓ ପୁରୁଷ ଏକତ୍ରିତ ହୋଇ ପଡିଆରେ ନାଲି ପତାକା ପୋତି ବିରୋଧ କରିଥିଲେ। ଟ୍ରକ ଟର୍ମିନାଲ ହେଲେ ବ୍ୟାପକ ଜନ ସମାଗମ ହେବ ଓ ଜଙ୍ଗଲ ନଷ୍ଟ ହେବାର ଆଶଂକା କରି ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି। ତେବେ ଖଣି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଟ୍ରକ ଚଳାଚଳରେ ରୋକ ଲଗାଇ ଦୁର୍ଘଟଣା ରୋକିବାକୁ ପ୍ରଶାସନ ଆରମ୍ଭ କରିଥିବା ପ୍ରୟାସରେ ଏବେ ବ୍ରେକ ଲାଗିଛି।

### ବରୀ ବ୍ଲକର ୨୩ ସରପଞ୍ଚଙ୍କ କ୍ଷେତ୍ର ପରିଦର୍ଶନ

ପାଣିକୋଇଲି, ୨୬।୮ (ଡି.ଏନ.ଏ.): ଯାଜପୁର ଜିଲା କୋରାଇ ବ୍ଲକର ପାଣିକୋଇଲି ଅଞ୍ଚଳର ୫ଟି ସ୍କୁଲ ପରିଦର୍ଶନରେ ଗୁରୁବାର ବରୀ ବ୍ଲକର ୨୩ ସରପଞ୍ଚ ଆସିଛନ୍ତି। ସେମାନେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ଦିଆଯାଇଛି। ପାଣିକୋଇଲି ଉଚ୍ଚ ବିଦ୍ୟାଳୟ, କଲ୍ୟାଣ ମଣ୍ଡପ ବୁଲି ଦେଖିବା ପରେ ମୂଳାପାଳ ଲିଙ୍ଗେଶ୍ୱର ମନ୍ଦିର ପରିଦର୍ଶନ କରିଛନ୍ତି। ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧନା ଦେବା ସମୟରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡାଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦେଷ୍ଣା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିଦର୍ଶନ କାର୍ଯ୍ୟରେ ବରୀ ବ୍ଲକ ଅଧିକାରୀ ରବି ନାରାୟଣ ସାହୁ, ସତ୍ୟରଞ୍ଜନ ବେହେରା, ରାକେଶ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପାଣିକୋଇଲି ସରପଞ୍ଚ/ସମିତିସଭ୍ୟଙ୍କ ସମେତ ବହୁ ମହିଳା ଏଥିରେ ଯୋଗ ଦେଇଥିଲେ।

# ବିଦ୍ୟାଳୟ ରୂପାନ୍ତରୀକରଣରେ ଅନିୟମିତତା

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.)

ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ପ୍ରତି ଆକୃଷ୍ଟ କରିବା ଓ ଉନ୍ନତ ଶିକ୍ଷାଦାନ ପାଇଁ ୫-ଟି ଯୋଜନାରେ ଏହାର ରୂପାନ୍ତରୀକରଣ କରାଯାଉଛି। ଏହି କ୍ରମରେ କେତେକ ବିଦ୍ୟାଳୟ ରୂପାନ୍ତରୀକରଣ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ସରିଥିବା ବେଳେ ଆଉ କେତେକ ବିଦ୍ୟାଳୟ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ତେବେ ବଡ଼ଚଣା ବ୍ଲକର ଅନେକ ବିଦ୍ୟାଳୟ ରୂପାନ୍ତରିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏନେଇ ବିକ୍ରମତିରଣ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ସାମଲ ୫-ଟି ସଚିବଙ୍କ ନିକଟରେ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି।

ସୂଚନା ମୁତାବକ, ବଡ଼ଚଣାର ୪୮ ଉଚ୍ଚବିଦ୍ୟାଳୟକୁ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୭ ବିଦ୍ୟାଳୟ କାର୍ଯ୍ୟଶେଷ ହୋଇ ଉଦ୍‌ଘାଟନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୮ ବିଦ୍ୟାଳୟରୁ ୧୯ କାର୍ଯ୍ୟ ଶେଷ ହୋଇ ଉଦ୍‌ଘାଟନ ସରିଛି। ଏବେ ୧୩ ବିଦ୍ୟାଳୟର କାର୍ଯ୍ୟ ଚାଲୁରହିଛି। ବିଦ୍ୟାଳୟ ସବୁର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ଶ୍ରେଣୀଗୃହ, ଇ-ଲାଇବ୍ରେରି, ଡିଜିଟାଲ ପ୍ରୋଜେକ୍ଟର, ବିଜ୍ଞାନାଗାର, ଖେଳପଡିଆ ଓ ବଗିଚା ନିର୍ମାଣ କରାଯିବ। ତେବେ ଏହି ବ୍ଲକରେ ଉଦ୍‌ଘାଟନ ସରିଥିବା କେତେକ ବିଦ୍ୟାଳୟରେ ଅନିୟମିତତା ହୋଇଛି। ନିକଟରେ ଧାନମଣ୍ଡଳ ବିଦ୍ୟାଳୟ ପାଚେରି ସାମାନ୍ୟ ବର୍ଷାରେ ଭୁଶୁଡିଯାଇଛି। ଚାରିନଙ୍ଗଳ, ମଲିହାଶୁଣୀ, ବରଦା, ଜନକଲ୍ୟାଣ ଉଚ୍ଚବିଦ୍ୟାଳୟ ଆଦି ସମସ୍ତ ବିଦ୍ୟାଳୟର ବାହାର ଓ ଭିତର ସୌନ୍ଦର୍ଯ୍ୟକରଣରେ ଅନିୟମିତତା ହୋଇଛି। ଅନେକ ସ୍ଥାନରେ କେବଳ ନିମ୍ନମାନର ରଙ୍ଗ କାର୍ଯ୍ୟ କରାଯାଇଛି। ସେହିପରି ବାହ୍ୟ ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମାଣ ହୋଇଥିବା ରାସ୍ତା ଗୁଡିକରେ



ଚାରିନଙ୍ଗଳ ହାଇସ୍କୁଲରେ ଅର୍ଦ୍ଧନିର୍ମିତ ପାର୍କ।



ନିଗମାନନ୍ଦ ବିଦ୍ୟାପୀଠରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ।

## ୫-ଟି ସଚିବଙ୍କ ନିକଟରେ ଅଭିଯୋଗ

ବ୍ୟବହୃତ ଟାଇଲ ନିମ୍ନମାନର। ଆକଳନରେ ଯେତିକି ମୋଟାଇ ଏବଂ ଯେଉଁସବୁ କମ୍ପାନୀର ସାମଗ୍ରୀ ବ୍ୟବହାର କାରଯିବା କଥା ତାହା କରାଯାଇ ନାହିଁ। ଶ୍ରେଣୀଗୃହ ଟାଇଲ, ସିଲିଂ, କାନ୍ଥ ପ୍ଲାଷ୍ଟର, କବାଟ, ଝରକା, ରଙ୍ଗ ଓ ଇଲେକ୍ଟ୍ରି କାର୍ଯ୍ୟ ସବୁଥିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି, ଯାହା ସରକାରୀ ଭାବେ ଅନୁମୋଦନ ହୋଇନାହିଁ। ଏସବୁର ଗୁଣବତ୍ତା ଓ ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ଲକର ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟନକୁ ଏକ ବର୍ଷ ବିତିବାକୁ ବସିଥିବା ବେଳେ ଆଜି ଯାଏ ପାନୀୟଜଳ ବ୍ୟବସ୍ଥା ହୋଇପାରିନାହିଁ। ଟାଙ୍କି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ରଙ୍ଗ କାର୍ଯ୍ୟ ନିମ୍ନମାନର କରାଯାଇଛି। କେତେକ ପୁରୁଣା କବାଟ ଓ ଝରକାରରେ ରଙ୍ଗ ମାରି ନୂତନ ଦର୍ଶାଯାଇଛି। ପୁରୁଣା ପାଇଖାନାକୁ ର' ଠ' କାର୍ଯ୍ୟ କରି ନୂତନ ହୋଇଥିବା ଦର୍ଶାଯାଇଛି। ମାତ୍ର ଆଜି ଯାଏ ଏହା ବ୍ୟବହାର ଉପଯୋଗୀ ହୋଇନାହିଁ। ପାର୍କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ଦିନଠାରୁ ମୁଖ୍ୟ ଫାଟକ ଅଧାପନ୍ତରିଆ ଭାବେ ପଡିରହିଛି। ତେବେ ନିର୍ମାଣ କାର୍ଯ୍ୟାଦେଶ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହୁଥିବା ବେଳେ ପ୍ରକୃତପକ୍ଷେ କାର୍ଯ୍ୟସବୁ ବିଭିନ୍ନ ଠିକାଦାରଙ୍କ ଦ୍ୱାରା କରାଯାଉଛି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟାଳୟରେ ଏଭଳି ଅବସ୍ଥା ଦେଖାଦେଇଥିବା ମୋ ନଜରକୁ ଆସିଛି। ମୁଁ ତୁରନ୍ତ କାର୍ଯ୍ୟଶେଷ କରି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି।

## ବ୍ରାହ୍ମଣୀ ବନ୍ୟା ଯୋଗୁ ବହୁ ଚାଷ ଜମି ଜଳମଗ୍ନ

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.)

ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ଆସିବା ଦ୍ୱାରା ଏହାର ଶାଖାନଦୀ କେଲୁଅରେ ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ବଡ଼ଚଣା ବ୍ଲକର ଗୋପାଳପୁର, ଚାରିନଙ୍ଗଳ, ମଝିପଡ଼ା ଆଦି ପଞ୍ଚାୟତର ବହୁ ଚାଷଜମି ଶୁକ୍ରବାର ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ମହାନଦୀର ଶାଖାନଦୀ ବିରୂପା ଓ ବ୍ରାହ୍ମଣୀର ଶାଖାନଦୀ କେଲୁଅ ବଡ଼ଚଣା ବ୍ଲକର ଖଡକପୁରଠାରେ ମିଶ୍ରଣ ହୋଇଛି। ସେଥିପାଇଁ ମହାନଦୀରେ ଆସୁଥିବା ଜଳ ଓ ବ୍ରାହ୍ମଣୀ ନଦୀରେ ଆସୁଥିବା ଜଳ ମିଶି ଯାଉଥିବା ଯୋଗୁ ବନ୍ୟାପରିସ୍ଥିତି ସୃଷ୍ଟି ହେଉଛି। ଗଜେନ୍ଦ୍ରପୁର, ଖଡ଼କପୁର, ଦେକୁରୀ, କଳାଶ୍ରୀ ଠାରେ ଏହି ବନ୍ୟାଜଳ ବିରୂପା ନଦୀବନ୍ଧକୁ ଲାଗିଛି। ଯଦି ଅଧିକ ବନ୍ୟାଜଳ ଆସେ ତେବେ କେତେକ ଗ୍ରାମ ମଧ୍ୟରେ ପ୍ରବେଶ କରିବା ଆଶଙ୍କା ସୃଷ୍ଟି ହୋଇଛି। ଏବେ ସୁଦ୍ଧା ଏକ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଛି।



# କୃତଜ୍ଞତା ଜଣାଇଲେ ନବନିଯୁକ୍ତ ଗାର୍ଲସ ୱିଙ୍ଗ୍ କର୍ମକର୍ତ୍ତା

ଧର୍ମଶାଳା,୨୬।୮(ଡି.ଏନ.ଏ.)

ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ନବନିଯୁକ୍ତ କର୍ମକର୍ତ୍ତା ଶୁକ୍ରବାର ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଉଇଙ୍ଗସ ସଭାପତି କ୍ଷୀରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ ନବ ନିଯୁକ୍ତ ବିଜେଡି ଗାର୍ଲସ ୱିଙ୍ଗର ପଞ୍ଚାୟତ ସଭାନେତ୍ରୀ ଓ ବ୍ଲକ୍ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଧାୟକଙ୍କୁ ଶଙ୍ଖର ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇଥିଲେ। ଦଳର ନବ ନିଯୁକ୍ତ ବିଜେଡି ଗାର୍ଲସ ୱିଙ୍ଗର କର୍ମକର୍ତ୍ତାଙ୍କୁ ବିଧାୟକ ଧନ୍ୟବାଦ ଜଣାଇବା ସହିତ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ସହ ସାଧାରଣ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ଆହ୍ୱାନ କରିଥିଲେ।



ଶଙ୍ଖ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଉଛି।

## ୪ ବଖରା ଜଳିଗଲା, ବିପୁଳ ସମ୍ପତ୍ତି ନଷ୍ଟ

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.): ଦର୍ପଣ ତହସିଲ ଅନ୍ତର୍ଗତ କାଇମାଟିଆ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ବାବନ ସାହୁଙ୍କ ୪ ବଖରା ଘର ଜଳିଯାଇଛି। ବାବନଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହ ବିପୁଳ ସମ୍ପତ୍ତି ନଷ୍ଟ ହୋଇଥିବା ଜଣାଯାଇଛି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: 15473/IND-II-PH-1073 | ବିଜ୍ଞାପନ | ତାରିଖ: 26.08.2022

No. CAD-1643: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଓଡ଼ିଶାର କେନ୍ଦୁଝର ଜିଲ୍ଲା, ହାଟଡିହି ତହସିଲ ଅନ୍ତର୍ଗତ ହବଳେଶ୍ୱର ମୌଜାରେ ୫.୨୬ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବୈତରଣୀ ବାଲିଘାଟ, ହବଳେଶ୍ୱର ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୧।୧୦।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ହାଟଡିହି ତହସିଲ ଅନ୍ତର୍ଗତ ଖାତା ନଂ. ୧/୧, ପ୍ଲଟ ନଂ. ୧୪୬, ସମୁଦାୟ ୧୧.୬୬ ଏକର ଅଞ୍ଚଳରେ ପ୍ରସ୍ତାବିତ ୦.୫୦ ଏକର ଅଞ୍ଚଳ, କିସମ- ବାଲିଚରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0235/2223 — ସ୍ୱା./- ସଦସ୍ୟ ସଚିବ



## The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.: CAD-1634 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.3659/RE/OSIC Dt.26.08.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. **"Supply and installation & commissioning of solar street light 15 watt with 6 mtr. G.I. pole under Hindol Block of Dhenkanal District" and "Supply and installation of CCTV Camera for New Boys Hostel IMIT, Cuttack".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/ modifications will appear in OSIC Ltd. website www.osicltd.in only.

Sd/- GENERAL MANAGER(O)
OIPR-14073/11/0065/2223



## OFFICE OF THE TREASURY OFFICER DISTRICT TREASURY, KHORDHA, BHUBANESWAR
### ADVERTISEMENT FOR ENGAGEMENT OF RETIRED GROUP D EMPLOYEE FOR THE OFFICE OF DISTRICT TREASURY, KHORDHA, BHUBANESWAR

No. S-18: Applications in the prescribed format are invited from the intending retired Group-D Govt. employees below 64 years of age for contractual engagement in the District Treasury, Khordha, Bhubaneswar.

One retired Govt. employee will be selected as Peon who will be engaged to work for a contract period of one year or till regular candidate are selected, whichever is earlier. Consolidated remuneration @ Rs.6500/- p.m. will be paid during the period of his engagement as peon.

The application duly filled in should reach the undersigned by 16.09.2022

**FORMAT**

1. Name in full, 2.Father's / Husband's Name, 3. Date of Birth, 4. Permanent Address, 5. Present Address for correspondences, 6. Mobile No., 7. Date of entry into Govt. service, 8.Date of Retirement from Govt. Service, 9. Designation at the time of retirement, 10. Name of the Office from which he/she retired, 11. Recent Passport Size Photograph, 12. Supported documents to be attached in respect of his/her appointment and retirement.

**Undertaking:** I do hereby declare that the information furnished above are true to the best of my knowledge and belief.

**Full Signature of the Candidate**
**Place:**
**Date :**

Treasury Officer, District Treasury, Khordha, Bhubaneswar
OIPR-05017/11/0004/2223



## OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION
E-mail ID: eepwdjsg2014@gmail.com, Telephone: 06645-271242
Kalimandir Road, Jharsuguda - 768202
No. 3413 Dt.22.08.2022

### CANCELLATION OF BIDS

No. B-515: The bids invited vide Bid Identification No. EE-R&B-JSG-03 of 2022-23 is hereby cancelled due to Administrative reason.

Sd./- Executive Engineer, Jharsuguda (R&B) Division
OIPR-34094/11/0010/2223



## The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1640 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.3669/Const./OSIC Dt.26.08.2022

The Managing Director, OSIC Ltd., invites application from the reputed Architect towards enlistment for upcoming projects of OSIC in a prescribe format and the application form can be downloaded from the website: www.osicltd.in from dt: 30.08.2022 at11.30 AM to dt: 17.09.2022 at 5.00 PM and shall be submitted through Speed Post/Registered Post only so as to reach this office latest by 5.P.M. on dt:19.09.2022.

Sd/- GENERAL MANAGER(O)
OIPR-14073/11/0067/2223



## GOVERNMENT OF ODISHA No. B-510
### "e" PROCUREMENT NOTICE
## WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI&R-15/2022-23

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Bridge work
3. No. of Work : 1 No.
4. Tender Paper Cost : Rs.10,000.00
5. Class of Contractor : Super Class/Special Class
6. Available of bid document in the website : From 10.00 A.M. of 03.09.2022 to 5.30 P.M. of 22.09.2022
7. Date of opening of Bid : Dt.23.09.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0025/2223



## GOVERNMENT OF ODISHA, "e" PROCUREMENT NOTICE
## OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
### WORKS DEPARTMENT
### TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. - Nayagarh (R&B) Division - Online 04/2022-23

No. B-513: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for construction of Building work as detailed in the table below.

1. Nature of work : Road Works
2. No. of work : 1 No.
3. Tender Cost : To be remitted online through a process as mentioned in DTCN.
4. Class of Contractors : As mentioned in DTCN
5. Available of Bid document in the website : From Dt.29.08.2022, 10.00 A.M. to Dt.09.09.2022 upto 05.00 P.M.
6. Date of opening of Bid : Dt.13.09.2022 at 11.00 A.M.
7. The
8. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Superintending Engineer, Nayagarh (R&B) Division, Nayagarh
OIPR-34138/11/0006/2223

